بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 10

ସମ୍ପାଦକ:

କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ୍

ସାପ୍ତାହିକ ବଦର

Weekly BADAR Qadian

କାଦିଆନ

Odia

ସଂଖ୍ୟା: 26-27

ବାର୍ଷିକ ଦେୟ : 600/-

29 ଜୁଲ୍ ହଜ୍ଜା 07 ମୁହରରମ୍ 1446-47 ହି.କ, 26 ଇହସାନ୍ 03 ୱଫା 1404 ହି.ଶ,

26 June - 03 July 2025 ମସିହା

www.akhbarbadr.in


### ଅଲ୍ଲାଃତାଲାଙ୍କ ବାଣୀ

اَلۡحَجُّ اَشۡہُرٌ مَّعۡلُوۡمٰتٌ ۚ فَمَنۡ فَرَضَ فِیۡہِنَّ الۡحَجَّ فَلَا رَفَثَ وَلَا فُسُوۡقَ ۙ وَلَا جِدَالَ فِی الۡحَجِّ

(ସୁରାଃ ତୌବା: 198)

ହଜ୍ ମାସଗୁଡ଼ିକ ସମସ୍ତଙ୍କର ଜଣାଶୁଣା ଅଟେ । ସୁତରାଂ ଯେଉଁ ବ୍ୟକ୍ତି ସହ ମାସଗୁଡ଼ିକରେ ହଜ୍ କରିବାକୁ ଦୃଢ ସଂକଳ୍ପ କରେ ସେ ମନେରଖୁ ଯେ, ହଜ୍ ଦିନମାନଙ୍କ ମଧ୍ୟରେ କୌଣସି ପ୍ରକାରର ସମ୍ଭୋଗ ସମ୍ବନ୍ଧୀୟ କଥା କହିବା ବା କୌଣସି ପ୍ରକାରର ଅବଜ୍ଞା କରିବା ବା କୌଣସି ପ୍ରକାରର କଳହ କରିବା ଉଚିତ୍ ନୁହଁ ।

### ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ! ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍ୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

**ଯେଉଁ ବ୍ୟକ୍ତି ଏହି ଯୁଗରେ ମଧ୍ୟ ଆଁହଜରତ ସ.ଅଙ୍କ ଅନୁକରଣ କରେ ଏବଂ ଆପଣ ସ.ଅଙ୍କ ଆଦେଶାବଳୀର ଆଜ୍ଞାପାଳନ କରେ ତେବେ ନିଃସନ୍ଦେହ ସେହି ବ୍ୟକ୍ତିକୁ କବର ମଧ୍ୟରୁ ଉଠାଇ ନିଆଯାଇଥାଏ । ସେହି ବ୍ୟକ୍ତିକୁ ଏକ ଆଧ୍ୟାତ୍ମିକ ଜୀବନ ପ୍ରଦାନ କରାଯାଇଥାଏ । କେବଳ କାଳ୍ପନିକ ରୂପେ ନୁହେଁ ବରଂ ସଠିକ୍ ଓ ସତ୍ୟ ଲକ୍ଷଣ ତା' ସପକ୍ଷେ ପ୍ରକାଶିତ ହୋଇଥାଏ । ଆକାଶୀୟ (ଈଶ୍ୱରଙ୍କ) ସାହାଯ୍ୟ ଏବଂ ଆକାଶୀୟ କଲ୍ୟାଣ ଓ ପବିତ୍ରାମାତ୍ମାର ଚମତ୍କାରିକ ସାହାଯ୍ୟ ସେହି ବ୍ୟକ୍ତିକୁ ପ୍ରାପ୍ତ ହୋଇଥାଏ ।**

ଖ୍ରୀଷ୍ଟିଆନ୍‌ମାନଙ୍କ ହାତରେ (ନିକଟରେ) ଯେଉଁ ପରିବର୍ତ୍ତିତ ଇଞ୍ଜିଲ୍ ରହିଛି ସେହି ଇଞ୍ଜିଲ୍‌ର ଏହି ପଂକ୍ତିକୁ ନିରବତାର ସହିତ ଯଦି ବୁଝିବାକୁ ଚେଷ୍ଟା କରାଯାଏ ଯେ, ହ. ମସିହ୍ (ଯୀଶୁ ଖ୍ରୀଷ୍ଟ) ଅବଶ୍ୟ ଏହି ଦାବି କରିଛନ୍ତି ଯେ, ପ୍ରଳୟ ଦିବସ ଏବଂ ଜୀବନ ମୁଁ ଅଟେ ତେବେ ତହିଁରୁ କିଛି ପ୍ରାପ୍ତ ହୋଇ ନଥାଏ । କାରଣ ଏପରି ଦାବି ଯାହା ନିଜ ସହିତ ନିଜ ମଧ୍ୟରେ ପ୍ରମାଣ ନିହିତ ରଖେ ନାହିଁ କିନ୍ତୁ ସେହି ପ୍ରସଙ୍ଗ ସମ୍ପାଦନ କରି ଦେଖାଏ ତେବେ ସେହି ଦ୍ୱିତୀୟ ବ୍ୟକ୍ତି ଠାରୁ ଅନେକ ଗୁଣା ଉତ୍ତମ ଅଟେ । ଅର୍ଥାତ୍ ଦାବି ତ' କରେ କିନ୍ତୁ ଦାବିର ପ୍ରମାଣ ଦେବାରୁ ଅକ୍ଷମ ରୁହେ । ଇଞ୍ଜିଲ୍ ସ୍ୱୟଂ ସାକ୍ଷ୍ୟ ଦିଏ ଯେ, ହ. ମସିହଙ୍କ ଦାବି ଅନ୍ୟମାନଙ୍କ ସଂପର୍କରେ କ'ଣ ସ୍ୱୟଂ ହୱାରୀ (ହ. ମସିହଙ୍କ ଅନୁଚରମାନେ)ମାନଙ୍କର ଅବସ୍ଥା ଉପରେ ଆଲୋକପାତ କରିବା ଦ୍ୱାରା ଜଣେ ଆପତ୍ତିକର୍ତ୍ତା ଦୃଷ୍ଟିରେ ଆପତ୍ତିଯୋଗ୍ୟ ବୋଲି ବିବେଚିତ ହୋଇଥାଏ। ଏହା ସିଦ୍ଧ ହୁଏ ଯେ, ହ. ମସିହ୍ ନିଜର ହୱାରୀମାନଙ୍କୁ ମଧ୍ୟ ଆତ୍ମିକ କବରରେ ହିଁ ଛାଡ଼ି ଚାଲିଗଲେ। ଆମେମାନେ ଯେତେବେଳେ ହ. ମସିହଙ୍କ ଏହି ଦାବିରୁ ହ. ଖାତମୁଲ୍ ଅମ୍ବିୟା (ଅବତାରମାନଙ୍କର ମୋହର) ସ.ଅଙ୍କ ଦାବି ସହିତ ତୁଳନା କରୁ ସେତେବେଳେ ଏହି ଅର୍ଥାତ୍ ଆଁହଜରତ ସ.ଅଙ୍କ ଦାବି ଓ ସେହି (ହ. ଈସା ଅ.ସଙ୍କ) ଦାବି ମଧ୍ୟରେ ଅନ୍ଧକାର ଏବଂ ଆଲୋକ(ଆକାଶ ପାତାଳ)ର ପାର୍ଥକ୍ୟ ଦୃଶ୍ୟମାନ ହୋଇଥାଏ । ହ. ମସିହଙ୍କ ଦାବି ପ୍ରମାଣହୀନ ହେବା ହେତୁ ଏକ ସଂକୀର୍ଣ୍ଣ ଏବଂ ଅନ୍ଧକାର ଗର୍ତ୍ତ ମଧ୍ୟରେ ପଡ଼ିଛି ଏବଂ ନିଜ ସହିତ କୌଣସି ଆଲୋକ ରଖି ନଥାଏ। କିନ୍ତୁ ଆମମାନଙ୍କର ପ୍ରିୟାବତାର ହ. ମୁହମ୍ମଦ ସ.ଅଙ୍କ ଦାବି ସୂର୍ଯ୍ୟାଲୋକ ପରି ଆଲୋକିତ ହେଉଅଛି ଏବଂ ଆପଣ ସ.ଅଙ୍କ ନିତ୍ୟ ଶାଶ୍ୱତ ଜୀବନ ଉପରେ ଏହା ଏକ ବଳିଷ୍ଠ ପ୍ରମାଣ ଅଟେ । ଆଁହଜରତ ସ.ଅଙ୍କ ନିତ୍ୟ ଶାଶ୍ୱତ ଯଶ ଏବଂ ଲାଭ ଅବ୍ୟାହତ ରହିଛି । ଯେଉଁ ବ୍ୟକ୍ତି ଏହି ଯୁଗରେ ମଧ୍ୟ ଆଁହଜରତ ସ.ଅଙ୍କ ଅନୁକରଣ କରେ ଏବଂ ଆପଣ ସ.ଅଙ୍କ ଆଦେଶାବଳୀର ଆଜ୍ଞାପାଳନ କରେ ତେବେ ନିଃସନ୍ଦେହ ସେହି ବ୍ୟକ୍ତିକୁ କବର ମଧ୍ୟରୁ ଉଠାଇ ନିଆଯାଇଥାଏ । ସେହି ବ୍ୟକ୍ତିକୁ ଏକ ଆଧ୍ୟାତ୍ମିକ ଜୀବନ ପ୍ରଦାନ କରାଯାଇଥାଏ । କେବଳ କାଳ୍ପନିକ ରୂପେ ନୁହେଁ ବରଂ ସଠିକ୍ ଓ ସତ୍ୟ ଲକ୍ଷଣ ତା' ସପକ୍ଷରେ ପ୍ରକାଶିତ ହୋଇଥାଏ । ଆକାଶୀୟ (ଈଶ୍ୱରଙ୍କ) ସାହାଯ୍ୟ ଏବଂ ଆକାଶୀୟ କଲ୍ୟାଣ ଓ ପବିତ୍ରାମାତ୍ମାର ଚମତ୍କାରିକ ସାହାଯ୍ୟ ସେହି ବ୍ୟକ୍ତିକୁ ପ୍ରାପ୍ତ ହୋଇଥାଏ । ସେହି ବ୍ୟକ୍ତି ସଂସାରର ସମସ୍ତ ମନୁଷ୍ୟମାନଙ୍କ ମଧ୍ୟରୁ ଅନନ୍ୟ ବ୍ୟକ୍ତି ହୋଇଯାଇଥାଏ । ଏପର୍ଯ୍ୟନ୍ତ କି ଈଶ୍ୱର ସେହି ବ୍ୟକ୍ତି ସହିତ ବାର୍ତ୍ତାଳାପ ହୁଅନ୍ତି ଏବଂ ନିଜର ବିଶେଷ ରହସ୍ୟ (ଆଦୃଷ୍ଟ ବିଷୟ) ତା' ସମ୍ମୁଖରେ ପରିପ୍ରକାଶିତ କରିଥାଆନ୍ତି, ଈଶ୍ୱରଙ୍କ ପ୍ରେମ ଏବଂ ଦୟାର ଉଜ୍ଜ୍ୱଳ ଲକ୍ଷଣ ସେହି ବ୍ୟକ୍ତି ମଧ୍ୟରେ ଦୃଶ୍ୟମାନ ହୋଇ ଯାଇଥାଏ । ଈଶ୍ୱର ନିଜର ସାହାଯ୍ୟ ସେହି ବ୍ୟକ୍ତି ଉପରେ ଅବତୀର୍ଣ୍ଣ କରିଥାଆନ୍ତି। ଅର୍ଥାତ୍ ସେହି ବ୍ୟକ୍ତିକୁ ଈଶ୍ୱର ସାହାଯ୍ୟ କରିଥାଆନ୍ତି ଏବଂ ନିଜର କଲ୍ୟାଣ ସେହି ବ୍ୟକ୍ତି ମଧ୍ୟରେ ରଖି ଦେଇଥାଆନ୍ତି ଓ ନିଜର ଈଶ୍ୱରତ୍ୱ ଏବଂ ପାଳନକର୍ତ୍ତୃତ୍ୱର ଦର୍ପଣ ସେହି ବ୍ୟକ୍ତିକୁ କରି ଦେଇଥାଆନ୍ତି । ସେହି ବ୍ୟକ୍ତିର ତୁଣ୍ଡରୁ ତତ୍ତ୍ୱ ନିର୍ଗତ ହୁଏ ଏବଂ ତା' ହୃଦୟରୁ ସୂକ୍ଷ୍ମ ବିନ୍ଦୁର ଝରଣା ପ୍ରବାହିତ ହୋଇଥାଏ ଏବଂ ଗୁପ୍ତ ରହସ୍ୟ ସହିତ ସେହି ବ୍ୟକ୍ତି ଅବଗତ ହୋଇଥାଏ । ଅଲ୍ଲାଃତାଲାଙ୍କ ଏକ ମହାନ୍ ପ୍ରକାଶ ଅର୍ଥାତ୍ ଅଧ୍ୟାତ୍ମ ଜ୍ୟୋତି ସେହି ବ୍ୟକ୍ତି ସମ୍ମୁଖରେ ପ୍ରକାଶିତ ହୋଇଥାଏ । ଅଲ୍ଲାଃତାଲା ସେହି ବ୍ୟକ୍ତିର ନିକଟବର୍ତ୍ତୀ ହୋଇଯାଇଥାଆନ୍ତି ଏବଂ ସେ ନିଜର ଦୁଆ ସ୍ୱୀକୃତ ହେବାରେ ଏବଂ ନିଜର ସ୍ୱୀକୃତିରେ ଏବଂ ବିଜୟର ଅଧ୍ୟାତ୍ମ ଦ୍ୱାରରେ ତଥା ଆଦୃଷ୍ଟ ବିଷୟ ଉଦଘାଟିତ ବା ପ୍ରକାଶିତ ହେବା ପ୍ରସଙ୍ଗରେ, କଲ୍ୟାଣ ଅବତୀର୍ଣ୍ଣ ହେବାରେ ସବୁଠୁ ଉର୍ଦ୍ଧ୍ୱରେ ଏବଂ ସମସ୍ତଙ୍କ ଉପରେ ବିଜୟ ପ୍ରାପ୍ତ କରିଥାଏ । ସୁତରାଂ ଏହି ବିନୀତ ଅଲ୍ଲାଃତାଲାଙ୍କ ଦ୍ୱାରା ନିଯୁକ୍ତ ହୋଇ ସେହି ପ୍ରସଙ୍ଗ ପ୍ରତି (ସଂପର୍କରେ) ଏବଂ ସେହି ପ୍ରମାଣ ସିଦ୍ଧ କରିବା ଉଦ୍ଦେଶ୍ୟରେ ସହସ୍ର ସହସ୍ର ରେଜିଷ୍ଟ୍ରୀ ହୋଇଥିବା ପତ୍ର ଏସିଆ, ଇଉରୋପ ଓ ଆମେରିକାର ଗଣମାନ୍ୟ ବିରୋଧୀମାନଙ୍କ ଆଡ଼କୁ ପ୍ରେରଣ କରିଥିଲା। କାରଣ ଯଦି କୌଣସି ବ୍ୟକ୍ତିର ଏହି ଦାବି କରେ କି ଏହି ଆଧ୍ୟାତ୍ମିକ ଜୀବନ ଆଁହଜରତ ସ.ଅଙ୍କ ଅନୁକରଣ ଓ ଆଜ୍ଞାପାଳନ ବ୍ୟତୀରେକ ଅନ୍ୟ ମାଧ୍ୟମରେ ବି ପ୍ରାପ୍ତ ହୋଇପାରିବ ତେବେ ସେହି ବ୍ୟକ୍ତି ଏହି ବିନୀତ ସହିତ ମୁକାବିଲା କରିନେଉ। ଯଦି ମୁକାବିଲା କରିପାରିବ ନାହିଁ ତେବେ ସତ୍ୟାନ୍ୱେଷୀ ହୋଇ ଏକପାକ୍ଷିକ କଲ୍ୟାଣ ଏବଂ ନିଦର୍ଶନ ଅବଲୋକନ ନିମନ୍ତେ ଉପସ୍ଥିତ ହେଉ । କିନ୍ତୁ କୌଣସି ବିରୋଧୀ ସତ୍ୟନିଷ୍ଠ ଏବଂ ସତ୍‌ଉଦ୍ଦେଶ୍ୟର ସହିତ ଏହି ଆଡ଼କୁ ଧ୍ୟାନ ଦେଲା ନାହିଁ । ବିରୋଧୀ ନିଜକୁ ଏକ ପାର୍ଶ୍ୱ କରିବା ଅର୍ଥାତ୍ ତହିଁରୁ ନିଜକୁ ବିମୁଖ ଓ ପୃଥକ୍ ରଖି ଏହା ସାବ୍ୟସ୍ତ କରିଦେଲା ଯେ, ସେମାନେ (ବିରୋଧୀମାନେ) ଅନ୍ଧକାରରେ ପଡ଼ି ରହିଛନ୍ତି । ସଂପ୍ରତିକ କାଳରେ ଆମର ଯେଉଁ ସମଧର୍ମାଲମ୍ବୀ ମୁସଲମାନ ଭାଇମାନେ ରହିଛନ୍ତି, ସେମାନେ ନିଜକୁ ମୁସଲମାନ ବୋଲାଇ ଏହି ଆଲୋକକୁ ସ୍ୱୀକାର କରିବା ପରିବର୍ତ୍ତେ ଏହି ଆଲୋକର ଅସ୍ୱୀକାରକାରୀ ଓ ପ୍ରତ୍ୟାଖ୍ୟାନକାରୀ ଅଟନ୍ତି । ଏହି ମୁସଲମାନେ ସତ୍‌ହୃଦୟ ହୋଇ ଆସିବା ପରିବର୍ତ୍ତେ, ମୋତେ ପରୀକ୍ଷା କରିବା ପରିବର୍ତ୍ତେ (ଏହି ବିରୋଧୀ ମୁସଲମାନମାନେ) ମୋତେ ଅବିଶ୍ୱାସକାରୀ କହିବା ନିମନ୍ତେ ତତ୍ପର ଓ ବ୍ୟଗ୍ର ଅଟନ୍ତି। ଏହି ସମସ୍ତ ପ୍ରସଙ୍ଗର ପ୍ରକୃତ ଓ ମୂଳ କାରଣ ଅନ୍ଧ, କୃପଣତା, ଘୋର ବିଦ୍ୱେଷ ଏବଂ ଶତ୍ରୁତା ଅଟେ । ଏପରି ଲୋକମାନଙ୍କର ଇସଲାମ୍ ଧର୍ମରେ ହେବା ଓ ନହେବା ଇସଲାମ୍ ଧର୍ମର ମର୍ଯ୍ୟାଦା ହାନୀ ନୁହେଁ । ଏହି ଆପତ୍ତି ମଧ୍ୟ ହୋଇପାରିବ ନାହିଁ ଯେ, ସେହି ଲୋକମାନଙ୍କର ଆଧ୍ୟାତ୍ମିକ ରୋଗ (ବ୍ୟାଧି) କାହିଁକି ଦୂରୀଭୂତ ହେଉ ନାହିଁ । ଏହି ଲୋକମାନେ କବର ମଧ୍ୟରୁ କାହିଁକି ବାହାରିଲେ ନାହିଁ। କାରଣ ଯଦି କୌଣସି ବ୍ୟକ୍ତି ସୂର୍ଯ୍ୟ ମୁହାଁ ଥିବା ନିଜ ଘରର କବାଟକୁ ବନ୍ଦ କରି ଏକ ଅନ୍ଧକାର ଥିବା କୋଣରେ ଯାଇ ବସିପଡ଼େ ଏବଂ ସେହି ବ୍ୟକ୍ତି ପର୍ଯ୍ୟନ୍ତ ସୂର୍ଯ୍ୟ ରଶ୍ମୀ ଯଦି ନପହଞ୍ଚେ ତେବେ ଏହା ସୂର୍ଯ୍ୟର ଦୋଷ ନୁହେଁ ବରଂ ଏହା ସ୍ୱୟଂ ସେହି ବ୍ୟକ୍ତିର ହିଁ ଦୋଷ ଅଟେ । କାରଣ ସେହି ବ୍ୟକ୍ତି ନିଜ ଘରର ଦ୍ୱାରକୁ ବନ୍ଦ କରି ବସିଗଲା ଏବଂ ଏପରି କୃତ୍ୟ କଲା । ଏତଦ୍‌ଭିନ୍ନ ଏହି ଲୋକମାନେ (ବିରୋଧୀ ମୁସଲମାନମାନେ) କେତେ ନିର୍ଲଜ୍ଜ ଏବଂ ସତ୍ୟ ଠାରୁ ଦୂରରେ ଅଛନ୍ତି । **(ଅବଶିଷ୍ଟାଂଶ....ପୃ-11ରେ)**

# ଆଁହଜରତ୍ ସ.ଅଙ୍କ ପବିତ୍ର ଜୀବନୀ ଚର୍ଚ୍ଚା (ଯୁଦ୍ଧ ସମୟର ଆପଣ ସ.ଅଙ୍କ ଉତ୍ତମ ଚରିତ୍ରବତ୍ତା)

ମୁହମ୍ମଦ୍ ଇନାମ୍ ଗୌରୀ, ନାଜିର୍ ଆଲା, ସଦର୍ ଅଞ୍ଜୁମନ୍ ଅହେଦିୟା କାଦିୟାନ୍


| କ୍ର.ନଂ | ସୂଚୀପତ୍ର | ପୃ.ସଂଖ୍ୟା |
|---|---|---|
| ୧. | ହ. ମସିହ୍ ମଉଦ୍ ଅ.ସଙ୍କ ନିତୀବାଣୀ | ୧,୧୦ |
| ୨. | ଆଁହଜରତ୍ ସ.ଅଙ୍କ ପବିତ୍ର ଜୀବନୀ ଚର୍ଚ୍ଚା (ଯୁଦ୍ଧ ସମୟର ଆପଣ ସ.ଅଙ୍କ ଉତ୍ତମ ଚରିତ୍ରବତ୍ତା) | ୦୨,୧୧-୧୫ |
| ୩. | ଖୁତ୍‌ବା ଜୁମା ହୁଜୁର ଅନ୍‌ୱର୍ ଅ.ବ (୦୨-୦୫-୨୫) | ୩-୧୦ |
| ୪. | ଖତ୍‌ମେ ନବୁଓ୍ୱତ୍ ସଂପର୍କରେ ଜମାଅତ୍ ଅହମଦିୟାର ଇସ୍‌ଲାମୀୟ ଧର୍ମମତ | ୧୬-୧୯ |
| ୫ | ବିଗତ ସଂଖ୍ୟା 25-26, ପୃ-11 ଓ 12ରେ ବର୍ଣ୍ଣିତ ଖୁତ୍‌ବା ଜୁମା 2-5-2025ର ଅବଶିଷ୍ଟାଂଶ | ୨୦-୨୩ |


لَقَدْ كَانَ لَكُمْ فِيْ رَسُوْلِ اللّٰهِ اُسْوَةٌ حَسَنَةٌ **(ଅଲ୍ ଅହଜାବ୍:22)** ଅର୍ଥାତ୍ ତୁମାନଙ୍କ ସକାଶେ (ଅର୍ଥାତ୍ ସେହି ଲୋକମାନଙ୍କ ସକାଶେ) ଯେଉଁମାନେ ଅଲ୍ଲାଃତାଲା ଓ ଅନ୍ତିମ ଦିବସରେ ସାକ୍ଷାତ୍ ବିଷୟରେ ଆଶା ପୋଷଣ କରନ୍ତି ଓ ଅଲ୍ଲାଃତାଲାଙ୍କୁ ବହୁତ ସ୍ମରଣ କରନ୍ତି ଅଲ୍ଲାଃତାଲାଙ୍କ ରସୁଲଙ୍କ ଠାରେ ଉତ୍ତମ ଚରିତ୍ରର ଏକ ଉଚ୍ଚ ଆଦର୍ଶ ରହିଅଛି (ଯାହାକୁ ଅନୁସରଣ କରିବା ସେମାନଙ୍କ ପକ୍ଷେ ଉଚିତ୍) । وَاِنَّكَ لَعَلٰى خُلُقٍ عَظِيْمٍ **(ଅଲ୍ କଲମ୍: 5)** ଅର୍ଥାତ୍ (ଏତଦ୍‌ଭିନ୍ନ ଆମ୍ଭେ ଶପଥପୂର୍ବକ କହୁଅଛୁ କି ନିଜ ଶିକ୍ଷା ଓ କର୍ମ ଦୃଷ୍ଟିରୁ) ତୁମ୍ଭେ ଉନ୍ନତ ମାନର ଚରିତ୍ର ଉପରେ ପ୍ରତିଷ୍ଠିତ ଅଛ ।

ସମ୍ମାନିତ ଶ୍ରୋତବର୍ଗମାନେ ! ପୁଣ୍ୟଶ୍ଳୋକ ମୁହମ୍ମଦ ମୁସ୍ତଫା ସ.ଅଙ୍କ ଉତ୍ତମ ଚରିତ୍ରର ଅନନ୍ୟତା ସର୍ବଦା ଏହା ରହି ଆସିଛି ଯେ, ଆପଣ ସ.ଅ ପ୍ରତ୍ୟେକ ସମ୍ଭାବ୍ୟ ସ୍ତର ପର୍ଯ୍ୟନ୍ତ ଯୁଦ୍ଧ ଏବଂ କଳହରୁ ବର୍ତ୍ତିବା, ନିବୃତ୍ତ ରହିବା ଓ ସର୍ବଦା ଶାନ୍ତିର ପଥ ଅବଲମ୍ବନ କରୁଥିଲେ । ମକ୍କାରେ ଆପଣ ସ.ଅଙ୍କ 13 ବର୍ଷ କାଳ ଏବଂ ଆପଣ ସ.ଅଙ୍କ ସାହାବାମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ମକ୍କାର ଅବିଶ୍ୱାସକାରୀମାନଙ୍କର ଅନ୍ୟାୟ ତଥା ଅତ୍ୟାଚାରର କରୁଣ କାହାଣୀ ଦ୍ୱାରା ପରିପୂର୍ଣ୍ଣ ଅଟେ । ସାହାବାମାନେ ଯେତେବେଳେ ବି ଅନ୍ୟାୟ ଓ ଅତ୍ୟାଚାରରୁ ଅତିଷ୍ଠ ହୋଇ ଆପଣ ସ.ଅଙ୍କ ସମ୍ମୁଖରେ ଯେତେବେଳେ ଗୁହାରି କଲେ ସେତେବେଳେ ଆପଣ ସ.ଅଙ୍କର ଏହି ଉତ୍ତର ରହିଥିଲା କି اِنِّيْ اُمِرْتُ بِالْعَفْوِ فَلَا تُقَاتِلُوْا ଅର୍ଥାତ୍ ମୋତେ କ୍ଷମା ଓ ଅଣଦେଖା କରିବା ନିମନ୍ତେ ଆଦେଶ ଦିଆଯାଇଛି । ତେଣୁ ତେମ୍ଭୁ ତୁମେମାନେ ଯୁଦ୍ଧ, କଳହ ଏବଂ ହିଂସାରୁ ବର୍ତ୍ତିବାକୁ ପ୍ରୟାସ କର ।

ଏହା ସତ୍ତ୍ୱେ ଯଦି ମକ୍କାର ଅବିଶ୍ୱାସକାରୀଙ୍କ ଅତ୍ୟାଚାର ସୀମା ଲଂଘନ କଲା, କିନ୍ତୁ ଆଁହଜରତ ସ.ଅଙ୍କ ଅବତୀର୍ଣ୍ଣ ହେବାର ପ୍ରକୃତ ଅଭିପ୍ରାୟ ଏକେଶ୍ୱରବାଦ ଆଡ଼କୁ ଲୋକମାନଙ୍କୁ ଡାକିବା ଥିଲା । ଏହି ସମସ୍ତ ମାର୍ଗକୁ ରୁଦ୍ଧ (ବନ୍ଦ) କିରି ଦିଆଯାଇଥିଲା। ସେତେବେଳେ ଅଲ୍ଲାଃତାଲା ଆପଣ ସ.ଅଙ୍କୁ ପ୍ରବାସ କରିବା ନିମନ୍ତେ ଅନୁମତି ପ୍ରଦାନ କଲେ ଏବଂ ନିଜର ତତ୍ତ୍ୱାବଧାନ, ନିଜର ସାହଚର୍ଯ୍ୟତ୍ୱ ଓ ନିଜର ସୁରକ୍ଷିତ ଛାୟାରେ ଆପଣ ସ.ଅଙ୍କୁ ମଦିନା ମୁନୱରାହ୍ ପର୍ଯ୍ୟନ୍ତ ପହଞ୍ଚାଇ ଦେଇଥିଲେ । କାରଣ ଆଁହଜରତ ସ.ଅଙ୍କ ସେହି ଐଶୀ ମିଶନ ଯାହାକୁ ବିଫଳ କରିବା ନିମନ୍ତେ ଅବିଶ୍ୱାସକାରୀମାନେ ଆପ୍ରାଣ ଉଦ୍ୟମ କରି ସାରିଥିଲେ । ଏହି ମିଶନ ପୂର୍ଣ୍ଣ କରିବା ନିମନ୍ତେ ଆଁହଜରତ ସ.ଅ ମଦିନାରୁ ବାହାରି ଅଲ୍ଲାଃତାଲାଙ୍କର ସେହି ସନ୍ଦେଶକୁ ସମଗ୍ର ଆରବ ଦ୍ୱୀପ ପୁଞ୍ଜରେ ପ୍ରସାରିତ କରିବାର ଥିଲା । ଏହା ହିଁ ଆହଜରତ ସ.ଅଙ୍କ ଏକାନ୍ତ କାମ୍ୟ ତଥା ଲକ୍ଷ୍ୟ ଥିଲା ଯେ, ଏକେଶ୍ୱରବାଦ ସମଗ୍ର ଆରବ ଦ୍ୱୀପରେ ପରିବ୍ୟାପ୍ତ ଓ ପ୍ରସାରିତ ହୋଇଯାଉ ।

ସୁତରାଂ ଅବିଶ୍ୱାସକାରୀମାନେ ଇସ୍‌ଲାମ୍ ଧର୍ମ ଓ ଇସ୍‌ଲାମ୍ ଧର୍ମର ସଂସ୍ଥାପକଙ୍କୁ ମଦିନାରୁ ନିର୍ବାସିତ କରି ଇସ୍‌ଲାମ୍ ଧର୍ମକୁ ସବୁ ଦିନ ପାଇଁ ସମାପ୍ତ କରିଦେବାର ଯେଉଁ ଅଭିଳାଷା ରହିଥିଲା ସେହି ଉତ୍ସୁକତାରେ ଅବିଶ୍ୱାସକାରୀମାନେ ପ୍ରକାଶ୍ୟ ଓ ବସ୍ତୁବାଦୀ ସାଧନ ସହିତ ମଦିନା ଉପରେ ଆକ୍ରମଣ କରିବା ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିଦେଲେ । ସେତେବେଳେ ଅଲ୍ଲାଃତାଲା ଅତ୍ୟାଚାରିତ ଏବଂ ନିଷ୍ପେଷିତ ମୁସଲମାନମାନଙ୍କୁ ନିଜର ଆତ୍ମରକ୍ଷା, ଧାର୍ମିକ ସ୍ୱାଧୀନତା ସ୍ଥାପନ ସକାଶେ ଖଡ଼୍‌ଗ ବଦଳରେ ଖଡ଼୍‌ଗୋତ୍ତୋଳନର ଅନୁମତି ପ୍ରଦାନ କରିଦେଲେ । ଅପରପକ୍ଷେ ମୁସଲମାନମାନଙ୍କ ନିକଟରେ ସଂପୂର୍ଣ୍ଣ ଯୁଦ୍ଧ ସରଞ୍ଜାମ ଉପଲବ୍ଧ ନଥିଲା । କିନ୍ତୁ ଅଲ୍ଲାଃତାଲା ପ୍ରତିଶୃତି ଦେଲେ ଯେ, وَاِنَّ اللّٰهَ عَلٰى نَصْرِهِمْ لَقَدِيْرٌ **(ଅଲ୍ ହଜ୍: 40)** ବାସ୍ତବିକ ଅଲ୍ଲାଃତାଲା ସେମାନଙ୍କୁ ସାହାଯ୍ୟ କରିବାକୁ ସକ୍ଷମ ଓ ସମର୍ଥ ଅଟନ୍ତି ।

ଆଁହଜରତ ସ.ଅ ଏବଂ ମୁସଲମାନମାନଙ୍କୁ ଏକ ବର୍ଷ ବିତି ନଥିଲା କି ସନ୍ 2 ହିଜ୍ରୀର ରମ୍‌ଜାନୁଲ୍ ମୁବାରକ୍ ମାସରେ ମକ୍କାର ଅବିଶ୍ୱାସକାରୀମାନେ ଏକ ହଜାର୍ ଯୋଦ୍ଧା ସିପାହୀମାନଙ୍କର ସୈନ୍ୟବାହିନୀ ସହିତ ଆକ୍ରମଣ କଲେ । ଏହି ଲୋକମାନେ ସେକାଳରେ ପ୍ରଚଳିତ ଥିବା ଯୁଦ୍ଧ ସରଞ୍ଜାମ ଦ୍ୱାରା ସୁସଜ୍ଜିତ ଥିଲା । ସୁତରାଂ ସୈନ୍ୟବାହିନୀରେ ସବାରୀ ସହିତ 700 ଓଟ ଓ 100 ଘୋଡ଼ା ଥିଲେ । ସମସ୍ତ ଆରୋହୀ ଏବଂ ପଦାତିକ ସୈନ୍ୟମାନେ ଲୌହ କବଚ ଶରୀରରେ ପରିଧାନ (ପିନ୍ଧିଥିଲେ) ଏବଂ ଅନ୍ୟମାନେ ଯୁଦ୍ଧର ଅନ୍ୟ ଅସ୍ତ୍ରଶସ୍ତ୍ର ଯଥା ବର୍ଚ୍ଛା, ଖଡ଼୍‌ଗ, ତୀର କମାଣ ଦ୍ୱାରା ସଜ୍ଜିତ ଥିଲେ । ସେମାନଙ୍କ ନିକଟରେ ଯଥେଷ୍ଟ ପରିମାଣର ଅସ୍ତ୍ରଶସ୍ତ୍ର ଉପସ୍ଥିତ ରହିଥିଲା ।

ଅପରପକ୍ଷେ ଆଁହଜରତ୍ ସ.ଅଙ୍କ ସହିତ କେବଳ 313 ଜଣ ସାହାବାମାନେ ରହିଥିଲେ । ସେହି ସାହାବାମାନଙ୍କ ମଧ୍ୟରେ କିଶୋର ବାଳକମାନେ ମଧ୍ୟ ରହିଥିଲେ ଏବଂ କେବଳ 2 ଟି ଅଶ୍ୱ ହିଥିଲେ ଓ ଓଟମାନଙ୍କର ସଂଖ୍ୟା 70 ଥିଲା । ସେହି ଓଟମାନଙ୍କ ଉପରେ ମୁସଲମାନମାନେ ପାଳି କରି ଆରୋହଣ ହେଉଥିଲେ । ଲୌହ ପୋଷାକ କେବଳ 6ଟି କିମ୍ବା 7ଟି ରହିଥିଲା । ଅନ୍ୟ ଯୁଦ୍ଧ ସାମଗ୍ରୀ ମଧ୍ୟ ଖୁବ୍ କମ୍ ସଂଖ୍ୟକ ଥିଲା ।

ସମ୍ମାନିତ ଶ୍ରୋତାବର୍ଗ ! ବଦର୍ ଯୁଦ୍ଧର ବିବରଣୀ ପ୍ରଦାନ କରିବା ମୋ ଭାଷଣର ବିଷୟବସ୍ତୁ ନୁହେଁ । ଆସନ୍ତୁ ଦେଖିବା ସେହି ପ୍ରଥମ ଯୁଦ୍ଧରେ ଯାହାକୁ ପବିତ୍ର କୁରଆନ୍ କରୀମ୍ "**ୟୌମଲ୍ ଫୁର୍କାନ୍**" ବୋଲି ବିବେଚିତ କରିଛି । ଆଁହଜରତ ସ.ଅଙ୍କ ଦ୍ୱାରା କେଉଁ ଉତ୍ତମ ଚରିତ୍ରବତ୍ତା ପ୍ରାଦାର୍ଭୂତ ହୋଇଥିଲା ।

ସର୍ବ ପ୍ରଥମେ ତ' ସେହି ଦୃଶ୍ୟକୁ ମସ୍ତିଷ୍କ ମଧ୍ୟକୁ ଆଣନ୍ତୁ ଯେଉଁଠି ଆପଣ ସ.ଅ ବଦର୍ ଭୂମିରେ ରୋପଣ କରାଯାଇଥିବା ଶିବିର ତଳେ ଅଲ୍ଲାଃତାଲାଙ୍କ ସମ୍ମୁଖରେ କାକୁତି ମିନତୀ ହୋଇ ଦୁଆ କରୁଛନ୍ତି । ଆପଣ ସ.ଅ ଏତେ ଆର୍ତ୍ତ ଚିତ୍କାର କରୁଥିଲେ ଯେ, ବାରମ୍ବାର ଆପଣ ସ.ଅଙ୍କ ଚଦର ଖସି ଯାଉଥିଲା ଏବଂ ହ. ଅବୁ ବକ୍କର ର. ସେହି ଚଦରକୁ ଠିକ୍ କରୁଥିଲେ । ଏପର୍ଯ୍ୟନ୍ତକି ହ. ଅବୁ ବକ୍କର ର.ଅ ଆଁହଜରତ ସ.ଅଙ୍କ ଆକୁଳ କାକୁତି ମିନତୀ ଓ ଆର୍ତ୍ତ ଚିତ୍କାରକୁ ଦେଖି ଅତ୍ୟନ୍ତ ଚିନ୍ତିତ ହୋଇ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଥାଉ ସେତିକି ଥାଉ । କ'ଣ ଅଲ୍ଲାଃତାଲା ଆପଣ ସ.ଅଙ୍କୁ ସାହାଯ୍ୟ କରିବାର ପ୍ରତିଶୃତି ଦେଇ ନାହାନ୍ତି କି ? ଆପଣ ସ.ଅ କହିଲେ, ହଁ ଅବଶ୍ୟ । କିନ୍ତୁ ମୁଁ ତାହାଙ୍କ ଗିନା (ନିସ୍ପୃହ) ଗୁଣାବଳୀ ଠାରୁ ଭୟ କରୁଛି । ହେଲେ ଆମମାନଙ୍କର ଉଦ୍ୟମ, ଯୋଜନା, ଉପାୟରେ କୌଣସି ଦୁର୍ବଳତା ଯଦି ରହିଯାଇଥିବ ତେବେ ଐଶୀ ସାହାଯ୍ୟ ପ୍ରାପ୍ତ ହେବାରେ କୌଣସି ବିଳମ୍ବ ନ ହୋଇଯାଉ । କିନ୍ତୁ ଆଁହଜରତ ସ.ଅ ଯେତେବେଳେ ଅଲ୍ଲାଃତାଲାଙ୍କ ସମ୍ମୁଖରେ ବିଳାପ, ରୋଦନ ଓ କାକୁତି ମିନତୀମୂଳକ ଦୁଆକୁ ଚରମ ସୀମା ପର୍ଯ୍ୟନ୍ତ ପହଞ୍ଚାଇ ଦେଲେ । ସେହିପରି ଈଶ୍ୱରଙ୍କ ସାହାଯ୍ୟକୁ ଆକର୍ଷିତ କରି ଆଣିବା ନିମନ୍ତେ ଓ ତାହାଙ୍କ ସ୍ୱାଭିମାନକୁ ଉତ୍ଥାୟିତ କରିବା ନିମନ୍ତେ ଅତ୍ୟନ୍ତ ବ୍ୟାକୁଳତା ଓ ଆତୁର ଅବସ୍ଥାରେ ଈଶ୍ୱରଙ୍କ ସମ୍ମୁଖରେ ନିଜର ଗୁହାରି ତଥା ନୈବେଦ୍ୟ (ନିବେଦନ) ଜଣାଇଲେ ଯେ, اَللّٰهُمَّ اِنِّيْ اَنْشُدُكَ عَهْدَكَ وَوَعْدَكَ اَللّٰهُمَّ اِنْ تُهْلِكْ هٰذِهِ الْعِصَابَةَ مِنْ اَهْلِ الْاِسْلَامِ لَا تُعْبَدُ فِي الْاَرْضِ ଅର୍ଥାତ୍ ହେ ଈଶ୍ୱର ! ତୁମ୍ଭେ ନିଜର ପ୍ରତିଶୃତିକୁ ପୂରଣ କର ! ହେ ମୋର ମାଲିକ ଏବଂ ହେ ମୋର ପ୍ରଭୁ ! ଆଜି ଯଦି ମୁସଲମାନମାନଙ୍କର ଏହି ସ୍ୱଳ୍ପ ଜମାଅତ୍ ଏହି ଯୁଦ୍ଧ ଭୂମିରେ ଧ୍ୱଂସ (ନିହତ) ହୋଇଗଲା ତେବେ ସଂସାରଲୋକରେ ତୁମ୍ଭର ଆଉ କେହି ଉପସନା କରିବ ନାହିଁ କି ଉପସାନାକାରୀ ବ୍ୟକ୍ତି ଏହା ସଂସାରରେ ଜୀବିତ ରହିବ ନାହିଁ ।

ପୁନଶ୍ଚ ଈଶ୍ୱରଙ୍କ ସାହାଯ୍ୟ ଉପରେ ପୂର୍ଣ୍ଣ ରୂପେ ଭରସା କରି ଆପଣ ସ.ଅ ବାହାରକୁ ବାହାରିଲେ ଏବଂ ଈଶ୍ୱରଙ୍କ ଶୁଭ ସମ୍ବାଦ سَيُهْزَمُ الْجَمْعُ وَيُوَلُّوْنَ الدُّبُرَ **(ଅଲକମର୍: 46)** ଶୀଘ୍ର ସେମାନଙ୍କ ଦଳ ପରାଜିତ ହେବ ଏବଂ ସେମାନେ ପୃଷ୍ଠଭଙ୍ଗ କରି ପଳାୟନ କରିବେ । ଏହି ସମ୍ବାଦ ଶୁଣାଇ ଆପଣ ସ.ଅ ବାଲି ଏବଂ ମୁଠାଏ ଧୂଳିକଣା ଉଠାଇଲେ ଏବଂ ଅବିଶ୍ୱାସକାରୀର ସୈନ୍ୟ ଆଡ଼କୁ ଫୋପାଡ଼ି ଅତ୍ୟନ୍ତ ଉତ୍ସାହର ସହିତ କହିଲେ,"شَاهَتِ الْوُجُوْهُ"ଅର୍ଥାତ ଶତ୍ରୁର ମୁଖ ବିକୃତ ହୋଇଯିବ ।

ଅତଏବ୍ ସେହି ମୁଠାଏ ବାଲି ଏହି ଚମତ୍କାର ପ୍ରଦର୍ଶନ କଲା ଯେ, ଏପରି ଝଡ଼ ସୃଷ୍ଟି ହେଲା ଯେ, ଅବିଶ୍ୱାସକାରୀର ଚକ୍ଷୁ ଏବଂ ମୁଖ ଓ ନାସା (ନାକ) ବାଲି ଦ୍ୱାରା ପୂର୍ଣ୍ଣ ହେବାକୁ ଲାଗିଲା । ପୁନଶ୍ଚ ହ. ରସୁଲ୍ କରୀମ୍ ସ.ଅଙ୍କ ଆଦେଶରୁ ମୁସଲମାନ ସୈନ୍ୟବାହିନୀ ସହସା ଅକ୍ରମଣ କରିଦେଲା । ଚାହୁଁ ଚାହୁଁ କୁରୈଶ୍‌ର ଅଧିପତି ଅବୁ ଜହଲ୍, ଉତ୍‌ବା, ଶୈବା ଇତ୍ୟାଦି ଅଧିପତିମାନେ ନିହତ ହୋଇ ଧୂଳିସାତ୍ ହୋଇଗଲେ । ପରିଶେଷରେ ମକ୍କାର ଅବିଶ୍ୱାସକାରୀମାନେ ନିଜର 70 ଜଣ ନିହତ ହୋଇଥିବା ବ୍ୟକ୍ତି ଓ 70 ଜଣ କଏଦୀମାନଙ୍କୁ ବଦର୍‌ର ଖୋଲା ଯୁଦ୍ଧ ଭୂମିରେ ଛାଡ଼ି ଅନ୍ୟ ପରାସ୍ତ ସୈନ୍ୟବାହିନୀକୁ ସାଙ୍ଗରେ ଧରି ଅକୃତକାର୍ଯ୍ୟ ହୋଇ ମକ୍କା ଫେରିଗଲେ ।

ଇତ୍ୟବସରରେ ଆଁହଜରତ ସ.ଅଙ୍କ ଏକ ମହାନ ଚରିତ୍ର ସାମ୍ନାକୁ ଆସିଲା ଅର୍ଥାତ୍ ଅବିଶ୍ୱାସକାରୀଙ୍କ ସୈନ୍ୟବାହିନୀ ନିଜର ନିହତ ହୋଇଥିବା ଲୋକମାନଙ୍କୁ ଖୋଲା ପଡ଼ିଆରେ ଛାଡ଼ି ପଳାୟନ କରିଥିଲେ । କିନ୍ତୁ ଆଁହଜରତ ସ.ଅ ଏହା ବର୍ଦାସ୍ତ କଲେ ନାହିଁ ସେହି ରଣଭୂମିରେ ସେକାଳରେ ପ୍ରଚଳିତ ଥିବା ଶତ୍ରୁର ଶବକୁ ବିକୃତ କରି ଦିଆଯାଉ ଓ ଜୀବମାନଙ୍କ ଆହାର ହେବା ନିମନ୍ତେ ସେଠାରେ ସେହି ଶବ ପଡ଼ି ରହୁ । ବରଂ ଆପଣ ସ.ଅ ଏକ ଗର୍ତ୍ତ ଖୋଳିବାକୁ **(ଅବିଶିଷ୍ଟାଂଶ ପୃ-11ରେ)**

## (ଖୁତ୍ବା ଜୁମା)

**ଆଁହଜରତ ମୁଉତା ଯୁଦ୍ଧର ପରିସ୍ଥିତି ବର୍ଣ୍ଣନା କଲେ ଏବଂ କହିଲେ: ଅଲ୍ଲାଃତାଲା ମୋ ନିମନ୍ତେ ଭୂମିକୁ ଉଚ୍ଚ କରିଛନ୍ତି । ଏପର୍ଯ୍ୟନ୍ତକି ମୁଁ ସେମାନଙ୍କର ଯୁଦ୍ଧ ଦେଖିଲି ।"**

— — — — — — — — — — — — — — — — — — —

**ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଉତା ଯୁଦ୍ଧ ଦିନ ମୋ ହାତରୁ ୨ଟି ଖଡ଼୍ଗ ଭାଙ୍ଗିଲା ଏବଂ ଗୋଟିଏ ଚୌଡ଼ା ୟମନୀୟ ଖଡ଼୍ଗ ମୋ ହାତରେ ରହିଗଲା ।**

**ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଅବ୍ଦୁଲ୍ଲାଃ ବିନ୍ ଉମର୍ ର.ଅ ହ. ଜାଫର୍ ର.ଅଙ୍କ ପୁତ୍ର ଅବ୍ଦୁଲ୍ଲାଃଙ୍କୁ ସଲାମ୍ କରି କହିଲେ, اَلسَّلَامُ عَلَيْكَ يَا ابْنَ ذِي الْجَنَاحَيْنِ ଅର୍ଥାତ୍ ହେ ଦୁଇଟି ପର ଥିବା ବ୍ୟକ୍ତିଙ୍କର ପୁତ୍ର ତୁମ ଉପରେ ଶାନ୍ତି ଅବତୀର୍ଣ୍ଣ ହେଉ ।**

— — — — — — — — — — — — — — — — — — —

**ଗଜ୍ୱା ଓ ସରାୟା ସଂକ୍ରାନ୍ତରେ ଆଁହଜରତ ସ.ଅଙ୍କ ଜୀବନୀ ଚର୍ଚ୍ଚା ।**

**ବର୍ତ୍ତମାନିକ ଭାରତ ପାକିସ୍ତାନ ଯୁଦ୍ଧର ପୃଷ୍ଠଭୂମିରେ ଅହେମଦିମାନଙ୍କୁ ମୁକ୍ତ ସମାଲୋଚନାରୁ ବର୍ତ୍ତିବା ଉଚିତ୍ । ସନ୍ଧି ଏବଂ ଶାନ୍ତିର ବାର୍ତ୍ତା ଦେବା, ସେହିପରି ନିକ୍ଷେଷିତମାନଙ୍କ ନିମନ୍ତେ ହୁଜୁର ଅନ୍ୱର୍ ଅ.ବଙ୍କ ଜମାଅତର ସଦସ୍ୟବୃନ୍ଦଙ୍କୁ ଦୁଆ ନିମନ୍ତେ ଆହ୍ୱାନ ।**

**09 MAY 2025 ମସିହା ଅନୁଯାୟୀ ୦୯ ହିଜରତ୍ ୧୪୦୪ ହିଜ୍ରୀ ଶମ୍ସୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି।

أَشْهَدُ أَنْ لَّا إِلٰهَ اِلَّا اللهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوذُ بِاللهِ مِنَ الشَّيْطٰنِ الرَّجِيْمِ۔ بِسْمِ اللهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ ۔صِرَاطَ الَّذِيْنَ اَنْعَمْتَ عَلَيْهِمْ ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ, ଆଁହଜରତ ସ.ଅଙ୍କ କାଳରେ ବିଭିନ୍ନ ଅଭିଯାନ ସଂପର୍କରେ ଆଲୋଚନା ଚାଲିଥିଲା । ସେହି କ୍ରମରେ ବିଗତ ଖୁତ୍‌ବାରେ ମୁଉତା ଯୁଦ୍ଧର ଯେଉଁ ଚର୍ଚ୍ଚା ଜାରି ରହିଥିଲା ତାହାର ଅବଶିଷ୍ଟାଂଶ ଆଜିର ଖୁତ୍‌ବାରେ ବର୍ଣ୍ଣନା କରିବି । ଏଥି ସଂକ୍ରାନ୍ତରେ ଅତିରିକ୍ତ ବିବରଣୀ ଏହିପରି ବର୍ଣ୍ଣିତ ହୋଇଛି ଯେ, ହ. ଔଫ୍ ବିନ୍ ମାଲିକ୍ ଅଶ୍‌ଯଇ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ସେହି ଲୋକମାନଙ୍କ ସହିତ ଯାତ୍ରାରେ ସାମିଲ୍ ହେଲି । ମୋନେ ହ. ଜୈଦ୍ ବିନ୍ ହାର୍‌ସା ର.ଅଙ୍କ ସହିତ ବାହାରିଥିଲେ । ୟମନ୍‌ବାସୀଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ମୋତେ ମିଳିଲା, ତା' ନିକଟରେ ଖଡ଼୍ଗ ଥିଲା । ଜଣେ ମୁସଲମାନ ବ୍ୟକ୍ତି ଓଟ ଜେବହ୍ କଲା । ୟମନ୍‌ର ସେହି ବ୍ୟକ୍ତି ମୁସଲମାନ ଠାରୁ ଖଡ଼୍ଗ ଏବଂ ମାଂସ ମାଗିଲା । ମୁସଲମାନ ବ୍ୟକ୍ତି ଜଣକ ତା'ର ଖଡ଼ଗ ତା'କୁ ଫେରସ୍ତ କରିଦେଲେ ଏବଂ ଜୀବର ଚମଡ଼ା ଯେତେବେଳେ ସେହି ୟମନ୍‌ର ବ୍ୟକ୍ତି ମାଗିଲା ସେତେବେଳେ ମୁସଲମାନ ବ୍ୟକ୍ତି ଜଣକ ସେହି ଜୀବର ଚମଡ଼ା ମଧ୍ୟ ଦେଇଦେଲା । ସେହି ଚମଡ଼ାକୁ ସେ ଢାଲ କରିନେଲା । ହ. ଔଫ୍ ବିନ୍ ମାଲିକ୍ ର.ଅ କୁହନ୍ତି, ଆମେମାନେ ଯାତ୍ରାରେ ବାହାରି ପଡ଼ିଲୁ । ରୋମୀୟ ସୈନ୍ୟ ବାହିନୀ ସହିତ ଆମେ ମୁହାଁମୁହିଁ ହେଲୁ । ସେମାନଙ୍କ ମଧ୍ୟରୁ ଜଣେ ମାଟିଆ ରଙ୍ଗର ଅଶ୍ୱ (ଘୋଡ଼ା) ଉପରେ ଆରୋହଣ ହୋଇଥିଲା । ସେହି ଅଶ୍ୱ ଉପରେ ସ୍ୱର୍ଣ୍ଣ ରଙ୍ଗର ପଲାଣ ଏବଂ ସ୍ୱର୍ଣ୍ଣ ରଙ୍ଗର ଅସ୍ତ୍ର ଥିଲା । ସେହି ରୋମୀୟ ବ୍ୟକ୍ତି ମୁସଲମାନମାନଙ୍କୁ ଆମନ୍ତ୍ରଣ କରିବାକୁ ଲାଗିଲା । ୟମନୀୟ ବ୍ୟକ୍ତି ଜଣକ ସେହି ରୋମୀୟ ବ୍ୟକ୍ତି ଆଡ଼କୁ ଚଟ୍ଟାଣ ପଛ ପଟୁ ଆସିଲା । ଏବଂ ଶତ୍ରୁ ପକ୍ଷର ଅଶ୍ୱର ଗୋଚ୍ଛି କାଟିଦେଲା । ଯୁଦ୍ଧ ହେଲା। ରୋମୀୟ ବ୍ୟକ୍ତି ତଳେ ପଡ଼ିଗଲା । ୟମନୀୟ ବ୍ୟକ୍ତି ସେହି ରୋମୀୟ ବ୍ୟକ୍ତି ଉପରେ ଆରୋହଣ ହୋଇ ବସିଗଲା ଏବଂ ତା'ର ସଂହାର କରିଦେଲା । ମୁସଲମାନମାନେ ମଧ୍ୟ ସେହି ରୋମୀୟ ବ୍ୟକ୍ତିର ସଂହାର କରିଦେଲେ, ତା'ର ଅଶ୍ୱ ଏବଂ ଅସ୍ତ୍ର ନେଇନେଲେ । ଅଲ୍ଲାଃତାଲା ଯେତେବେଳେ ମୁସଲମାନମାନଙ୍କୁ ବିଜୟ ପ୍ରଦାନ କଲେ ସେତେବେଳେ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ସେହି ୟମନୀୟ ବ୍ୟକ୍ତି ଆଡ଼କୁ ସନ୍ଦେଶ ପ୍ରେରଣ କଲେ ଏବଂ ତା' ଠାରୁ କିଛି ଜିନିଷ ନେଇନେଲେ । ଅର୍ଥାତ୍ ସେହି ବ୍ୟକ୍ତିକୁ (ୟମନୀୟ ବ୍ୟକ୍ତି) ଯିଏ ସେହି ରୋମୀୟ ବ୍ୟକ୍ତିର ବଧ କରିଥିଲା ତା' ଆଡ଼କୁ ସନ୍ଦେଶ ପ୍ରେରଣ କଲେ ଯେ, ତୁମେ ନିଜର ଜିନିଷ ପତ୍ର ଆଣି ଜମା କରାଇ ଦିଅ । ହ. ଔଫ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ହ. ଖାଲିଦ ବିନ୍ ୱଲିଦ୍ ର.ଅଙ୍କ ପାଖକୁ ଆସିଲି ଏବଂ ମୁଁ କହିଲି, ହେ ଖାଲିଦ୍ ! କ'ଣ ଆପଣ ର.ଅଙ୍କୁ ଜ୍ଞାତ ନାହିଁ ଯେ, ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ସ.ଅଙ୍କ ଜିନିଷ ସଂକ୍ରାନ୍ତରେ କେଉଁ ନିଷ୍ପତ୍ତି ନେଇଥିଲେ? ହ. ଖାଲିଦ୍ ର.ଅ ସେତେବେଳେ ନୂଆ ନୂଆ ମୁସଲମାନ ହୋଇଥିଲେ । ତେଣୁ ତାଙ୍କର ଏହି ଧାରଣା ରହିଥିଲା ଯେ, ସମ୍ଭବତଃ ତାଙ୍କୁ ଜଣା ନଥିବ ଯେ, ଅଲ୍ଲାଃତାଲାଙ୍କ ବାର୍ତ୍ତାବହ କେଉଁ ନିଷ୍ପତ୍ତି ନେଇଛନ୍ତି? ଅର୍ଥାତ୍ ନିହତ ହୋଇଥିବା ବ୍ୟକ୍ତିର ଜିନିଷ ସଂହାରକର୍ତ୍ତାର ହେବ ନା ଆଉ କାହାର? ଅର୍ଥାତ୍ ଯେଉଁ ବ୍ୟକ୍ତି ଶତ୍ରୁର ବଧ କରିଛି ଶତ୍ରୁର ଜିନିଷ ପତ୍ର, ମାଲେ ଗନିମତ୍ ଇତ୍ୟାଦି ସେହି ବ୍ୟକ୍ତି (ସଂହାରକର୍ତ୍ତା) ପାଖରେ ହିଁ ରହୁ । ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ କହିଲେ, ହଁ ମୋତେ ଜଣା ଅଛି । କିନ୍ତୁ ମୁଁ ତା'କୁ ଅଧିକ ବୋଲି ମନେକରିଥିଲୁ । ଅର୍ଥାତ୍ ଯେଉଁ ଜିନିଷ ସେ ନେଇଥିଲା ତାହା ଏହାଠୁ ବି ଅଧିକ ଥିଲା । ତା'କୁ ଯେତେ ମିଳିବା କଥା ତା' ଠାରୁ ଅଧିକ ମିଳିଛି । ହ. ଔଫ୍ ର.ଅ କୁହନ୍ତି ମୁଁ ତାଙ୍କୁ କହିଲି କି ଏହି ଜିନିଷ ପତ୍ର ସେହି ବ୍ୟକ୍ତିକୁ ଫେରସ୍ତ କରି ଦିଅନ୍ତୁ ଅନ୍ୟଥା ମୁଁ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ ସମସ୍ତ ଘଟଣା ବୃତ୍ତାନ୍ତ ବର୍ଣ୍ଣନା କରିଦେବି । ଅର୍ଥାତ୍ ସବୁ ଯାଇ ଆଁହଜରତ ସ.ଅଙ୍କୁ କହିଦେବି । ହ. ଖାଲିଦ୍ ର.ଅ ଜିନିଷ ଫେରସ୍ତ କରିବାକୁ ଅସ୍ୱୀକାର କରିଦେଲା । ହ. ଔଫ୍ ର.ଅ କହିଲେ, ମୁଁ ଯାଇ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତି ହେଲି । ମୁଁ ସେହି (ରୋମୀୟ) ବ୍ୟକ୍ତିର ଘଟଣା ଆଁହଜରତ ସ.ଅଙ୍କୁ କହିଲି ଓ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କ ଆଚରଣ ସଂପର୍କରେ ମଧ୍ୟ କହିଲି । ଆଁହଜରତ୍ ସ.ଅ ହ. ଖାଲିଦ୍ ର.ଅଙ୍କୁ ପଚାରିଲେ, ହେ ଖାଲିଦ୍ ? ତୁମେ କ'ଣ କରିଛ ? ସେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ସେହି ଜିନିଷକୁ ଅଧିକ ମନେକଲି ସେଇଥି ପାଇଁ ମୁଁ ସେହି ଜିନିଷପତ୍ରରୁ କିଛି ଜିନିଷ ଫେରସ୍ତ ନେଇ ନେଲି । ଆପଣ ସ.ଅ କହିଲେ, ହେ ଖାଲିଦ୍ ! ତୁମେ ସେହି ୟମନୀୟ ବ୍ୟକ୍ତି ଠାରୁ ଯାହା ନେଇଥିଲ ତା'କୁ ଫେରସ୍ତ କରିଦିଅ । ହ. ଔଫ୍ ର.ଅ କୁହନ୍ତି ଯେ, ମୁଁ କହିଲି, ହେ ଖାଲିଦ୍ ! ନିଅ ଏଥର ନେଉ ନ ? ଅର୍ଥାତ୍ ବର୍ତ୍ତମାନ ତୁମେ ଏହାକୁ କିପରି ନେବ ? ଆଁହଜରତ ସ.ଅ ତ' ନିର୍ଣ୍ଣୟ କରି ଦେଇଛନ୍ତି ଯେ, ତୁମେ ଜିନିଷ ଫେରସ୍ତ କରିଦିଅ । ମୁଁ ତୁମକୁ କହି ନଥିଲି ଯେ, ତୁମେ ଜିନିଷ ଫେରସ୍ତ କରିଦିଅ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ସେ ଯାହା ହେଉ ଯେତେବେଳେ ହ. ଖାଲିଦ୍ ର.ଅଙ୍କୁ ହ. ଔଫ୍ ର.ଅ ଏକଥା କହୁଥିଲେ ସେତେବେଳେ ଆଁହଜରତ ସ.ଅ ଶୁଣିନେଲେ । ହୁଜୁର ସ.ଅ କହିଲେ, କ'ଣ ହେଲା ? ହ. ଔଫ୍ ର.ଅ କୁହନ୍ତି ମୁଁ ପୁନଶ୍ଚ ସଂପୂର୍ଣ୍ଣ ଘଟଣା ବୃତ୍ତାନ୍ତ ଆଁହଜରତ ସ.ଅଙ୍କୁ ଶୁଣାଇଲି । ଅର୍ଥାତ୍ ପୂର୍ବେ ଏକଥା କହି ନଥିଲି ବର୍ତ୍ତମାନ କହିଲି ଯେ, ମୁଁ ତାଙ୍କୁ (ହ. ଖାଲିଦ୍ ର.ଅଙ୍କୁ) କହିଥିଲି ଯେ, ଏହି ଜିନିଷ ଫେରାଇ ଦିଅ । କିନ୍ତୁ ସେ ଏପରି କଲେ ନାହିଁ । ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ ଅସନ୍ତୋଷ ବ୍ୟକ୍ତ କଲେ । ଆପଣ ସ.ଅ କହିଲେ, ହ. ଖାଲିଦ୍ ! ତୁମେ ସେହି ୟମନୀୟ ବ୍ୟକ୍ତିକୁ ଆଉ ଜିନିଷ ଫେରାଇବ ନାହିଁ । ଅର୍ଥାତ୍ ଆଁହଜରତ ସ.ଅ ପୂର୍ବେ ହ. ଖାଲିଦ୍ ର.ଅଙ୍କୁ ଜିନିଷ ଫେରାଇବାକୁ କହୁଥିଲେ, କିନ୍ତୁ ବର୍ତ୍ତମାନ ଆପଣ ସ.ଅ ହ. ଖାଲିଦ୍ ର.ଅଙ୍କୁ କହିଲେ, ହେ ଖାଲିଦ୍ ! ତୁମେ ସେହି ଜିନିଷ ଆଉ ଫେରାଇବ ନାହିଁ। ପୁନଶ୍ଚ ଆଁହଜରତ ସ.ଅ ସଂସ୍କାର ନିମନ୍ତେ କହିଲେ, ହେ ଖାଲିଦ୍ ! କ'ଣ ତୁମେ ମୋର ଉମରା (ସେନାପତି)ମାନଙ୍କୁ ଏହି ଅବସ୍ଥାରେ ଛାଡ଼ିବାକୁ ଚାହୁଁଛ ଯେ, ତୁମ ନିମନ୍ତେ କୌଣସି ପ୍ରସଙ୍ଗ ସୁନ୍ଦର ହେଉ ଓ ସେମାନଙ୍କ ନିମନ୍ତେ ପ୍ରସଙ୍ଗ ଅପରିଷ୍କାର ହେଉ । ଅର୍ଥାତ୍ ଯେତେବେଳେ ଜଣେ ବ୍ୟକ୍ତି ଅମୀର୍ ହୋଇଗଲା ସେତେବେଳେ ତୁମମାନଙ୍କର ଏହା କହିବା କି ତୁମର ନିଷ୍ପତ୍ତି ଠିକ୍ ନୁହଁ ଏବଂ ଏହିପରି ଭାବରେ ଅମୀରର ଯେଉଁ ପବିତ୍ର ତଥା ସ୍ୱଚ୍ଛତା ପକ୍ଷ ରହିଛି ତାହା ତୁମ ନିକଟକୁ ଚାଲି ଆସିବ ଏବଂ ଯଦି ଅମୀରର କୌଣସି ମନ୍ଦ ପକ୍ଷ ଥାଏ ତେବେ ସେପରିପ୍ରେକ୍ଷୀରେ ତାହା ଅମୀରମାନଙ୍କୁ ମିଳିଯାଉ । ଏହା ସଂପୂର୍ଣ୍ଣ ରୂପେ ଭୁଲ୍ କଥା ଅଟେ । ବର୍ତ୍ତମାନ ତୁମେ ମୋତେ କଥାଟା କହି ଦେଇଛ । ତେଣୁ ବର୍ତ୍ତମାନ ମୁଁ ମୋର ପ୍ରଥମ ଆଦେଶକୁ ପ୍ରତ୍ୟାହାର କରି ନେଉଛି ଏବଂ ଖାଲିଦ୍ ଯାହା କରିଛନ୍ତି ସେ ବିଲ୍‌କୁଲ୍ ଠିକ୍ କରିଛନ୍ତି। ବର୍ତ୍ତମାନ ଏଠାରେ ମୋର ମର୍ଯ୍ୟାଦା ସ୍ଥାପନ କରିବାର ଦାୟିତ୍ୱ ଥିଲା । ତେଣୁ ଆପଣ ସ.ଅ କହିଲେ, ତୁମେମାନେ ଅମୀର୍‌କୁ ଏପରି କଟାକ୍ଷ କରୁଛ ଯେପରିକି ତୁମେମାନେ ପୂର୍ବେ ଭୁଲ୍ କରିଥିଲ । ସେଇଥି ପାଇଁ ଆପଣ ସ.ଅ ପୂର୍ବ ନିଷ୍ପତ୍ତିକୁ ପ୍ରତ୍ୟାହାର କରିନେଲେ ।

ହ. ଜାବିର୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଉତା ଯୁଦ୍ଧରେ କେତେକ ମୁସଲମାନମାନେ ଶହୀଦ୍ ହୋଇଗଲେ । ମୁସଲମାନ ମାନଙ୍କୁ ମୁସ୍‌ରିକିନ୍‌ମାନଙ୍କର କିଛି ଅଂଶ ମାଲେ ଗନିମତ୍ ଆକାରରେ ପ୍ରାପ୍ତ ହେଲା । ସେହି ଜିନିଷ ପତ୍ରରେ ଏକ ମୁଦ୍ରିକା (ମୁଦି) ମଧ୍ୟ ରହିଥିଲା । ଜଣେ ବ୍ୟକ୍ତି ସେହି ମୁଦ୍ରିକାକୁ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥାପିତ କଲା । ମୁଁ (ହା. ଜାବିର୍ ର.ଅ) କହିଲି, ହେ ବ୍ୟକ୍ତି ସେହି ମୁଦ୍ରିକା ଆଁହଜରତ ସ.ଅ ମୋତେ ପ୍ରଦାନ କରି ଦେଇଛନ୍ତି । ହ. ଖୁଜୈମା ବିନ୍ ସାବିତ୍ ର.ଅ ବର୍ଣ୍ଣନା କରନ୍ତି ଯେ,

ମୁଁ ମୁଉତା ଯୁଦ୍ଧରେ ଅଂଶ ଗ୍ରହଣ କରିଥିଲି । ରୋମୀୟ ସୈନ୍ୟଙ୍କ ମଧ୍ୟରୁ ମୁଁ ଜଣେ ବ୍ୟକ୍ତି ସହିତ ଯୁଦ୍ଧ କରିଥିଲି । ମୁଁ ତା'ର କାମ ତମାମ୍ କରିଦେଲି । ସେ ଲୌହ ମୁକୁଟ ପିନ୍ଧିଥିଲା ଏବଂ ସେହି ଲୌହ ମୁକୁଟରେ ରତ୍ନ ମାଣିକ୍ୟ ଖଚିତ ହୋଇଥିଲା। ମୋର ଉଦ୍ଦେଶ୍ୟ ସେହି ରତ୍ନ ମାଣିକ୍ୟ ପ୍ରାପ୍ତ କରିବାର ଥିଲା । ମୁଁ ସେହି ରତ୍ନ ମାଣିକ୍ୟକୁ ନେଇନେଲି । ମୁଁ ଯେତେବେଳେ ହୁଜୁର ସ.ଅଙ୍କ ସେବାରେ ପହଞ୍ଚିଲି ସେତେବେଳେ ମୁଁ ଆପଣ ସ.ଅଙ୍କ ସେବାରେ ଏହି ରତ୍ନ ମାଣିକ୍ୟ ଉପସ୍ଥାପିତ କରିଦେଲି । ଆପଣ ସ.ଅ ସେହି ରତ୍ନ ମାଣିକ୍ୟ ମୋତେ ଦେଇଦେଲେ । ହ. ଜାବିର୍ ର.ଅ କୁହନ୍ତି ଯେ, ମୁଁ ହ. ଉସ୍‌ମାନ୍ ଗନି ର.ଅଙ୍କ କାଳରେ ସେହି ରତ୍ନ ମାଣିକ୍ୟକୁ 100 ଦିନାରରେ ବିକ୍ରି କରିଥିଲି । ମୁଁ ସେହି ଅର୍ଥରାଶିରୁ ଏକ ଖଜୁରୀ ଉଦ୍ୟାନ କ୍ରୟ କଲି । ଅଲ୍ଲାମା ଇବ୍‌ନେ କସିର୍ ଉଲ୍ଲେଖ କରନ୍ତି ଯେ, ଉପୋରକ୍ତ ବର୍ଣ୍ଣନାରୁ ଏହା ସ୍ପଷ୍ଟ ହୁଏ ଯେ, ମୁସଲମାନମାନେ ମାଲେ ଗନିମତ୍ ମଧ୍ୟ ପ୍ରାପ୍ତ କରିଥିଲେ । ପରାସ୍ତ ହୋଇ ନଥିଲେ ବରଂ ମାଲେ ଗନିମତ୍ ମଧ୍ୟ ପ୍ରାପ୍ତ କରିଥିଲେ । ପରାସ୍ତର କୌଣସି ପ୍ରଶ୍ନ ଉଠୁ ନଥିଲା। ଏହା ତ' ଏକ ସୈନ୍ୟ ରଣନୀତି ଥିଲା ଯାହାକୁ ସେମାନେ ଅବଲମ୍ବନ କଲେ । ଏହି ରଣନୀତି ଦ୍ୱାରେ ସେମାନେ (ସୈନ୍ୟବାହିନୀ) ପ୍ରତ୍ୟାବର୍ତ୍ତନ କରିଥିଲେ । ସେ ଯାହା ହେଉ ସେମାନେ ଶତ୍ରୁ ପକ୍ଷର ଅଧିପତିମାନଙ୍କ ଠାରୁ ଅର୍ଥ ଛଡ଼ାଇ ନେଲେ ଏବଂ ସେମାନଙ୍କର ଅମୀର୍‌ମାନଙ୍କୁ ବଧ କରିଦେଲେ ।

ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଉତା ଯୁଦ୍ଧ ଦିନ ମୋ ହାତରୁ ୨ଟି ଖଡ଼୍‌ଗ ଭାଙ୍ଗିଥିଲା ଏବଂ କେବଳ ଗୋଟିଏ ଚୌଡ଼ା ୟମନୀୟ ଖଡ଼୍‌ଗ ରହି ଯାଇଥିଲା। ଅଲ୍ଲାମା ମୁହମ୍ମଦ୍ ବିନ୍ ୟୁସୁଫ୍ କୁହନ୍ତି ଯେ, ଉପରୋକ୍ତ ବର୍ଣ୍ଣନାରୁ ଏହା ଜ୍ଞାତ ହୁଏ ଯେ, ମୁସଲମାନମାନେ ମୁସ୍‌ରିକିନ୍‌ମାନଙ୍କୁ ଭଲ ଭାବରେ ବଧ କରିଥିଲେ। ଅନ୍ୟଥା ସେମାନେ ମୁସ୍‌ରିକିନ୍‌ମାନଙ୍କ ଠାରୁ ମୁକ୍ତି ପାଇପାରି ନଥାଆନ୍ତେ। ମୁସଲମାନମାନଙ୍କର ସୈନ୍ୟ ସଂଖ୍ୟା 3000 (ତିନି ହଜାର) ଥିଲା ଅପରପକ୍ଷେ ମୁସ୍‌ରିକିନ୍‌ମାନଙ୍କ ସଂଖ୍ୟା 200000 (ଦୁଇ ଲକ୍ଷ)ରୁ ଊର୍ଦ୍ଧ୍ୱ ଥିଲା । ଏହି ଏକାନ୍ତ ପଣିଆ ତଥା ସ୍ୱଳ୍ପ ସଂଖ୍ୟା ହିଁ ମୁସଲମାନମାନଙ୍କୁ ଅନ୍ୟମାନଙ୍କ ତୁଳନାରେ ଏକ ସ୍ଥାୟୀ ପ୍ରାଧାନ୍ୟ ଏବଂ ଅନନ୍ୟତାର ପ୍ରମାଣ ଅଟେ । ଅଲ୍ଲାଃତାଲା ହିଁ ସର୍ବଜ୍ଞ ଅଟନ୍ତି । ସେ ହିଁ ଜାଣିଥିବେ । ଇବ୍‌ନେ ଇସ୍‌ହାକ୍ ବର୍ଣ୍ଣନା କରିଛନ୍ତି ଯେ, ହ. କୁତ୍‌ବା ବିନ୍ କତାଦା ର.ଅ ମୁସଲମାନମାନଙ୍କର ମୈମନା (ଦକ୍ଷିଣ ପାର୍ଶ୍ୱର ସୈନ୍ୟ)ର ଅମୀର (ସେନାପତି) ଥିଲେ । ସେ ମାଲିକ୍ ବିନ୍ ରାଫିଲା ଉପରେ ଆକ୍ରମଣ କଲେ । ମାଲିକ୍ ବିନ୍ ରାଫିଲା ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ଆଦାବାସୀଙ୍କ ଅମୀର୍ ଥିଲା । ତେଣୁ ହ. କୁତବା ବିନ୍ କତାଦା ମାଲିକ୍ ବିନ୍ ରାଫିଲା ଉପରେ ଆକ୍ରମଣ କରି ତା'ର ବଧ କରିଦେଲେ। ହ. କୁତ୍‌ବା ଉକ୍ତ କଥା ଉପରେ ଅର୍ଥାତ୍ ମାଲିକ୍ ବିନ୍ ରାଫିଲାର ବଧ କରିବା ଘଟଣା ଉପରେ ବେଶ୍ ଗର୍ବିତ ହେଉଥିଲେ। ସେ ଗର୍ବିତ ହୋଇ ଆରବୀ କବିତା କହୁଥିଲେ ଯେ, ମୁଁ ରାଫିଲା ବିନ୍ ଅରାଶାର ପୁତ୍ରକୁ ଏପରି ବର୍ଚ୍ଛା ମାରିଲି ଯେ ତାହା ତାର ଶରୀର ଭିତିର ପର୍ଯ୍ୟନ୍ତ ବିଦ୍ଧ ହେଲା । ପୁନଶ୍ଚ ସେହି ବର୍ଚ୍ଛାଟି ଭାଙ୍ଗିଗଲା। ମୁଁ ଯେତେବେଳେ ତା' ବେକ ଉପରେ ମରଣାନ୍ତକ ପ୍ରହାର କଲି ସେତେବେଳେ ସେ ନଇଁ ପଡ଼ିଲା । ଯେପରି ସଲମ୍ ବୃକ୍ଷ (ଏକ ପ୍ରକାରର କଣ୍ଟାଳିଆ ବୃକ୍ଷ) ଶାଖା (ଡାଳ) ନଇଁ ପଡ଼ିଥାଏ। ଆମେମାନେ ମାଲିକ୍ ବିନି ରାଫିଲାର ଚଚାଙ୍କ କନ୍ୟାମାଙ୍କୁ ଏପରି ଘଉଡ଼ାଇ ଆଣିଲୁ ଯେପରି ଜୀବମାନଙ୍କୁ ଘଉଡ଼ାଇ ଅଣା ଯାଇଥାଏ ଆମେମାନେ ସେହପରି ଘଉଡ଼ାଇଲୁ। ହ. ଅସମା ବିନ୍ତ୍ ଅମିସ୍ ର.ଅ ବର୍ଣ୍ଣନା କଲେ ଯେ, ଯେଉଁଦିନି ହ. ଜାଫର୍ ଏବଂ ତାଙ୍କର ସାଥିମାନେ ଶହୀଦ୍ ହୋଇଥିଲେ ସେହି ଦିନ ଆଁହଜରତ ସ.ଅ ଆମ ଘରକୁ ଆସିଥିଲେ । ଆପଣ ସ.ଅ କହିଲେ, "ମୋ ପାଖକୁ ଜାଫରଙ୍କ ପୁତ୍ରମାନଙ୍କୁ ଅଣାଯାଉ!" ମୁଁ (ହ. ଅସ୍‌ମା ବିନ୍ତ୍ ଅମିସ୍ ର.ଅ) ସେମାନଙ୍କୁ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥାପିତ କରିଦେଲି । ଆପଣ ସ.ଅ ସେମାନଙ୍କୁ ନିଜ ସହିତ ଲଗାଇଲେ ଏବଂ ଆପଣ ସ.ଅଙ୍କ ଚକ୍ଷୁର ଲୁହ ଝରିବାକୁ ଲାଗିଲା । ମୁଁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋର ମାତାପିତା ଆପଣ ସ.ଅଙ୍କ ଉପରେ ଉତ୍ସର୍ଗ ହୋଇ ଯାଆନ୍ତୁ । ଆପଣ କାହିଁକି କାନ୍ଦୁଛନ୍ତି ? କ'ଣ ଆପଣ ସ.ଅଙ୍କୁ ହ. ଜାଫର୍ ଏବଂ ତାଙ୍କର ସାଥିମାନଙ୍କ ସଂପର୍କରେ କିଛି ସୂଚନା ମିଳିଛି କି ? ଆପଣ ସ.ଅ କହିଲେ, ହଁ ଆଜି ସେହି ଶହୀଦ୍ ହୋଇଥିବା ବ୍ୟକ୍ତିମାନଙ୍କର ମୁଣ୍ଡରେ ମୁକୁଟ ସଜି ଯାଇଛି । ହ. ଅସ୍‌ମା ର.ଅ କୁହନ୍ତି ଯେ, ମୁଁ ଉଠି କାନ୍ଦିବାକୁ ଲାଗିଲି । ମହିଳାମାନେ ମୋ ନିକଟରେ ଏକତ୍ରିତ ହୋଇଗଲେ । ନବୀ କରୀମ୍ ସ.ଅ ନିଜର ପରିବାରବର୍ଗଙ୍କ ଆଡ଼କୁ ଚାଲି ଆସିଲେ । ଆପଣ ସ.ଅ କହିଲେ, ହେ ମୋର ପତ୍ନିମାନେ ! ତୁମେ ଜାଫର୍‌ଙ୍କ ପରିବାର ବର୍ଗଙ୍କ ଠାରୁ ଅବଚେତନ ହୋଇଯାଅ ନାହିଁ, ସେମାନଙ୍କ ନିମନ୍ତେ କିଛି ଖାଦ୍ୟ ପ୍ରସ୍ତୁତ କର । ଆଜି ଜାଫର୍‌ଙ୍କ ବିୟୋଗ ହେତୁ ତାଙ୍କ ପତ୍ନି ବ୍ୟସ୍ତବହୁଳ ହୋଇ ପଡ଼ିଛନ୍ତି । ଅର୍ଥାତ୍ ଆଁହଜରତ ସ.ଅ ଲୋକମାନଙ୍କୁ ଅନୁପ୍ରାଣିତ କଲେ ଯେ, ହେ ଲୋକମାନେ ! ଆଜି ସ୍ୱର୍ଗତ ଜାଫର୍ ର.ଅଙ୍କ ଘରେ ଆହାର ପଠାଇ ଦେବ ।

ହ. ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ ନିଜର ମଞ୍ଚ ଉପରକୁ ଆସିଲେ ଏବଂ ହ. ଜୈଦ୍ ର.ଅ, ହ. ଜାଫର୍ ର.ଅ ଓ ଇବ୍‌ନେ ରୱାହା ର.ଅଙ୍କ ଶାହାଦତ୍‌ର ସୂଚନା ଦେଇ କହିଲେ ଯେ, ଏହି ବୀରଗତି ପ୍ରାପ୍ତ କରିଥିବା ସୀହାବାମାନେ ଏହି ଦିନ ଶହୀଦ୍ ହୋଇଥିଲେ । କିନ୍ତୁ ପ୍ରକାଶ୍ୟ ରୂପେ ସେମାନଙ୍କର ଶାହାଦତ୍‌ର ଖବର ଆସି ନଥିଲା । ଆପଣ ସ.ଅ କହିଲେ, ବର୍ତ୍ତମାନ ଜୈଦ୍ ଇସ୍‌ଲାମ୍ ଧର୍ମର ଧ୍ୱଜା ଧରି ନେଇଛନ୍ତି । ଆପଣ ସ.ଅ ଯେତେବେଳେ ଏହି କଥା ବର୍ଣ୍ଣନା କରୁଥିଲେ ସେତେବେଳେ ହ. ଜୈଦ୍ ର.ଅ ମଧ୍ୟ ଶହୀଦ୍ ହୋଇଗଲେ । ପୁନଶ୍ଚ ହ. ଜାଫର୍ ର.ଅ ଇସ୍‌ଲାମ୍ ଧର୍ମର ଧ୍ୱଜା ଧରିନେଲେ । ସେ ମଧ୍ୟ ଶହୀଦ୍ ହୋଇଗଲେ । ପୁନଶ୍ଚ ଇସ୍‌ଲାମ୍ ଧର୍ମର ଧ୍ୱଜା ହ. ଅବ୍‌ଦୁଲ୍ଲାଃ ର.ଅ ଧରିନେଲେ । ସେ ମଧ୍ୟ ଶହୀଦ୍ ହୋଇଗଲେ । ଆପଣ ସ.ଅଙ୍କ ଚକ୍ଷୁରୁ ଲୁହ ଧାର ବହି ଯାଉଥିଲା । ଏପର୍ଯ୍ୟନ୍ତକି ଇସ୍‌ଲାମ୍ ଧର୍ମର ଧ୍ୱଜା ଅଲ୍ଲାଃତାଲାଙ୍କ ଖଡ଼୍‌ଗ ମଧ୍ୟରୁ ଏକ ଖଡ଼୍‌ଗ ଧରି ପକାଇଲେ । ଅଲ୍ଲାଃତାଲା ମୁସଲମାନମାନଙ୍କୁ ବିଜୟ ପ୍ରଦାନ କଲେ ।

ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ୟାଲା ବିନ୍ ଉମୈୟାହ୍ ମୁଉତାବାସୀଙ୍କ ସୂଚନା ଆଣି ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତି ହେଲେ । ଆପଣ ସ.ଅ କହିଲେ, ହେ ୟାଲା ! ଯଦି ତୁମେ ପସନ୍ଦ କରୁଛ ତେବେ ମୋତେ ତୁମେ କଥାଟା କହିଦିଅ । ଆଉ ଯଦି ତୁମେ ପସନ୍ଦ କରୁଛ ତେବେ ମୁଁ ତୁମକୁ ତାଙ୍କ ସଂପର୍କରେ କହି ଦେଉଛି। ଆଁହଜରତ ସ.ଅ କହିଲେ, ମୋତେ ମଧ୍ୟ ଅଲ୍ଲାଃତାଲା ସୂଚନା ପ୍ରଦାନ କରିଛନ୍ତି । ତୁମେ ଆଗେ କହିବ ନା ମୁଁ ତୁମକୁ ଆଗ କହିବି ? ହ. ୟାଲା ବିନ୍ ଉମୈୟାହ୍ ର.ଅ କହିଲେ, ହେ ଅଲ୍ଲଃଙ୍କ ବାର୍ତ୍ତାବହ ଆପଣ ମୋତେ ଆଗ କହି ଦିଅନ୍ତୁ। ଆଁହଜରତ ସ.ଅ ତାଙ୍କୁ ସମସ୍ତ ଘଟଣାବୃତ୍ତାନ୍ତ ବର୍ଣ୍ଣନା କରିଦେଲେ । ହ. ୟାଲା କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ସେହି ସତ୍ତାଙ୍କର ଶପଥ କରି କହୁଛି ଯିଏ ଆପଣ ସ.ଅଙ୍କୁ ସତ୍ୟର ସହିତ ପ୍ରେରଣ କରିଛନ୍ତି । ଆପଣ ସ.ଅ ସେହି ଘଟଣାବଳୀ ମଧ୍ୟରୁ ଗୋଟିଏ ଶବ୍ଦ ମଧ୍ୟ ଛାଡ଼ିଲେ ନାହିଁ । ଆପଣ ସ.ଅ କହିଲେ: "ଅଲ୍ଲାଃତାଲା ମୋ ପାଇଁ ଭୂମିକୁ ଉଚ୍ଚ କିଦେଇଛନ୍ତି । ଏପର୍ଯ୍ୟନ୍ତକି ମୁଁ ସେମାନଙ୍କର ଯୁଦ୍ଧକୁ ଦେଖିଲି । ମୁଁ ସ୍ୱପ୍ନରେ ସେମାନଙ୍କୁ ଦେଖିଲି ଯେ, ସେମାନେ ସ୍ୱର୍ଣ୍ଣ (ସୁନା)ର ଶେଯ ଉପରେ ଥିଲେ । ମୁଁ ହ. ଅବ୍‌ଦୁଲ୍ଲାଃ ବିନ୍ ରୱାହ୍ ର.ଅଙ୍କ ଶେଯ ଦେଖିଲି । ତାଙ୍କ ଶେଯ ଟିକିଏ ବଙ୍କା ହୋଇଯାଇଥିଲା । ମୁଁ ପଚାରିଲି, ହେ ଅବ୍‌ଦୁଲ୍ଲାଃ ! ଏହି ଶେଯ ବଙ୍କା ହେବାର କାରଣ କ'ଣ ? ମୋତେ ଏହା କହିଲେ, କି ଏହି ଦୁଇଜଣ (ହ. ଜାଫର୍ ର.ଅ ଓ ହ. ଜୈଦ୍ ର.ଅ) ସିଧା ଯାଇଥିଲେ । କିନ୍ତୁ ଅବ୍‌ଦୁଲ୍ଲାଃ କିଛି ଶଙ୍କୋଚ ଏବଂ ଦ୍ୱନ୍ଦ୍ୱ ପ୍ରକାଶ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ସେ ଫେରି ଆସିଥିଲେ । ଏହି ଦ୍ୱନ୍ଦ୍ୱ ତଥା ଅସାମଞ୍ଜସ୍ୟର ଚର୍ଚ୍ଚା ପୂର୍ବ ଖୁତ୍‌ବାରେ ହୋଇଛି । ସେ ନିଜେ କହିଲେ, ଯେ, ମୋ ମନରେ ଏହି ଧାରଣ ଆସିଥିଲା କି ମୁଁ ଲଢିବି ନାହିଁ ।"

ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଆଁହଜରତ ସ.ଅ କହିଲେ, ଜାଫର ର.ଅ, ଜୈଦ୍ ର.ଅ, ଅବ୍‌ଦୁଲ୍ଲାଃ ବିନ୍ ରୱାହଙ୍କୁ ମୋ ସମ୍ମୁଖରେ ଉପସ୍ଥାପିତ କରାଗଲା, ସେ ମୁଉତା ଶିବିର ମଧ୍ୟରେ ଥିଲେ । ମୁଁ ହ. ଜୈଦ୍ ର.ଅ ଓ ଇବ୍‌ନେ ରୱାହ୍ ର.ଅଙ୍କୁ ଦେଖିଲି, ତାଙ୍କ ଶରୀର ଟିକେ ବଙ୍କା ହୋଇଥିଲା । କିନ୍ତୁ ହ. ଜାଫର୍ ର.ଅଙ୍କ ସଳଖ ହୋଇ ଛିଡ଼ା ହୋଇଥିଲେ । ତାଙ୍କ ଶରୀର ବଙ୍କା ନଥିଲା । ମୋତେ ଏହା କୁହାଗଲା କି ଯେତେବେଳେ ଏହି ଦୁଇ ଜଣଙ୍କ ଉପରେ ମୃତ୍ୟୁ ନିଜର କାୟା ବିସ୍ତାର କଲା ସେତବେଳେ ଏମାନେ ତହିଁରୁ ଅସ୍ୱୀକାର କଲେ । ଅର୍ଥାତ୍ ମୃତ୍ୟୁ ସ୍ୱୀକାର କରିବାକୁ ଅସ୍ୱୀକାର କଲେ । କିନ୍ତୁ ଜାଫର୍ ର.ଅ ଏପରି କଲେ ନାହିଁ । ଅଲ୍ଲାଃତାଲା ତାଙ୍କୁ ବାହୁ ବଦଳରେ ଦୁଇଟି ଡେଣା ପ୍ରଦାନ କଲେ । ଏହି ପର ସାହାଯ୍ୟରେ ସେ ସ୍ୱର୍ଗର ଯେଉଁ ସ୍ଥାନ ଚାହୁଁଥିଲି ସେଠାକୁ ସେ ଉଡ଼ି ଯାଉଥିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଆଉ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଅବ୍‌ଦୁଲ୍ଲାଃ ବିନ୍ ଉମ୍ରୋର.ଅ ହ. ଜାଫର୍ ର.ଅଙ୍କ ପୁତ୍ର ଅବ୍‌ଦୁଲ୍ଲାଃଙ୍କୁ ସଲାମ୍ କରି କହିଲେ, اَلسَّلَامُ عَلَيْكَ يَا ابْنَ ذِي الْجَنَاحَيْنِ ଅର୍ଥାତ୍ ହେ ଦୁଇଟି ପର ଥିବା ବ୍ୟକ୍ତିଙ୍କର ପୁତ୍ର ! ତୁମ ଉପରେ ଶାନ୍ତି ଅବତୀର୍ଣ୍ଣ ହେଉ । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-6, ପୃ-151-154, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, କେତେକ ସମସ୍ୟା ସଂପର୍କରେ ବର୍ଣ୍ଣନା କରି ଏକ ବିସ୍ତୃତ ବିବରଣୀରେ ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି ଯେ,"ଯେତେବେଳେ


**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)



**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

କୌଣସି ସମସ୍ୟା ଉପୁଜେ ସେତେବେଳେ କେତେକ ଲୋକ ସମସ୍ୟାକୁ ହୃଦୟଙ୍ଗମ କରନ୍ତି ଓ ଆଉ କେତେକ ଲୋକ ସମସ୍ୟାକୁ ହୃଦୟଙ୍ଗମ କରନ୍ତି ନାହିଁ । ଉକ୍ତ କଥାର ଆବଶ୍ୟକତା ହୋଇଥାଏ ଯେ, ଅନ୍ୟ ଲୋକମାନେ ଯେଉଁମାନେ ଅବଗତ ଅଟନ୍ତି ସେମାନଙ୍କୁ ଏହି ଲୋକମାନେ ବୁଝାଇବାକୁ ପ୍ରୟାସ କରନ୍ତୁ । ଅର୍ଥାତ୍ ସେମାନେ ସମସ୍ୟା ଉପରେ ବିଚାର କରନ୍ତୁ ଅବା ନକରନ୍ତୁ କିନ୍ତୁ ଅବଗତ ଥିବା ଲୋକମାନେ ଅନବଗତ ଲୋକଙ୍କୁ ପ୍ରସଙ୍ଗ ଓ ସମସ୍ୟା ସଂପର୍କରେ ବୁଝାଇବା ଉଚିତ୍ । ସେଇଥି ପାଇଁ ବୁଝୁ ନାହାନ୍ତି ଅବା ସେମାନଙ୍କର ହୃଦୟ କୌଣସି ପାପ ଯୋଗୁଁ ଈଶ୍ୱରଙ୍କ କୃପାକୁ ଆକର୍ଷିତ କରିବା ନିମନ୍ତେ ପ୍ରସ୍ତୁତ ନାହିଁ । ଏହି କଷ୍ଟକର ବିଷୟବସ୍ତୁ ସାଧାରଣତଃ ଦୁଇ ପ୍ରକାରର ହୋଇଥାଏ । 1- ଶୈକ୍ଷିକ ବିଷବସ୍ତୁ ସମ୍ବଳିତ ଯାହାକି ସୂକ୍ଷ୍ମ ଦର୍ଶନଶାସ୍ତ୍ର ଉପରେ ଆଧାରିତ ଅଟେ । ଉଦାହରଣ ସ୍ୱରୂପ ଏକେଶ୍ୱରବାଦ ରହିଛି । ଏକେଶ୍ୱରବାଦର ଏତିକି ଭାଗ ତ' ପ୍ରତ୍ୟେକ ବ୍ୟକ୍ତି ବୁଝିପାରିବ ଯେ, ଈଶ୍ୱର ଏକ ଅଟନ୍ତି । କିନ୍ତୁ ଆଗକୁ ଏହି ସାଧୁ ସନ୍ଥାମ୍ନାମୂଳକ ସୂକ୍ଷ୍ମତା ରହିଛି ଯେ, କିପରି ପ୍ରତ୍ୟେକ କୃତ୍ୟ ଏବଂ କର୍ମ ଉପରେ ଈଶ୍ୱରଙ୍କ ଏକେଶ୍ୱରଙ୍କ ପ୍ରଭାବ ପଡ଼ିଥାଏ । ତେଣୁ ଏଥି ନିମନ୍ତେ ଜଣେ ବିଜ୍ଞ, ବିଦ୍ୱାନ୍ ଏବଂ ଈଶ୍ୱରଙ୍କୁ ଚିହ୍ନିଥିବା ବ୍ୟକ୍ତିର ଆବଶ୍ୟକ ପଡ଼ିବ ଏବଂ ଏହି ପ୍ରସଙ୍ଗକୁ ଅନ୍ୟକୁ ବୁଝାଇବା ନିମନ୍ତେ କୌଣସି ଜ୍ଞାନୀ ତଥା ବିଦ୍ୱାନ୍ ମନୀଷୀ ବ୍ୟକ୍ତିର ଆବଶ୍ୟକତା ପଡ଼ିବ । ପ୍ରତ୍ୟେକ ବ୍ୟକ୍ତି ଏହି ସୂକ୍ଷ୍ମତାକୁ ବାହାର କରିପାରିବ ନାହିଁ । କିନ୍ତୁ ଏତିକି କଥା ଅବଶ୍ୟ ବୁଝିନେବ ଯେ, ପବିତ୍ର କୁରଆନ୍ କରୀମ୍ ଅନ୍ୟ ଈଶ୍ୱରଙ୍କୁ ସ୍ୱୀକାରେ କରେ ନାହିଁ । ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି, ଈଶ୍ୱର ଏକ ଅଟନ୍ତି ।

ଦ୍ୱିତୀୟ କଷ୍ଟକର ବିଷୟବସ୍ତୁ ଏହିକି ଯେ, (2) ଏହି ସମସ୍ୟାମୂଳକ ପ୍ରସଙ୍ଗ ସେତେବେଳେ ସୃଷ୍ଟି ହୋଇଥାଏ ଯାହା ଶୈକ୍ଷିକ ତ ନୁହନ୍ତି କିନ୍ତୁ ତାହା ଏହି ଭାଷାରେ ବର୍ଣ୍ଣନା କରାଯାଇଥିବ ଯାହାକୁ ଆମେ ସାଦୃଶ୍ୟ ଏବଂ ଲକ୍ଷଣାର୍ଥ କହିଥାଉ । କେତେକ ପ୍ରସଙ୍ଗ ଶୈକ୍ଷିକ ବିବରଣୀ ନୁହନ୍ତି । କେତେକ ପ୍ରମୁଖ ଏବଂ ପ୍ରବାଦ ତଥା ଆପ୍ତ ବାକ୍ୟ ହୋଇଥାଆନ୍ତି ଯାହାକୁ ଲୋକମାନେ ସହଜରେ ବୁଝିପାରନ୍ତି ନାହିଁ ଓ ବୁଝିବାକୁ ସକ୍ଷମ ନୁହନ୍ତି । ତାହା ଯଦି ବର୍ଣ୍ଣନା କରାଯାଏ ତେବେ କେତେକ ବ୍ୟକ୍ତି ଏହାର ବିପରୀତ ଅର୍ଥ ଗ୍ରହଣ କରି ଥାଆନ୍ତି । ଆପଣ ବର୍ଣ୍ଣନା କରନ୍ତି ଯେ,....."ଜନସାଧାରଣ ସେହି ଭାଷାକୁ ନଜାଣିବା ଯୋଗୁଁ ତା'ର ଏପରି ଅର୍ଥ କରିନେଇ ଥାଆନ୍ତି ଯେ, ତାହା ସତ୍ୟାଧାରିତ ହୋଇ ନଥାଏ ।" ଆପଣ ର.ଅ ଉଦାହରଣ ଦେଇଛନ୍ତି ଯେ, "ମନେକରାଯାଉ ରସୁଲ୍ କରୀମ୍ ସ.ଅଙ୍କ କାଳରେ ଏକ ଘଟଣା ଘଟିଲା । ଅର୍ଥାତ୍ ସିରାୟା ଯୁଦ୍ଧରେ ରସୁଲ୍ କରୀମ୍ ସ.ଅ୍ ହ. ଜୈଦ୍ ବିନ୍ ହାର୍‌ସା ର.ଅଙ୍କୁ ସେନାପତି ନିଯୁକ୍ତ କରି ପ୍ରେରଣ କଲେ ଓ ଆପଣ ସ.ଅ କହିଲେ, ଯଦି ଜୈଦ୍ ର.ଅ ମୃତ୍ୟୁବରଣ କରନ୍ତି ତେବେ ଜାଫର୍ ବିନ୍ ଅବି ତାଲିବ୍ ର.ଅ ସୈନ୍ୟବାହିନୀର ନେତୃତ୍ୱ ନିଅନ୍ତୁ । ଯଦି ଜାଫର୍ ର.ଅ ମୃତ୍ୟୁବରଣ କରନ୍ତି ତେବେ ଅବଦୁଲ୍ଲାଃ ବିନ୍ ରୱାହା ର.ଅ ସୈନ୍ୟବାହିନୀର ନେତୃତ୍ୱ ନେବେ । ଅତଏବ୍ ଯେପରି ରସୁଲୁଲ୍ଲାଃ ସ.ଅ ଭବିଷ୍ୟବାଣୀ କରିଥିଲେ ଠିକ୍ ସେହିପରି ଘଟିଲା। ହ. ଜୈଦ୍, ବ. ଜାଫର୍ ର.ଅ ଓ ହ. ଅବଦୁଲ୍ଲାଃ ବିନ୍ ରୱାହା ର.ଅ ତିନିଜଣ ଶହୀଦ୍ ହୋଇଗଲେ ଏବଂ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ସୈନ୍ୟବାହିନୀର ନେତୃତ୍ୱ ନେଇ ସୈନ୍ୟବାହିନୀକୁ ସକୁଶଳେ ଫେରାଇ ଆଣିଲେ । ମଦିନାରେ ଯେତେବେଳେ ଏହି ଖବର ପହଞ୍ଚିଲା ସେତେବେଳେ ଯେଉଁ ମହିଳାମାନଙ୍କର ସ୍ୱାମୀମାନେ ଶହୀଦ୍ ହୋଇଥିଲେ କିମ୍ବା ଯେଉଁ ଅଭିଭାବକମାନଙ୍କର ସନ୍ତାନ ସେହି ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିଲେ ସେମାନଙ୍କୁ ଇସ୍‌ଲାମୀୟ ଧର୍ମବିଧାନ ଯେତିକି ଅନୁମତି ପ୍ରଦାନ କରିଥିଲା ସେତିକି ସେମାନେ ରୋଦନ ଓ ବିଳାପ ଆରମ୍ଭ କରିଦେଲା । ରସୁଲ୍ କରୀମ୍ ସ.ଅ କେବଳ ଶୋକ ପ୍ରକାଶ କରିବା ନିମନ୍ତେ ମହିଳାମାନଙ୍କୁ କାନ୍ଦିବାକୁ ଅନୁମତି ପ୍ରଦାନ କରିଥିଲେ । ଏଥି ପାଇଁ ନୁହେଁ ଯେ, ମହିଳାମାନେ ଏକତ୍ରିତ ହୋଇ କାନ୍ଦ ବୋବାଳି ଆରମ୍ଭ କରିଦିଅନ୍ତୁ । ଆପଣ ସ.ଅ କହିଲେ, ହେ ଲୋକମାନେ ଜାଫରଙ୍କର ତ' କେହି କାନ୍ଦିଲାବାଲା ନୁହନ୍ତି । ଅନ୍ୟମାନଙ୍କର ସିନା ପରିବାର ଅଛନ୍ତି ମୃତକ ପାଇଁ କାନ୍ଦି ଦେବେ ହେଲେ ଜାଫର୍ ର.ଅଙ୍କ ପାଇଁ କେହି କାନ୍ଦିଲାବାଲା ନାହାନ୍ତି । ତେଣୁ ଆଁହଜରତ ସ.ଅ ଦୁଃଖ ଓ ଶୋକ ପ୍ରକାଶ କଲେ ।" ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି ଯେ, "ମୋ ନିକଟରେ ଉପରୋକ୍ତ ବାକ୍ୟରୁ ଆଁହଜରତ ସ.ଅଙ୍କ ଉଦ୍ଦେଶ୍ୟ କଦାପି ଏହା ନଥିଲା ଯେ, କେହି ଜାଫର୍ ର.ଅଙ୍କ ନିମନ୍ତେ କାନ୍ଦୁ । ବରଂ କହିବାର ତାତ୍ପର୍ଯ୍ୟ ଏହା ରହିଥିଲା "କି ଆମର ଜଣେ ଭାଇ ମଧ୍ୟ ଏହି ଯୁଦ୍ଧରେ ପ୍ରାଣ ହରାଇଛନ୍ତି। ତେଣୁ ମୁଁ ଯଦି କାନ୍ଦିବି ନାହିଁ ତେବେ ତୁମମାନଙ୍କୁ ମଧ୍ୟ ଧୈର୍ଯ୍ୟ ପ୍ରଦର୍ଶନ କରିବା ଉଚିତ୍ । ଆଁହଜରତ ସ.ଅ ଏହା ବୁଝାଇବାକୁ ଚେଷ୍ଟା କରୁଥିଲେ ଯେ, ହ. ଜାଫର୍ ର.ଅଙ୍କ ସଂପର୍କୀୟମାନେ ସେଠାରେ ଥିଲେ ଅବା ରସୁଲ୍ କରୀମ୍ ସ.ଅ ସେଠାରେ ଥିଲେ କିମ୍ବା ହ. ଅଲୀ ର.ଅ ଥିଲେ । ହ. ଅଲୀ ର.ଅ ଯେଉଁ ସ୍ତରର ଲୋକ ଥିଲେ ସେହି ଦୃଷ୍ଟିରୁ ତାଙ୍କର ରୋଦନ ସ୍ୱର ବାହାରି ପାରୁ ନଥିଲା, ନା ଆଁହଜରତ ସ.ଅଙ୍କ ରୋଦନ ସ୍ୱର ବାହାରିପାରି ଥାଆନ୍ତା । ହ. ଅଲୀଙ୍କୁ ଜଣା ଥିଲା ଏବଂ ସଠିକ୍ ହୃଦ୍‌ବୋଧ୍ ଥିଲା ।" ସୁତରାଂ ରସୁଲ୍ କରୀମ୍ ସ.ଅ ସମ୍ଭବତଃ ଉକ୍ତ କଥାର ପରିପ୍ରକାଶ ନିମନ୍ତେ କହିଲେ, ହେ ସାହାବାମାନେ ଓ ମହିଳାମାନେ ! ମୋର ଭାଇ ହ. ଜାଫର୍ ମଧ୍ୟ ମୃତ୍ୟୁବରଣ କରିଛନ୍ତି । କିନ୍ତୁ ମୁଁ କାନ୍ଦିଲି ନାହିଁ । ଜାଫର ର.ଅଙ୍କ ପାଇଁ ତ' କେହି କାନ୍ଦିଲାବାଲା ନାହାନ୍ତି । ଅନ୍‌ସାରମାନେ ଯେତେବେଳେ ରସୁଲ୍ କରୀମ୍ ସ.ଅଙ୍କ ଠାରୁ ଉକ୍ତ କଥା ଶୁଣିଲେ ସେତେବେଳେ ଅନ୍‌ସାରମାନେ ରସୁଲ୍ କରୀମ୍ ସ.ଅଙ୍କ ପ୍ରତ୍ୟେକ କଥାକୁ ପୂର୍ଣ୍ଣ କରିବା ନିମନ୍ତେ ଅତ୍ୟନ୍ତ ଆଗ୍ରହୀ ଥିଲେ ସେଇଥି ପାଇଁ ସେମାନେ ନିଜର ଗୃହକୁ ଯାଇ ମହିଳାମାନଙ୍କୁ ଏହା କହିବା ଆରମ୍ଭ କରିଦେଲେ ହେ ପତ୍ନୀମାନେ ! ତୁମେମାନେ ଏଠାରେ କାନ୍ଦିବା ଛାଡ଼ । ଜାଫର୍ ମୃତ୍ୟୁବରଣ କରିଛନ୍ତି ତାଙ୍କ ପାଇଁ କେହି ବି କାନ୍ଦିଲାବାଲା ନାହାନ୍ତି । ତେଣୁ ତୁମେମାନେ (ଅନ୍‌ସାରମାନଙ୍କ ପତ୍ନୀମାନେ) ଜାଫର୍ ର.ଅଙ୍କ ଘରକୁ ଯାଇ ରୋଦନ, ଆର୍ତ୍ତ ଚତ୍କାର କର । ସୁତରାଂ ମହିଳାମାନେ ଯେତେବେଳେ ହ. ଜାଫର୍ ର.ଅଙ୍କ ଘରେ ଏକତ୍ରିତ ହୋଇଗଲେ ଏବଂ ସମସ୍ତେ ଏକ ଆର୍ତ୍ତ ଚିତ୍କାର, ରୋଦନ ଏବଂ ବିଳାପ କରିଦେଲେ । ରସୁଲ୍ କରୀମ୍ ସ.ଅ ଯେତେବେଳେ ଏହି ସ୍ୱର (ମହିଳାମାନଙ୍କର କରୁଣ ବିଳାପ ଓ ରୋଦନ ତଥା ଚିତ୍କାରର ସ୍ୱର ଶୁଣିଲେ ସେତେବେଳେ କହିଲେ, କ'ଣ ହୋଇଛି ? ଅନ୍‌ସାରମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ଯେଉଁ କଥା କହିଥିଲେ ଜାଫର୍ ର.ଅଙ୍କ ପାଇଁ କେହି କାନ୍ଦିଲାବାଲା ନାହିଁ । ସେଇଥି ପାଇଁ ଆମେମାନେ ନିଜର ପତ୍ନୀମାନଙ୍କୁ ହ. ଜାଫର୍ ର.ଅଙ୍କ ଘରକୁ ପ୍ରେରଣ କରି ଦେଉଛୁ । ସେମାନେ ସେଠାରେ ରୋଦନ ଏବଂ ବିଳାପ କରୁଛନ୍ତି । ଆପଣ ସ.ଅ କହିଲେ, ହେ ଅନ୍‌ସାର୍ ! ମୋର ଏହି ତାତ୍ପର୍ଯ୍ୟ ନଥିଲା । ଯାଅ ଯାଇ ସେମାନଙ୍କୁ (ଅର୍ଥାତ୍ ତୁମମାନଙ୍କର ପତ୍ନୀମାନଙ୍କୁ) ଯାଇ ମନା କରିଦିଅ ସେମାନେ କାନ୍ଦିବେ ନାହିଁ । ମୋ କହିବାର ତାତ୍ପର୍ଯ୍ୟ ଏହା ଥିଲା କି ମୁଁ ଯଦି କାନ୍ଦୁ ନାହିଁ ତୁମେମାନେ କାହିଁକି କାନ୍ଦୁଛ । ତୁମେମାନେ ମଧ୍ୟ ଧୈର୍ଯ୍ୟ ପ୍ରଦର୍ଶନ କର । ସୁତରାଂ ଜଣେ ବ୍ୟକ୍ତି (ଅନ୍‌ସାର) ଗଲା ଏବଂ ସେ ସେହି ମହିଳାମାନଙ୍କୁ (ଅନ୍‌ସାରକମାନଙ୍କ ପତ୍ନୀମାନଙ୍କୁ) ଯାଇ କହିଲା ହେ ମହିଳାମାନେ ! ତୁମେମାନେ ଆଉ କାନ୍ଦ ନାହିଁ, କାନ୍ଦିବା ବନ୍ଦ କର । ସେହି ମହିଳାମାନେ କହିବାକୁ ଲାଗିଲେ, ହେ ବ୍ୟକ୍ତି ତୁମେ କିଏ ବା ଆମକୁ ଅଟକାଇଲାବାଲା ? ସେହି ମହିଳାମାନେ ଉକ୍ତ ବ୍ୟକ୍ତିକୁ କହିଲେ, "ହେ ବ୍ୟକ୍ତି ! ରସୁଲ୍ କରୀମ ତ' ଆଜି ଶୋକ ପ୍ରକାଶ କରି କହିଛନ୍ତି ଯେ, ଜାଫର୍ ର.ଅଙ୍କ ପାଇଁ କାନ୍ଦିଲାବାଲା କେହି ନାହାନ୍ତି ଆଉ ତୁମେ ଆମକୁ କାନ୍ଦିବାକୁ ମନା କରୁଛ । ସେହି ବ୍ୟକ୍ତି ଜଣକ ଏହି ଉତ୍ତର ଶୁଣି ଆଁହଜରତ ସ.ଅଙ୍କ ସେବାରେ ପୁନଃ ଉପସ୍ଥିତ ହେଲା । କାରଣ କେତେକ ଲୋକମାନଙ୍କୁ ଅନ୍ୟମାନଙ୍କର ସାମାନ୍ୟ କଥାକୁ ପହଞ୍ଚାଇବାର ଆଗ୍ରହ ସୃଷ୍ଟି ହୋଇଥାଏ ।" ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ସେହି ମହିଳାମାନେ ଉକ୍ତ ବ୍ୟକ୍ତିକୁ ଯେତେବେଳେ ଏହି କଥା କହିଦେଲେ ଯେ, ହେ ବ୍ୟକ୍ତି ! ରସୁଲ୍ କରୀମ ତ' ଆଜି ଶୋକ ପ୍ରକାଶ କରି କହିଛନ୍ତି ଯେ, ଜାଫର୍ ର.ଅଙ୍କ ପାଇଁ କାନ୍ଦିଲାବାଲା କେହି ନାହାନ୍ତି ଆଉ ତୁମେ ଆମକୁ କାନ୍ଦିବାରୁ ଅଟକାଉଛ ? ସେତେବେଳେ ଏହି ବ୍ୟକ୍ତି ଜଣ ତୁରନ୍ତ ଆସି ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ ସମସ୍ତ ବୃତ୍ତାନ୍ତ ଆପଣ ସ.ଅଙ୍କ ସମ୍ମୁଖରେ ଉପସ୍ଥାପିତ କରିଦେଲା । ଅର୍ଥାତ୍ ଆଁହଜରତ ସ.ଅଙ୍କ ସମ୍ମୁଖରେ ସବୁ କଥା ଖୋଲି କହିଦେଲା ଏବଂ କହିଲା ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସେହି ମହିଳାମାନେ ମୋ କଥାକୁ ମାନୁ ନାହାନ୍ତି । ଆପଣ ସ.ଅ କହିଲେ, ସେହି ମହିଳାମାନଙ୍କ ମୁଣ୍ଡରେ ମାଟି ପକାଅ ।"

ହୁଜୁର ଅନୱର୍ ଅ.ବ କହିଲେ, ଉପରୋକ୍ତ ବାକ୍ୟଟି ହେଉଛି ଏକ ଆପ୍ତ ବାକ୍ୟ। ଉକ୍ତ ଆପ୍ତ ବାକ୍ୟର ଏହି ଅର୍ଥ ଥିଲା କି " ହଉ ଛାଡ଼ ସେକଥା ଏବଂ ସେମାନଙ୍କୁ ଆଉ କିଛି କୁହ ନାହିଁ । ସେମାନେ ସ୍ୱୟଂ ନିଜେ କାନ୍ଦି କାନ୍ଦି ନିରବ ହୋଇଯିବେନି। କିନ୍ତୁ ସେହି ବ୍ୟକ୍ତି ନିଜର ଚଦରରେ ମାଟି ପୂରାଇ ନେଲା । ସେ ପ୍ରକାଶ୍ୟ ରୂପେ ଉକ୍ତ କଥାକୁ କରିବାକୁ ଲାଗିଲା ଏବଂ ସେହି ମହିଳାମାନଙ୍କ ମୁଣ୍ଡ ଉପରେ ମାଟି ପକାଇବା ଆରମ୍ଭ କରିଦେଲା । ସେହି ମହିଳାମାନେ କହିଲେ, ହେ ପାଗଳ ବ୍ୟକ୍ତି! ତୁ ଏ କ'ଣ କରୁଛୁ ? ସେହି ବ୍ୟକ୍ତି ଜଣକ କହିବାକୁ ଲାଗିଲା ଯେ, ରସୁଲ୍ କରୀମ୍ ସ.ଅ ତୁମମାନଙ୍କ ମୁଣ୍ଡ ଉପରେ ମାଟି ପକାଇବା ପାଇଁ କହିଛନ୍ତି । ସେଇଥିପାଇଁ ମୁଁ ତୁମମାନଙ୍କ ମୁଣ୍ଡ ଉପରେ ମାଟି ପକାଇବି । ବର୍ତ୍ତମାନ ଉକ୍ତ ଆପ୍ତ ବାକ୍ୟଟି ଏକ ଉପମାସୂଚକ ବାକ୍ୟ ଅଟେ । ସେହି ବ୍ୟକ୍ତି ଏହାକୁ ବ୍ୟବହାରିକ ରୂପେ ପୂର୍ଣ୍ଣ କରିବାକୁ ଆରମ୍ଭ କରିଦେଲା ଏବଂ

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid,
Jamat Ahmadiya Karadapalli (Odisha)

### ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ୍ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ମହିଳାମାନଙ୍କ ମୁଣ୍ଡ ଉପେରେ ମାଟି ପକାଇବାକୁ ଲାଗିଲା ।" ହ. ଆଏଶା ର.ଅଙ୍କୁ ଯେତେବେଳେ ଉକ୍ତ କଥା ସଂପର୍କରେ ଜ୍ଞାତ ହେଲା ସେତେବେଳେ ଆପଣ ର.ଅ ସେହି ବ୍ୟକ୍ତିକୁ ପାଟି କଲେ ଏବଂ ଭର୍ତ୍ସନା କରି କହିଲେ ହେ ବ୍ୟକ୍ତି ! ତୁମେ କଥାଟା ତ' ବୁଝିଲ ହିଁ ନାହିଁ । ରସୁଲ୍ କରୀମ୍ ସ.ଅଙ୍କ କହିବାର ତାତ୍ପର୍ଯ୍ୟ ଏହା ଥିଲା ଯେ, ସେହି ମହିଳାମାନଙ୍କର ଚର୍ଚ୍ଚା ଛାଡ଼ । ସେମାନଙ୍କ କଥା ଛାଡ଼ । ସେମାନେ ଆପେ ନିରବ ହୋଇଯିବେ । ଆଁହଜରତ୍ ସ.ଅଙ୍କ କହିବାର ତାତ୍ପର୍ଯ୍ୟ ଏହା ନଥିଲା ଯେ, ତୁମେ ଯାଇ ସେମାନଙ୍କ ମୁଣ୍ଡରେ ମାଟି ପକାଅ । ବର୍ତ୍ତମାନ ରସୁଲ୍ କରୀମ୍ ସ.ଅଙ୍କ ଉକ୍ତ ବାକ୍ୟଟି ଏକ ଲକ୍ଷଣାର୍ଥମୂଳକ ଓ ଉପମାସୂଚକ ବାଣୀ ଥିଲା । କିନ୍ତୁ ସେହି ବ୍ୟକ୍ତି ବାସ୍ତବରେ ମହିଳମାନଙ୍କ ଉପରେ ମାଟି ପକାଇବାକୁ ଲାଗିଲା । କେତେକ ଲୋକମାନେ ଉପମାସୂଚକ ବାକ୍ୟକୁ ବୁଝିବାକୁ ଚେଷ୍ଟା କରନ୍ତି ନାହିଁ । ବର୍ତ୍ତମାନ ଏଠାରେ ଦେଖନ୍ତୁ ଯେ, ଜଣେ ପୁରୁଷ ବ୍ୟକ୍ତି ଆପ୍ତ ବାକ୍ୟ ବୁଝି ପାରିଲା ନାହିଁ । କାରଣ ସେହି ବ୍ୟକ୍ତି ମଧ୍ୟରେ ବୁଦ୍ଧି ଓ ବିବେକ ନଥିଲା । କିନ୍ତୁ ହ. ଆଏଶା ର.ଅ ସେହି ବ୍ୟକ୍ତିକୁ ବୁଝାଇଲେ । ହୁଜୁର ଅନ୍ୱର୍ ର.ଅ (ହ. ମୁସ୍ଲେହ୍ ମଉଦ୍ ର.ଅ) କହିଲେ, ବେଳେବେଳେ ଲୋକେ ଏପରି ଆକ୍ଷରିକ ଅର୍ଥ ଗ୍ରହଣ କରି ନିଅନ୍ତି ଯାହାକି ବାସ୍ତବ ବିରୁଦ୍ଧୀୟ ହୋଇଥାଏ । ଏହିପରି ଭାବରେ ତୁଣ୍ଡ ବାଇଦ୍ ସହସ୍ର କ୍ରୋଶ ପର୍ଯ୍ୟନ୍ତ ପହଞ୍ଚି ଯାଇଥାଏ ।

**(ଫଜାଇଲୁଲ୍ କୁର୍ଆନ୍ (6), ଅନ୍ୱାରୁଲ୍ ଉଲୁମ୍, ଭାଗ-14, ପୃ-351-353)**

ଉକ୍ତ ଘଟଣାରୁ ସାହାବାମାନଙ୍କର ଆଁହଜରତ ସ.ଅଙ୍କ ପ୍ରତି ଥିବା ପ୍ରେମ ଏବଂ ଆନ୍ତରୀକତାର ପରିପ୍ରକାଶ ହୋଇଥାଏ । ଉକ୍ତ ଘଟଣାକୁ ହ. ମୁସ୍ଲେହ୍ ମଉଦ୍ ର.ଅ ଏକ ସ୍ଥାନରେ ବର୍ଣ୍ଣନା କରି କୁହନ୍ତି: "ସାହାବାମାନେ ଯେତେବେଳେ ନିଜର ମହିଳାମାନଙ୍କୁ କାନ୍ଦିବା ନିମନ୍ତେ ହ. ଜାଫର୍ ର.ଅଙ୍କ ଘରକୁ ପ୍ରେରଣ କଲେ ସେତେବେଳେ ଉକ୍ତ ଘଟଣାରୁ ସାହାବାମାନଙ୍କ ହୃଦୟରେ ରସୁଲ୍ କରୀମ୍ ସ.ଅଙ୍କ ଯେଉଁ ପ୍ରେମ ଓ ଆନ୍ତରୀକତା ରହିଥିଲା ତାହାର ପରିପ୍ରକାଶ ହୋଇଥିଲା । ଆପଣ ସ.ଅଙ୍କ ଶବ୍ଦ ସେମାନଙ୍କୁ ଏହା ଭାବିବା ପାଇଁ ସମୟ ଦେଲା ନାହିଁ ଯେ, ରସୁଲ୍ କରୀମ୍ ସ.ଅ କ'ଣ ଚାହୁଁଥିଲେ ? ସେମାନେ ତୁରନ୍ତ ମହିଳାମାନଙ୍କୁ କହିଦେଲେ ଯେ, ନିଜର ଦୁଃଖକୁ ପାସୋରି ରସୁଲ୍ କରୀମ୍ ସ.ଅଙ୍କ ଦୁଃଖରେ ସାମିଲ୍ ହୋଇଯାଅ । ତହିଁରୁ ତୁମେମାନେ ଏହା ବୁଝି ପାରିବ ଯେ, ସେମାନଙ୍କ ହୃଦୟରେ ରସୁଲ୍ କରୀମ୍ ସ.ଅଙ୍କ କିପରି ପ୍ରେମ ଥିଲା ଯେ, ସେମାନେ ଏହି ପଂକ୍ତିକୁ ଶୁଣି ଜାଫର୍ ର.ଅଙ୍କ ଘରୁ ତ' କାନ୍ଦିବାର କୌଣସି ସ୍ୱର ଶୁଭୁ ନଥିଲା । ଏହା ଭାବି ନେଇଥାଆନ୍ତେ ଯେ,ସେମାନେ ନିଜର ସଂପର୍କୀୟମାନଙ୍କର ସାକ୍ଷ୍ୟ ଯୋଗୁଁ ରୋଦନ ଏବଂ ବିଳାପ କରି ଭୁଲ୍ କଲେ। ପ୍ରକୃତ ଦୁଃଖ ତ' ତାହା ହିଁ ଯାହା ରସୁଲ୍ କରୀମ୍ ସ.ଅଙ୍କୁ ପହଞ୍ଚିଛି । ହ. ମୁସ୍ଲେହ୍ ମଉଦ୍ ର.ଅ କୁହନ୍ତି ଯେ, ପ୍ରକାଶ୍ୟ ରୂପେ ଏହା ଏକ ଛୋଟିଆ ଘଟଣା ଅଟେ । କିନ୍ତୁ ଆବେଗର ପରିପ୍ରକାଶ ନିମନ୍ତେ ଏହାଠୁ ଉତ୍କୃଷ୍ଟ ଘଟଣା ଖୁବ୍ କ୍ୱୋଚିତ ମିଳି ପାରିବ। ଏହି ସାହାବାମାନେ ସେହି ଲୋକ ଥିଲେ ଯେଉଁମାନଙ୍କର ସେବା ମୁହମ୍ମଦ ସ.ଅଙ୍କ ସମ୍ମୁଖରେ ଥିଲା । ଏମାନଙ୍କର ତ୍ୟାଗ ଓ ବଳିଦାନ ପ୍ରତ୍ୟେକ ମୁହୂର୍ତ୍ତ ଏବଂ ପ୍ରତ୍ୟେକ ସମୟ ରସୁଲ୍ କରୀମ୍ ସ.ଅଙ୍କ ଚକ୍ଷୁ ସମ୍ମୁଖରେ ରହୁଥିଲା । ରସୁଲ୍ କରୀମ୍ ସ.ଅଙ୍କ ସହିତ ଏହି ଲୋକମାନେ ଏପରି ପ୍ରେମ ଓ ଆନ୍ତରୀକତା ଭାବ ରଖୁଥିଲେ ଯେ, ଏହାର ଦୃଷ୍ଟାନ୍ତ କୌଣସି ସାଂସାରିକ ସଂପର୍କରେ ଦେଖିବାକୁ ମିଳେ ନାହିଁ । ଅତଏବ୍ ଯଦି ସାଂସାରିକ ଦୃଷ୍ଟିରୁ ଦେଖାଯାଏ, ଯଦି ଭାବାବେଗ ଦୃଷ୍ଟିରୁ ଦେଖାଯାଏ ତେବେ ମୁହମ୍ମଦ ସ.ଅ ସେମାନଙ୍କୁ ସେହି ଲୋକମାନଙ୍କର ଚିନ୍ତାଧାର ପ୍ରତି ଅଧିକ ଯତ୍ନବାନ ହେବା ଉଚିତ୍ ଥିଲା ଓ ଆମମାନଙ୍କ ନିମନ୍ତେ ଆଁହଜରତ ସ.ଅଙ୍କ ପ୍ରେମ କମ୍ ହେବା ଉଚିତ୍ ଥିଲା । ଅର୍ଥାତ୍ ଆମେମାନେ ସେହି ମହାବତାରାଙ୍କ ଯୁଗ ପରେ ଯାଇ ଜନ୍ମ ଗ୍ରହଣ କରିଛେ । ଅର୍ଥାତ ପରବର୍ତ୍ତୀ ପିଢୀ ଅଟୁ । ଆମ ସହିତ ଆଁହଜରତ ସ.ଅଙ୍କ ପ୍ରେମ ସ୍ୱଳ୍ପ ହେବା ଉଚିତ୍ ଥିଲା । ସେମାନେ ତ' ସର୍ବଦା ପ୍ରେମର ପରିପ୍ରକାଶକ ଥିଲେ। ସେମାନେ ଆପଣ ସ.ଅଙ୍କ ସମ୍ମୁଖରେ ଥିଲେ । କିନ୍ତୁ ଆଁହଜରତ ସ.ଅଙ୍କ ଅସୀମିତ ପ୍ରେମ ଯେପର୍ଯ୍ୟନ୍ତ ମାନବିକ ପ୍ରେମ ଠାରୁ ସୀମିତ ହୋଇପାରିବ ଏହା ଚାହିଁଲା ନାହିଁ ଯେ, ତାହା ତୁମମାନଙ୍କର ସହାସକୁ କ୍ଷୁର୍ଣ୍ଣ ଓ ହ୍ରାସ ହେବାକୁ ଦେଉ । ଅର୍ଥାତ୍ ଆମେମାନେ ସାଂପ୍ରତିକ କାଳର ଲୋକ ଅଟୁ । ଆପଣ ସ.ଅଙ୍କର ଅସୀମିତ ପ୍ରେମ ଆମମାନଙ୍କର ସାହକୁ ହ୍ରାସ ହେବାକୁ ଦେଲା ନାହିଁ । ସୁତରାଂ ଏକ ସଭାରେ ଆପଣ ସ.ଅ ପଛରେ ଆସିଲାବାଲା ଲୋକମାନଙ୍କର ଚର୍ଚ୍ଚା କରି ଏହି ଭାଷାରେ କହିଲେ, "ମୋର ଯେଉଁ ଭାଇମାନେ ପଛରେ ଆସିବେ ସେମାନେ ଏହିପରି ହେବେ।" ଉକ୍ତ କଥା ଶୁଣି ସାହାବାମାନଙ୍କ ମନରେ ଈର୍ଷାଭାବ ସୃଷ୍ଟି ହେଲା ଏବଂ ସେମାନେ କହିଲେ,ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏମାନେ ଭାଇ ହେଲେ ଆଉ ଆମେମାନେ ଭାଇ ହେଲୁ ନାହିଁ? ଆମେମାନେ ଆପଣ ସ.ଅଙ୍କ ସହିତ ରହିଥାଉ । ହେଲେ ଆପଣ ସ.ଅ ଆମମାନଙ୍କୁ ତ' କେବେ ଭାଇ ବୋଲି ସମ୍ବୋଧନ କରି ନାହାନ୍ତି । କିନ୍ତୁ ଯେଉଁମାନେ ପରବର୍ତ୍ତୀ ଯୁଗରେ ଆସିବେ ସେମାନଙ୍କୁ ଆପଣ ସ.ଅ ଭାଇ ବୋଲି ସମ୍ବୋଧନ କରୁଛନ୍ତି। ଆପଣ ସ.ଅ କହିଲେ, ତୁମେମାନେ ମୋର ସାହାବା ଅଟ, ଆଉ ସେମାନେ ମୋର ଭାଇ ଅଟନ୍ତି । ତୁମେମାନଙ୍କୁ ଯେଉଁ ମର୍ଯ୍ୟାଦା ପ୍ରାପ୍ତ ହୋଇଛି ତାହା କ'ଣ କମ୍ ଅଟେ କି ? ଅର୍ଥାତ୍ ତୁମାମାନେ ମୋତେ ସାକ୍ଷାତ୍ ଦେଖୁଛ ଏବଂ ମୋ ସହିତ ଧର୍ମ ସେବା ସମ୍ପାଦନ କରୁଛ । ଏହା କ'ଣ କମ୍ ଅଟେ କି ? ତୁମମାନଙ୍କୁ ଯେଉଁ ପୁରସ୍କାର ପ୍ରାପ୍ତ ହୋଇଛି ତାହା ବହୁତ ବଡ଼ ଅଟେ । ଯେଉଁ ଲୋକମାନେ ମୋତେ ଦେଖି ନାହାନ୍ତି ବା ମୋତେ ଦେଖିବେ ନାହିଁ, ପରବର୍ତ୍ତୀ ଯୁଗରେ ଆସିବେ ମୋତେ ସେହି ଲୋକମାନଙ୍କ ସଂପର୍କରେ କିଛି କହିବାକୁ ତ' ଦିଅ । ସେମାନଙ୍କ ସଂପର୍କରେ ମୋତେ କିଛି କହିବାକୁ ତ' ଦିଅ । ସେହି ଲୋକମାନଙ୍କ ସଂକ୍ରାନ୍ତରେ ମୁଁ କେଉଁ ଭାଷା ଏବଂ କେଉଁ ଶବ୍ଦ ପ୍ରୟୋଗ କରିବି ? କାରଣ ସେମାନଙ୍କୁ ମଧ୍ୟ ଆଶ୍ୱାସନା ମିଳିବ ଏବଂ ସେମାନଙ୍କର ମନୋବଳ ମଧ୍ୟ ବୃଦ୍ଧି ପାଇବ । ଅତଏବ୍ ଏହିପରି ଭାବରେ ପରବର୍ତ୍ତୀ ସମୟରେ ଯେଉଁ ଲୋକମାନେ ଇସ୍ଲାମ୍ ଧର୍ମରେ ଦୀକ୍ଷିତ ହେବେ ଏବଂ ପରବର୍ତ୍ତୀ କାଳର ଯେଉଁ ଲୋକମାନେ ମୁସଲମାନମାନେ ହେବେ ସେମାନଙ୍କର ମନୋବଳକୁ ଆପଣ ସ.ଅ ବୃଦ୍ଧି କରିଥିଲେ । ସୁତରାଂ ଦେଖିନିଅ ! ରସୁଲ୍ କରୀମ୍ ସ.ଅ ତୁମମାନଙ୍କର ମନୋବଳକୁ କିପରି ବୃଦ୍ଧି କରି ଦେଇଛନ୍ତି ଯେ, ଆପଣ ସ.ଅ କହିଲେ, "ମୁଁ ଜଣି ନାହିଁ ମୋ ଧର୍ମର ପୂର୍ବାର୍ଦ୍ଧ (ପ୍ରଥମ) ଅଂଶ ଉତ୍କୃଷ୍ଟ ନା ଶେଷାର୍ଦ୍ଧ (ଶେଷ) ଅଂଶ ଉତ୍କୃଷ୍ଟ ଅଟେ ?"**(ଖୁତ୍ବାତେ ଶୁରା, ଭାଗ-2, ପୃ-505-507, ଉଦ୍ଯାପନୀ ଉଦ୍ବୋଧନ, ମଜ୍ଲିସେ ମୁଶାୱିରତ୍, 24 ମାରଚ୍ଚ 1940 ମସିହାରୁ ଉଦ୍ଧୃତ)**

ହୁଜୁର ଅନ୍ୱର୍ ଅ.ବ କହିଲ, ମୁଉତାର ଶୋହଦାମାନଙ୍କ ସଂପର୍କରେ ଅତିରିକ୍ତ ବର୍ଣ୍ଣନା ରହିଛି । ଅଲ୍ଲାମା ଇବ୍ନେ କସିର୍ଙ୍କ ପୁସ୍ତକ "ବଦାୟା ୱନ୍ ନହାୟାହ୍"ରେ ମୁଉତା ଯୁଦ୍ଧର ଶୋହଦାମାନଙ୍କ ସଂପର୍କରେ ଚର୍ଚ୍ଚା କରିବା ପରେ ଉଲ୍ଲେଖ କରିଛନ୍ତି ଯେ, ସେହି ଶୋହଦାମାନଙ୍କର ସଂଖ୍ୟା 12 ଥିଲା । କେତେକ ବର୍ଣ୍ଣନାମାନଙ୍କରେ ଶୋହଦା (ବୀରଗତି ପ୍ରାପ୍ତକର୍ତ୍ତା ସାହାବା)ମାନଙ୍କର ସଂଖ୍ୟା 12 ବୋଲି ବର୍ଣ୍ଣିତ ହୋଇଛି । କିନ୍ତୁ ସେ ଯାହା ହେଉ ଏହା ଏକ ବହୁତ ବଡ଼ ଚମତ୍କାର ଅଟେ । କାରଣ ଉଭୟ ସୈନ୍ୟବାହିନୀ ମୁହାଁମୁହିଁ ଥିବେ । ଗୋଟିଏ ସୈନ୍ୟବାହିନୀ ସଂଖ୍ୟା 3000 ହେବ ଯିଏ ଈଶ୍ୱରଙ୍କ ମାର୍ଗରେ ଲଢୁଥିବ । ଅପରପକ୍ଷେ ଅନ୍ୟ ସୈନ୍ୟବାହିନୀ ସଂଖ୍ୟା 200000 (ଦୁଇ ଲକ୍ଷ)ହୋଇଥିବା ଯିଏ ପ୍ରତିପକ୍ଷ ଅଟେ । ଏକ ଲକ୍ଷ ରୋମୀୟ ଲୋକ ଏବଂ ଏକ ଲକ୍ଷ ଖ୍ରୀଷ୍ଟ ଧର୍ମାବଲମ୍ବୀ । ସେମାନେ ପରସ୍ପର ମଧ୍ୟରେ ଲମୁହାଁମୁହିଁ ହୋଇ ନିଜକୁ ଯୁଦ୍ଧ ପରୀକ୍ଷା କରିବେ । ତଥାପି ମୁସଲମାନମାନଙ୍କର କେବଳ 12 ଜଣ ବ୍ୟକ୍ତି ଶହୀଦ୍ ହେଲେ ବା ଖୁବ୍ ସ୍ୱଳ୍ପ ସଂଖ୍ୟକ ସଦସ୍ୟ ଶହୀଦ୍ ହେଲେ । କିନ୍ତୁ ମୁସ୍ରିକିନ୍ମାନଙ୍କର ବିପୁଳ ସଂଖ୍ୟକ ଲୋକ ନର୍କଗାମୀ ହେଲେ । ହ. ଖାଲିଦ୍ ର.ଅ କୁହନ୍ତି ଯେ, ସେଦିନ ମୋ ହାତରେ 9ଟି ଖଡ଼୍ଗ ଭାଙ୍ଗିଥିଲା ଏବଂ କେବଳ ଗୋଟିଏ ୟମନୀୟ ଖଡ଼୍ଗ ମୋ ହାତରେ ତିଷ୍ଠି ପାରିଲା । ଅନ୍ୟ ସମସ୍ତ ଖଡ଼୍ଗ ଦ୍ୱାରା କେତେଯେ ମୁସ୍ରିକିନ୍ମାନେ ନିହତ ହୋଇ ନର୍କଗାମୀ ହୋଇଥିବେ ।

ମୁସଲମାନମାନଙ୍କର ମଦିନା ପ୍ରତ୍ୟାବର୍ତ୍ତନ (ଫେରିବା) କରିବା ସଂପର୍କରେ ହୁଜୁର ଅନ୍ୱର୍ ଅ.ବଙ୍କ ସ୍ୱାଗତ ସଂପର୍କରେ ଏକ ଘଟଣା ଉଲ୍ଲେଖ ରହିଛି । ଅର୍ଥାତ୍ ମୁସଲମାନମାନେ ଫେରିବା ସମୟରେ ଏକ ବସ୍ତି ପାଖ ଦେଇ ଅତିକ୍ରମ କଲେ । ସେହି ବସ୍ତିରେ ଏକ ଦୁର୍ଗ ରହିଥିଲା । ଫେରିବା ସମୟରେ ସେହି ବସ୍ତି ବାସିନ୍ଦାମାନେ ଜଣେ ମୁସଲମାନ ବ୍ୟକ୍ତିକୁ ଶହୀଦ୍ କରି ଦେଇଥିଲେ । ମୁସଲମାନମାନେ ସେହି ବସ୍ତିକୁ ଘେରି ଯାଇଥିଲେ ଏବଂ ବସ୍ତିକୁ ଜୟ କରିନେଲେ । ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ସେହି ବସ୍ତିର ସର୍ଦ୍ଦାରକୁ ବଧ କରିଥିଲେ । ଯେତେବେଳେ ମୁସଲମାନମାନେ ମୁଉତା ଯୁଦ୍ଧରୁ ଫେରିଲେ ସେତେବେଳେ ଆଁହଜରତ ସ.ଅ ଏବଂ ସାହାବାମାନେ ସେମାନଙ୍କୁ ସ୍ୱାଗତ ଜଣାଇଲେ । ଯେତେବେଳେ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ଫେରି ଆସିଲେ ସେତେବେଳେ କେତେକ ଖଳ ପ୍ରକୃତିର ଲୋକମାନେ ଭିତରେ ଭିତରେ କ୍ରୋଧିତ ହେଉଥିଲେ ଯେ, ହ. ଖାଲିଦ୍ ର.ଅ କାହିଁକି ଶହୀଦ୍ ହେଲେ ନାହିଁ । ଏଇଟା ତ' କୌଣସି ବିଜୟ ହେଲା ନାହିଁ ଏବଂ କେତେକ ଲୋକମାନେ ସୈନ୍ୟବାହିନୀ ଉପରେ ଧୂଳି ମାଟି ଫିଙ୍ଗିବାକୁ ଲାଗିଲେ ଏବଂ କହିବାକୁ ଲାଗିଲେ ଯେ, ହେ ପଳାୟନ କରି ଆସିଥିବା ଲୋକମାନେ (ସୈନ୍ୟବାହିନୀ) ! ତୁମେମାନେ ଅଲ୍ଲାଃତାଲାଙ୍କ ମାର୍ଗରୁ ପଳାୟନ କରି ଚାଲି ଆସିଛ । ସେହି ଖଳ ପ୍ରକୃତିର ଲୋକମାନେ ଏହି ସୈନ୍ୟବାହିନୀଙ୍କୁ କଟାକ୍ଷ ଏବଂ ଗଞ୍ଜଣା ଦେଲେ । ପ୍ରତ୍ୟୁତ୍ତରରେ ଆଁହଜରତ ସ.ଅ କହିଲେ, ଏମାନେ ପଳାୟନକାରୀ

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

ନୁହନ୍ତି ବରଂ କର୍‌ରାର୍ ଅଟନ୍ତି । ଅର୍ଥାତ୍ ପାଲଟା ଆକ୍ରମଣକାରୀ ଅଟନ୍ତି ।

ହ. ଅବ୍‌ଦୁଲ୍ଲାଃ ବିନ୍ ଉମ୍ରୋ ର.ଅ ବର୍ଣ୍ଣନା କରନ୍ତି ଯେ, ମୁସଲମାନମାନେ ଯେତେବେଳେ ମୁଉତା ଯୁଦ୍ଧରୁ ଫେରିଲେ ସେତେବେଳେ ମୁଁ ମଧ୍ୟ ଫେରି ଆସିଲି। ଅନ୍ୟ ଏକ ବର୍ଣ୍ଣନାରେ ସେ ବର୍ଣ୍ଣନା କରନ୍ତି ଯେ, ଆମେମାନେ ଲଜ୍ଜିତ ଓ ଅନୁତପ୍ତ ଥିଲୁ କି ଆମେମାନେ ପଳାୟନ ପଥ ଅବଲମ୍ବ କଲୁ । ଆମମାନଙ୍କର ଏହି ଧାରଣା ରହିଥିଲା କି ଆମେମାନେ ଯୁଦ୍ଧକ୍ଷେତ୍ର ଛାଡ଼ି ଚାଲି ଆସିଲୁ । କିନ୍ତୁ ଶତ୍ରୁ ପକ୍ଷ ସେଠାରୁ ସ୍ୱୟଂ ହିଁ ପଛକୁ ଘୁଞ୍ଚି ଯାଇଥିଲା । ମୁସଲମାନମାନଙ୍କର ଶତ୍ରୁ ପକ୍ଷର ପିଛା କଲେ ନାହିଁ । ବରଂ ସେମାନେ ସମୟକୁ ମୂଲ୍ୟବାନ୍ ଜାଣି ଫେରି ଆସିଲେ । ତହିଁରେ ସୈନ୍ୟବାହିନୀର ସକୁଶଳ ପକ୍ଷ ନହିତି ରହିଥିଲା । କିନ୍ତୁ ଏହାକୁ ମଧ୍ୟ କେତେକ ଲୋକ ପଳାୟନ ବୋଲି ମନେକଲେ । ହ. ଖାଲିଦ୍ ଏବଂ ତାଙ୍କର ସୈନ୍ୟବାହିନୀ କହିଲେ, ଆମେମାନେ ଅନୁତପ୍ତ ଥିଲୁ କି ଆମେମାନେ ପଳାୟନ ଅବଲମ୍ବନ କଲୁ। ଜନୈକ (ଜଣେ) ସାହାବି କୁହନ୍ତି ଯେ, ଆମେମାନେ କହିଲୁ, ଯଦି ଆମେମାନେ ମଦିନା ଗଲୁ ତେବେ ଆମମାନଙ୍କୁ ହତ୍ୟା କରିଦିଆଯିବ । ତେଣୁ ରାତ୍ର ସମୟରେ ଆମେମାନେ ମଦିନାରେ ପ୍ରବେଶ କରି ଲୁଚିଗଲୁ । କିନ୍ତୁ ଆମେମାନେ କହିଲୁ କି ଏପରି ହୁଅନ୍ତା କି ଆମେମାନେ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହୋଇଯିବୁ ଏବଂ ଆପଣ ସ.ଅଙ୍କ ସେବାରେ କ୍ଷମାଯାଚନା ଉପସ୍ଥାପିତ କରିଦେବୁ । ଯଦି ଆମମାନଙ୍କର କ୍ଷମା ଯାଚନା ଗ୍ରହଣ କରିନିଆଗଲା ତାହାହେଲେ ଭଲ କଥା ଅନ୍ୟଥା ଆମେମାନେ ଚାଲିଯିବୁ । ଅର୍ଥାତ୍ ଆମେମାନେ ପୁନଃ ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ହୋଇ ଚାଲିଯିବୁ । ଅତଏବ୍ ଆମେମାନେ ଆଁହଜରତ ସ.ଅଙ୍କ ସେବାରେ ନମାଜେ ଫଜର୍ ପୂର୍ବରୁ ଉପସ୍ଥିତ ହୋଇଗଲୁ । ଆପଣ ସ.ଅ ପଚାରିଲେ, କିଏ ? ଆମେମାନେ ଉତ୍ତର ଦେଲୁ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ପଳାୟନକାରୀ ଅଟୁ । ଆମେମାନେ ଲଜ୍ଜିତ ଥିଲୁ, ଆମେମାନେ ଆପେ କହିଦେଲୁ କି ଆମେମାନେ ଯୁଦ୍ଧ ଭୂମିରୁ ପଳାୟନ କରି ଆସିଛୁ । ଆପଣ ସ.ଅ କହିଲେ, "ନା ତୁମେମାନେ ପାଲଟା ଆକ୍ରମଣକାରୀ ଅଟେ । ମୁଁ ତୁମମାନଙ୍କର ଅଧିପତି ଅଟେ ଏବଂ ତୁମେମାନେ ମୋ ଗୋଷ୍ଠୀର ଅଟ ଅବା ରସୁଲ୍ କରୀମ୍ ସ.ଅ କହିଲେ, ମୁଁ ପ୍ରତ୍ୟେକ ମୁସଲମାନମାନଙ୍କର ଗୋଷ୍ଠୀ (ଗୋଷ୍ଠୀର ଅଧିପତି) ଅଟେ । ପ୍ରତ୍ୟୁତ୍ତରରେ ଆମେମାନେ ଆପଣ ସ.ଅଙ୍କ ହାତକୁ ଚୁମ୍ବନ କରିନେଲୁ ।"**(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-6, ପୃ-154-156 ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍) (ଗଜ୍‌ୱାତୁନ୍ ନବୀ ସ.ଅ, ଲେଖକ-ମୌଲାନା ଅବୁଲ୍ କଲାମ୍ ଆଜାଦ୍, ପୃ-177, ପ୍ରକାଶକ-ସିଟି ବୁକ୍ ପଏଣ୍ଟ କରାଚୀ)**

ହୁଜୁର ଅ.ବ କହିଲେ, ଆଁହଜରତ ସ.ଅ ସେହି ସୈନ୍ୟବାହିନୀ ପ୍ରତି କୃପାବତ୍ସଳ ବ୍ୟବହାର ପ୍ରଦର୍ଶନ କଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଆଉ ଏକ ସରୀୟାର ଚର୍ଚ୍ଚା ରହିଛି ଯାହାକୁ ସରୀୟା ହ. ଉମ୍ରୋ ବିନ୍ ଆସ୍ ର.ଅ କୁହାଯାଏ । ଉକ୍ତ ସରୀୟା ଜୁମାଦିଉଲ୍ ଉଲା 8 ହିଜ୍ରୀରେ ହୋଇଥିଲା । ଉକ୍ତ ସରୀୟାର କାରଣ ଏହା ହେଲା ଯେ, ରସୁଲୁଲ୍ଲାଃ ସ.ଅଙ୍କୁ ସୂଚନା ମିଳିଲା ଯେ, ବନୁ କୁଜାଅର ଏକ ଗୋଷ୍ଠୀ ମଦିନାର ଚାରିପଟେ ଆକ୍ରମଣ କରିବା ନିମନ୍ତେ ଏକତ୍ରିତ ହେଉଛି । ବନୁ କୁଜାଅ କହ୍‌ତାନୀମାନଙ୍କର ଏକ ସଂପ୍ରଦାୟ ଥିଲା । ଏହି ସଂପ୍ରଦାୟ ମଦିନାରୁ 10 ଦିନର ବ୍ୟବଧାନରେ ୱାଦିଉଲ୍ କୁରା ଠାରୁ ଆଗକୁ ଅବସ୍ଥିତ ଥିଲା ଏବଂ ୱାଦିଉଲ୍ କୁରାର ଆଗକୁ ବାସ କରୁଥିଲା ।

ହୁଜୁର ଅ.ବ କହିଲେ, ଏଥି ସଂକ୍ରାନ୍ତରେ ଅତିରିକ୍ତ ବର୍ଣ୍ଣନା ହୋଇଛି ଯେ, ରସୁଲୁଲ୍ଲାଃ ସ.ଅ ସେମାନଙ୍କୁ ଦଣ୍ଡିତ କରିବା ନିମନ୍ତେ ହ. ଉମ୍ରୋ ବିନ୍ ଆସି ର.ଅଙ୍କୁ ପ୍ରେରଣ କଲେ । ହ. ଉମ୍ରୋ ବିନ୍ ଆସ୍ ର.ଅ ମକ୍କାର ଆସ୍ ବିନ୍ ୱାଏଲ୍‌ର ପୁତ୍ର ଥିଲେ । ସେ 7 ହିଜ୍ରୀରେ କିମ୍ବା ଅନ୍ୟ ବର୍ଣ୍ଣନାନୁଯାୟୀ 8 ହିଜ୍ରୀରେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିଥିଲେ। ହ. ଉମ୍ରୋ ର.ଅ କୁହନ୍ତି ଯେ, ରସୁଲ୍ କରୀମ୍ ସ.ଅ ମୋତେ ସନ୍ଦେଶ ପ୍ରେରଣ କଲେ ଯେ, ମୁଁ ଘରୁ ନିଜର ବସ୍ତ୍ର ଏବଂ ଅସ୍ତ୍ର ନେଇ ନେବି । ଆପଣ ସ.ଅ କହିଲେ, ହେ ଉମ୍ରୋ ! ମୁଁ ଚାହୁଁଛି ଯେ, ମୁଁ ତୁମକୁ ଏକ ସୈନ୍ୟବାହିନୀର ଅମୀର୍ (ସେନାପତି) କରି ପ୍ରେରଣ କରିବି । ଅଲ୍ଲାଃତାଲା ତୁମକୁ ମାଲେ ଗନିମତ୍ ମଧ୍ୟ ଦେବେ ଓ ତୁମର ରକ୍ଷା ମଧ୍ୟ କରିବେ । ହ. ଉମ୍ରୋ ର.ଅ କହିଲେ, ମୁଁ ଅର୍ଥ (ଟଙ୍କା ପଇସା ଲୋଭରେ) ଉଦ୍ଦେଶ୍ୟରେ ଇସଲାମ୍ ଧର୍ମ ସ୍ୱୀକାର କରି ନାହିଁ । ଆଁହଜରତ ସ.ଅ କହିଲେ, ପୁଣ୍ୟବାନ୍ ଏବଂ ସଦାଚାରୀ ବ୍ୟକ୍ତି ନିମନ୍ତେ ବୈଧ ଧନ ହେବା ଅତ୍ୟନ୍ତ ଉତ୍ତମ ଅଟେ । ତୁମେ ତ' ସ୍ୱୀକାର କଲ ନାହିଁ । କିନ୍ତୁ ଅଲ୍ଲାଃତାଲା ଯଦି ଦିଅନ୍ତି ତାହାହେଲେ ଭଲ କଥା । ରସୁଲୁଲ୍ଲାଃ ସ.ଅ ହ. ଉମ୍ରୋ ର.ଅଙ୍କ ନେତୃତ୍ୱରେ ପ୍ରବାସକାରୀ ଏବଂ ଅନ୍‌ସାରମାନଙ୍କୁ ନେଇ ଗଠିତ 300 ଜଣ ସଦସ୍ୟ ବିଶିଷ୍ଟ ସୈନ୍ୟ ପ୍ରସ୍ତୁତ କଲେ। ସେହି ସୈନ୍ୟବାହିନୀ ମଧ୍ୟରେ 30 ଜଣ ଅଶ୍ୱାରୋହୀମାନେ ଥିଲେ । ଆପଣ ସ.ଅ ହ. ଉମ୍ରୋ ର.ଅଙ୍କ ନିମନ୍ତେ ଏକ ଧବଳ (ଧଳା) ବର୍ଣ୍ଣର ଧ୍ୱଜା ବାନ୍ଧିଲେ ଏବଂ ସାଥିରେ ଏକ କଳା ରଙ୍ଗର ଧ୍ୱଜା ମଧ୍ୟ ଦେଲେ । ରସୁଲୁଲ୍ଲାଃ ସ.ଅ ହ. ଉମ୍ରୋ ର.ଅଙ୍କୁ ଉପଦେଶ ଦେଲେ ଯେ, ହେ ଉମ୍ରୋ ! ମାର୍ଗରେ ତୁମେ ବନୁ ବଲିଇ ଉଜ୍ରାହ୍ ବଲ୍‌କୈନ ସଂପ୍ରଦାୟ ମଧ୍ୟରୁ କେହି ଯଦି ତାଙ୍କ ପାଖ ଦେଇ ଅତିକ୍ରମ କରନ୍ତି ତେବେ ସେମାନଙ୍କୁ ନିଜ ସହିତ ସାମିଲ୍ କରିବା ନିମନ୍ତେ ଉଦ୍ୟମ କରନ୍ତୁ । ହ. ଉମ୍ରୋ ର.ଅ ଯୁଦ୍ଧରେ ବିଶେଷ ରୂପେ ପାରଙ୍ଗମ ଥିଲେ ଏବଂ ଯୁଦ୍ଧ କୌଶଳ ସଂପର୍କରେ ଅବଗତ ଥିଲେ । ରସୁଲୁଲ୍ଲାଃ ସ.ଅ ତାଙ୍କୁ ତାଙ୍କର ଯୁଦ୍ଧ ଅଭିଜ୍ଞତା ଯୋଗୁଁ ଅମୀର୍ କରିଥିଲେ । **(ଶରହୁଜ୍ ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍‌ନିୟାହ୍, ଭାଗ-3, ପୃ-357-359, 369 ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଉସ୍‌ଦୁଲ୍ ଗାବା, ଭାଗ-4, ପୃ-232, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଜୀବନୀ ଶବ୍ଦକୋଷ, ପୃ-237, କୁଜାଅ ଶବ୍ଦ ଅଧୀନ)**

ହ. ଉମ୍ରୋଙ୍କୁ ଏହି ସରୀୟାରେ ପ୍ରେରଣ କରିବାର ଗୋଟିଏ କାରଣ ଏହା ମଧ୍ୟ ଥିଲା ଯେ, ତାଙ୍କ ଦଦାର ସଂପର୍କ ବଲିଇ ସଂପ୍ରଦାୟ ସହିତ ଥିଲା । ସେଇଥି ପାଇଁ ବନୁ ବଲିଇ ସଂପ୍ରଦାୟ ସହିତ ସୁସଂପର୍କ ସ୍ଥାପନ କରିବା ଆପଣ ଏକ ଉତ୍ତମ ମାଧ୍ୟମ ହୋଇ ପାରିଥାଆନ୍ତେ ।

**(ସିରତ୍ ଇବ୍‌ନେ ହିଶ୍ଶାମ୍, 879, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁିତ୍)**

ଇସ୍‌ଲାମୀୟ ସୈନ୍ୟବାହିନୀ ପ୍ରସ୍ଥାନ କଲେ । ସୈନ୍ୟବାହିନୀ ରାତ୍ର ସମୟର ଯାତ୍ରା କରୁଥିଲା ଏବଂ ଦିନେବେଳା ଲୁଚି ଯାଉଥିଲା । ଏପର୍ଯ୍ୟନ୍ତକି ସେହି ସଂପ୍ରଦାୟ ଯୁଜାମ୍ ଅଞ୍ଚଳରେ ସଲାସିଲ୍ ନାମକ ଏକ ଝରଣା ନିକଟରେ ପହଞ୍ଚିଗଲା । ସେହି ଝରଣାର ନାମାନୁସାରେ ଉକ୍ତ ସରୀୟାକୁ ସରୀୟା ଜାତୁଲ୍ ସଲାସିଲ୍ ମଧ୍ୟ କୁହାଯାଇଥାଏ ।

**(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-6, ପୃ-167, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମଦିନାରୁ ଅତିରିକ୍ତ ସୈନ୍ୟ ବରାଦ କରିବାର ଚର୍ଚ୍ଚା ମଧ୍ୟ ମିଳେ । ଅର୍ଥାତ୍ ଝରଣା ନିକଟବର୍ତ୍ତୀ ପହଞ୍ଚିବା ପରେ ମୁସଲମନମାନଙ୍କୁ ଜ୍ଞାତ ହେଲା ଯେ, ଶତ୍ରୁ ପକ୍ଷର ସୈନ୍ୟବାହିନୀ ବିଶାଳ ସୈନ୍ୟବାହିନୀ ଅଟେ । ହ. ଉମ୍ରୋ ର.ଅ ଅତିରିକ୍ତ ସାହାଯ୍ୟ ନିମନ୍ତେ ହ. ରାଫେ ବିନ୍ ମକିସ୍‌ଙ୍କୁ ରସୁଲୁଲ୍ଲାଃ ସ.ଅଙ୍କ ଆଡ଼କୁ ପ୍ରେରଣ କଲେ । ଆଁହଜରତ ସ.ଅ ହ. ଅବୁ ଉବୈଦାହ୍ ବିନ୍ ଜର୍‌ରାହ୍ ର.ଅଙ୍କ ନିମନ୍ତେ ଧ୍ୱଜା ପ୍ରସ୍ତୁତ କଲେ ଏବଂ 200 ଜଣ ପ୍ରବାସକାରୀ ଏବଂ ଅନ୍‌ସାରମାନଙ୍କର ସୈନ୍ୟ ହ. ଅବୁ ଉବୈଦାହ୍ ବିନ୍ ଜର୍‌ରାହ୍ ର.ଅଙ୍କ ସହିତ ବାହାରିଲା । ହ. ଅବୁ ବକ୍କର ର.ଅ ଏବଂ ହ. ଉମର୍ ର.ଅ ମଧ୍ୟ ତାଙ୍କ ସହିତ ସାମିଲ ହୋଇଥିଲେ । ରସୁଲୁଲ୍ଲାଃ ସ.ଅ ହ. ଅବୁ ଉବୈଦାହ୍ ର.ଅଙ୍କୁ ପ୍ରେରଣ କରି ଉପଦେଶ ଦେଲେ ଯେ, ପହଞ୍ଚିବା ପରେ ହ. ଉମ୍ରୋ ର.ଅଙ୍କ ସାମିଲ୍ ହୋଇଯିଆନ୍ତୁ ଏବଂ ଗୋଟିଏ ସୈନ୍ୟବାହିନୀ ହୋଇଯାଆନ୍ତୁ ଓ ପରସ୍ପର ମଧ୍ୟରେ ମତପାର୍ଥକ୍ୟ କରନ୍ତୁ ନାହିଁ । ଏହାର ଅଭିପ୍ରାୟ ଏହା ଥିଲା କି ଉଭୟେ ମିଳିମିଶି ରୁହନ୍ତୁ ଏବଂ ପରସ୍ପର ମଧ୍ୟରେ ଯେପରି ମତପାର୍ଥକ୍ୟ ସୃଷ୍ଟି ନହେଉ ଓ ହ. ଉମ୍ରୋ ର.ଅ ହିଁ ସେନାପତି ହେବେ ।

ଉକ୍ତ ଘଟଣାର ବବିରଣୀ ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ଇତ୍ୟବସରରେ ଏକଦା ମୁସଲମାନମାନେ ନିଆଁ ଜଳାଇବା ନିମନ୍ତେ କାଠ ଏକତ୍ରିତ କଲେ । କାରଣ ସେମାନେ ଶୀତରୁ ବର୍ତ୍ତିବା ନିମନ୍ତେ ନିଆଁ ଜଳାଇ ହାତ ସେକି ନିଅନ୍ତୁ । କିନ୍ତୁ ହ. ଉମ୍ରୋ ସେମାନଙ୍କୁ ବାରଣ କରିଦେଲେ । ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହ.. ଉମ୍ରୋ ର.ଅ ଯେତେବେଳେ ନିଆଁ ଜଳାଇବାକୁ ବାରଣ କଲେ ସେତେବେଳେ ହ. ଉମର୍ ର.ଅ କ୍ରୋଧିତ ହୋଇଗଲେ ଏବଂ ତାଙ୍କ (ହ. ଉମ୍ରୋ ର.ଅ) ନିକଟକୁ ଯିବାକୁ ଇଚ୍ଛା ପ୍ରକାଶ କଲେ । କିନ୍ତୁ ହ. ଅବୁ ବକ୍କର ର.ଅ ତାଙ୍କୁ (ହ. ଉମର୍ ର.ଅଙ୍କୁ) ଅଟକାଇ ଦେଲେ ଏବଂ କହିଲେ, ରସୁଲୁଲ୍ଲାଃ ସ.ଅ ତାଙ୍କ (ହ. ଉମ୍ରୋ ର.ଅଙ୍କ)ର ଯୁଦ୍ଧ ଅଭିଜ୍ଞତା ଯୋଗୁଁ ତାଙ୍କୁ ସେନାପତି କରିଛନ୍ତି । **(ଶର୍‌ହୁଜ୍ ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍‌ନିୟାହ୍, ଭାଗ-3, ପୃ-359 361 ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-6, ପୃ-168 ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହ. ଉମ୍ରୋ ର.ଅ ଯେତେବେଳେ ଫେରି ଆସିଲେ ସେତେବେଳେ ରସୁଲୁଲ୍ଲାଃ ସ.ଅଙ୍କୁ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ନିଆଁ ଜଳାଇବାକୁ ଚାହିଁଲି । କାରଣ ଶତ୍ରୁପକ୍ଷ ଆମମାନଙ୍କୁ ସ୍ୱଳ୍ପ ସଂଖ୍ୟକ ଥିବାର ଦେଖି ଅତିରିତିକ୍ତ ସୈନ୍ୟ ଟୁକିଡ଼ି

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ମଗେଇ ଆମମାନଙ୍କ ଉପରେ ଆକ୍ରମଣ ନକରିଦେଉ । ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ ତାଙ୍କର ପ୍ରଶଂସା କଲେ । **(ଅସ୍‌ସିରତୁଲ୍ ହଲବିୟାହ୍, ଭାଗ-3, ପୃ-269, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ସେ ଯାହା ହେଉ ବିବରଣୀରେ ଉଲ୍ଲେଖ ରହିଛି ଯେ, ମୁସଲମାନମାନେ ସେଠାରୁ ବାହାରି ପଡ଼ିଲେ । ଏପର୍ଯ୍ୟନ୍ତକି ଶତ୍ରୁ ଅଞ୍ଚଳରେ ପହଞ୍ଚି ଶତ୍ରୁକୁ ଦଳି ଦେଲେ ଏବଂ ଶତ୍ରୁ ଉପରେ ବିଜୟ ପ୍ରାପ୍ତ କଲେ । ଯେତେବେଳେ ମୁସଲମାନମାନେ ସେହି ସ୍ଥାନରେ ପହଞ୍ଚିଲେ ଯେଉଁଠି ସେମାନଙ୍କୁ ଶତ୍ରୁ ଏକତ୍ରିତ ହେବାର ସୂଚନା ମିଳିଥିଲା ସେତେବେଳେ ଶତ୍ରୁମାନେ ମୁସଲମାନମାନଙ୍କର ସୂଚନା ପାଇ ସେଠାରୁ ପଳାୟନ କଲେ ଏବଂ ବିକ୍ଷିପ୍ତ ହୋଇଗଲେ । ମୁସଲମାନମାନେ ସେମାନଙ୍କର ପିଛା ଯେତେବେଳେ କଲେ ସେତେବେଳେ ଶତ୍ରୁର ଏକ କ୍ଷୁଦ୍ର ଗୋଷ୍ଠୀ ସହିତ ମୁସଲମାନମାନଙ୍କର ମୁକାବିଲା ହେଲା । ସେହି କ୍ଷୁଦ୍ର ଗୋଷ୍ଠୀ ଉପରେ ମୁସଲମାନମାନେ ଆକ୍ରମଣ କରି ସେମାନଙ୍କୁ ପରାସ୍ତ କରିଦେଲେ ଓ ଅନ୍ୟ ସମସ୍ତେ ପଳାୟନ କଲେ । ମୁସଲମାନମାନେ କିଛି ଦିନ ଏଠାରେ ଅବସ୍ଥାନ କଲେ ଏବଂ ଯେଉଁଠି ବି ଶତ୍ରୁର କୌଣସି ଗୋଷ୍ଠୀ ସଂପର୍କରେ ଶୁଣିଲେ ସେତେବେଳେ ଶତ୍ରୁ ସହିତ ମୁକାବିଲା କରିବା ନିମନ୍ତେ ଅଶ୍ୱାରୋହୀମାନଙ୍କୁ ପ୍ରେରଣ କରୁଥିଲେ । ସେହି ଅଶ୍ୱାରୋହୀମାନେ ସେହି ଗୋଷ୍ଠୀ ସହିତ ମୁକାବିଲା କରୁଥିଲେ ଏବଂ ଛେଳୀ ଓ ଓଟ ଆଦି ଜୀବମାନଙ୍କୁ ନିଜ ସାଙ୍ଗରେ ନେଇ ଆସୁଥିଲେ । ମୁସଲମାନମାନେ ମଦିନା ପ୍ରତ୍ୟାବର୍ତ୍ତନ (ଫେରିବା) କରିବା ନିମନ୍ତେ ବାହାରି ପଡ଼ିଲେ। ହ. ଉମ୍ରୋ ର.ଅ ଔଫ୍ ବିନ୍ ମାଲିକ୍ ଅଶ୍‌ଜଇଙ୍କୁ ରସୁଲୁଲ୍ଲାଃ ସ.ଅଙ୍କ ନିକଟରେ ଆଗକୁ ପଠାଇଲେ । କାରଣ ଔଫ୍ ବିନ୍ ମାଲିକ୍ ହ. ଉମ୍ରୋ ର.ଅଙ୍କ ପ୍ରତ୍ୟାବର୍ତ୍ତନ, ସକୁଶଳ ଓ ଯୁଦ୍ଧ ପରିସ୍ଥିତି ସଂପର୍କରେ ଆଁହଜରତ ସ.ଅଙ୍କୁ ଅବଗତ କରାନ୍ତୁ ।

**(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-6, ପୃ-168, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ ପୁନଶ୍ଚ ଆଉ ଏକ ସରୀୟା ରହିଛି ଯାହାର ନାମ ହେଲା ସରୀୟା ହ. ଅବୁ ଉବୈଦାହ୍ ବିନ୍ ଜର୍‌ରାହ୍ ର.ଅ । ଏହି ସରୀୟା ରଜବ୍ ୫ ହିଜ୍ରୀରେ ହୋଇଥିଲା । ହ. ମିର୍ଜା ବସୀର୍ ଅହମଦ ସାହେବ ର.ଅ ନିଜ ପୁସ୍ତକର ଶେଷରେ ପ୍ରସ୍ତାବିତ ବିଷୟବସ୍ତୁ ଦରଜ୍ କରିଛନ୍ତି । ଏଥି ମୁତାବକ ସରୀୟା ହ. ଅବୁ ଉବୈଦାହ୍ ର.ଅ ରଜବ୍ ୫ ହିଜ୍ରୀ ଅନୁଯାୟୀ ନଭେମ୍ବର ମାସ 629 ମସିହାରେ ହୋଇଥିଲା । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ୍ ଏମ୍.ଏ ର.ଅ, ପୃ-୫40)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ସରୀୟାର ଅନ୍ୟ ନାମ ମଧ୍ୟ ରହିଛି । ଉକ୍ତ ସୀରୟାକୁ ସରୀୟା ସିଇଫୁଲ୍ ବହର୍ ଓ ଖବତ୍ ମଧ୍ୟ କୁହାଯାଏ । ସିଇଫୁଲ୍ ବହର୍‌ର ଅର୍ଥ ସମୁଦ୍ର କୂଳ ଅଟେ । ଉକ୍ତ (ଏହି) ସରୀୟାରେ ସାହାବାମେନେ ଲୋହିତ ସାଗର ଉପକୂଳରେ ଯାଇ ଅବସ୍ଥାନ କରିଥିଲେ । ସେଇଥିପାଇଁ ଏହାକୁ ସିଇଫୁଲ୍ ବହର୍ କୁହାଯାଏ । ସେହିପରି ଏହି ସରୀୟାକୁ ସରୀୟା ଖବତ୍ ମଧ୍ୟ କୁହାଯାଏ । ଖବତ୍ କହିଲେ, ସେବନକାରୀ (ଖାଇଲାବାଲା) ସୈନ୍ୟବାହିନୀକୁ ବୁଝାଏ । କାରଣ ଉକ୍ତ ସରୀୟା ସମୟରେ ଏପରି ଏକ ସମୟ ମଧ୍ୟ ଆସିଲା ଯେ, ସାହାବାମାନେ ଖାଇବାକୁ ଆହାର ନପାଇ ଗଛର ପତ୍ର ଖାଇବାକୁ ବାଧ୍ୟ ହୋଇ ଯାଇଥିଲେ ।

ଏହି ସରୀୟାର ଅମୀର୍ (ସେନାପତି) ହ. ଅବୁ ଉବୈଦାହ୍ ବିନ୍ ଜର୍‌ରାହ୍ ର.ଅ ଥିଲେ । ରସୁଲୁଲ୍ଲାଃ ତାଙ୍କୁ 300 ଜଣ ପ୍ରବାସକାରୀ ଏବଂ ଅନ୍‌ସାର୍ ସାହାବାମାନଙ୍କ ବିଶିଷ୍ଟ ଏକ ସୈନ୍ୟବାହିନୀ ଦେଇ ବନୁ ଜୁହୈନା ସଂପ୍ରଦାୟର ଏକ ଶାଖା ଆଡ଼କୁ ପ୍ରେରଣ କଲେ । ସେହି ସୈନ୍ୟବାହିନୀରେ ହ. ଉମର୍ ର.ଅ ମଧ୍ୟ ଥିଲେ । ବନୁ ଜୁହୈନା ସଂପ୍ରଦାୟ ଏକ ସ୍ଥାନରେ ବାସ କରୁଥିଲେ । ଅର୍ଥାତ୍ ମଦିନା ଠାରୁ 5 ରାତ୍ର ଦୂରତାରେ ସମୁଦ୍ର ଉପକୂଳବର୍ତ୍ତୀ ଏକ ସ୍ଥାନ ରହିଥିଲା ସେଠାରେ ବାସ କରୁଥିଲେ । ଉକ୍ତ ସରୀୟାର ଉଦ୍ଦେଶ୍ୟ ଏହା ବର୍ଣ୍ଣନା କରାଯାଇଥାଏ ଯେ, ମକ୍କାର କୁରୈଶ୍‌ମାନଙ୍କର ଏକ ଯାତ୍ରୀଦଳ ଶସ୍ୟ ନେଇ ସମୁଦ୍ର ସହିତ ସଂଲଗ୍ନ ସିରୀୟାରୁ ମକ୍କା ଅଭିମୁଖେ ଯାଉଥିଲା । ସେହି ଯାତ୍ରୀ ଦଳ ଉପରେ ଜୁହୈନାର ଏକ ସଂପ୍ରଦାୟ ପକ୍ଷରୁ ଆକ୍ରମଣର ଆଶଙ୍କା ଥିଲା । ସେହି କାଳଟି ସୁଲାହ୍ ହୁଦୈବିୟାହ୍‌ର କାଳ ଥିଲା। କାରଣ ଜୁହୈନା ସଂପ୍ରଦାୟ ଆଁହଜରତ ସ.ଅଙ୍କର ମିତ୍ର ଥିଲା । ତେଣୁ ଆଁହଜରତ ସ.ଅ ଦୂରଦର୍ଶୀତାକୁ ବିନିଯୋଗ କର ଏକ ସୁରକ୍ଷା ସୈନ୍ୟଟୁକୁଡ଼ି ସତର୍କତାପୂର୍ବକ ସେମାନଙ୍କ ଆଡ଼କୁ ପ୍ରେରଣ କଲେ । କାରଣ ସିରୀୟାରୁ ଆସିବାକୁ ଥିବା କୁରୈଶୀୟ ଯତ୍ରୀସମୂହ ସହିତ ବିବାଦ ନହେଉ ଓ କୁରୈଶ୍‌ମାନଙ୍କୁ ଅଙ୍ଗୀକାର ଭଙ୍ଗର ବାହାନା ନମିଳିଯାଉ । ସେହି ଯାତ୍ରୀସମୂହର ସୁରକ୍ଷା ନିମନ୍ତେ ଅର୍ଥାତ୍ କୁରୈଶ୍‌ର ଯାତ୍ରୀସମୂହ ସୁରକ୍ଷା ନିମନ୍ତେ ପ୍ରେରଣ କରିଥିଲେ । କାରଣ ଏମାନେ ସେହି ସଂପ୍ରଦାୟ ଉପରେ ଯିଏ ସେଠାରେ ଅର୍ଥାତ ମାର୍ଗରେ ବାସ କରୁଥିଲେ ଆକ୍ରମଣ ନକରି ଦିଅନ୍ତୁ । କାରଣ ସନ୍ଧି ହୋଇ ସାରିଥିଲା ଏବଂ ସେମାନଙ୍କର ସୁରକ୍ଷା ମଧ୍ୟ ଅନିର୍ବାର୍ଯ୍ୟ ଥିଲା । ଆପଣ ନିଜର ଅଙ୍ଗୀକାରକୁ ପାଳନ କରିବା ନିମନ୍ତେ ପ୍ରତିଶୃତିବଦ୍ଧ ଥିଲେ । ସେଇଥି ପାଇଁ ଆପଣ ସ.ଅ ଏଠାରୁ 300 ଜଣ ଲୋକମାନଙ୍କର ସୈନ୍ୟ ଦସ୍ତା ପ୍ରେରଣ କଲେ । କାରଣ ଏହି ସୈନ୍ୟ ଦସ୍ତା ସେମାନଙ୍କୁ ସୁରକ୍ଷା ପ୍ରଦାନ କରନ୍ତୁ । ଅର୍ଥାତ୍ କୁରୈଶ୍‌ର ସେହି ଯାତ୍ରୀସମୂହ ଶାନ୍ତିପୂର୍ଣ୍ଣ ଭାବରେ ସେଠାରୁ ଅତିକ୍ରମ କରି ଯାଆନ୍ତୁ । ତହିଁରୁ ଏହା ପ୍ରକାଶିତ ହୁଏ ଯେ, ଏହି ସାହାବାମାନେ କୌଣସି ଯୁଦ୍ଧ ଲଢ଼ିବା ନିମନ୍ତେ ଯାଇ ନଥିଲେ । ତେଣୁ 15 ଦିନରୁ ଅଧିକ କାଳ ଅବସ୍ଥାନ କରିବାରେ କୌଣସି ଯୁଦ୍ଧର ଚର୍ଚ୍ଚା ମିଳେ ନାହିଁ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-6, ପୃ-176, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍) (ବୁଖାରୀ, ଭାଗ-9, ପୃ-239, ପ୍ରକାଶକ-ନଜାରତ୍ ଇଶାଅତ୍)**

ଉକ୍ତ ସରୀୟାରେ ପ୍ରସ୍ଥାନ ଏବଂ ପାଥେୟ ସମାପ୍ତ ହୋଇଯିବା ସଂପର୍କରେ ଏକ ବିସ୍ତୃତ ବିବରଣୀ ବର୍ଣ୍ଣିତ ହୋଇଛି ଯେ, ହ. ଯାବିର୍ ର.ଅ ଉକ୍ତ ସରୀୟା ସଂକ୍ରାନ୍ତରେ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଆମମାନଙ୍କୁ ପ୍ରେରଣ କଲେ । ଆମେମାନେ 300 ଅଶ୍ୱାରୋହୀ ଥିଲୁ । ଆମର ସେନାପତି ହ. ଅବୁ ଉବୈଦାହ୍ ବିନ୍ ଜର୍‌ରାହ୍ ର.ଅ ଥିଲେ । ଆମେମାନେ ବାହାରିଲୁ ଏବଂ କିଛି ବାଟ ଯାଇ ନଥିଲୁ କି ପାଥେୟ ସମାପ୍ତ ହୋଇଗଲା । ହ. ଅବୁ ଉବୈଦାହ୍ ର.ଅ ଆଦେଶ ଦେଲେ ଯେ, ସମସ୍ତ ଖାଦ୍ୟପଦାର୍ଥ ଅର୍ଥାତ୍ ପାଥେୟ ଏକତ୍ରିତ କରାଯାଉ । ତୁମ ପାଖରେ ଯାହା ଯାହା ଖାଦ୍ୟପଦାର୍ଥ ସବୁ ସଂରକ୍ଷିତ ଅଛି ତାହା ନେଇଆସ । ସୁତରାଂ ସେହି ଖାଦ୍ୟପଦାର୍ଥ ସବୁ ଏକତ୍ରିତ କରାଗଲା । ଏକତ୍ରିତ କରିବା ପରେ ତାହା ମୋଟ୍ ଦୁଇଟି ବ୍ୟାଗ୍ ଖଜୁରୀ କୋଳି ହେଲା । ହ. ଅବୁ ଉବୈଦାହ୍ ଆମମାନଙ୍କୁ ପ୍ରତ୍ୟେକ ଦିନ କିଛି କିଛି ଆହାର ଖାଇବାକୁ ଦେଉଥିଲେ । ଏପର୍ଯ୍ୟନ୍ତକି ସେହି ଖାଦ୍ୟ ଅର୍ଥାତ୍ ଖଜୁରୀ କୋଳି ଶେଷ ହୋଇଗଲା। ପୁନଶ୍ଚ ଆମେମାନଙ୍କୁ ଗୋଟିଏ ଗୋଟିଏ ଖଜୁରୀ କୋଳି ଖାଇବାକୁ ଦିଆଯାଉଥିଲା। ବର୍ଣ୍ଣନାକାରୀ କୁହନ୍ତି ଯେ, ମୁଁ ହ. ଜାବିର୍ ର.ଅଙ୍କୁ ପଚାରିଲି ଯେ, ହେ ଜାବିର୍ ! କ'ଣ ଗୋଟିଏ ଖଜୁରୀ ତୁମର ଭୋକ ମେଣ୍ଟାଇ ପାରୁଛି କି ? ହ. ଜାବିର୍ ର.ଅ କହିଲେ, ଯେତେବେଳେ ଆମମାନଙ୍କ ପାଖରେ ସେହି ଖଜୁରୀ ଆଉ ରହିଲା ନାହିଁ ସେତେବେଳେ ଆମେମାନଙ୍କୁ ଗୋଟିଏ ଖଜୁରୀ କୋଳିର ଅନୁପସ୍ଥିତି ଅନୁଭୂତ ହେଲା। ଯେତେବେଳେ ଆଉ କିଛି ଆହାର ବଳିଲା ନାହିଁ ସେତେବେଳେ ଆମେମାନଙ୍କୁ ଗୋଟିଏ ଖଜୁରୀ କୋଳିର ମହତ୍ତ୍ୱ କ'ଣ ତାହା ଅନୁଭୂତ ହେବାକୁ ଲାଗିଲା । ଏକ ବର୍ଣ୍ଣନାନୁଯାୟୀ ହ. ଜାବିର୍ ର.ଅ କହିଲେ, ଆମେମାନେ ଦିନ ତମାମ୍ ସେହି ଗୋଟିଏ ଖଜୁରୀ କୋଳି ଚୁଚୁମ୍ଭୁ (ଖାଉ) ଥିଲୁ ଏବଂ ପୁଣି ପାଣି ପିଇ ନେଉଥିଲୁ। ରାତି ପର୍ଯ୍ୟନ୍ତ ଏହା ଆମମାନଙ୍କ ନିମନ୍ତେ ଯଥେଷ୍ଟ ହେଉଥିଲା।

ହ. ଜାବିର୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆମେମାନେ କୁରୈଶ୍‌ର ବାଣିଜ୍ୟିକ ଯାତ୍ରୀସମୂର ସୁରକ୍ଷା ନିମନ୍ତେ ରକ୍ଷଣାବେକ୍ଷଣା ନିମନ୍ତେ ବସିଗଲୁ । ସମୁଦ୍ର ଉପକୂଳରେ ଆମେମାନେ ଅଧ ମାସ ଅବସ୍ଥାନ କଲୁ ଏବଂ ଆମମାନଙ୍କୁ ବହୁତ ଭୋକ ଲାଗୁଥିଲା। ଏପର୍ଯ୍ୟନ୍ତକି ଆମେମାନେ ବୃକ୍ଷର ଡାଳ ପତ୍ର ମଧ୍ୟ ଖାଇଲୁ । ସେଇଥି ପାଇଁ ସେହି ସୈନ୍ୟବାହିନୀର ନାମ ଜୈଶୁଲ୍ ଖବତ୍ ଅର୍ଥାତ୍ ପତ୍ରଭୋଜୀ (ପତ୍ରକୁ ଖାଇଲାବାଲା) ସୈନ୍ୟବାହିନୀ ନାମକରଣ ହେଲା । ହ. ଜାବିର୍ ର.ଅ କୁହନ୍ତି ଯେ, ଆମର ସେହି ଆହାର ଯୋଗୁଁ ଆମେମାନେ ବହୁତ୍ ଦୁର୍ବଳ ହୋଇଯାଇଥିଲୁ ଏବଂ ଆମର ଓଠ ଏବଂ ତୁଣ୍ଡ ଚାରିକଡ଼େ ଘା ହୋଇଯାଇଥିଲା । ଏପର୍ଯ୍ୟନ୍ତକି ଜଣେ ବ୍ୟକ୍ତି କହିଲା, ଯଦି ଏହି ଭୋକିଲା ଅବସ୍ଥାରେ ଶତ୍ରୁ ସହିତ ଆମର ମୁକାବିଲା ହୋଇଯାଆନ୍ତା ତେବେ ଆମେମାନେ ଏହି ଶ୍ରମ ଯୋଗୁଁ ଅର୍ଥାତ୍ ଭୋକ ଯୋଗୁଁ ଶତ୍ରୁ ଆଡ଼କୁ ଯାଇପାରି ନଥାଆନ୍ତୁ ଓ ନା ହିଁ ଶତ୍ରୁ ସହିତ କୌଣସି ମୁକାବିଲା କରିପାରି ଥାଆନ୍ତୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆହାର ପାଇଁ ଏକ ସ୍ଥାନରେ ଓଟ ଜେବହ୍ କରିବାର ଚର୍ଚ୍ଚା ମଧ୍ୟ ମିଳେ ବୋଲି ହଦିସ୍‌ରେ ବର୍ଣ୍ଣିତ ହୋଇଛି । ହ. ଜାବିର୍ ର.ଅ ବର୍ଣ୍ଣନା କରନ୍ତି ଯେ, ସୈନ୍ୟବାହିନୀରେ ଜଣେ ବ୍ୟକ୍ତି ଥିଲା ଯିଏ ଲୋକମାନଙ୍କ ଆହାର ନିମନ୍ତେ ତିନି ଦିନରେ ତିନି ତିନୋଟି ଓଟ ଜେବହ୍ କଲା । ପୁନଶ୍ଚ ହ. ଅବୁ ଉବୈଦାହ୍ ବିନ୍ ଜର୍‌ରାହ୍ ର.ଅ ସେହି ବ୍ୟକ୍ତିକୁ ଅଟକାଇ ଦେଲେ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-6, ପୃ-176, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍) (ସହି ବୁଖାରୀ, କିତାବୁଲ୍ ମୁଗାଜି, ବାବ୍-ଗଜୱା ସିଇଫୁଲ୍ ବହର୍, ବର୍ଣ୍ଣନା ସଂଖ୍ୟା-4360,4361,4362) (ସହି ବୁଖାରୀ, କିତାବୁଶ୍ ଶିର୍କତା, ବାବ୍- ଫିତ୍ ତାଆମି..........ହଦିସ୍ ନଂ-2483)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଜାବନୀ ପୁସ୍ତକମାନଙ୍କରୁ ଏହା ଜ୍ଞାତ ହୁଏ ଯେ, ଏହି ବ୍ୟକ୍ତି ହ. କୈସ୍ ବିନ୍ ସାଆଦ୍ ର.ଅ ଥିଲେ । ହ. କୈସ୍ ବିନ୍ ସାଆଦ୍ ର.ଅ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

**"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।**

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।**

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

କହିଲେ, କିଏ ସେହି ବ୍ୟକ୍ତି ଯିଏ ମୋ ଠାରୁ ଗୋଟିଏ ଓଟ ବଦଳରେ ଖଜୁରୀ କୋଳି କିଣିବ ? ମୁଁ ତ' ଏହିଠାରେ ହିଁ ଓଟକୁ ଜେବହ୍ କରିବି । କିନ୍ତୁ ମଦିନା ଗଲା ପରେ ଯାଇ ମୁଁ ଓଟର ମୂଲ୍ୟ ଦେବି । ଅର୍ଥାତ୍ ସାହାବାମାନଙ୍କର ଭୋକର ଅବସ୍ଥାକୁ ଦେଖି ସେ କହିଲେ, ମୁଁ ଓଟ କିଣିବାକୁ ଚାହୁଁଛି ଏବଂ ଏଠାରେ ଓଟ ଜେବହ୍ କରି ତୁମମାନଙ୍କ ଆହାର ବ୍ୟବସ୍ଥା କରିଦେଉଛି । ହ. ଉମର୍ ର.ଅ ଉପସ୍ଥିତ ଥିଲେ । ସେ କହିଲେ, ସେହି ବାଳକକୁ ଦେଖି ମୁଁ ଆଶ୍ଚର୍ଯ୍ୟ ଚକିତ ହେଲି ଯେ, ତା' ନିକଟରେ ତ' କିଛି ଅର୍ଥ ନାହିଁ ହେଲେ ଅନ୍ୟର ଧନକୁ ହାତ ମାରୁଛି ଓ ବ୍ୟୟ କରିବାକୁ ଚେଷ୍ଟା କରୁଛି । ସେହି ବାଳକ କହୁଛି ଯେ, ମୁଁ ଘରକୁ ଯାଇ ଓଟର ମୂଲ୍ୟ ପୈଠ କରିବି । ସେ କେଉଁଠି ଦେବ ବା ? ତା'ର ନିଜର କୌଣସି ଉଦ୍ୟାନ ନାହିଁ । ହ. କୈସ୍‌ଙ୍କୁ ଜୁହୈନା ସଂପ୍ରଦାୟର ଜଣେ ବ୍ୟକ୍ତି ମିଳିଲା, ସେ ସେହି ବ୍ୟକ୍ତିକୁ କହିଲା କି ମୋତେ ଓଟ ବିକ୍ରି କରିଦିଅ । ସେଠାରେ ଯେଉଁ ସଂପ୍ରଦାୟ ରହିଥିଲା ସେହି ସଂପ୍ରାଦୟ ଠାରୁ ହ. କୈସ୍ ଓଟ କିଣିଲେ ଏବଂ କହିଲେ, ମୁଁ ଏହି ଓଟର ମୂଲ୍ୟ ତୁମକୁ ମଦିନାରେ ଖଜୁରୀ କୋଳି ଆକାରରେ ଦେଇଦେବି । ସେହି ବ୍ୟକ୍ତି ଜଣ କହିଲା କି ମୁଁ ତୁମକୁ ଜାଣି ନାହିଁ କି ଚିହ୍ନି ନାହିଁ । ତୁମେ କିଏ ଅଟ ? ହ. କୈସ୍ ର.ଅ କହିଲେ, ମୁଁ କୈସ୍ ବିନ୍ ସାଆଦ୍ ବିନ୍ ଉବାଦାହ୍ ର.ଅ ଅଟେ । ସେହି ବ୍ୟକ୍ତି ଜଣକ କହିଲା କି ତୁମେ ନିଜର ବଂଶ ମଧ୍ୟରୁ କେତେ ଲୋକଙ୍କୁ ଚିହ୍ନାଇ ଦେଇଛ ? ମୋର ଏବଂ ୟସ୍ରିବର ଅଧିପତି ସାଆଦ୍ ମଧ୍ୟରେ ତ' ବନ୍ଧୁତ୍ୱତା ରହିଛି । ଆମେ ଦୁହେଁ ବନ୍ଧୁ ଅଟୁ । ହ. କୈସ୍ ସେହି ବ୍ୟକ୍ତି ଠାରୁ 5 ୱସକ୍ ଖଜୁରୀ କୋଳି ବଦଳରେ 5ଟି ଓଟ କିଣିନେଲେ । ଅର୍ଥାତ୍ ମୋଟ୍ 750 କି.ଗ୍ରା ଖଜୁରୀ କୋଳି ଥିଲା । ସେ କହିଲା, ମୋତେ ସାକ୍ଷୀ ଆଣି ଦିଅ । କେହି ଜଣେ ବ୍ୟକ୍ତି ମୋ ନିକଟରେ ଜାମିନ୍ ରହିବା ଉଚିତ୍ । ପ୍ରତ୍ୟୁତ୍ତରରେ କେତେକ ପ୍ରବାସକାରୀମାନେ ଏବଂ ଅନ୍‌ସାର୍ ସାହାବାମାନେ ତାଙ୍କର ସାକ୍ଷୀ ହୋଇଗଲେ । ହ. ଉମର୍ ର.ଅ ସାକ୍ଷୀ ହେବାକୁ ଅସ୍ୱୀକାର କରିଦେଲେ । କହିଲେ ବ୍ୟକ୍ତି ଜଣକ ଖଜୁରୀ କୋଳିର କଥା କହୁଛନ୍ତି ଏବଂ ଏହି ଧନ ତ' ତାଙ୍କର ହିଁ ନାହିଁ ବରଂ ତାଙ୍କ ପିତାଶ୍ରୀଙ୍କ ଅଟେ । ଖଜୁରୀ ଉଦ୍ୟାନ ତ' ତାଙ୍କ ପିତାଶ୍ରୀଙ୍କର ଅଟେ । ସେ କେଉଁଠୁ ଆଣିକି ଦେବେ ? ସେ ଯାହା ହେଉ ଯେତେବେଳେ ଏହି ସୈନ୍ୟବାହିନୀ ମଦିନା ଫେରିଲା ସେତେବେଳେ ହ. ସାଆଦ୍ ର.ଅ ହ. କୈସ୍ ର.ଅଙ୍କୁ ପଚାରିଲେ ଯେ, ହେ କୈସ୍ ! ଯେତେବେଳେ ସାହାବାମାନେ ଭୋକିଲା ଥିଲା ସେତେବେଳେ ତୁମେ କ'ଣ କରିଥିଲ ? ପ୍ରତ୍ୟୁତ୍ତରରେ ସେ କହିଲେ, ମୁଁ ଓଟ ଜେବହ୍ କଲି । ହ. ସାଆଦ୍ ପଚାରିଲେ ଆଉ କ'ଣ କଲ ? ହ. କୈସ୍ ର.ଅ କହିଲେ, ମୋତେ ବାରଣ କରିଦିଆଗଲା । ହ. ସାଆଦ୍ ର.ଅ ପଚାରିଲେ କିଏ ବାରଣ କରିଥିଲା ? ହ. କୈସ୍ କହିଲେ ମୋତେ ହ. ଅବୁ ଉବୈଦାହ୍ ବିନ୍ ଜର୍‌ରାହ୍ ର.ଅ ମନା କରିଥିଲେ । ହ. ସାଆଦ୍ ର.ଅ ପୁନଶ୍ଚ ପଚାରିଲେ, କାହିଁକି ମନା କରିଥିଲେ ? ହ. କୈସ୍ କହିଲେ, ତାଙ୍କ କହିବା କଥା କି ମୋର କୌଣସି ଧନ ନାହିଁ । ବରଂ ମୋ ପିତାଶ୍ରୀଙ୍କର ଧନ ରହିଛି । ହ. ସାଆଦ୍ ର.ଅ କହିଲେ ହେ କୈସ୍ ! ମୁଁ ତୁମକୁ 4ଟି ଉଦ୍ୟାନ ଦେଉଛି । ଏହା ଶୁଣି ହ. କୈସ୍‌ଙ୍କର ପିତାଶ୍ରୀ ପ୍ରସନ୍ନ ହେଲେ । ସେ କହିଲେ ଅର୍ଥାତ୍ ହ. ସାଆଦ୍ ର.ଅ କହିଲେ, ମୁ ତୁମକୁ 4ଟି ଉଦ୍ୟାନ ଦେଉଛି ସେହି ଉଦ୍ୟାନ ମଧ୍ୟରୁ ସବୁଠୁ ନିକୃଷ୍ଟ ସ୍ତର ଉଦ୍ୟାନରୁ ତୁମକୁ 50 ୱସକ୍ ଖଜୁରୀ ପ୍ରାପ୍ତ ହେବ । ଅର୍ଥାତ୍ ବିପୁଳ ସଂଖ୍ୟକ ଖଜୁରୀ ଥିଲା । ହ. ସାଆଦ୍ ର.ଅ ଏକ ହାତ ଲେଖା ପତ୍ର ଦେଲେ ଏବଂ ହ. ଅବୁ ଉବୈଦାହ୍ ଆଦିଙ୍କୁ ଏହା ଉପରେ ସାକ୍ଷ୍ୟ କରିଦେଲେ । ବନୁ ଜୁହୈନା ସଂପ୍ରଦାୟର ବ୍ୟକ୍ତି ମଧ ହ. କୈସ୍ ର.ଅଙ୍କ ସହିତ ମଦିନା ଆସିଥିଲା । ହ. ସାଆଦ୍ ର.ଅ ତା'କୁ ଖଜୁରୀ ଦେଲେ ଏବଂ ତା'କୁ ବାହାନ ଦେଲେ ଓ ପୋଷାକ ପିନ୍ଧାଇଲେ ହ. ଜାବିର୍ ର.ଅ କୁହନ୍ତି ଯେ, ରସୁଲୁଲ୍ଲାଃ ସ.ଅଙ୍କ ପର୍ଯ୍ୟନ୍ତ ଯେତେବେଳେ ଉକ୍ତ କଥା ପହଞ୍ଚିଲା ସେତେବେଳେ ଆପଣ ସ.ଅ କହିଲେ, ବଦାନ୍ୟ ଏହି ପରିବାରର ସ୍ୱଭାବରେ ଅନ୍ତର୍ଭୁକ୍ତ ଅଟେ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-6, ପୃ-177-178, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍) (ଲୁଗାତୁଲ୍ ହଦିସ୍, ଭାଗ-2, ପୃ-648, ଭାଗ-4,ପୃ-487)**

ହ. ସୟେଦ୍ ଜୈନୁଲ୍ ଆବିଦିନ୍ ୱଲିଉଲ୍ଲାଃ ଶାହ୍ ସାହେବ ର.ଅ ଉକ୍ତ ଘଟଣା ସଂକ୍ରାନ୍ତରେ ବ୍ୟାଖ୍ୟା କରି ଉଲ୍ଲେଖ କରନ୍ତି ଯେ, ସାହାବାମାନଙ୍କର ବୁଭୁକ୍ଷୁତା (ଭୋକ)ଅବସ୍ଥାରେ ଧୈର୍ଯ୍ୟ ପ୍ରଦର୍ଶନ କରିବା ଏବଂ କୌଣସି ଯାତ୍ରୀ ସମୂହ କିମ୍ବା ବସ୍ତି ସହିତ ଖୋରାକ୍ (ଆହାର) ନିମନ୍ତେ କଳହ ନକରିବା ଉକ୍ତ କଥାର ପ୍ରମାଣ କି? ଚର୍ଚ୍ଚିତ ଯୁଦ୍ଧ (ସିଇଫୁଲ୍ ବହର୍)ର ପ୍ରସଙ୍ଗ କୌଣସି ଯୁଦ୍ଧ ସହିତ ନଥିଲା ଏବଂ ନାହିଁ ସେମାନଙ୍କର (ସାହାବାମାନଙ୍କର) ପବିତ୍ରାତ୍ମା ଜୋର ଜବରଦସ୍ତ କରିବାକୁ ଉଚିତ୍ ବୋଲି ମନେକରୁଥିଲା । ଅର୍ଥାତ୍ ସାହାବାମାନଙ୍କ ମଧ୍ୟରେ ଯେଉଁ ପବିତ୍ରାତ୍ମା ରହିଥିଲା ତାହା ଅନ୍ୟାୟ, ଅତ୍ୟାଚାର ଏବଂ ଜୋର ଜବରଦସ୍ତ କରିବାକୁ କଦାପି ଉଚିତ୍ ବୋଲି ମନେକରୁ ନଥିଲା । **(ବୁଖାରୀ, ଭାଗ-9, ପୃ-240, ପ୍ରକାଶକ- ନଜାର୍ତ ଇଶାଅତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଅଲ୍ଲାଃତାଲା ମଧ୍ୟ ଇତି ମଧ୍ୟରେ ସେହି ସାହାବାମାନଙ୍କର ଭୋକକୁ ମେଣ୍ଟାଇବା ନିମନ୍ତେ ବ୍ୟବସ୍ଥା କଲେ । ଏଥି ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ହ. ଜାବିର୍ ର.ଅ ଏହି ସରୀୟାର ଅତିରିକ୍ତ ଅବସ୍ଥା ବର୍ଣ୍ଣନା କରିଛନ୍ତି । ହ. ଜାବିର୍ ର.ଅ ବର୍ଣ୍ଣନା କରନ୍ତି ଯେ, ସମୁଦ୍ର ଆମମାନଙ୍କ ନିମନ୍ତେ ସ୍ତୁପ ଆକୃତିର ଏକ ବିଶାଳକାୟ ମାଛ ବାହାରକୁ ଫିଙ୍ଗିଦେଲା । ଏହି ମାଛର ନାମ ହେଲା ଅନ୍‌ବର୍ । ସେହି ବଡ଼ ମାଛକୁ ହ୍ୱେଲ୍ ମାଛ କହି ନିଅନ୍ତୁ । ଅଲ୍ଲାମା ଅଜ୍‌ହରୀ କୁହନ୍ତି ଯେ, ଅନ୍‌ବର୍ ସମୁଦ୍ରର ଏକ ବିଶାଳକାୟ ମାଛ ଅଟେ । ଏହାର ଲମ୍ବ-50 ମିଟର ପାଖାପାଖି ହୋଇଥିବ । ହ. ଜାବିର୍ ର.ଅ କୁହନ୍ତି ଯେ, ଆମେମାନେ ସେହି ମାଛର ମାଂସକୁ ଅର୍ଦ୍ଧ ମାସ (15 ଦିନ୍) ଏବଂ ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ଏହି ମାଛ 18 ଦିନ ପର୍ଯ୍ୟନ୍ତ ଅବା ଏକ ମାସ ପର୍ଯ୍ୟନ୍ତ ସେବାନ କରିଥିଲୁ (ଖାଇଥିଲୁ) । ସେଠାରୁ ଫେରିବା ଏବଂ ସେଠାରେ ରହିବା ପର୍ଯ୍ୟନ୍ତ ସେହି ମାଛକୁ ଆମେମାନେ ଖାଉଥିଲୁ । ଆମେମାନେ ସେହି ମାଛର ଚର୍ବିକୁ ଆମ ଶରୀରରେ ମର୍ଦ୍ଦନ (ମଳୁଥିଲୁ ବା ଲେପନ କରୁଥିଲୁ) । ଏପର୍ଯ୍ୟନ୍ତକି ଆମ ଶରୀରର ଚର୍ମ ସତେଜ ହୋଇଗଲା । ଭୋକ ଯୋଗୁଁ ଯେଉଁ ଦୁର୍ବଳତା ରହିଥିଲା ତାହା କ୍ରମଶଃ ଦୂରୀଭୂତ ଏବଂ ଲାଘବ ହୋଇଗଲା । ହ. ଜାବିର୍ ର.ଅ କୁହନ୍ତି ଯେ, ସେହି ମାଛର ବଡ଼ ବଡ଼ ଆଖି ରହିଥିଲା । ତାହା ବଡ଼ ବଡ଼ ମାଠିଆ ପରି ଥିଲା । ଆମେମାନେ ମାଛର ସେହି ଚର୍ବିରୁ ଅନେକ ମାଠିଆ ତେଲ ବାହାର କଲୁ ଓ ମାଛର ଶରୀରକୁ ବଡ଼ ବଡ଼ ଖଣ୍ଡରେ କାଟିନେଲୁ ଓ ତା'ର କିଛି ଭାଗ ମାଂସ ରୂପେ ବଜାରରେ ଯେଇ ବିକ୍ରି କରିଦେଲୁ । **(କିତାବୁଲ୍ ଅତ୍‌ଇମତା, ଭାଗ-4, ପୃ-1398, ବର୍ଣ୍ଣନା ସଂଖ୍ୟା 1914, ଲେଖକ- ଅଲ୍ଲାମା, ଅବୁଲ୍ ଶୈଖ୍ ଅସ୍‌ବହାଇ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ ମାଛ ଚକ୍ଷୁରେ ବସିବା ସଂପର୍କରେ ଦୁଇ ପ୍ରକାରର ବର୍ଣ୍ଣନା ରହିଛି । ହ. ଜାବିର୍ ର.ଅ କୁହନ୍ତି ଯେ, ଆମେମାନେ 6 ଜଣ ସଦସ୍ୟ ମାଛ ଆଖିରେ ବସିଗଲୁ । ଅପରପକ୍ଷେ ଅନ୍ୟ ଏକ ବର୍ଣ୍ଣନାରେ 13 ଜଣ ସଦସ୍ୟ ବସିବାର ଚର୍ଚ୍ଚା ମିଳେ । ହ. ଅବୁ ଉବୈଦାହ୍ ର.ଅ ମାଛର ପଞ୍ଜରା ହାଡ଼ ମଧ୍ୟରୁ ଗୋଟିଏ ପଞ୍ଜରା ଏବଂ ଅନ୍ୟ ଏକ ବର୍ଣ୍ଣନାନୁଯାୟୀ 2ଟି ପଞ୍ଜରା ନେଲେ ଏବଂ ସେଗୁଡ଼ିକୁ ଏକତ୍ରିତ କଲେ ଏବଂ ସମସ୍ତଙ୍କ ଅପେକ୍ଷା ଉଚ୍ଚ ବ୍ୟକ୍ତି ହ. କୈସ୍ ର.ଅଙ୍କୁ ଶୀର୍ଷରେ ବସାଇଲେ । ଦୁହେଁ ଅର୍ଥାତ ହ. ଜାବିର୍ ର.ଅ ଏବଂ କୈସ୍ ର.ଅ ତା' ମଧ୍ୟ ଦେଇ ଅତିକ୍ରମ କଲେ ଏବଂ ସେହି ପଞ୍ଜରାକୁ ଆଦୌ ସ୍ପର୍ଶ କଲେ ନାହିଁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମଦିନା ପ୍ରତ୍ୟାବର୍ତ୍ତନ କରିବା ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ହ. ଜାବିର୍ ର.ଅ କୁହନ୍ତି ଯେ, ଯେତେବେଳେ ଆମେମାନେ ମଦିନା ଆସିଲୁ ସେତେବେଳେ ନବୀ କରୀମ୍ ସ.ଅଙ୍କ ସମ୍ମୁଖରେ ଆମେମାନେ ମାଛ କଥା ଚର୍ଚ୍ଚା କଲୁ । ଆପଣ ସ.ଅ କହିଲେ, ଅଲ୍ଲାଃତାଲା ତୁମମାନଙ୍କ ନିମନ୍ତେ ଯେଉଁ ଜୀବିକା ଅର୍ଥାତ୍ ଆହାର ବାହାର କରିଛନ୍ତି ତାହାକୁ ତୁମେମାନେ ଖାଅ ଏବଂ ଯଦି ତୁମ ନିକଟରେ କିଛି ଅଛି ତେବେ ତୁମେ ତହିଁରୁ ଆମକୁ (ଆଁହଜରତ ସ.ଅଙ୍କୁ) ମଧ୍ୟ ଖୁଆଅ । ସେହି ସାହାବାମାନଙ୍କ ମଧ୍ୟରୁ କେହି ଜଣେ ସାହାବି ଆପଣ ସ.ଅଙ୍କୁ ମାଛର ଗୋଟିଏ ଖଣ୍ଡ ଦେଲେ । ଆପଣ ସ.ଅ ସେହି ମାଛ ଖଣ୍ଡକୁ ସେବନ କଲେ (ଖାଇଲେ)। **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-6, ପୃ-177-178, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍) (ସହି ବୁଖାରୀ, କିତାବୁଲ୍ ମୁଗାଜି, ବାବ୍- ଗଜୱା ସିଇଫୁଲ୍ ବହର୍, ବର୍ଣ୍ଣନା ସଂଖ୍ୟା-4360,4361,4362) (ନେମତୁଲ୍ ବାରି, ଭାଗ-7, ପୃ-747, ଜିୟାଉଲ୍ କୁରଆନ୍, ପବ୍ଲିକେଶନସ୍, କରାଚୀ)(ଫତ୍‌ହୁଲ୍ ବାରି, ଭାଗ-8, ପୃ-100. କଦିମି କୁତୁବ୍ ଖାନା, ଆରାମ୍ ବାଗ୍, କରାଚୀ) (ସିରତୁଲ୍ ହଲବିୟାହ୍, ଭାଗ-3, ପୃ-270, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯୁଦ୍ଧ ତଥା ସରୀୟାର ଚର୍ଚ୍ଚା ଏଠାରେ ସମାପ୍ତ ହେଲା । ମୁଁ ଚେଷ୍ଟା କରୁଥିଲି କି ଏହି ଚର୍ଚ୍ଚାଟି ଶୀଘ୍ର ସମାପ୍ତ ହୋଇଯାଉ । କାରଣ ଅନ୍ୟ ବିଷୟବସ୍ତୁ ଆରମ୍ଭ ହେଉ । କିନ୍ତୁ କିଛି ଯନାଜାଃ ଏବଂ ଶୋହଦାମାନଙ୍କର ଚର୍ଚ୍ଚା ଆସୁଛି । ସଇଥି ପାଇଁ ଏବେ ବି ସେହି ସରୀୟା ଏବଂ ଯୁଦ୍ଧ ମଧ୍ୟରୁ କିଛି କିଛି ଅଂଶ ଅବଶିଷ୍ଟ (ବାକି) ରହିଯାଉଛି । ପୁନଶ୍ଚ ପରିଶେଷରେ ମକ୍କା ବିଜୟର ଚର୍ଚ୍ଚା ମଧ୍ୟ ଆଗକୁ ଆସିବ । ସେ ଯାହା ହେଉ ଏହି ଚର୍ଚ୍ଚାଟି ବର୍ତ୍ତମାନ ଜାରି ରହିଛି । କିନ୍ତୁ ଆଜି ମୁଁ ଏହା ମଧ୍ୟ କହିଦେବାକୁ ଚାହୁଁଛି ଏବଂ ବିଗତ ଶୁକ୍ରବାର (ଜୁମା ଦିନ) ଦିନ ମଧ୍ୟ କହିଥିଲି ଯେ, ପାକିସ୍ତାନ ଏବଂ ଭାରତ ମଧ୍ୟରେ ଯେଉଁ ଯୁଦ୍ଧ ସ୍ଥିତି ଲାଗି ରହିଛି ସେଥି ସଂକ୍ରାନ୍ତରେ ଅତ୍ୟଧିକ ଦୁଆ କରନ୍ତୁ । କାରଣ ଉଭୟ ରାଷ୍ଟ୍ର ମଧ୍ୟରେ ଶାନ୍ତି ଓ ସୌହାର୍ଦ୍ଦ୍ୟର ପରିବେଶ ସୃଷ୍ଟି ହୋଇଯାଉ । କାରଣ ଯୁଦ୍ଧରେ ଆଜିକାଲି ଯେଉଁ ଅସ୍ତ୍ର ବ୍ୟବହୃତ ହେଉଛି ସେହି ଅସ୍ତ୍ର ଦ୍ୱାରା ସାଧାରଣ ନାଗିରକିମାନେ ପ୍ରାଣ ହରାଉଛନ୍ତି । ବର୍ତ୍ତମାନ ଯେଉଁ ଯୁଦ୍ଧର ନୂତନ ରୂପ ସୃଷ୍ଟି ହେଉଛି ସେଥିରେ ସାଧାରଣ ନାଗରିକମାନେ ପ୍ରାଣ ହରାଉଛନ୍ତି । ଅତଏବ୍ ଆମମାନଙ୍କୁ ବିଶେଷ ଦୁଆ କରିବା ଉଚିତ୍ । କାରଣ ଉଭୟ ପକ୍ଷ ସନ୍ଧି ନିମନ୍ତେ ରାଜି ହୋଇ ଯାଆନ୍ତୁ ଓ ବଡ଼ କ୍ଷତିରୁ ବର୍ତ୍ତି ଯାଆନ୍ତୁ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏଥି ସଂକ୍ରାନ୍ତରେ ଏହା ମଧ୍ୟ ସ୍ମରଣ ରଖିବା ଉଚିତ୍ ଯେ, ଆଜିକାଲି ସାମାଜିକ ଗଣମାଧ୍ୟମରେ କିମ୍ବା ଇଣ୍ଟରନେଟ୍‌ର ଅନ୍ୟ ଯେଉଁ ମାଧ୍ୟମ ରହିଛି, ବୈଦ୍ୟୁତିକ ଗଣମାଧ୍ୟମ, ମେସଞ୍ଜର୍ ଇତ୍ୟାଦି ରହିଛି ତହିଁରେ ମଧ୍ୟ ପ୍ରତ୍ୟେକ ବ୍ୟକ୍ତି ସ୍ୱାଧୀନ ଭାବରେ ସମାଲୋଚନା କରିଦେଉଛି ଏବଂ ନିଜ ଇଚ୍ଛାନୁସାରେ ଯାହା ଚାହୁଁଛି ତାହା କହି ଦେଉଛି । ଏହା ଦ୍ୱାରା ଲାଭ କମ୍ କ୍ଷତି ଅଧିକ ହେଉଛି । ନିଜ ପକ୍ଷରୁ ପରିପ୍ରକାଶ ହୋଇଥାଏ ଯେ, ଆମେମାନେ କ'ଣ ଚାହୁଁଛୁ ? ଅହେମଦିମାନଙ୍କୁ ତହିଁରୁ ବର୍ତ୍ତିବା ଉଚିତ୍ । କାରଣ ଏହି ପରିପ୍ରକାଶ ତଥା ଭାବାବେଗର ଲାଭ କମ୍ ଓ କ୍ଷତି ଅଧିକ ରହିଛି । ଯଦି କୌଣସି ବ୍ୟକ୍ତି ସନ୍ଦେଶ ଦେବା ନିମନ୍ତେ ବ୍ୟଗ୍ର ଓ ଇଚ୍ଛୁକ ଅଟନ୍ତି ତେବେ ସେମାନେ ଶାନ୍ତିର ସନ୍ଦେଶ ଦିଅନ୍ତୁ ।

ହ. ମସିହ୍ ମଉଦ୍ ଅ.ସ ମଧ୍ୟ ନିଜ ଜୀବନର ଶେଷ ଭାଗରେ ଯେଉଁ "**ପୈଗାମେ ସୁଲାହ୍**" ନାମକ ପୁସ୍ତକ ରଚନା କରିଥିଲେ ତହିଁରେ ଆପଣ ଅ.ସ ଏହି ସନ୍ଦେଶ ଦେଇଥିଲେ ଯେ, ଶାନ୍ତି ଏବଂ ସନ୍ଧି । ଅତଏବ୍ ଏହି ସନ୍ଦେଶକୁ ପ୍ରତ୍ୟେକ ଅହମଦିକୁ ସ୍ମରଣ ରଖିବା ଉଚିତ୍ ଏବଂ ଏଥି ନିମନ୍ତେ ଉଦ୍ୟମ ମଧ୍ୟ କରିବା ଉଚିତ୍ । ଅଲ୍ଲାଃତାଲା ସମସ୍ତ ନିରୀହ ଜୀବନକୁ କ୍ଷୟ ହେବାରୁ ବଞ୍ଚାନ୍ତୁ । କେତେକ ଶକ୍ତିଶାଳୀ ରାଷ୍ଟ୍ରଙ୍କୁ ଏହା

ଲାଗେ କି  ଉଭୟ ରାଷ୍ଟ୍ର ପରସ୍ପର ମଧ୍ୟରେ ଯୁଦ୍ଧ କରନ୍ତୁ । ସେହି ବଡ଼ ରାଷ୍ଟ୍ରମାନେ ନିଆଁରେ ଘିଅ ଢାଳିବାର କାମ କରୁଛନ୍ତି । ଏହା ପଛରେ ସେମାନଙ୍କର ଉଦ୍ଦେଶ୍ୟ ହେଲା ଯେ, କିଭଳି ସେମାନଙ୍କର ଅସ୍ତ୍ର ବିକ୍ରି ହେଉ । ଅଲ୍ଲାଃତାଲା ସେମାନଙ୍କ ଉପଦ୍ରବ ଏବଂ ପାପରୁ ସମସ୍ତଙ୍କୁ ରକ୍ଷା କରନ୍ତୁ । **ଆମିନ୍** । ସେହିପରି ପାଲେଷ୍ଟାଇନ୍‌ର ଜନସାଧାରଣଙ୍କ ନିମନ୍ତେ ମଧ୍ୟ ଦୁଆ କରନ୍ତୁ । ଅଲ୍ଲାଃତାଲା ସେମାନଙ୍କ ନିମନ୍ତେ ମଧ୍ୟ ସହଜତା ସୃଷ୍ଟି କରନ୍ତୁ ଓ ଏମାନେ ଶାନ୍ତିପୂର୍ଣ୍ଣ ଭାବରେ ନିଜ ଦେଶରେ ରୁହନ୍ତୁ । କିନ୍ତୁ ପ୍ରକାଶ୍ୟ ରୂପେ ଏହା ଲାଗେ ଯେ, ଶାନ୍ତିର  କୌଣସି ସମ୍ଭାବନା ନାହିଁ । ବରଂ ଏହି ପ୍ରଚେଷ୍ଟା ରହିଛି ଯେ, କିପରି ସେମାନଙ୍କୁ ଏଠାରୁ ବିତାଡ଼ିତ ଓ ନିର୍ବାସିତ କରିଦିଆଯାଉ ଏବଂ ତହିଁରେ ସମସ୍ତ ଶକ୍ତି (ରାଷ୍ଟ୍ରମାନେ) ସାମିଲ୍ ହେଉଛନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ମୁସଲମାନ ରାଷ୍ଟ୍ରମାନଙ୍କୁ ମଧ୍ୟ ସଦ୍‌ବୁଦ୍ଧି ପ୍ରଦାନ କନ୍ତୁ । ସେମାନେ ଏକ ହୋଇଯାଆନ୍ତୁ । ଯଦି ମୁସଲିମ୍ ରାଷ୍ଟ୍ରମାନେ ଏକ ହୋଇ ଯାଆନ୍ତି ତେବେ ଅନେକ ସମସ୍ୟାର ସମାଧାନ ହୋଇ ପାରିବ । ଯଦି ବିଶ୍ୱଯୁଦ୍ଧ ହେଲା ତେବେ କେତେକ ବ୍ୟକ୍ତିମାନଙ୍କର, ରାଷ୍ଟ୍ରମାନଙ୍କର ଏହି ଯେଉଁ ଧାରଣାଟି ରହିଛି ଯେ, ସେମାନେ ବର୍ତ୍ତିଯିବେ ଏବଂ ସଂପୂର୍ଣ୍ଣ ଭୁଲ୍ ଅଟେ । ଏହି ବିଶ୍ୱଯୁଦ୍ଧ ସମସ୍ତଙ୍କୁ ନିଜ ଗର୍ଭ ମଧ୍ୟରେ ଗ୍ରାସ କରିନେବ । ଅତଏବ୍ ଏହି ଭ୍ରମ ଧାରଣାରୁ ପ୍ରତ୍ୟେକ ବ୍ୟକ୍ତିକୁ ବର୍ତ୍ତିବା ଉଚିତ୍ । ଅଲ୍ଲାଃତାଲା ସମସ୍ତଙ୍କୁ ସୁରକ୍ଷିତ ରଖନ୍ତୁ। ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଏହାର ସମାଧାନ କେବଳ ଓ କେବଳ ଅଲ୍ଲାଃତାଲାଙ୍କ ସମ୍ମୁଖରେ ମୁଣ୍ଡ ନୁଆଁଇବା ଦ୍ୱାରା ହିଁ ହୋଇପାରିବ । ତେଣୁ ଆପଣମାନେ ଅଲ୍ଲାଃତାଲାଙ୍କ ଆଗରେ ମୁଣ୍ଡ ନୁଆଁନ୍ତୁ । ଏହି ମାର୍ଗ ହିଁ ସେମାନଙ୍କୁ ବଞ୍ଚାଇ ପାରିବ । ଏହାକୁ ବାଦ୍‌ଦେଲେ ଅନ୍ୟ କୌଣସି ମାର୍ଗ ନାହିଁ । ଅଲ୍ଲାଃତାଲା ସମସ୍ତଙ୍କୁ ଏଥି ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ। **ଆମିନ୍ । (ଅଲ୍‌ଫଜଲ୍ ଇଣ୍ଟରନ୍ୟାସନଲ୍, 30 ମେ, 2025 ମସିହା, ପୃ-2-7)**

☆--☆--☆

**(ଅହେମଦି ଛାତ୍ରମାନେ ଦୟାକରି ଧ୍ୟାନ ଦିଅନ୍ତୁ ଯେ, ବର୍ତ୍ତମାନ ଆଡ଼ମିଶନ (ପ୍ରବେଶ ଗ୍ରହଣ) ପ୍ରକ୍ରିୟା ଆରମ୍ଭ ହୋଇସାରିଛି)**

**କାଦିୟାନ୍ ସ୍ଥିତ ଦାରୁସ୍ ସନାଅତ୍ ଠାରେ ଆଡ଼ମିଶନ ନିମନ୍ତେ ଘୋଷଣା**

**ଶିକ୍ଷାବର୍ଷ: 2025-2026**

**(Ahmadiyya vocational training centre)**

**(2025-2026 ଶିକ୍ଷା ବର୍ଷ ପାଇଁ)**

ଦାରୁସ୍ ସନାଅତ୍ କାଦିୟାନ୍‌ର ମୂଳଦୁଆ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଅନୁମୋଦନ କ୍ରମେ ଏବଂ ବିଶେଷ ମାର୍ଗଦର୍ଶନ କ୍ରମେ 2010 ମସିହାରେ ହୋଇଥିଲା। ଉକ୍ତ ଶିକ୍ଷାନୁଷ୍ଠାନର ମୂଳାଭିପ୍ରାୟ ହେଲା ଛାତ୍ରମାନଙ୍କୁ କର୍ମ କୁଶଳୀ କରିବା ଏବଂ ଟେକ୍‌ନିକାଲ୍ (ବୈଷୟିକ) ପାଠ୍ୟର ଶିକ୍ଷାଦାନ କରାଯାଇ ଛାତ୍ରମାନଙ୍କୁ ରୋଜଗାରକ୍ଷମ କରିବା ଏବଂ ସେମାନଙ୍କ ପାଇଁ ରୋଜଗାରର ଅବସର ସୃଷ୍ଟି କରିବା । ଦାରୁସ୍ ସନାଅତ୍ କାଦିୟାନ୍ ସରକାରୀ ଶିକ୍ଷାନୁଷ୍ଠାନ NSIC ଦିଲ୍ଲୀ ଏବଂ ISO ଦ୍ୱାରା ପଞ୍ଜିକୃତ ଅଟେ। ଉକ୍ତ ଶିକ୍ଷାନୁଷ୍ଠାନରେ ଏକ ବର୍ଷରେ ନିମ୍ନ ଲିଖିତ କୋର୍ସ (ପାଠ୍ୟକ୍ରମ)ର ତାଲିମ ଦିଆଯାଇଥାଏ ଯଥା:- (1) Computer applications (2) Plumbling (3)Electrician (4) Welding (5) Motor vehicle (6) Diesel mechanic (7) AC and Refrigerator ଇତ୍ୟାଦି ।

କାଦିୟାନ୍ ବାହାରରୁ ଆଗତ ଅହେମଦି ଛାତ୍ରମମାନଙ୍କ ରହିବା ନିମନ୍ତେ Mess ଓ Hostelର ବ୍ୟବସ୍ଥା ମଧ୍ୟ ରହିଛି । ରହିବା ଓ ଖାଇବା ନିମନ୍ତେ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ । ଅର୍ଥାତ୍ ସଂପୂର୍ଣ୍ଣ ମାଗଣା କେବଳ କୋର୍ସ ଫି ବାବଦକୁ ଅତି ସହଜ ଓ ସାଧାରଣ କିସ୍ତି ନିଆଯାଇଥାଏ ।

ଏପରି ଅହେମଦି ଯୁବକମାନେ ଯେଉଁମାନେ ନିଜର ବିଦ୍ୟାଳୟ ଶିକ୍ଷା ସମାପ୍ତ କରିପାରି ନାହାନ୍ତି କିମ୍ବା ସେମାନେ 8th ଓ 10th ଶ୍ରେଣୀ ପରେ ଟେକ୍‌ନିକାଲ କୋର୍ସ (ପାଠ୍ୟକ୍ରମ) କରିବା ନିମନ୍ତେ ଇଚ୍ଛୁକ ଅଟନ୍ତି ସେମାନେ ଆଡ଼୍‌ମିଶନ ନିମନ୍ତେ ଯଥାଶୀଘ୍ର ଯୋଗାଯୋଗ କରନ୍ତୁ । ଅହେମଦି ପିଲାମାନଙ୍କର ଧାର୍ମିକ ଶିକ୍ଷା ନିମନ୍ତେ ମଧ୍ୟ ବ୍ୟବସ୍ଥା ରହିଛି । ଏତଦଭିନ୍ନ Personality development ଏବଂ English Speaking କ୍ଲାସ୍ ମଧ୍ୟ ନିଆଯାଇଥାଏ। ନୂତନ ସେଶନ୍ (ଶିକ୍ଷାବର୍ଷ) 2025-26 ନିମନ୍ତେ ପ୍ରବେଶ ପ୍ରକ୍ରିୟା ଆରମ୍ଭ ହୋଇ ସାରିଛି ।

ଉକ୍ତ ଶିକ୍ଷା ବର୍ଷର କ୍ଲାସ୍ 16 ଜୁଲାଇ 2026 ଠାରୁ ଆରମ୍ଭ ହୋଇଯିବ । ବିବରଣୀ ପାଇଁ ନିମ୍ନ ଲିଖିତ ନମ୍ବର ଓ email idରେ ଯୋଗା ଯୋଗ କରିପାରିବେ ।

**darulsanaat.qadian@gmail.com,**
**9872725895, 8604024043,**
**(ପ୍ରିଂସିପାଲ୍ ଦାରୁସ୍ ସନାଅତ୍ କାଦିୟାନ୍)**

☆--☆--☆

**ଯାମିୟା ଅହେମଦିୟା କାଦିୟାନ୍‌ରେ ନାମ ଲେଖାଇବା ନିମନ୍ତେ ଆଗ୍ରହୀ ଓ ଇଚ୍ଛୁକ ଅହେମଦି ଛାତ୍ରମାନେ ଦୟାକରି ଧ୍ୟାନ ଦିଅନ୍ତୁ ! ନାମଲେଖା ଜାରି ରହିଛି**

ଯାମିୟା ଅହେମଦିୟା କାଦିୟାନ୍ ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ସ୍ଥାପିତ ଏକ ପବିତ୍ର ଧାର୍ମିକ ଶିକ୍ଷାନୁଷ୍ଠାନ ଅଟେ । ଏଠାରେ ଏଯାବତ୍ ସହସ୍ରାଧିକ ବିଦ୍ୱାନ୍ ଏବଂ ମୁବଲ୍ଲିଗିନ୍‌ମାନେ ଶିକ୍ଷା ପ୍ରାପ୍ତ କରି ଇସ୍‌ଲାମ୍ ଧର୍ମର ପ୍ରକୃତ ଶିକ୍ଷାକୁ ପୃଥିବୀର କୋଣ ଅନୁକୋଣ ପର୍ଯ୍ୟନ୍ତ ପରିବ୍ୟାପ୍ତ କରିବାର କର୍ତ୍ତବ୍ୟ ସମ୍ପାଦନ କରି ଆସୁଛନ୍ତି । ସୟେଦିନା ହୁଜୁରେ ଅନ୍‌ୱର୍ ଅ.ବ ମଧ୍ୟ ଅନେକ ଅବସରରେ ଅହେମଦି ଛାତ୍ରମାନଙ୍କୁ ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ସ୍ଥାପିତ ଏହି ପବିତ୍ର ଧାର୍ମିକ ଶିକ୍ଷାନୁଷ୍ଠାନରୁ ଶିକ୍ଷା ଆହରଣ କରିବା ସଂକ୍ରାନ୍ତରେ ସେବା କରିବା ପ୍ରତି ଧ୍ୟାନ ଆକର୍ଷଣ କରିଛନ୍ତି । ଅତଏବ୍ ସୟେଦିନା ହୁଜୁର ଅନ୍‌ୱର୍ ଅ.ବଙ୍କ ଆଦେଶାନୁକ୍ରମେ ଅଧିକରୁ ଅଧିକ ୱାକ୍‌ଫିନେ ନଅ ଓ ଅଣ ୱାକ୍‌ଫିନେ ନଅ ଛାତ୍ରମାନଙ୍କୁ ଯାମିୟା ଅହେମଦିୟା କାଦିୟାନ୍‌ରେ ନାମ ଲେଖାଇ ଶିକ୍ଷାର୍ଜନ କରିବା ପ୍ରସଙ୍ଗରେ ଧର୍ମ ସେବା କରିବା ନିମନ୍ତେ ନିଜକୁ ଉପସ୍ଥାପିତ କରିବା ଉଚିତ୍ । ଅତଏବ୍ ଯେଉଁ ଛାତ୍ରମାନେ ଯାମିୟା ଅହେମଦିୟାରେ ନାମ ଲେଖାଇବା ନିମନ୍ତେ ଇଚ୍ଛୁକ ଓ ଅଗ୍ରହୀ ଅଟନ୍ତି ସେମାନେ "ଶୋବା ୱକ୍‌ଫେ ନଅ ଭାରତ" (ୱକଫେ ନଅ ବିଭାଗ) କିମ୍ବା ନଜାରତ୍ ତାଲିମ୍ ସହିତ ଯୋଗାଯୋଗ କରନ୍ତୁ ଓ ଶୀଘ୍ରାତିଶୀଘ୍ର ଫର୍ମ (ଆବେଦନ ଫର୍ମ)ଟିକୁ ପୂରଣ କରି ତା-30-06-2025 ସୁଦ୍ଧା  ୱକ୍‌ଫେ ନଅ ଭାରତ କାର୍ଯ୍ୟାଳୟ କିମ୍ବା ନଜାରତ୍ ତାଲିମିକୁ ପ୍ରେରଣ କରନ୍ତୁ ।

**ନାମ ଲେଖାଇବା ନିମନ୍ତେ ନିମ୍ନଲିଖିତ ସର୍ତ୍ତାବଳୀ ଉଦ୍ଦିଷ୍ଟ ରହିଛି:**

(1) ମ୍ୟାଟ୍ରିକ୍ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ନିମନ୍ତେ ଆବେଦନକାରୀ ଛାତ୍ରର ବୟସ 17 ବର୍ଷ ହୋଇଥିବା ଆବଶ୍ୟ ଏବଂ +2 ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ନିମନ୍ତେ ଆବେଦନକାରୀ ଛାତ୍ରର ବୟସ 19 ବର୍ଷ ହୋଇଥିବା ଆବଶ୍ୟକ । ଯେଉଁ ଛାତ୍ରମାନେ ପବିତ୍ର କୁରଆନ୍ କରୀମ୍ ମୁଖସ୍ଥ କରିଛନ୍ତି ସେମାନଙ୍କର ବୟସ ସୀମା ଯଦି ଉପରୋକ୍ତରେ ବର୍ଣ୍ଣିତ ବୟସ ସୀମା ଠାରୁ ଅଧିକ ହୁଏ ତେବେ ସେ କ୍ଷେତ୍ରରେ ସେମାନଙ୍କ ପାଇଁ ବୟସ କୋହଳ କରିଦିଆଯିବ ।

(2) ଯାମିୟା ଅହେମଦିୟାରେ ନାମ ଲେଖାଇବା ନିମନ୍ତେ ଜାତୀୟ କ୍ୟାରିୟର୍ ପ୍ଲାନିଂ କମିଟି ୱକଫେ୍ ନଅ ଭାରତ ଛାତ୍ରମାନଙ୍କର ଇଣ୍ଟରଭ୍ୟୁ (ସାକ୍ଷାତ୍‌କାର) ଏବଂ ଲିଖିତ ପରୀକ୍ଷା ଆୟୋଜନ କରିବ ଓ ଯାମିୟା ଅହମଦିୟା ନିମନ୍ତେ ସେହି ଛାତ୍ରମାନଙ୍କୁ Select (ଚୟନ) କରିବ ଯେଉଁମାନେ ଉପରୋକ୍ତ ସର୍ତ୍ତକୁ ପୂରଣ କରୁଥିବେ । ଲିଖିତ ପରୀକ୍ଷାରେ ପବିତ୍ର କୁରଆନ୍ କରୀମ୍, ଇସ୍‌ଲାମ୍, ଅହମଦିୟତ୍, ଦିନି ମାଲୁମାତ୍, ଉର୍ଦ୍ଦୁ, ଇଂରାଜୀ ଏବଂ ସାଧାରଣ ଜ୍ଞାନରୁ ପ୍ରଶ୍ନ ପଡ଼ିବ ।

(3) ଲିଖିତ ପରୀକ୍ଷାରେ ଏବଂ ସାକ୍ଷାତ୍‌କାରରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କର ନୁର୍ ହସ୍ପିଟାଲ୍ କାଦିୟାନ୍‌ରେ ମେଡ଼ିକାଲ୍ ପରୀକ୍ଷା କରାଯିବ । ଲିଖିତ ପରୀକ୍ଷା, ସାକ୍ଷାତ୍‌କାର ଏବଂ ସୟେଦିନା ହୁଜୁର ଅନ୍‌ୱର୍ ଅ.ବଙ୍କ ଅନୁମୋଦନ କ୍ରମେ ଯାମିୟା ଅହମଦିୟା କାଦିୟାନ୍‌ରେ ମେଡ଼ିକାଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କର ହିଁ ନାମ ଲେଖାଯିବ ।

(4) ସ୍ନାତକ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କୁ ଯାମିୟା ଅହେମଦିୟା କାଦିୟାନ୍‌ରେ ନାମ ଲେଖାଇବା ନିମନ୍ତେ ଅଗ୍ରାଧିକାର ପ୍ରଦାନ କରାଯିବ । ଅବେଦନ ଫର୍ମ Mail ମାଧ୍ୟମରେ ପ୍ରାପ୍ତ  କରିବାର ଠିକଣା ନିମ୍ନଲିଖିତ ଅଟେ ।

waqfenau@qadian.in
WAQF-E-NAU DEPARTMENT (NAZARAT TALEEM)
Darul Balaqh, CIVIL LINE , QADIAN
DISTRICT: GURDASPUR,
PUNJAB (INDIA) PIN: 143516
CONTACT: 01872-500975, 9988991775
**(ସଦର୍ ନ୍ୟାସନଲ୍ କ୍ୟାରିୟର୍ ପ୍ଲାନିଂ କମିଟି ୱକ୍‌ଫେ ନଅ ଭାରତ)**

☆--☆--☆

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** أَلَيْسَ اللّٰهُ بِكَافٍ عَبْدَهٗ

**(ଅଜ୍ ଜୁମର: 36)**

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

## କାଦିୟାନ୍ ସ୍ଥିତ ନୁର୍ ହସ୍ପିଟାଲରେ ଡାକ୍ତର (MBBS) ପଦବୀ ପୂରଣ ନିମନ୍ତେ ଘୋଷଣା ।
## ନିୟମାବଳୀ/ଶିକ୍ଷାଗତ ଯୋଗ୍ୟତା/ଅଭିଜ୍ଞତା

(1) ପ୍ରାର୍ଥୀ MBBS ଡିଗ୍ରୀ ସହିତ Rotatory Internship ସଂପୂର୍ଣ୍ଣ କରିଥବା ଆବଶ୍ୟକ ।

(2) ପ୍ରାର୍ଥୀ ଯେକୌଣସି ମେଡ଼ିକାଲ କାଉନସିଲରେ ପଞ୍ଜିକୃତ ହୋଇଥିବା ଆବଶ୍ୟକ ।

(3) ପ୍ରାର୍ଥୀ କୌଣସି ପିରିଚିତ ହସ୍ପିଟାଲରେ ଅନ୍ତତଃ 20 ବର୍ଷର ଅଭିଜ୍ଞତା ଥିବା ଆବଶ୍ୟକ ।

(4) ବୟସ 30ରୁ ଉର୍ଦ୍ଧ୍ୱ ହୋଇ ନଥିବା ଉଚିତ୍ । (ପରିସ୍ଥିତିକୁ ଦୃଷ୍ଟିରେ ରଖି ଜରୁରୀକାଳୀନ ପରିସ୍ଥିତରେ ବିଚାର କରା ଯାଇପାରେ ।)

(5) ଗ୍ରେଡ଼ 20052-561-24540-784-33948-884-41020 ସହିତ ରିହାତି ନିୟମାନୁଯାୟୀ (ଦିଆଯିବ) ।

(6) ପ୍ରାର୍ଥୀ ସ୍ୱାସ୍ଥ୍ୟବାନ୍ ହୋଇଥିବା ଉଚିତ୍ । ପ୍ରାର୍ଥୀର ଧାର୍ମିକ ଓ ଚାରିତ୍ରିକ ଅବସ୍ଥା ଉତ୍ତମ ହେବା ଉଚିତ୍ । ପ୍ରାର୍ଥୀ ଜଣକ ସଭ୍ୟ, ଶିଷ୍ଟ, ରୋଗୀମାନଙ୍କ ସହିତ ଏବଂ ସାଥିରେ କାମ କରୁଥିବା ଅନ୍ୟ କର୍ମଚାରୀ (ଯେପରିକି ନର୍ସ ଇତ୍ୟାଦି)ଙ୍କ ସହିତ ବିନମ୍ରପୂର୍ଣ୍ଣ ବ୍ୟବବାହର ପ୍ରଦର୍ଶନ କରୁଥିବା ଉଚିତ୍ ।

(7) ପୁରୁଷ ପ୍ରାର୍ଥୀକୁ ଅଗ୍ରାଧିକାର ଦିଆଯିବ ।

### ଆବଶ୍ୟକୀୟ ର୍ଦ୍ଦେଶାବଳୀ:

(1) ସାପ୍ତାହିକ ଖବରକାଗଜ ବଦରରେ ପ୍ରକାଶିତ ଘୋଷଣା (ବିଜ୍ଞପ୍ତି)ର 2 ମାସ ମଧ୍ୟରେ ପ୍ରାପ୍ତ ଆବେଦନକୁ ବିଚାରକୁ ନିଆଯିବ ।

(2) ଇଚ୍ଛୁକ ପ୍ରାର୍ଥୀମାନେ ନିଜ ନିଜର ଆବେଦନ ଫର୍ମ ଜିଲ୍ଲା ଅମୀର/ସ୍ଥାନୀୟ ଅମୀର/ସଦର୍ ଜମାଅତ୍/ ମୁବଲ୍ଲିଗ୍ ଇନଚାର୍ଜଙ୍କ ପୁଷ୍ଟିକୃତ ଦସ୍ତଖତ ଏବଂ ମୋହର ସହିତ ପ୍ରେରଣ କରନ୍ତୁ ।

(3) ଇଣ୍ଟରଭ୍ୟୁରେ ସଫଳ ହେବା ସ୍ଥଳେ ପ୍ରାର୍ଥୀକୁ ନୁର୍ ହସ୍ପିଟାଲ୍ କାଦିୟାନଙ୍କ ଦ୍ୱାରା ନିର୍ଦ୍ଧାରିତ ମେଡ଼ିକାଲ ଏବଂ ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ ହେବ । କେବଳ ସେହି ପ୍ରେର୍ଥୀ ସେବା କରିବା ନିମନ୍ତେ ଯୋଗ୍ୟ ବିବେଚିତ ହେବ ଯିଏ ନୁର୍ ହସ୍ପିଟାଲର ମେଡ଼ିକାଲ କର୍ତ୍ତୃପକ୍ଷ ବୋର୍ଡ଼ଙ୍କ ରିପୋର୍ଟ ମୁତାବକ ସୁସ୍ଥ ଏବଂ ସ୍ୱାସ୍ଥ୍ୟବାନ୍ ବିବେଚିତ ହେବ ।

(4) କାଦିୟାନ୍ ଯିବା ଆସିବା (ଯାତ୍ରା) ଖର୍ଚ୍ଚ, ମେଡ଼ିକାଲ୍ ସାର୍ଟିଫିକେଟ୍ ପ୍ରାର୍ଥୀ ନିଜେ ବହନ କରିବେ ।

(5) ଇଣ୍ଟରଭ୍ୟୁ ସମୟରେ ନିଜର ସମସ୍ତ ମୂଳ ଶୈକ୍ଷିକ ପ୍ରମାଣପତ୍ର ନିଜ ସାଙ୍ଗରେ ଆଣିବା ବିଧେୟ ହେବ ।

ନୋଟ୍: ଇଣ୍ଟରଭ୍ୟୁର ତାରିଖ ସମୟ ସଂକ୍ରାନ୍ତରେ ପ୍ରାର୍ଥୀମାନଙ୍କୁ ପରବର୍ତ୍ତୀ ସମୟରେ ସୂଚିତ କରିଦିଆଯିବ ।

**ଅଧିକ ତଥ୍ୟ ଜାଣିବା ପାଇଁ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ**

ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହମଦିୟା କାଦିୟାନ୍, ଗୁର୍ଦାସପୁର, ପଞ୍ଜାବ, ପିନ୍ କୋଡ଼-143516
ମୋବାଇଲ୍ ନଂ: 9682587713,9888232530,9682627592
କାର୍ଯ୍ୟାଳୟ: 01872-501130
Email:diwan@qadian.in

☆--☆--☆

## ପୃ-1ରେ ବର୍ଣ୍ଣିତ ହ. ମସିହ୍ ମଉଦ୍ ଅ.ସଙ୍କ ତଫସିରର ଅବଶିଷ୍ଟାଂଶ....

କିନ୍ତୁ ତଥାପି ଏମାନେ ଖୋଲମଖୋଲା ଓ ପ୍ରକାଶ୍ୟ ରୂପେ ଏକେଶ୍ୱରବାଦର ସ୍ୱୀକାରକାରୀ ଓ କଥନକାରୀ ଅଟନ୍ତି । ଏମାନେ କୌଣସି ବ୍ୟକ୍ତିକୁ ଈଶ୍ୱର କରନ୍ତି ନାହିଁ ଏବଂ ଏମାନେ ଏକେଶ୍ୱରବାଦର କଲ୍ୟାଣମୂଳକ ଆଲୋକ ନିଜ ମଧ୍ୟରେ ନିହିତ ରଖିଛନ୍ତି । ଅର୍ଥାତ୍ ଏମାନେ ଏକେଶ୍ୱରବାଦର କଲ୍ୟାଣମୂଳକ ଆଲୋକର ଅଧିକାରୀ ଅଟନ୍ତି ଏବଂ କିଛିଟା ଜୀବନର ଉତ୍ତାପ ବା ତାପମାତ୍ରା ଏମାନଙ୍କର ମଧ୍ୟରେ ବିଦ୍ୟମାନ ରହିଛି । ତେଣୁ ଆମେମାନେ (ମୁଁ ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସ ଏକଥା କହୁଛନ୍ତି) ଏହା କହିପାରିବା ନାହିଁ ଯେ, ସେମାନେ ଯଦିଓ ଅତି ଭୟଙ୍କର ପରିସ୍ଥିତିରେ ଅଛନ୍ତି ସତ କିନ୍ତୁ ସେମାନେ (ମୁସଲମାନମାନେ) ସଂପୂର୍ଣ୍ଣ ରୂପେ ମୃତ୍ୟୁବରଣ କରିଛନ୍ତି । ଯଦି କୌଣସି ଖ୍ରୀଷ୍ଟ ଧର୍ମାବଲମ୍ବୀ କିମ୍ବା ହିନ୍ଦୁ ଧର୍ମବଲମ୍ବୀ ଆମ ପ୍ରତି ବିମୁଖ ହୋଇ ଏପରି ସମାଲୋଚନା କରି ମନ୍ତବ୍ୟ ଦିଏ ତେବେ ସେହି ବ୍ୟକ୍ତି ଘୋର ଲଘୁଚେତା ଅର୍ଥାତ୍ ଧର୍ମାନ୍ଧ ଏବଂ ଘୋର ଅବୋଧ ବ୍ୟକ୍ତି ଅଟେ । ଉଦ୍ୟାନ (ବଗିଚା)ରେ କଣ୍ଟାର ରହିବା ମଧ୍ୟ ନିହାତି ଜରୁରୀ ଅଟେ । ଅର୍ଥାତ୍ ଯେଉଁଠି ପୁଷ୍ପ (ଫୁଲ) ରହିଛି ସେଠାରେ କଣ୍ଟା ମଧ୍ୟ ଥିବ । କିନ୍ତୁ ବିରୋଧୀ ଦଳରେ ତ' କେବଳ କଣ୍ଟା ଓ କଣ୍ଟା ହିଁ ଦୃଶ୍ୟମାନ ହୋଇଥାଏ । ଖ୍ରୀଷ୍ଟିଆନ୍‌ମାନଙ୍କର ଏହି ବାଯ୍ୟ ଓ ନିରର୍ଥକ କଥା ଯେ, ମସିହ୍ ଅ.ସଙ୍କ (ହ. ଇସା ଅ.ସଙ୍କ) ଆଧ୍ୟାତ୍ମିକ ନେତୃତ୍ୱ ଥିଲା ଏବଂ ଖ୍ରୀଷ୍ଟିୟାନ୍ ହୋଇ ଆମେମାନେ ଜୀବିତ ହୋଇ ଉଠିଲୁ । ହେ ସଜ୍ଜନ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ! ଏକଥା ଭଲ ଭାବରେ ସ୍ମରଣ ରଖ ଯେ, ମସିହ୍ ଅ.ସଙ୍କ ପ୍ରଳୟ ଦିବସର ତିଳେ ମାତ୍ର ହେବା ସିଦ୍ଧ (ପ୍ରମାଣିତ) ନୁହେଁ ଓ ନା ହିଁ ଖ୍ରୀଷ୍ଟିଆନ୍‌ମାନେ ଜୀବିତ ହୋଇ ଉଠିଥିଲେ । ବରଂ ମୃତ ଏବଂ ସମସ୍ତ ମୃତକମାନଙ୍କ ଠାରୁ ପ୍ରଥମ ସ୍ଥାନରେ ଆହୁରି ସଂକୀର୍ଣ୍ଣ ଏବଂ ଅନ୍ଧକାର କବର ମଧ୍ୟରେ ପଡ଼ି ରହିଛନ୍ତି ଓ ସିର୍କ(ଅଲ୍ଲାଃତାଲାଙ୍କ ସହିତ ଅନ୍ୟକୁ ସାମିଲ୍ କରିବା ବା ସମକକ୍ଷ କରିବା)ର ଗର୍ତ୍ତ ମଧ୍ୟରେ ପଡ଼ି ରହିଛନ୍ତି । ସେମାନଙ୍କ ମଧ୍ୟରେ ନା ବିଶ୍ୱାସିକ ଆତ୍ମା ରହିଛି ଓ ନା ହିଁ ସେମାନଙ୍କ ମଧ୍ୟରେ ବିଶ୍ୱାସିକ କଲ୍ୟାଣ ରହିଛି । ବରଂ ଅତି ନିକୃଷ୍ଟତର ଏକେଶ୍ୱରବାଦ ହେଲା ମାନବ ପୂଜାରୁ ନିବୃତ୍ତ ରହିବା । ତାହା ମଧ୍ୟ ସେମାନଙ୍କୁ ପ୍ରାପ୍ତ ହୋଇ ନାହିଁ ଏବଂ ନିଜ ପରି ଏକ ବିନୀତ ଓ ଦୁର୍ବଳ ବ୍ୟକ୍ତିକୁ ସ୍ରଷ୍ଟା ଏବଂ ଭଗବାନ ମନେକରି ତା'ର ଉପାସନା କରୁଛନ୍ତି ।

**(ଆଇନା କମାଲାତେ ଇସଲାମ୍, ରୁହାନୀ ଖଜାଏନ୍, ଭାଗ-5, ପୃ-221-222)**

☆--☆--☆

## ପୃ-2ରେ ବର୍ଣ୍ଣିତ ଭାଷଣର ଅବଶିଷ୍ଟାଂଶ....

ଆଦେଶ ଦେଲେ ଏବଂ ଗର୍ତ୍ତ ଖୋଳାଯିବା ପରେ ସେହି ଗର୍ତ୍ତରେ 24 ଜଣ ମୁସରିକ୍ ଅଧିପତିମାନଙ୍କର ଶବକୁ ପୋତି ଦେଲେ । ଏହି ପ୍ରକ୍ରିୟାକୁ "କଲିବେ ବଦର୍" ବୋଲି କୁହାଯାଏ । **(ବୁଖାରୀ କିତାବୁଲ୍ ମୁଗାଜି)**

ସମ୍ମାନିତ ଶ୍ରୋତବର୍ଗମାନେ ! ଆଁହଜ୍‌ରତ ସ.ଅ ଏବଂ ମୁସଲମାନମାନଙ୍କ ନିମନ୍ତେ ଏହା ପ୍ରଥମ ମହା ବିଜୟ ଥିଲା । ଏହି ବିଜୟ ଅବିଶ୍ୱାସକାରୀମାନଙ୍କର ମେରୁଦଣ୍ଡକୁ (ଅଣ୍ଟାକୁ) ଭାଙ୍ଗି ଦେଇଥିଲା । କିନ୍ତୁ ଏହି ବିଜୟ ଉପରେ ଆପଣ ସ.ଅ ଓ ଆପଣ ସ.ଅଙ୍କ ସାହାବାମାନେ କୌଣସି ଉଲ୍ଲାସ ପର୍ବ ପାଳନ କଲେ ନାହିଁ । ବରଂ ନିଜର ପାଳନକର୍ତ୍ତାଙ୍କ ମର୍ଯ୍ୟାଦା ଏବଂ ପ୍ରତିଷ୍ଠାର ସ୍ଲୋଗାନ ଉତ୍ତୋଳନ କଲେ ।

ହ. ଅବଦୁଲ୍ଲାଃ ବିନ୍ ମସଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଅବୁ ଜହଲ୍‌କୁ ସଂହାର କରିବା ପରେ ଓ ତା' ଉପରେ ଶେଷ ପ୍ରହାର କରିବା ପରେ ମୁଁ ନବୀ କରୀମ୍ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ ସୂଚନା ଦେଲି କି ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଅବୁ ଜହଲ୍ ନିହତ ହୋଇ ସାରିଛି । ଆପଣ ସ.ଅ ସେତେବେଳେ ଉଚ୍ଚ ସ୍ୱରରେ ସ୍ଲୋଗାନ୍ ଦେଲେ ଏବଂ କହିଲେ, କ'ଣ ଅଲ୍ଲାଃତାଲା ସେହି ନୁହନ୍ତି କି ଯାହାଙ୍କ ବ୍ୟତୀତ ଅନ୍ୟ କେହି ବି ଉପାସ୍ୟ ନୁହନ୍ତି ? ମୁଁ (ହ. ଅବଦୁଲ୍ଲାଃ ବିନ୍ ମସଉଦ୍) କହିଲି, ଅବଶ୍ୟ ହେ ଅଲ୍ଲାଃଙ୍କ ବାର୍ତ୍ତାବହ !

ପୁନଶ୍ଚ ଯେତେବେଳେ ରସୁଲ୍ କରୀମ୍ ସ.ଅ ଅବୁ ଜହଲ୍‌ର ଶବ ନିକଟରେ ଯାଇ ଛିଡ଼ା ହେଲେ ସେତେବେଳେ ଆପଣ ସ.ଅ କହିଲେ, ସକଳ ପ୍ରଶଂସା ସେହି ଈଶ୍ୱରଙ୍କ ନିମନ୍ତେ ଉଦ୍ଦିଷ୍ଟ । ହେ ଅଲ୍ଲାଃଙ୍କ ଶତ୍ରୁ ! ଅଲ୍ଲାଃତାଲା ତୋତେ ତିରସ୍କୃତ କଲେ । ଆପଣ ସ.ଅ ପୁନଶ୍ଚ କହିଲେ, ଅବୁ ଜହଲ୍ ସେହି ଜାତିର ଅର୍ଥାତ୍ ଅବିଶ୍ୱସାକାରୀମାନଙ୍କର ଅଧିପତି ଥିଲା । **(ମୁଉଜିମୁଲ୍ କବିର୍ ଲିଦ୍ ତିବ୍ରାନୀ, ଭାଗ-9, ପୃ-81, ବୈରୁତ୍, ପ୍ରାମାଣ୍ୟ-ଉସୱାଏ ଇନ୍‌ସାନେ କାମିଲ୍)**

ସମ୍ମାନିତ ଶ୍ରୋତବର୍ଗମାନେ ! ଏକଥା ମନେରଖିବା ଉଚିତ୍ ଯେ, ହ. ରସୁଲ୍ କରୀମ୍ ସ.ଅ ନିଜର ସାହାବାମାନଙ୍କୁ ଯୁଦ୍ଧର ଶିଷ୍ଟାଚାର ଏବଂ ନିୟମିତ ମାର୍ଗଦର୍ଶିକା ପ୍ରଦାନ କରି ଦେଇଥିଲେ । ସେହି ମାର୍ଗଦର୍ଶିକା ନିମ୍ନମତେ ଅଟେ: -

☆ଯୁଦ୍ଧ ସମୟରେ କୌଣସି ବୃଦ୍ଧ ବ୍ୟକ୍ତି, ନାବାଳକ ଓ ମହିଳାମାନଙ୍କ ବଧ କରିବ ନାହିଁ ।

☆ଶତ୍ରୁ ଯେତେବେଳେ ରାତ୍ରରେ ଶୋଇଥିବ ସେତେବେଳେ ସେହି ରାତ୍ର ସମୟରେ ଆକ୍ରମଣ କରିବ ନାହିଁ ।

☆ଧାର୍ମିକ ଧର୍ମଗୁରୁମାନଙ୍କୁ ବଧ କରି ନାହିଁ, ଅନ୍ୟ ଧର୍ମାଲମ୍ବୀମାନଙ୍କ ଉପାସନା ପୀଠକୁ କ୍ଷତି ପହଞ୍ଚାଇବ ନାହିଁ ।

☆ସବୁଜ ଏବଂ ଫଳନ୍ତା ବୃକ୍ଷକୁ କାଟିବ ନାହିଁ କି କୌଣସି ଜୀବକୁ ନିଆଁରେ ପୋଡ଼ିବ ନାହିଁ ।

☆ଶତ୍ରୁର ଶବକୁ ବିକୃତ କରିବ ନାହିଁ କି ଶତ୍ରୁର ଶବକୁ ଖୋଲା ଓ ପରିତ୍ୟକ୍ତ ଅବସ୍ଥାରେ ଛାଡ଼ିବ ନାହିଁ । କାରଣ ସେହି ଶବକୁ ମଢ ଖାଇଲାବାଲା ଜୀବମାନେ (ଚିଲ, ଶାଗୁଣା, ବିଲୁଆ, ହେଟା ବାଘ ଆଦି)ନିଜର ଆହାର କରି ନେବେ ।

ଉପରୋକ୍ତ କଥାର ସାରାଂଶ ଏହିକି ଯେ, ଶତ୍ରୁର ଆକ୍ରମଣରୁ ଅତିଷ୍ଠ ଓ ବାଧ୍ୟ ହୋଇ ଈଶ୍ୱରଙ୍କ ଆଦେଶାନୁଯାୟୀ ନିଜର ଆତ୍ମରକ୍ଷା ନିମନ୍ତେ ରସୁଲୁଲ୍ଲାଃ ସ.ଅଙ୍କୁ ଯେତେବେଳେ ଖଡ଼୍ଗ ଉଠାଇବାକୁ ପଡ଼ିଲା ସେତେବେଳେ ଯୁଦ୍ଧ ପରିସ୍ଥିତିରେ ଯେଉଁଠି (ଯୁଦ୍ଧକୁ) ସଂସାର ସବୁକିଛି ବୈଧ ବୋଲି ମନେକରିଥାଏ ସେଠାରେ ଆପଣ ସ.ଅ ପ୍ରଥମ ଥର କରି ସଂସାରକୁ ଯୁଦ୍ଧର ଶିଷ୍ଟାଚାର ସଂପର୍କରେ ଅବଗତ କରାଇଲେ। ଚରିତ୍ରର ଏହି ନିୟମାବଳୀ ସହିତ ଯେତେବେଳେ ବି ଆପଣ ସ.ଅ ଯୁଦ୍ଧ ନିମନ୍ତେ ବାହାରକୁ ବାହାରୁଥିଲେ ସେତେବେଳେ ଆପଣ ସ.ଅଙ୍କ ସମସ୍ତ ବିଶ୍ୱାସ ଓ ଭରସା ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ହେଉଥିଲା ।

ହ. ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ ଯେତେବେଳେ କୌଣସି ଯୁଦ୍ଧ ନିମନ୍ତେ ବାହାରୁଥିଲେ ସେତେବେଳେ ଆପଣ ସ.ଅ ଏହି ଦୁଆ କରୁଥିଲେ । اَللّٰهُمَّ اَنْتَ عَضُدِيْ وَاَنْتَ نَصِيْرِيْ وَبِكَ اُقَاتِلُ ଅର୍ଥାତ୍ ହେ ଅଲ୍ଲାଃ ତୁମ୍ଭେ ହିଁ ମୋତେ

ସାହା ହୁଅ, ତୁମ୍ଭେ ହିଁ ମୋର ସହାୟକ ଅଟ ଓ ତୁମ୍ଭରି ଉପରେ ମୁଁ ନିଜର ବିଶ୍ୱାସ ପୋଷଣ କରୁଛି । **(ମୁସ୍‌ନଦ୍ ଅହମଦ୍ ବିନ୍ ହମ୍ବଲ୍)**

ବର୍ତ୍ତମାନ ଓହୋଦ୍ ଯୁଦ୍ଧର ଅତ୍ୟନ୍ତ ଘଡ଼ିସନ୍ଧି ମୁହୂର୍ତ୍ତ ସଂପର୍କରେ ହ. ମୁହମ୍ମଦ ସ.ଅଙ୍କ ଯେଉଁ ଚାରିତ୍ରିକ ବୈଶିଷ୍ଟ୍ୟତା ପ୍ରକଟିତ ହେଲା ତନ୍ମଧ୍ୟରୁ ବର୍ତ୍ତମାନ ମୁଁ ଗୋଟିଏ ଦୁଇଟିର ଚର୍ଚ୍ଚା ଉପସ୍ଥାପିତ କରିଦେଉଛି । 1- ନିଜ ଜୀବନ ପ୍ରତି ବିପଦ ଥିବା ସତ୍ତ୍ୱେ ଈଶ୍ୱରଙ୍କ ସ୍ୱାଭିମାନର ସହସା ପରିପ୍ରକାଶ ସହିତ ସଂପର୍କିତ ଅଟେ । ଅପରପକ୍ଷେ କେତେକ ମୁସଲମାନମାନେ ଆଁହଜରତ ସ.ଅଙ୍କ ତାଗିଦ୍‌ମୂଳକ ଆଦେଶକୁ ଅଣଦେଖା କରି ସୁରକ୍ଷାମୂଳକ ଫାଟକକୁ ଖାଲି ଛାଡ଼ି ଦେବାର ପିରଣାମ ଏହା ହେଲା ଯେ, ଜିତି ଥିବା ଯୁଦ୍ଧ ସାମୟିକ ପରାଜୟରେ ପରିଣତ ହୋଇଯାଇଥିଲା । ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କ ନେତୃତ୍ୱରେ ଅବିଶ୍ୱାସକାରୀଙ୍କ ସୈନ୍ୟ ପଛ ଭାଗରୁ ସହସା ଆକ୍ରମଣ କରିବା ଯୋଗୁଁ ମୁସଲମାନ ସୈନ୍ୟବାହିନୀ ବିକ୍ଷିପ୍ତ ହୋଇଗଲା ଏବଂ ହ. ରସୁଲ୍ କରୀମ୍ ସ.ଅଙ୍କ କେତେକ ସାହାବାମାନଙ୍କ ସହିତ ବନ୍ଦୀ ହୋଇଗଲେ । ଇତି ମଧ୍ୟରେ ଆପଣ ସ.ଅ ଆହତ ମଧ୍ୟ ହୋଇଗେଲେ ଓ ଏକ ଗର୍ତ୍ତରେ ସାହାବାମାନଙ୍କ ଉପରେ ଯାଇ ଖସି ପଡ଼ିବା ଯୋଗୁଁ ଆପଣ ସ.ଅଙ୍କ ସଂପର୍କରେ ଏହି ସନ୍ଦେହ ଜାତ ହୋଇଯାଇଥିଲା ଯେ, ସମ୍ଭବତଃ ଆପଣ ସ.ଅ ଶହୀଦ୍ ହୋଇଯାଇଛନ୍ତି । ସୁତରାଂ ଅବୁ ସୁଫିୟାନ ସେହି ଫାଟକ ଫାଖରେ ଛିଡ଼ା ହୋଇ ଡାକି କହିବାକୁ ଲାଗିଲା, ହେ ମୁସଲମାନମାନେ ! କ'ଣ ତୁମମାନଙ୍କ ମଧ୍ୟରେ  ମୁହମ୍ମଦ ସ.ଅ ଜୀବିତ ଅଛନ୍ତି କି । ଆପଣ ସ.ଅ କହିଲେ, କେହି ଉତ୍ତର ଦିଅ ନାହିଁ । ପୁନଶ୍ଚ ସେ ହ. ଅବୁ ବକ୍କର ର.ଅ ଓ ହ. ଉମର୍ ର.ଅଙ୍କ ସଂପର୍କରେ ଯେତେବେଳେ ପଚାରିଲା ସେତେବେଳେ ମଧ୍ୟ ଆଁହଜରତ ସ.ଅ ନିଜର ସାହାବାମାନଙ୍କୁ ଚୁପ୍ ରହିବାକୁ କହିଲେ । ତେଣୁ କୌଣସି ସାହାବା ଉତ୍ତର ଦେଲେ ନାହିଁ । ଫଳତଃ ଅବୁ ସୁଫିୟାନ୍ ଏହା ଭାବିଲା ଯେ, ମୁଁ ଯାହାଙ୍କର ନାମ ଉଚ୍ଚାରଣ କରିଛି ଏମାନେ ସମସ୍ତେ ମୃତ୍ୟୁବରଣ କରି ସାରିଛନ୍ତି । ତେଣୁ ଅବୁ ସୁଫିୟାନ୍ ଶ୍ଳୋଗାନ୍ ଦେଲା ଉଲୁଲ୍ ହୁବୁଲ୍ । ଅର୍ଥାତ୍ ହେ ହୁବୁଲ୍ ଠାକୁର ! ତୁମର ଜୟ ହେଉ । ଆଁହଜରତ ସ.ଅ ସାହାବାମାନଙ୍କୁ କହିଲେ,  ହେ ସାହାବାମାନେ! ତୁମେମାନେ ଉତ୍ତର କାହିଁକି ଦେଲ ନାହିଁ ? ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ କେଉଁ ଉତ୍ତର ଦେବୁ ? ଆପଣ ସ.ଅ କହିଲେ, ତୁମେମାନେ ଏହି ଉତ୍ତର ଦିଅ ଓ ଘୋଷଣା କର ଯେ, اَللّٰہُ اَعْلٰی وَاَجَلّ ଅର୍ଥାତ୍ ମର୍ଯ୍ୟାଦା ଓ ପ୍ରତିଷ୍ଠା କେବଳ ଅଲ୍ଲାଃତାଲାଙ୍କୁ ହିଁ ପ୍ରାପ୍ତ ଅଟେ । ତାହାଙ୍କ ନିମନ୍ତେ ହିଁ ମର୍ଯ୍ୟାଦା ଓ ପ୍ରତିଷ୍ଠା ଉଦ୍ଦିଷ୍ଟ ଅଟେ । ପୁନଶ୍ଚ ଅବୁ ସୁଫିୟାନ୍ କହିଲା, لَنَا الْعُزّٰی وَلَا عُزّٰی لَکُمْ ଅର୍ଥାତ୍ ଆମ ସହିତ ତ' ଉଜ୍ଜା ଠାକୁର ଅଛନ୍ତି ଏବଂ ତୁମ ନିମନ୍ତେ କୌଣସି ଉଜ୍ଜା ନାହାନ୍ତି । ଆଁହଜରତ ସ.ଅ କହିଲେ, اَللّٰہُ مَوْلَانَا وَلَا مَوْلٰی لَکُمْ ଅର୍ଥାତ୍ ଉଜ୍ଜା କ'ଣ ଅଟନ୍ତି କି ? ଆମ ସହିତ ତ' ଅଲ୍ଲାଃତାଲା ଅଛନ୍ତି ଏବଂ ଅଲ୍ଲାଃ ତାଲା ହିଁ ଆମର ସହାୟକ ଅଟନ୍ତି ଓ ତୁମ ସହିତ କେହି ସହାୟକ ବା ସାହାଯ୍ୟକର୍ତ୍ତା ନାହାନ୍ତି ।

**(ସହି ବୁଖାରୀ କିତାବୁଲ୍ ଜିହାଦ୍ ୱସ୍ ସୈର୍)**

2- ଇତ୍ୟବସରରେ ଦ୍ୱିତୀୟ ଘଟଣା ମଧ୍ୟ ରହିଛି ଯହିଁରେ ରହମତୁଲ୍ ଲିଲ୍‌ଆଲମିନ୍ ହ. ମୁହମ୍ମଦ୍ ମୁସ୍ତଫା ସ.ଅ ନିଜର ପରମଶତ୍ରୁ ପାଇଁ ମଧ୍ୟ କ୍ଷମା ଏବଂ ମାର୍ଗଦର୍ଶନ ପ୍ରାପ୍ତ ନିମନ୍ତେ ଦୁଆ (ପ୍ରାର୍ଥନା) କରୁଛନ୍ତି ।

ଯେପରିକି ବର୍ତ୍ତମାନ ବର୍ଣ୍ଣିତ ହୋଇ ସାରିଛି ଯେ, ଯୁଦ୍ଧରେ ଆଁହଜରତ ସ.ଅଙ୍କୁ ମୁସରିକିନ୍‌ମାନଙ୍କ ପକ୍ଷରୁ କ୍ଷତି ପହଞ୍ଚିଥିଲା ଏବଂ ଆପଣ ସ.ଅଙ୍କ ଲୌହ ମୁକୁଟ ଚେହେରାରେ ଦବି ଯାଇଥିଲା । ଫଳତଃ ଆପଣ ସ.ଅଙ୍କ ପବିତ୍ର ଦାନ୍ତ ଭାଙ୍ଗି ଯାଇଥିଲା।

ଏହି ଗଭୀର ଦୁଃଖ ଏବଂ ଯନ୍ତ୍ରଣା ଅବସରରେ ଆଁହଜରତ ସ.ଅ ଅତ୍ୟନ୍ତ ଯନ୍ତ୍ରଣାସିକ୍ତ (ବ୍ୟଥିତ)  ହୋଇ  କହିଲେ, کَیْفَ یُفْلِحُ قَوْمٌ خَضَبُوْا وَجْہَ نَبِیِّہِمْ بِالدَّمِ وَھُوَ یَدْعُوْھُمْ اِلٰی رَبِّہِمْ ଅର୍ଥାତ୍ ସେହି ଜାତି କିପରି ମୋକ୍ଷ ପ୍ରାପ୍ତ କରିପାରିବ ଯିଏ ନିଜର ଅବତାରଙ୍କ ମୁଖକୁ ରକ୍ତ ଦ୍ୱାରା ରଞ୍ଜିତ (ରକ୍ତ ରଞ୍ଜିତ ଅର୍ଥାତ୍ ରକ୍ତ ଦ୍ୱାରା ରଙ୍ଗୀନ୍) କରିଦେଲା । ସେହି ଜାତି ଅବତାରର ମୁଖକୁ କେବଳ ଏଇଥି ପାଇଁ ରକ୍ତ ରଞ୍ଜିତ କରିଦେଲା ଯେ, ସେହି ଅବତାର ସେମାନାଙ୍କୁ (ଅବିଶ୍ୱାସକାରୀମାନଙ୍କୁ) ଈଶ୍ୱରଙ୍କ ଆଡ଼କୁ ଡାକୁଥିଲା । ପୁନଶ୍ଚ କିଛି ସମୟ ନିରବ ରହିବା ପରେ ଦୟାର ଭାବାବେଗ ଦ୍ୱାରା ପରିପୂର୍ଣ୍ଣ ହୋଇ ଆପଣ ସ.ଅ କହିଲେ, اَللّٰھُمَّ اغْفِرْ لِقَوْمِیْ فَاِنَّھُمْ لَا یَعْلَمُوْنَ ଅର୍ଥାତ୍ ହେ ମୋର ଅଲ୍ଲାଃ! ତୁମ୍ଭେ ମୋରେ ଜାତିକୁ କ୍ଷମା କରିଦିଅ । କାରଣ ଏମାନେ ଏହି ଦୋଷ ଅଜାଣତରେ ଏବଂ ଅବଜ୍ଞାତରେ କରିଛନ୍ତି । **(ବୁଖାରୀ, କିତାବ୍ ଆହାଦିସୁଲ୍ ଅମ୍ବିୟା)**

ବଦର୍ ଯୁଦ୍ଧ ଏବଂ ଓହୋଦ୍ ଯୁଦ୍ଧ ପରେ ମକ୍କାର ଅବିଶ୍ୱାସକାରୀମାନଙ୍କର ଦ୍ୱେଷ ଏବଂ ମୁସଲମାନମାନଙ୍କ ସହିତ ଶତ୍ରୁତା ଆହୁରି ବୃଦ୍ଧା ପାଇଲା । ମୁସଲମାନମାନଙ୍କୁ ନିଜ ମାତୃଭୂମିରୁ ନିର୍ବାସିତ ଓ ବିତାଡ଼ିତ କରିଦିଆଗଲା । ଇହୁଦୀ ସଂପ୍ରଦାୟ ବନୁ ନୁଜୈର୍ ସଂପ୍ରଦାୟ ଅନ୍ୟ ଆରବ୍ୟ ସଂପ୍ରଦାୟମାନଙ୍କୁ ଉସ୍‌କାଇ ମକ୍କାର କୁରୈଶ୍‌ମାନଙ୍କର ବିଦ୍ୱେଷର ଅଗ୍ନିରେ ଅତିରିକ୍ତ ଇନ୍ଧନ ଢାଳିବା ଅର୍ଥାତ୍ ନିଆଁରେ ଘିଅ ଢାଳିବାର କାର୍ଯ୍ୟ କଲା । ସୁତରାଂ ଅବୁ ସୁଫିୟାନ୍‌ର ନେତୃତ୍ୱରେ ଏହି ସୈନ୍ୟବାହିନୀ ମକ୍କାରୁ ବାହାରିଲା ଏବଂ ଅନ୍ୟ ସଂପ୍ରଦାୟ ଯଥା ଗତ୍‌ଫାନ୍, ବନୁ ଅସଦ୍, ବନୁ ଫୁଜାରାହ୍, ବନୁ ଅଶ୍‌ଯାଅ ଓ ବନୁ ମୁର୍‌ରାହ୍ ଇତ୍ୟାଦି ସଂପ୍ରଦାୟମାନେ ତହିଁରେ ସାମିଲ୍ ହୋଇ ଚାଲିଲେ । ମଦିନାରେ ପହଞ୍ଚୁ ପହଞ୍ଚୁ ଏହି ଆରବୀୟ ସଂପ୍ରଦାୟମାନଙ୍କର ସୈନ୍ୟସମୂହ ଏକତ୍ରିତ ହୋଇ ପ୍ରାୟ 10,000 (ଦଶ ହଜାର) ସଂଖ୍ୟା ପର୍ଯ୍ୟନ୍ତ ପହଞ୍ଚିଗଲା । ଏକ ନଈ ବଢି ଆକାରରେ ମଦିନା ଆଡ଼କୁ ମାଡ଼ି ଆସିଲା ଏବଂ ଏହି ସଂକଳ୍ପ ନେଲା ଯେ, ଯେପର୍ଯ୍ୟନ୍ତ ଇସ୍‌ଲାମ୍ ଧର୍ମକୁ ଏହି ସଂସାରରୁ ନିଶ୍ଚିହ୍ନ କରିଦିଆଯାଇ ନାହିଁ ସେପର୍ଯ୍ୟନ୍ତ ସେମାନେ ଶାନ୍ତିରେ ନିଃଶ୍ୱାସ ନେବେ ନାହିଁ । ଅର୍ଥାତ୍ ଶାନ୍ତିରେ ବସିବେ ନାହିଁ ।

ହ. ରସୁଲ୍ କରୀମ୍ ସ.ଅଙ୍କ ଗୁଇନ୍ଦା ବ୍ୟବସ୍ଥା ଏପରି ଯୋଗାଯୋଗମୂଳକ ଓ ଦୃଢ ଥିଲା କି ବର୍ତ୍ତମାନ କୁରୈଶ୍‌ମାନଙ୍କର ସୈନ୍ୟବାହିନୀ ମକ୍କାରୁ ବାହାରି ନଥିଲା କି ଆଁହଜରତ ସ.ଅଙ୍କୁ କୁରୈଶ୍‌ମାନଙ୍କ ଆଗମନର ସୂଚନା ମିଳିଗଲା । ତେଣୁ ଆପଣ ସ.ଅ ସାହାବାମାନଙ୍କୁ ଏକତ୍ରିତ କରି ପରାମର୍ଶ ଦେଲେ ଏବଂ ସାହାବାମାନଙ୍କ ଠାରୁ ଆପଣ ସ.ଅ ପରାମର୍ଶ ମଧ୍ୟ ଲୋଡ଼ିଲେ । ଆଁହଜରତ ସ.ଅ ହ. ସଲ୍‌ମାନ୍ ଫାର୍ସି ର.ଅଙ୍କ ପରାମର୍ଶ ତଥା ତାଙ୍କର ପ୍ରସ୍ତାବକୁ ସ୍ୱୀକାର କଲେ । କାରଣ ମଦିନାର ଅସୁରକ୍ଷିତ ଭାଗ ସମ୍ମୁଖରେ ଏକ ଦୀର୍ଘ ଓ ଗଭୀର ଗର୍ତ୍ତ ଖୋଳାଯାଇ ନିଜକୁ ସୁରକ୍ଷିତ କରିନିଆଯାଉ ।

ସୁତରାଂ ଗର୍ତ୍ତ ଖୋଳା କାମ ଆରମ୍ଭ ହେଲା । ଏହି ଗର୍ତ୍ତ ଖୋଳା ହେବା ସମୟରେ ମୁସଲମାନମାନେ ଭୋକିଲା ଥିଲେ । ଆପଣ ସ.ଅଙ୍କ ସହିତ ସାହାବାମାନେ ମଧ୍ୟ ଭୋକର ପୀଡ଼ାରୁ ବର୍ତ୍ତିବା ପାଇଁ ନିଜ ପେଟରେ ପଥର ବାନ୍ଧି ନେଇଥିଲେ । ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଆଁହଜରତଙ୍କ ଦ୍ୱାରା ଯେଉଁ ଆଚରଣ ପ୍ରକଟିତ ହେଲା ତନ୍ମଧ୍ୟରୁ କେବଳ କିଛି ଆଚରଣ ମୁଁ ଏଠାରେ ଉପସ୍ଥାପିତ କରିଦେଉଛି । 1-ସାହାବାମାନେ ଶ୍ରମିକମାନଙ୍କ ପରି ଖନ୍ଦକ୍ (ଗର୍ତ୍ତ) ଖୋଳିବାରେ ବ୍ୟସ୍ତ ଥିଲେ । ଏହି କାର୍ଯ୍ୟରେ ଆମର ପ୍ରିୟ ମୁନିବ ହ. ମୁହମ୍ମଦ ମୁସ୍ତଫା ସ.ଅ ସାହାବାମାନଙ୍କ ଉପରେ ଡିଉଟି ନ୍ୟସ୍ତ କରି ଘରେ ବିଶ୍ରାମ ପାଇଁ ଗଲେ ନାହିଁ । ବରଂ ସାହାବାମାନଙ୍କ ସହିତ ଖନନ ଏବଂ ମାଟି ବୁହା କାର୍ଯ୍ୟ କରୁଥିଲେ । ସାହାବାମାନଙ୍କର ସ୍ୱଭାବରେ ପ୍ରସନ୍ନତା ବଜାୟ ରଖିବା ନିମନ୍ତେ ଆଁହଜରତ ସ.ଅ ଏହି କବିତା ପାଠ କରିଯାଉଥିଲେ ଯେ,

اَللّٰھُمَّ اِنَّ الْعَیْشَ عَیْشُ الْاٰخِرَۃ    فَاغْفِرْ لِلْاَنْصَارِ وَالْمُھَاجِرَ

ଅର୍ଥାତ୍ "ହେ ଅଲ୍ଲାଃ ! ପ୍ରକୃତ ଜୀବନ ତ' କେବଳ ଶେଷ ଦିବସର ଜୀବନ ଅଟେ। ଅତଏବ୍ ତୁମ୍ଭେ ନିଜର କୃପା ବଳରେ ଅନ୍‌ସାର ଏବଂ ପ୍ରବାସକାରୀମାନଙ୍କୁ ନିଜର ଅନୁଦାନମୂଳକ ପରୁସ୍କରା ପ୍ରଦାନ କର ।" ଅତଏବ୍ ଏହିପରି ଭାବରେ କେତେକ କବିତା ଆପଣ ସ.ଅ ପାଠ କଲେ ଓ ସାହାବାମାନଙ୍କର ସହିତ ସୁର ମିଶାଇ ମଧ୍ୟ କବିତା ପାଠ କରିବାର ଚର୍ଚ୍ଚା ମଧ୍ୟ ମିଳେ ।

ଆଁହଜରତ ସ.ଅଙ୍କ ଆଉ ଏକ ଚରିତ୍ର ଯାହାକି ସେନାପତିମାନଙ୍କ ନିମନ୍ତେ ମାର୍ଗଦର୍ଶିକା ଅଟେ । ଏହାର ବିବରଣୀ ଏହିପରି ଯେ, ଖନ୍ଦକ୍ (ଗର୍ତ୍ତ) ଖନନ ସମୟରେ ଏକ ଚଟ୍ଟାଣ ଆସିଗଲା । ଯେଉଁ ଚଟ୍ଟାଣକୁ ସାହାବାମାନେ ପ୍ରହାର ଏବଂ ସତଚେଷ୍ଟା କରିବା ସତ୍ତ୍ୱେ ମଧ୍ୟ ତାହା ଭାଙ୍ଗୁ ନଥିଲା । ସାହାବାମାନଙ୍କର କେନ୍ଦ୍ର ବିନ୍ଦୁ ତ' ରସୁଲ୍ କରୀମ୍ ସ.ଅଙ୍କ ଅସ୍ତିତ୍ୱ ହିଁ ଥିଲା ।

ସୁତରାଂ ସାହାବାମାନେ ଆପଣ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ ସମସ୍ତ ପରିସ୍ଥିତି ସଂପର୍କରେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ଯେତେବେଳେ ଗର୍ତ୍ତ ଖୋଳୁଥିଲେ ସେତିକିବେଳେ ଏକ ଚଟ୍ଟାଣ ଆସିଲା ଏବଂ ତାହା ଆମମାନଙ୍କ ଦ୍ୱାରା ଭାଙ୍ଗୁ ନାହିଁ । ଅତଏବ୍ ଆଁହଜରତ ସ.ଅ  ଉଠିଲେ ଏବଂ ସୁଯୋଗ ଦେଖି ଗର୍ତ୍ତ ସ୍ଥଳରେ କୋଦାଳ ଧରି ପହଞ୍ଚିଗେଲ । ଆପଣ ସ.ଅ କୋଦଳ ନିଜ ହାତରେ ଧରି ସେହି ଭାଙ୍ଗୁ ନଥିବା ଚଟ୍ଟାଣ ଉପରେ ଏକ, ଦୁଇ ଓ ତିନି ଥର କରି ପ୍ରହାର କଲେ । ଏପର୍ଯ୍ୟନ୍ତ କି ତୃତୀୟ ପ୍ରହାରରେ ଚଟ୍ଟାଣ ଖଣ୍ଡ ଖଣ୍ଡ ହୋଇଗଲା । ଏହି ମହାନ ଚରିତ୍ରକୁ ଈଶ୍ୱରଙ୍କ ତରଫରୁ ଏହିପରି ସ୍ୱୀକୃତ ଓ ଅନୁମୋଦିତ ହେଲା କି ପ୍ରତ୍ୟେକ ପ୍ରହାରରେ ଆପଣ ସ.ଅ اللّٰہ اکبر ର ଶ୍ଳୋଗାନ ଦେଲେ । ସାହାବାମାନେ ଆପଣ ସ.ଅଙ୍କୁ ଯେତେବେଳେ କାରଣ ପଚାରିଲେ ସେତେବେଳେ ଆପଣ ସ.ଅ କହିଲେ, ହେ ସାହାବାମାନେ ! ମୁଁ ଯେତେବେଳେ ଚଟ୍ଟାଣ ଉପରେ ପ୍ରଥମ ପ୍ରହାର କଲି ସେତେବେଳେ ମୋତେ ତନ୍ଦ୍ରାବସ୍ଥାରେ ଏହି ଦୃଶ୍ୟ ଦଖାଇ ଦିଆଗଲା ଯହିଁରେ ସିରୀୟାର ଶାସନ ଚାବି ମୋତେ ପ୍ରଦାନ କରାଗଲା ଏବଂ ସିରୀୟାର ଲୋହିତ (ନାଲି) ରଙ୍ଗର ଭବନ ଦେଖାଇ ଦିଆଗଲା । ସେହିପରି ମୁଁ ଯେତେବେଳେ ଦ୍ୱିତୀୟ ପ୍ରହାର କଲି ସେତେବେଳେ ମୋତେ ପାରସ୍ୟର ଚାବି ଦେଖାଇ ଦିଆଗଲା ଏବଂ ମଦାଏନ୍‌ର ଧବଳ (ଧଳା) ରଙ୍ଗର ରାଜ ପ୍ରସାଦ ଦୃଶ୍ୟମାନ (ଦିଶୁ) ହେଉଥିଲା। ସେହିପିର ମୁଁ ଯେତେବେଳେ ତୃତୀୟ ପ୍ରହାର କଲି ସେତେବେଳେ ଚଟ୍ଟାଣରୁ ନିଆଁ ବାହାରିଲା । ତହିଁରେ ଆପଣ ସ.ଅଙ୍କୁ ୟମନ୍‌ର ଚାବି ଦୃଶ୍ୟମାନ ହେଲା । ଆପଣ ସ.ଅ କହିଲେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ସନ୍‌ଆର ଦ୍ୱାର ମୋତେ ସେତେବେଳେ ଦେଖାଇ ଦିଆଯାଇଥିଲା । ଅତଏବ୍ ଈଶ୍ୱରଙ୍କ ଲୀଳାର ପ୍ରତ୍ୟେକ ଦୃଶ୍ୟରେ ମୁଁ **ଅଲ୍ଲାଃହୁ ଅକବର୍**ର ଶ୍ଳୋଗାନ୍ ଦେଇଥିଲି । ଅର୍ଥାତ୍ ମୁଁ କହିଲି, ହେ ସର୍ବଶକ୍ତିମାନ ଈଶ୍ୱର ! ପ୍ରତ୍ୟେକ ପ୍ରକାରର ମର୍ଯ୍ୟାଦା, ପ୍ରତିଷ୍ଠା ଓ ପ୍ରଶଂସାର ପାତ୍ର ଈଶ୍ୱର ଆମମାନଙ୍କର ଏହି ଦୁର୍ବଳାବସ୍ଥାରେ ଆମମାନଙ୍କୁ ଭବିଷ୍ୟତର ବିଜୟ ଏବଂ ଇସ୍‌ଲାମ୍ ଧର୍ମର ବିଜୟର ଦୃଶ୍ୟ ଦେଖାଇ ଦେଇଛନ୍ତି ।

ସମ୍ମାନିତ ଶ୍ରୋତବର୍ଗମାନେ ! ଏହା କୌଣସି କାହାଣୀ ନୁହେଁ କି ଗଳ୍ପ ନୁହେଁ । ବରଂ ସଂସାର ଏହିସବୁ ଘଟଣାବଳୀ ଉପରେ ସାକ୍ଷ୍ୟ ପ୍ରଦାନ କରେ । ଏହି ପ୍ରତିଶ୍ରୁତି ତଥା ଅଙ୍ଗୀକାର ନିଜ ନିଜ ସମୟରେ ଅର୍ଥାତ୍ କିଛି ଭବିଷ୍ୟବାଣୀ ଆଁହଜରତ ସ.ଅଙ୍କ ଜୀବନ କାଳର ଶେଷ ଦିନମାନଙ୍କର ସଂପୂର୍ଣ୍ଣ ହୋଇଥିଲା ତ' ଆଉ କେତେକ ଭବିଷ୍ୟବାଣୀ ଆପଣ ସ.ଅଙ୍କ ବିୟୋଗ ପରେ ଅର୍ଥାତ୍ ଖଲିଫାମାନଙ୍କ କାଳରେ ପୂର୍ଣ୍ଣ ହୋଇ ସେହି ତନ୍ଦ୍ରାବସ୍ଥାଜନିତ ଦୃଶ୍ୟର ପୁଷ୍ଟି କରି ଦେଇଥିଲା ଯେ, ବାସ୍ତବରେ ଏହି

ଭବିଷ୍ୟଜନିତ ବିଜୟର ଦୃଶ୍ୟ ଈଶ୍ୱର ହିଁ ଅତ୍ୟନ୍ତ ଦୁର୍ବଳତା କାଳରେ ଦେଖାଇଥିଲେ ।

ଏହି ଅହଜାବ୍ ଯୁଦ୍ଧର ଅବସାନ (ସମାପ୍ତ) 20 ଦିନ ଧରି ଧୈର୍ଯ୍ୟ ପରୀକ୍ଷା ଏବଂ ଘେରାଉ କରିବା ପରେ ବିନା ରକ୍ତପାତରେ କେବଳ ରସୁଲୁଲ୍ଲାଃ ସ.ଅଙ୍କ ଦୁଆ ଏବଂ ଅଲ୍ଲାଃତାଲାଙ୍କ ଚମତ୍କାରିକମୂଳକ ଲୀଳା ଦ୍ୱାରା ସମାପ୍ତ ହୋଇଗଲା । ଅପରପକ୍ଷେ ସାହାବାମେନ ଏହି ବିପତ୍ତିର ସମ୍ମୁଖୀନ ହୋଇଥିଲେ ଏବଂ ପରିଶେଷରେ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତବହ ! ଆପଣ ସ.ଅ ଅଲ୍ଲାଃତାଲାଙ୍କ ନିକଟରେ ଦୁଆ କରନ୍ତି କି ସେ ନିଜର କୃପା ଦ୍ୱାରା ଏହି ବିପତ୍ତିକୁ ଦୂର କରି (ଟଳାଇ) ଦିଅନ୍ତୁ ଏବଂ ଆପଣ ସ.ଅ ଆମମାନଙ୍କୁ ମଧ୍ୟ କୌଣସି ଦୁଆ ଶିଖାନ୍ତୁ ଯେଉଁ ଦୁଆ ଆମେମାନେ ଏହି ଅବସରରେ ଅଲ୍ଲାଃତାଲାଙ୍କ ନିକଟରେ କରିବୁ । ସୁତରାଂ ଆପଣ ସ.ଅ ସେମାନଙ୍କୁ ଆଶ୍ୱାସନା ଦେଲେ ଓ କହିଲେ, ତୁମେମାନେ ଅଲ୍ଲାଃତାଲାଙ୍କ ନିକଟରେ ଏହି ଦୁଆ କର କି ସେ ତୁମର ଦୋଷ ଦୁର୍ବଳତା ଉପରେ ଘୋଡ଼ଣା ପକାନ୍ତୁ ଓ ତୁମ ହୃଦୟକୁ ଦୃଢୀଭୂତ କରନ୍ତୁ ତଥା ତୁମର ବ୍ୟାକୁଳତାକୁ ଦୂର କରନ୍ତୁ ।

ପୁନଶ୍ଚ ଆପଣ ସ.ଅ ସ୍ୱୟଂ ଏହି ଦୁଆ କଲେ ଯେ, اَللّٰهُمَّ مُنْزِلَ الْكِتَابِ، سَرِيْعَ الْحِسَابِ، اِهْزِمِ الْأَحْزَابَ، اَللّٰهُمَّ اهْزِمْهُمْ وَانْصُرْنَا عَلَيْهِمْ وَزَلْزِلْهُمْ ଅର୍ଥାତ୍ ହେ ପବିତ୍ର କୁରଆନ୍ କରୀମ୍ ଅବତୀର୍ଣ୍ଣକାରୀ ଏବଂ ସଂସାରରେ ନିଜର ଆଦେଶାବଳୀ ପ୍ରଣୟନକାରୀ ଈଶ୍ୱର ! ହେ ହିସାବ ନେବାରେ ହେଳା ନକରୁଥିବା ଈଶ୍ୱର ! ତୁମ୍ଭେ ନିଜର କୃପା ଦ୍ୱାରା ସେହି ସୈନ୍ୟଗୋଷ୍ଠୀଙ୍କୁ ପରାସ୍ତ କର ଏବଂ ଆମମାନଙ୍କୁ ସେମାନଙ୍କ ଉପରେ ବିଜୟ ପ୍ରଦାନ କର ଓ ସେମାନଙ୍କୁ ଭଲ ଭାବରେ ଦୋହଲାଇ ଦିଅ ।

ସମ୍ମାନିତ ଶ୍ରୋତାବର୍ଗ ! ଏହି ଦୁଆର ପ୍ରଭାବ ଦେଖନ୍ତୁ ଯେ, ଅଲ୍ଲାଃତାଲା ଆକାଶ ଏବଂ ପାତାଳରେ ଏମିତି କିଛି ସାଧନ ସୃଷ୍ଟି କରିଦେଲେ ଯେ, ଅବିଶ୍ୱାସକାରୀଙ୍କ ସେହି ବିଶାଳ ସୈନ୍ୟବାହିନୀଙ୍କ ମଧ୍ୟରେ ମତାନ୍ତର (ମତଭେଦ) ସ୍ଥିତି ଉପୁଜିଲା ଏବଂ ଅନ୍ୟ ପଟରେ ରାତ୍ର ସମୟରେ ଏପରି ଏକ ଭୟଙ୍କର ଝଡ଼ ପବନ ଚାଲିଲା କି ଅବିଶ୍ୱାସକାରୀଙ୍କ ଶିବିର ସବୁ ଉପୁଡ଼ିଗଲା । ଶିବିର ଚତୁର୍ପାର୍ଶ୍ୱରେ ଥିବା ପରଦା ମଧ୍ୟ ପବନରେ ଉଡ଼ିଗଲା । ହାଣ୍ଡି ଡେଗିଚି ଲେଉଟି ଚୁଲି ଉପରେ ପଡ଼ିଗଲା । ବାଲି ଓ ଧୂଳିକଣାର ବର୍ଷା ହେବା ଦ୍ୱାରା ସେହି ଲୋକମାନଙ୍କର ଆଖି, ନାକ, କାନ ବାଲି ଓ ଧୂଳି ଦ୍ୱାରା ଭର୍ତ୍ତି ହୋଇଗଲା । ପୁନଶ୍ଚ ସବୁଠୁ ବଡ଼ ଅନର୍ଥ ଏହା ହେଲା କି ଜାତୀୟ ମଶାଲ ଯାହାକି ଆରବର ପ୍ରଚାନୀ ପ୍ରଥାନୁଯାୟୀ ରାତ୍ର ସମୟରେ ନିୟମିତ ରୂପେ ଜଳାଇ ରଖାଯାଉଥିଲା ତାହା ଲିଭିବାକୁ ଲାଗିଲା । ସେହି ସବୁ ଦୃଶ୍ୟାବଳୀ ଭ୍ରମ ଏବଂ ଅନ୍ଧବିଶ୍ୱାସୀ କୁଫ୍ଫାର (ଅବିଶ୍ୱାସକାରୀ)ଙ୍କ ମନକୁ ଦୋହୋଲାଇ ଓ ଆନ୍ଦୋଳିତ କରି ପକାଇ ଥିଲା । ଅର୍ଥାତ୍ ଅବିଶ୍ୱାସକାରୀମାନେ ଏତେ ଦୀର୍ଘ ଦିନ ଧରି ମଦିନାର ଘେରାଉ କରି ଅତିଷ୍ଠ ହୋଇ ହୋଇଯାଇଥିଲେ । ସେଇଥି ପାଇଁ ଏହିସବୁ ଦୃଶ୍ୟକୁ ଦେଖି ସେମାନେ ବିଚଳିତ ହୋଇ ପଡ଼ିଲେ । ଅତଏବ୍ ସୈନ୍ୟବାହିନୀର ସେନାପତି ଅବୁ ସୁଫିୟାନ୍ କୁରୈଶ୍‌ମାନଙ୍କର ଅଧିପତିଙ୍କୁ ଡକାଇ କହିଲା, ହେ ଅଧିପତିମାନେ! ଆମମାନଙ୍କର ଦୁଃଖ ଦୁର୍ଦ୍ଦଶା ବୃଦ୍ଧି ପାଇବାକୁ ଲାଗିଛି । ତେଣୁ ଏଠାରେ ଅବସ୍ଥାନ କରିବା ଆଉ ସମ୍ଭବପର ନୁହେଁ । ଏହା କହି ସଅବୁ ସୁଫିୟାନ୍ ନିଜର ଲୋକମାନଙ୍କୁ ଫେରିଯିବାକୁ ଆଦେଶ ଦେଲା ଏବଂ ନିଜ ଓଟ ଉପରେ ଯାଇ ଆରୋହଣ ହୋଇଗଲା। ବିବ୍ରତର ଏହି ଅବସ୍ଥା ଏପରି ଥିଲା କି ଓଟ ଗୋଡ଼ରେ ବନ୍ଧା ହୋଇଥିବା ଦଉଡ଼ିକୁ ଖୋଲିବା ବି ଅବୁ ସୁଫିୟାନଙ୍କୁ ଆଉ ମନେ ରହିଲା ନାହିଁ । ସେ ଯାହା ହେଉ ଚାହୁଁ ଚାହୁଁ ଦଶ ହଜାର ସଂଖ୍ୟକ ସୈନ୍ୟବାହିନୀ ସେହି ଯୁଦ୍ଧ ଭୂମିରୁ ଏପରି ପଳାୟନ କଲା ଯେ ସକାଳ ହେବା ପୂର୍ବରୁ ମଦିନାର ପୂର୍ବ ଦିଗବଳୟ ଅବିଶ୍ୱାସକାରୀ ସୈନ୍ୟବାହିନୀଙ୍କ ଧୂଳି ଦ୍ୱାରା ପବିତ୍ର ହୋଇଗଲା ।

ଉକ୍ତ ଦୃଶ୍ୟକୁ ଦେଖି ଆଁହଜରତ ସ.ଅ ଈଶ୍ୱରଙ୍କ ଲୀଳା ଏବଂ ପ୍ରତିଷ୍ଠାର ଘୋଷଣା କରି କହିଥିଲେ ଯେ, لَا إِلٰهَ إِلَّا اللّٰهُ وَحْدَهُ نَصَرَ عَبْدَهُ وَهَزَمَ الْأَحْزَابَ وَحْدَهُ । ଅର୍ଥାତ୍ ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ବି ଉପାସ୍ୟ ଯୋଗ୍ୟ ନୁହନ୍ତି । ସେହି ଅଲ୍ଲାଃ ନିଜର ଭକ୍ତକୁ ସାହାଯ୍ୟ କଲେ ଏବଂ ସ୍ୱୟଂ ହିଁ ସମସ୍ତ ସୈନ୍ୟବାହିନୀକୁ ତିରସ୍କୃତ କରିଦେଲେ । سُبْحَانَ اللّٰهِ وَبِحَمْدِهٖ سُبْحَانَ اللّٰهِ الْعَظِيْمِ اَللّٰهُمَّ صَلِّ عَلٰى مُحَمَّدٍ وَّاٰلِ مُحَمَّدٍ ।

ସମ୍ମାନିତ ଶ୍ରୋତାବର୍ଗ ! ଅନ୍ୟାନ୍ୟ ଯୁଦ୍ଧର ଚର୍ଚ୍ଚାକୁ ପରିତ୍ୟାଗ କରି ପରିଶେଷରେ ବିନୀତ ମକ୍କା ବିଜୟ ଅବସରରେ ଯେଉଁ ଅଦୃଷ୍ଟାନ୍ତନୀୟ ଚରିତ୍ର ପ୍ରକଟିତ ହୋଇଥିଲା ତନ୍ମଧ୍ୟରୁ କେତେକ ଉଦାହଣର ମୁଁ ଏଠାରେ ଚର୍ଚ୍ଚା କରିଦେଉଛି କିନ୍ତୁ ତାହା ପୂର୍ବରୁ ସୁଲାହ୍ ହୁଦୈବିୟାହ୍ ଏବଂ ଖୈବର୍ ବିଜୟ ଉପରେ ଏକ ଦୃଷ୍ଟିପାତ ପକାଇବା ମଧ୍ୟ ଆବଶ୍ୟକ ବୋଲି ମନେ ହୋଇଥାଏ । କାରଣ ସୁଲାହ୍ ହୁଦୈବିୟାହର ଘଟଣା ହିଁ ପରିଶେଷରେ ମକ୍କା ବିଜୟର କାରଣ ସାଜି ଥିଲା । ଏକଥା ମନେରଖିବା ଉଚିତ୍ ଯେ, ସୁଲାହି ହୁଦୈବିୟାହ୍‌ର ଯାତ୍ରା କୌଣସି ଯୁଦ୍ଧ ଏବଂ ସଂଗ୍ରାମ ଯୋଗୁଁ ହୋଇ ନଥିଲା । ବରଂ ନବୀ କରୀମ୍ ସ.ଅ ନିଜର ଏକ ସ୍ୱପ୍ନକୁ ବୈତୁଲ୍ଲାଃ ପରିକ୍ରମା ପାଇଁ ଏକ ଐଶୀ ଇଙ୍ଗିତ ବୋଲି ମନେକରି ଜୁଲ୍ କାଆଦା ସନ୍ 6 ହିଜ୍ରୀରେ ନିଜର 1400 ଜଣ ସାହାବାମାନଙ୍କ ସହିତ ମକ୍କା ଗମନ (ଯିବା) ନିମନ୍ତେ ପ୍ରସ୍ତୁତି ଆରମ୍ଭ କଲେ । କିନ୍ତୁ ଅଲ୍ଲାଃତାଲାଙ୍କ ଏହି ଇଚ୍ଛା ଥିଲା କି ମକ୍କାରୁ 9 ମାଇଲ୍ ଦୂରତାରେ ଦୁଦୈବିୟାହ୍ ନାମକ ସ୍ଥାନରେ ହିଁ ଆପଣ ସ.ଅଙ୍କୁ ଶିବିର ପକାଇବାକୁ ପଡ଼ିଲା । କାରଣ ମକ୍କାର କୁରୈଶ୍‌ମାନଙ୍କ ପକ୍ଷରୁ ବାଧା ସୃଷ୍ଟି କରାଯାଉଥିଲା । ଅପରପକ୍ଷେ ଆଁହଜରତ ସ.ଅ ଏବଂ ଆପଣ ସ.ଅଙ୍କ ସାହାବାମାନେ ଜୁଲ୍ ହୁଲୈଫା ଠାରୁ ଏହରାମ୍ ବାନ୍ଧି ନେଇଥିଲେ ଓ ପରିକ୍ରମା ପରେ ବଳିଦାନ ଦେବା ନିମନ୍ତେ ଜୀବମାନଙ୍କୁ ନିଜ ସହିତ ରଖି ନେଇଥିଲେ (ନେଇ ଆସିଥିଲେ) । ଏହା ସତ୍ତ୍ୱେ ଆଁହଜରତ ସ.ଅଙ୍କର ଖଡ୍‌ଗ ବଳରେ ମକ୍କାରେ ପ୍ରବେଶ କରିବାର କୌଣସି ଉଦ୍ଦେଶ୍ୟ ନଥିଲା । ସେଇଥି ପାଇଁ ମକ୍କାବାସୀଙ୍କୁ ବୁଝାଇବା ଉଦ୍ଦେଶ୍ୟରେ ନିଜର ଦ୍ୱାରାଁ ହ. ଉସ୍‌ମାନ୍ ର.ଅଙ୍କୁ ସନ୍ଦେଶବାହକ ରୂପେ ମକ୍କା ପ୍ରେରଣ କଲେ । କିନ୍ତୁ ହ. ଉସ୍‌ମାନ୍ ର.ଅଙ୍କୁ ଫେରିବାରେ କିଛି ବିଳମ୍ବ ହେବାରୁ ଏହି ଗୁଜବ୍ ପ୍ରଚାରିତ ହୋଇଗଲା ଯେ, ହ. ଉସ୍‌ମାନ୍ ର.ଅଙ୍କୁ ଶହୀଦ୍ କରି ଦିଆଯାଇଛି ।

ଉକ୍ତ ଖବର ଶୁଣି ରସୁଲ୍ କରୀମ୍ ସ.ଅଙ୍କ ପାଖରେ ଉପସ୍ଥିତ ଥିବା ସାହାବାମାନେ ଏକ କିକର ବୃକ୍ଷ ତଳେ ଏକତ୍ରିତ କଲେ ଏବଂ କହିଲେ, ଯଦି ଏହି ଖବରଟି ସତ୍ୟ ହୋଇଥାଏ ତେବେ ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ଆମେମାନେ ଯେପର୍ଯ୍ୟନ୍ତ ହ. ଉସ୍‌ମାନ୍ ର.ଅଙ୍କ ପ୍ରତିଶୋଧ ନେଇ ନାହୁଁ ସେପର୍ଯ୍ୟନ୍ତ ଆମେମାନେ ଏଠାରୁ ହଟିବୁ ନାହିଁ । ଆପଣ ସ.ଅ ପୁନଶ୍ଚ ସାହାବାମାନଙ୍କୁ କହିଲେ, ଆସ ମୋ ହାତ ଉପରେ ହାତ ରଖି ଏହି ଶପଥ ନିଅ ଯେ, ତୁମମାନଙ୍କ ମଧ୍ୟରୁ କେହି ବି ପଳାୟନ କରିବ ନାହିଁ ଏବଂ ନିଜର ଜୀବନକୁ ବାଜି ଲଗାଇ ଦେବ । କୌଣସି ସ୍ଥିତିରେ ନିଜ ସ୍ଥାନରୁ ହଟିବ ନାହିଁ। ଏତଦ୍‌ପରେ ରସୁଲ୍ କରୀମ୍ ସ.ଅ ମକ୍କାର ଅବିଶ୍ୱାସକାରୀମାନଙ୍କୁ ସ୍ପଷ୍ଟ ଶବ୍ଦରେ ଏହି ସନ୍ଦେଶ ଦେଲେ କି "ହେ ଅବିଶ୍ୱାସକାରୀମାନେ ! ଆମମାନଙ୍କର ଉଦ୍ଦେଶ୍ୟ ଯୁଦ୍ଧ କରିବା ନୁହେଁ । ଆମେମାନେ କେବଳ ବୈତୁଲ୍ଲାଃ ପରିକ୍ରମା କରିବା ଉଦ୍ଦେଶ୍ୟରେ ଏଠାକୁ ଆସିଛୁ । ଏହି ଉଦ୍ଦେଶ୍ୟରେ ଯେଉଁ ବ୍ୟକ୍ତି ବି ବାଧା ସୃଷ୍ଟି କରିବ ତେବେ ସେହି ବ୍ୟକ୍ତି ସହିତ ଯଦି ଆମେମାନଙ୍କୁ ବାଧ୍ୟ ହୋଇ ଯୁଦ୍ଧ କରିବାକୁ ବି ପଡ଼ିଲା ତେବେ ଆମେମାନେ ତା' ସହିତ ଯୁଦ୍ଧ କରିବୁ । କିନ୍ତୁ କୁରୈଶ୍ ଆମମାନଙ୍କ ସହିତ କୌଣସି ବିଶେଷ ଅବଧି ପର୍ଯ୍ୟନ୍ତ ସନ୍ଧି ସ୍ଥାପନ ନିମନ୍ତେ ଚୁକ୍ତି କରି ନିଅନ୍ତୁ ।"

ସୁତରାଂ ମକ୍କାର କୁରୈଶ୍‌ମାନଙ୍କ ପକ୍ଷରୁ ସୁହୈଲ୍ ବିନ୍ ଅମ୍ର ର.ଅଙ୍କ ସହିତ ଆଁହଜରତ ସ.ଅ ଏକ ଚୁକ୍ତି କଲେ । ଏହି ଚୁକ୍ତି ସୁଲାହ୍ ହୁଦୈବିୟାହ୍ ନାମରେ ଖ୍ୟାତ ଅଟେ । ଏହି ଚୁକ୍ତିର କେତେକ ସର୍ତ୍ତାବଳୀ ଏପରି ଥିଲା ଯାହା ସାହାବାମାନଙ୍କୁ ଅପ୍ରୀତିକର ବୋଲି ମନେ ହେଉଥିଲା ଏବଂ ହ. ଉମର୍ ର.ଅ ତ' ଅତ୍ୟନ୍ତ ବ୍ୟାକୁଳ ଅବସ୍ଥାରେ ଥିଲେ । କିନ୍ତୁ ରସୁଲ୍ କରୀମ୍ ସ.ଅ ମହା ଧୈର୍ଯ୍ୟ (ପର୍ବତ ପରି ଧୈର୍ଯ୍ୟ) ହୋଇ ଏହା ହିଁ ଚାହୁଁଥିଲେ ଯେ, ବୈତୁଲ୍ଲାଃର ଶାନ୍ତି ବିଶୃଙ୍ଖଳିତ ନହେଉ । ଅତଏବ୍ ଆପଣ ସ.ଅ କହିଲେ, ମୁଁ ସେହି ସତ୍ତାଙ୍କର ଶପଥ କରି କହୁଛି ଯାହାଙ୍କ ହାତ ମୁଠାରେ ମୋର ପ୍ରାଣ ବାୟୁ ରହିଛି । ମକ୍କାର କୁରୈଶ୍‌ମାନେ ଯଦି ମୋ ସମ୍ମୁଖରେ ଏପରି ଦାବି ଉପସ୍ଥାପିତ କରନ୍ତି ଯଦ୍ୱାରାକି ଅଲ୍ଲାଃତାଲାଙ୍କ ସମ୍ମାନିତ ବସ୍ତୁର ଗାରିମା ସ୍ଥାପିତ ହେଉଥିବ ତେବେ ଅନିର୍ବାର୍ଯ୍ୟ ରୂପେ ମୁଁ ସେହି ଦାବିକୁ ସ୍ୱୀକାର କରିନେବି ।

ସେ ଯାହା ହେଉ ସନ୍ଧିପତ୍ର ଉଲ୍ଲିଖିତ ହେଲା ଏବଂ ଏହି ସନ୍ଧିକୁ ଅଲ୍ଲାଃତାଲା ଏପରି ଭାବରେ ସ୍ୱୀକୃତି ପ୍ରଦାନ କଲେ ଓ ହ. ରସୁଲ୍ କରୀମ୍ ସ.ଅ ଏହି ପଦକ୍ଷେପକୁ ଯାହାକି ପ୍ରକାଶ୍ୟ ରୂପେ ଅପ୍ରିୟ ବୋଲି ଜ୍ଞାତ ହେଉଥିଲା ଯେ, ସେହି ସନ୍ଧିରୁ ପ୍ରତ୍ୟାବର୍ତ୍ତନ କରିବା ପରେ ଅଲ୍ଲାଃତାଲା ଆପଣ ସ.ଅଙ୍କ ଉପରେ ସେହି ମହାନ୍ ସୁରାଃ ଅବତୀର୍ଣ୍ଣ କଲେ ଯାହା ସୁରାଃ ଅଲ୍ ଫତହ୍ ନାମରେ ପବିତ୍ର କୁରଆନ୍ କରୀମ୍‌ରେ ଉଲ୍ଲିଖିତ ଅଟେ । ବିସ୍‌ମିଲ୍ଲାଃ ପରେ ଏହି ସୁରାଃର ପ୍ରଥମ ଆୟତ୍‌ରେ ହିଁ ଉକ୍ତ ସୁଲାହ୍ (ସନ୍ଧି) କୁ ଫତ୍‌ହେ ମୁବିନ୍ (ଜ୍ୱଳନ୍ତ ବିଜୟ) ବୋଲି ବିବେଚିତ କରି କହିଲେ, اِنَّا فَتَحْنَا لَكَ فَتْحًا مُّبِيْنًا **(ଅଲ୍ ଫତାଃ: 2)** ଅର୍ଥାତ୍ ଆମ୍ଭେ ତୁମ୍ଭକୁ ଏକ ପ୍ରକାଶ୍ୟ ବିଜୟ ପ୍ରଦାନ କରିଅଛୁ। ପୁନଶ୍ଚ ଏହି ସନ୍ଧି ଅବସରରେ ଜୀବମାନଙ୍କର ବଳିଦାନର ଅଙ୍ଗୀକାରକୁ ଆୟୁଦ୍ଧ କରି ଆଁହଜରତ ସ.ଅଙ୍କ ହାତ ଉପରେ ଯେଉଁ ବୈଅତ୍ କରାଯାଇଥିଲା ତତ୍‌ସଂକ୍ରାନ୍ତରେ କହିଲେ, اِنَّ الَّذِيْنَ يُبَايِعُوْنَكَ اِنَّمَا يُبَايِعُوْنَ اللّٰهَ ط يَدُ اللّٰهِ فَوْقَ اَيْدِيْهِمْ **(ଅଲ୍ ଫତାଃ:11)** ଅର୍ଥାତ୍ ଯେଉଁମାନେ ଶପଥପୂର୍ବକ ତୁମ୍ଭର ଆନୁଗତ୍ୟ ସ୍ୱୀକାର କରନ୍ତି ସେମାନେ କେବଳ ଅଲ୍ଲାଃତାଲାଙ୍କର ଆନୁଗତ୍ୟ ସ୍ୱୀକାର କରନ୍ତି । ଅଲ୍ଲାଃଙ୍କ ହସ୍ତ ସେମାନଙ୍କ ହସ୍ତ ଉପରେ ରହିଅଛି । ଅତଏବ୍ ଏହି ବାର୍ତ୍ତାବହ କେତେ ମହାନ ବାର୍ତ୍ତାବହ ଅଟନ୍ତି ଯାହାଙ୍କ ହସ୍ତକୁ ଅଲ୍ଲାଃତାଲା ନିଜର ହସ୍ତ ବୋଲି ବିବେଚିତ କରିଛନ୍ତି ଏବଂ ସେହି ସାହାବାମାନେ କେଡ଼େ ସୌଭାଗ୍ୟଶାଳୀ ସାହାବା ଅଟନ୍ତି ଯେଉଁମାନେ ଅଲ୍ଲାଃତାଲାଙ୍କ ହସ୍ତ ଉପରେ ବୈଅତ୍ କରୁଥିଲେ ।

ସୁତରାଂ ଏହି ସୁରାଃର ଆୟତ୍ ସଂଖ୍ୟା 19ରେ ବୈଅତ୍‌କାରୀମାନଙ୍କୁ ନିଜର ପ୍ରସନ୍ନତାର ସନନ୍ଦ ପ୍ରଦାନ କରି ଅଲ୍ଲାଃତାଲା କହିଲେ, لَقَدْ رَضِيَ اللّٰهُ عَنِ الْمُؤْمِنِيْنَ اِذْ يُبَايِعُوْنَكَ تَحْتَ الشَّجَرَةِ فَعَلِمَ مَا فِيْ قُلُوْبِهِمْ فَاَنْزَلَ السَّكِيْنَةَ عَلَيْهِمْ وَاَثَابَهُمْ فَتْحًا قَرِيْبًا **(ଅଲ୍ ଫତାଃ: 19)** ଅର୍ଥାତ୍ ଅଲ୍ଲାଃତାଲା ବିଶ୍ୱାସକାରୀମାନଙ୍କ ଉପରେ ସେତେବେଳେ ଅତି ସନ୍ତୁଷ୍ଟ ହୋଇଗଲେ ଯେତେବେଳେ ସେମାନେ ବୃକ୍ଷ ତଳେ ଶପଥପୂର୍ବକ ତୁମ୍ଭର ଆନୁଗତ୍ୟ ସ୍ୱୀକାର କରିଥିଲେ ଏବଂ ସେମନଙ୍କ ହୃଦୟରେ ଯାହା ବିଶ୍ୱାସ ଥିଲା ସେ ତାହାକୁ ଭଲ ଭାବରେ ଜାଣି ପାରିଲେ । ତେଣୁ ଏଥିଯୋଗୁଁ ସେ ସେମାନଙ୍କ ହୃଦୟରେ ଶାନ୍ତି ଅବତୀର୍ଣ୍ଣ କଲେ ଏବଂ ସେମାନଙ୍କୁ ଏକ ଆସନ୍ନ ବିଜୟ ପ୍ରଦାନ କଲେ ।

ଅତଏବ୍ ଯେପରିକି ଉପରୋକ୍ତ ସୁରାଃ ଅଲ୍ ଫତାଃର ପ୍ରାରମ୍ଭରେ ସ୍ପଷ୍ଟ ଓ ଆସନ୍ନ ବିଜୟର ଶୁଭ ସୂଚନା ପ୍ରଦାନ କରିଥିଲେ ଯାହା ଆଗକୁ ଚାଲି ମକ୍କା ବିଜୟର ପୂର୍ତ୍ତି ହୋଇ ପରିଣାମ ବାହାରିଥିଲା । ଏତଦ୍‌ଭିନ୍ନ ତୁରନ୍ତ ସନ୍ତୁଷ୍ଟି ନିମନ୍ତେ ଏକ ନିକଟବର୍ତ୍ତୀ ବିଜୟର ସ୍ୱର ମଧ୍ୟ ଶୁଣାଇଦେଲେ । ଏହି ସ୍ୱର ବିନା କୌଣସି ଯୁଦ୍ଧ ଏବଂ ସଂଗ୍ରାମରେ

ଖୈବର୍ ବିଜୟ ଆକାରରେ ପ୍ରକଟିତ ହେଲା । ବର୍ତ୍ତମାନ ଏହି ବିନୀତ ଖୈବରର ଘଟଣାବଳୀର ଚର୍ଚ୍ଚାକୁ ପରିତ୍ୟାଗ କରି ସେହି ବିଜୟ ପରବର୍ତ୍ତୀ ପ୍ରକଟିତ ହେବାକୁ ଥିବା କେବଳ ଗୋଟିଏ ଚରିତ୍ରର ଚର୍ଚ୍ଚା କରି ମକ୍କା ବିଜୟ ଅବସରରେ ପ୍ରକାଶିତ ହେବାକୁ ଥିବା ଉତ୍ତମ ଚରିତ୍ରବତ୍ତାର ସକ୍ଷିପ୍ତ ଚର୍ଚ୍ଚା କରିବ । ହ. ଅର୍ବାଜ୍ ବିନ୍ ସାରିୟା ର.ଅ ବର୍ଣ୍ଣନା କରନ୍ତି ଯେ, ଆମେମାନେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଖୈବର୍ ଯୁଦ୍ଧରେ ସାମିଲ୍ ଥିଲୁ । ଖୈବରର ଶାସତ ଏକ କ୍ରୁର ବ୍ୟକ୍ତି ଥିଲା । ମକ୍କାର ବିଜୟ ପରେ ସେ ରସୁଲ୍ କରୀମ୍ ସ.ଅଙ୍କ ନିକଟକୁ ଆସିଲା ଏବଂ କହିଲା, ହେ ମୁହମ୍ମଦ୍ ! ସ.ଅ କ'ଣ ତୁମକୁ ଏହି ଅଧିକାର ପ୍ରାପ୍ତ ହୋଇଛି ଯେ, ତୁମେମାନେ ଆମମାନଙ୍କର ଜୀବମାନଙ୍କୁ ଜେବହ୍ କରିବ, ଆମମାନଙ୍କ ବୃକ୍ଷର ଫଳ ସେବନ କରିବ ଓ ଆମମାନଙ୍କର ମହିଳାମାନଙ୍କୁ ବଧ କରିବ ? ନବୀ କରୀମ୍ ସ.ଅ ଉକ୍ତ କଥା ଶୁଣି ଅତ୍ୟନ୍ତ ଅସନ୍ତୋଷ ବ୍ୟକ୍ତ କଲେ ଏବଂ ଅବଦ୍ଦୁର୍ ରହମାନ୍ ବିନ୍ ଔଫ୍ ର.ଅଙ୍କ ମାଧମରେ ଘୋଷଣା କରାଇ ଲୋକମାନଙ୍କୁ ନମାଜ୍ ନିମନ୍ତେ ଏକତ୍ରିତ କର ଓ ସାହାବାମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ, "ତୁମମାନଙ୍କ ମଧ୍ୟରୁ ଯଦି କୌଣସି ବ୍ୟକ୍ତି ତକିୟା ଉପରେ ଆଉଜି ବସିଥିବ ଏବଂ ସେ ଏହା ମନେକରୁଥିବ ଯେ, ଅଲ୍ଲାଃତାଲାଙ୍କ ବ୍ୟତୀତ ଯାହାକିଛି ବି ପବିତ୍ର କୁରଆନ୍ କରୀମରେ ରହିଛି କୌଣସି ବସ୍ତୁ ଅବୈଧ ନୁହେଁ ? ଶୁଣ ମୁଁ ମଧ୍ୟ କିଛି ଆଦେଶ ଦେଇଛି ଏବଂ କେତେକ କଥାରୁ ତୁମାମାନଙ୍କୁ ଅଟକାଇଛି, ତାହା ମଧ୍ୟ ପବିତ୍ର କୁରଆନ୍ କରୀମ୍‌ର ଆଦେଶ ପରି ଅଟନ୍ତି ।"

ଅଲ୍ଲାଃତାଲା ତୁମମାନଙ୍କ ନିମନ୍ତେ ଏହା ବୈଧ ମନେକରି ନାହାନ୍ତି ଯେ, ତୁମେମାନେ ଗ୍ରନ୍ଥଧାରୀ (ଇହୁଦୀ ଓ ଖ୍ରୀଷ୍ଟ ଧର୍ମାବଲମ୍ବୀ)ଙ୍କ ଘରେ ବିନା ଅନୁମତିର ପ୍ରବେଶ କର, ନା ହିଁ ସେମାନଙ୍କ ମହିଳାମାନଙ୍କୁ ବଧ କରିବାକୁ ଅଲ୍ଲାଃତାଲା ତୁମମାନଙ୍କୁ ଅନୁମତି ପ୍ରଦାନ କରିଛନ୍ତି ଓ ନା ହିଁ ଅଲ୍ଲାଃତାଲା ସେମାନଙ୍କର ବୃକ୍ଷରୁ ଫଳ ସେବନ ନିମନ୍ତେ ତୁମମାନଙ୍କୁ ଅନୁମତି ପ୍ରଦାନ କରିଛନ୍ତି । ଅପରପକ୍ଷେ (ଚୁକ୍ତି ଅନୁଯାୟୀ) ସେମାନେ ତୁମକୁ କିଛି ନା କିଛି ଦେଉଛନ୍ତି ଯାହା ସେମାନଙ୍କ ଉପରେ ନ୍ୟସ୍ତ ହୋଇଛି (ଅର୍ଥାତ୍ ସେମାନେ ଯିଜିୟା ପୈଠ କରୁଥିବେ) । **(ଅବୁ ଦାଉଦ୍)**

ସୁଲାହ୍ ହୁଦୈବିୟାହର ଫଳ ମଧ୍ୟରୁ ଏକ ଫଳ ଖୈବର୍ ବିଜୟ ଅଟେ । ପୁନଶ୍ଚ ଏହି ଦୁଇ ବର୍ଷ ପରେ ସନ୍ 8 ହିଜ୍ରୀରେ ମକ୍କା ବିଜୟର ଦୃଶ୍ୟ ସଂସାର ଅବଲୋକନ କଲା । ଏହି ବିଜୟ ବାସ୍ତବରେ ମକ୍କାର କୁରୈଶ୍‌ମାନଙ୍କ ପକ୍ଷରୁ ସୁଲାହ୍ ହୁଦୈବିୟାହ୍‌ର ସନ୍ଧିକୁ ଭଙ୍ଗ କରିବାର ଘୋଷଣା କରିବାର ପୃଷ୍ଠଭୂମି ଥିଲା ।

ଆଁହଜରତ ସ.ଅ 10,000 ସୈନ୍ୟମାନଙ୍କୁ ଏକତ୍ରିତ କରି ମଦିନା ଅଭିମୁଖେ ଯାତ୍ରା କରିବାର ଉଦ୍ଦେଶ୍ୟ କଲେ । ଏଠାରେ ଚର୍ଚ୍ଚା ଯୋଗ୍ୟ ପ୍ରସଙ୍ଗ ଏହିକି ଯେ, ଏପରି ବିଶାଳ ସୈନ୍ୟବାହିନୀର ପ୍ରସ୍ତୁତି ଏବଂ ଗତିବିଧିକୁ ଗୁପ୍ତ ରଖିବା ପ୍ରକାଶ୍ୟରେ ଏକ ଅସମ୍ଭବ ପ୍ରସଙ୍ଗ ଥିଲା । କିନ୍ତୁ ରସୁଲୁଲ୍ଲାଃ ସ.ଅ ଯିଏ ପ୍ରତ୍ୟେକ କଠିନ ପରିସ୍ଥିତିରେ ଦୁଆ, ଉପାୟ ଏବଂ ଯୋଜନାକୁ ବିନିଯୋଗ କରୁଥିଲେ । ଆପଣ ସ.ଅ ଦୁଆ କଲେ, اَللّٰهُمَّ خُذِ الْعُيُوْنَ وَالْاَخْبَارَ عَنْ قُرَيْشٍ ଅର୍ଥାତ୍ ହେ ଅଲ୍ଲାଃ ! ତୁମ୍ଭେ କୁରୈଶ୍‌ମାନଙ୍କର ଗୁପ୍ତଚରମାନଙ୍କୁ ଅଟକାଇ ରଖ ଏବଂ ଆମମାନଙ୍କର ସୂଚନା ସେମାନଙ୍କ ପର୍ଯ୍ୟନ୍ତ ପହଞ୍ଚିବାକୁ ଦିଅ ନାହିଁ । ଆପଣ ସ.ଅ ଏହି ଉପାୟ ପାଞ୍ଚିଲେ ଯେ, ମଦିନାରୁ ମକ୍କା ଅଭିମୁଖେ ଯାଉଥିବା ସମସ୍ତ ମାର୍ଗରେ ପ୍ରହାରୀମାନଙ୍କୁ ବସାଇଦେଲେ (ଜଗେଇ ଦେଲେ) । ସୁତରାଂ ଅଲ୍ଲାଃତାଲା ଆପଣ ସ.ଅଙ୍କ ଦୁଆ, ଉପାୟ ଆଦିକୁ ଏଭଳି ଢଙ୍ଗରେ ସ୍ୱୀକୃତୀ ପ୍ରଦାନ କଲେ ଯେ, ଚମତ୍କାରିକ ରୂପେ ଏହି ବିଶାଳ ସୈନ୍ୟବାହିନୀ କୌଣସି ସୂଚନା କିମ୍ବା ବିନା କଷ୍ଟରେ ମକ୍କାର ଉପତ୍ୟକାରେ ପ୍ରବେଶ କରିଗଲା । ଆପଣ ସ.ଅ ସାହାବାମାନଙ୍କୁ ଆଦେଶ ଦେଲେ ଯେ, ସେ ବିଭିନ୍ନ ସ୍ତୂପମାନଙ୍କରେ ଖେଳେଇ ହୋଇଯାଆନ୍ତୁ ଏବଂ ପ୍ରତ୍ୟେକ ବ୍ୟକ୍ତି ନିଆଁ ଜଳାଇ ରଖୁ । ଏହିପରି ଭାବରେ ସେହି ରାତ୍ର 10,000 ନିଆଁ ପ୍ରଜ୍ୱଳିତ ହୋଇ ମର୍‌ଉଜ୍ ଜହ୍‌ରାନ୍‌ର ସ୍ତୂପ ଉପରେ ଏକ ଭବ୍ୟ ଏବଂ ଭୟଙ୍କର ଦୃଶ୍ୟ ଉପସ୍ଥାପିତ କରିବାକୁ ଲାଗିଲା । **(ବୁଖାରୀ)**

ସେପଟେ ଅବୁ ସୁଫିୟାନ୍ ଓ ତା'ର ସାଥିମାନେ ରାତ୍ର ସମୟରେ ମକ୍କାରେ ପଇଁତରା ମାରିବା ନିମନ୍ତେ ଯେତେବେଳେ ବାହାରିଲେ ସେତେବେଳେ ଏହି ଅଗଣିତ ଅଲୋକ ଶିଖାକୁ ଦେଖି ଆଶ୍ଚର୍ଯ୍ୟ ଚକିତ ହୋଇ ରହିଗଲେ । ଅତଏବ୍ ଆଁହଜରତ ସ.ଅ, ଅବୁସୁଫିୟାନ୍ ନିମନ୍ତେ ଶାନ୍ତି ଘୋଷଣା କରି ସାରିଥିଲେ ଏବଂ ହ. ଅବ୍‌ବାସ୍ ର.ଅ ତାଙ୍କୁ ଆଶ୍ରୟ ଦେଇଥିଲେ । ସକାଳେ ଅବୁ ସୁଫିୟାନ୍‌କୁ ଯେତେବେଳେ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥାପିତ କରାଗଲା ସେତେବେଳେ ଆପଣ ସ.ଅ କହିଲେ, ହେ ଅବୁ ସୁଫିୟାନ୍ ! କ'ଣ ବର୍ତ୍ତମାନ ବି ସମୟ ଆସିଯାଇ ନାହିଁ କି ତୁମେ ସାକ୍ଷ୍ୟ ଦିଅ କି ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ବି ଉପାସ୍ୟଯୋଗ୍ୟ ନୁହନ୍ତି ? ପ୍ରତ୍ୟୁତ୍ତରରେ ଅବୁ ସୁଫିୟାନ୍ ଏଉଁ ୱହୋଦ୍ ଯୁଦ୍ଧରେ ଆଁହଜରତ ସ.ଅଙ୍କ ଶାହାଦତ୍ (ବୀରଗତି ପ୍ରାପ୍ତ କରିବା)ର ଘୋଷଣା କରି ଆନନ୍ଦିତ ହୋଇ ହୁବୁଲ୍ ଠାକୁରର ସ୍ଲୋଗାନ ଦେଇଥିଲା ଏବଂ ଉଜ୍ଜା ଠାକୁରକୁ ନିଜର ପରମେଶ୍ୱର ହେବାର ଘୋଷଣା କିରଥିଲା, ବର୍ତ୍ତମାନ ସେହି ଅବୁ ସୁଫିୟାନ୍ ଆଁହଜରତ ସ.ଅଙ୍କ ସମ୍ମୁଖରେ ସାକ୍ଷ୍ୟ ଦେଲା ଯେ, ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! ମୋରେ ମାତାପିତାମାନେ ଆପଣ ସ.ଅଙ୍କ ଉପରେ ଉତ୍ସର୍ଗ ହଇଯାଆନ୍ତୁ। ଆପଣ ସ.ଅ ଅତ୍ୟନ୍ତ ବିନମ୍ର, କୋମଳ ଓ କ୍ଷମା ପ୍ରଦର୍ଶନକାରୀ ବ୍ୟକ୍ତି ଅଟନ୍ତି । ହେ ମୁହମ୍ମଦ୍ ସ.ଅ ! ଅଲ୍ଲାଃତାଲାଙ୍କ ବ୍ୟତୀତ ଯଦି ଅନ୍ୟ କେହି ଉପାସ୍ୟ ଥାଆନ୍ତା ତେବେ ସେ ଆମମାନଙ୍କୁ ଅବଶ୍ୟ ସାହାଯ୍ୟ କରିଥାଆନ୍ତା । **(ଇବ୍‌ନେ ହିଶ୍ଶାମ୍)**

ସମ୍ମାନିତ ଶ୍ରୋତବର୍ଗ ! ହ. ସୁଲୈମାନ୍ ଅ.ସ ରାଣୀ ସବାଙ୍କୁ ଯେତେବେଳେ ଏକେଶ୍ୱରବାଦ ଏବଂ ଆଜ୍ଞାନୁବର୍ତ୍ତୀ ହେବାର ସନ୍ଦେଶ ଦେଲେ ସେତେବେଳେ ସେ ନିଜ ଦରବାରରେ ଥିବା ପାର୍ଷଦମାନଙ୍କ ଠାରୁ ପରାମର୍ଶ ଲୋଡ଼ିଲା । ପ୍ରତ୍ୟୁତ୍ତରରେ ରାଣୀ ସବା ଯେକି ବିଚକ୍ଷଣା ଥିଲା ସେ ଏକଥା ଜାଣିଥିଲା ଯେ, ପ୍ରତିପକ୍ଷ ଯେତେବେଳେ ଜୟଯୁକ୍ତ ହୁଅନ୍ତି ସେତେବେଳେ ସେହି ପ୍ରତିପକ୍ଷ ସମ୍ରାଟମାନଙ୍କ ସହିତ କିପରି ଆଚରଣ ପ୍ରଦର୍ଶନ କରନ୍ତି ତାହା ସଂପର୍କରେ ରାଣୀ ସବା ଭଲ ଭାବରେ ପରିଚତ ଥିଲା । ତେଣୁ ରାଣୀ ସବା କହିଲା କି, اِنَّ الْمُلُوْكَ اِذَا دَخَلُوْا قَرْيَةً اَفْسَدُوْهَا وَجَعَلُوْٓا اَعِزَّةَ اَهْلِهَآ اَذِلَّةً ۚ وَكَذٰلِكَ يَفْعَلُوْنَ **(ସୁରାଃ ଅନ୍ ନମଲ୍: 35)** ଅର୍ଥାତ୍ ସେ ରାଣୀ କହିଲେ, "ଯେତେବେଳେ ରାଜାମାନେ କୌଣସି ଦେଶରେ ପ୍ରବେଶ କରନ୍ତି ସେତେବେଳେ ସେମାନେ ତାହାକୁ ଅର୍ଥାତ୍ ଦେଶକୁ ଧ୍ୱଂସ ବିଧ୍ୱଂସ କରିଦିଅନ୍ତି ଏବଂ ସେଠାକାର ବାସିନ୍ଦାମାନଙ୍କ ମଧ୍ୟରୁ ସମ୍ଭ୍ରାନ୍ତ ଲୋକମାନଙ୍କୁ ଅପମାନିତ ଏବଂ ତିରସ୍କୃତ କରନ୍ତି ଓ ସେମାନେ ସର୍ବଦା ଏହି ପ୍ରକାରର କାର୍ଯ୍ୟ କରି ଥାଆନ୍ତି ।"

ମନେରଖ ! ଯେତେବେଳେ ବିଜୟୀ ହୋଇଥିବା ସମ୍ରାଟ୍ କୌଣସି ବିଜିତ (ପରାସ୍ତ) ଅଞ୍ଚଳରେ ପ୍ରବେଶ କରନ୍ତି ସେତେବେଳେ ସେହି ଅଞ୍ଚଳରେ ଏକ ଉପଦ୍ରବ ସୃଷ୍ଟି କରିଦେଇ ଥାଆନ୍ତି ଏବଂ ସେଠାକାର ବାସିନ୍ଦାମାନଙ୍କ ମଧ୍ୟରୁ ସମ୍ମାନିତ ଲୋକମାନଙ୍କୁ ତିରସ୍କୃତ କରି ଦିଅନ୍ତି । ତେଣୁ ବିଜୟୀ ସମ୍ରାଟ୍‌ମାନେ ଏହିପରି କରି ଥାଆନ୍ତି ।

କିନ୍ତୁ ଆସନ୍ତୁ ଦେଖନ୍ତୁ ମକ୍କା ବିଜୟ ଦିନ ପୁଣ୍ୟଶ୍ଲୋକ ମହାବତାର ହ. ମୁହମ୍ମଦ୍ ମୁସ୍ତଫା ସ.ଅଙ୍କ କେଉଁ ଆଚରଣ ରହିଥିଲା ? ଅର୍ଥାତ୍ ଆପଣ ସ.ଅ କେଉଁ ଆଚରଣ ପ୍ରଦର୍ଶନ କରିଥିଲେ । ମକ୍କାର ମୁସ୍‌ରିକିନ୍ (ଅବିଶ୍ୱାସକାରୀ ତଥା ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରୁଥିବା ବ୍ୟକ୍ତି)ମାନଙ୍କ ସହିତ ଆପଣ ସ.ଅ କେଉଁ ବ୍ୟବହାର ପ୍ରଦର୍ଶନ କରିଥିଲେ ? ହଁ ସେହି ମୁସରିକିନ୍‌ମାନେ ଯେଉଁମାନେ ମକ୍କାରେ 13 ବର୍ଷ କାଳ ପର୍ଯ୍ୟନ୍ତ ଆପଣ ସ.ଅଙ୍କ ଅସ୍ତି ଏବଂ ଆପଣ ସ.ଅଙ୍କ ପରିବାରବର୍ଗ ଓ ଆପଣ ସ.ଅଙ୍କ ସାହାବାମାନଙ୍କ ଉପରେ ଏପରି ଅକଥନୀୟ ଅତ୍ୟାଚାର କରୁଥିଲେ ଯେ, ସେହି ଅତ୍ୟାଚାରକୁ ପଢି ଓ ଶୁଣି ଶରୀର ସିହରି ଉଠେ ଓ ଲୋମ ଟାରି ଉଠେ । ପୁନଶ୍ଚ ମଦିନା ପ୍ରବାସ କରିଯିବା ପରେ ମଧ୍ୟ ଆପଣଙ୍କୁ ଏବଂ ଆପଣଙ୍କ ସାହାବାମାନଙ୍କୁ ସୁଖ ଶାନ୍ତିରେ ବସିବାକୁ ଦେଲେ ନାହିଁ । ବଦର୍ ଏବଂ ୱହୋଦ୍ ଯୁଦ୍ଧରେ ନିରସ୍ତ୍ର ମୁସଲମାନମାନଙ୍କୁ ଖଡ୍‌ଗ ଦ୍ୱାରା ସ୍କନ୍ଧଚ୍ୟୁତ କରିବା ଏବଂ ଇସ୍‌ଲାମ୍ ଧର୍ମର ନାମକୁ ନିଶ୍ଚିହ୍ନ କରିବା ନିମନ୍ତେ ସୈନ୍ୟବାହିନୀ ସହିତ ଆକ୍ରମଣ କଲେ । ପୁନଶ୍ଚ ଆଖପାଖରେ ଏକତ୍ରିତ ଥିବା 10,000 ବିଶାଳ ସୈନ୍ୟବାହିନୀ ଧରି ମଦିନା ଉପରେ ଆକ୍ରମଣ କଲେ ଏବଂ ଦୁର୍ବଳ ମୁସଲମାନମାନେ ଭୋକିଲା ଏବଂ ଶୋଷିଲା ଖନ୍ଦକ୍ (ଗର୍ତ୍ତ) ଖୋଳି ନିଜର ସୁରକ୍ଷାକୁ ସୁନିଶ୍ଚିତ କରିଥିଲେ । ପୁନଶ୍ଚ ଆପଣ ସ.ଅ ଯେତେବେଳେ ମକ୍କା ପରିକ୍ରମା ନିମନ୍ତେ ଆସିଲେ ସେତେବେଳେ ହୁଦୈବିୟାହ୍ ନାମକ ସ୍ଥାନରେ ହିଁ ଆପଣ ଓ ଆପଣ ସ.ଅଙ୍କ ସାହାବାମାନଙ୍କୁ ଅଟକାଇ ଦିଆଗଲା। ସେହିପରି ଆପଣ ସ.ଅ ଓ ଆପଣ ସ.ଅଙ୍କ ସାହାବାମାନଙ୍କୁ ହୁଦୈବିୟାହ୍ ନାମକ ସ୍ଥାନରେ ଅଟକାଇ ଅବିଶ୍ୱାସକାରୀମାନେ ଇଚ୍ଛା ମୁତାବକ ସର୍ତ୍ତ ରଖି ସନ୍ଧି କରି ଫେରି ଚାଲିଯିବା ନିମନ୍ତେ ବାଧ କରି ଦେଇଥିଲେ । ଏହିସବୁ ଦୁଃଖ ଅତ୍ୟାଚାରର କରୁଣ କାହାଣୀକୁ ଦୃଷ୍ଟି ସମ୍ମୁଖରେ ରଖି ସେହି ରହ୍‌ମତୁଲ୍ ଲିଲ୍ ଆଲମିନ୍ (ସମଗ୍ର ସଂସାର ନିମନ୍ତେ ଦୟା ଓ କରୁଣା)ର ଉତ୍ତମ ଚରିତ୍ରତବତ୍ତାକୁ ଦେଖନ୍ତୁ ।

ଶାନ୍ତି ଏବଂ ସୌହାର୍ଦ୍ଦ୍ୟର ସମ୍ରାଟ୍ ପୁଣ୍ୟଶ୍ଲୋକ ତଥା ମହାବତାର ହ. ମୁହମ୍ମଦ୍ ମୁସ୍ତଫା ସ.ଅଙ୍କ ପକ୍ଷରୁ ଯେତେବେଳେ ମକ୍କାର ସେହି ଅତ୍ୟାଚାରୀମାନଙ୍କୁ ପଚରାଗଲା ଯେ, ହେ ମକ୍କାର ଅତ୍ୟାଚାରୀମାନେ (ଅବିଶ୍ୱାସକାରୀ କୁରୈଶମାନେ) ! ବର୍ତ୍ତମାନ ତୁମମାନଙ୍କ ସହିତ କିପରିକା ବ୍ୟବହାର ପ୍ରଦର୍ଶନ କରାଯିବ ? ତୁମେମାନେ କେଉଁ ଆଶା ପୋଷଣ କରୁଛ ଯେ, ତୁମମାନଙ୍କ ସହିତ କେମିତିକା ବ୍ୟବହାର ପ୍ରଦର୍ଶନ କରାଯିବା ଉଚିତ୍ ? ସେମାନେ ଏହି ଉତ୍ତର ଦେଲେ, "ହେ ମୁହମ୍ମଦ୍ ସ.ଅ ! ଆପଣ ଯାହା ଚାହିଁବେ ତାହା କରିପାରିବେ । କିନ୍ତୁ ଆପଣ ସ.ଅଙ୍କ ପରି ଦୟାଳୁ ବ୍ୟକ୍ତି ଠାରୁ ଆମେମାନେ ଉତ୍ତମ ଆଚରଣ ପ୍ରଦର୍ଶନର ଆଶା ହିଁ ରଖୁଛୁ । ଆମେମାନେ ସେହି ଆଶା ରଖୁଛୁ ଯେପରି ହ. ୟୁସୁଫ୍ ଅ.ସଙ୍କ ଠାରୁ ସେମାନଙ୍କ ଭାଇମାନେ ଆଶା କରିଥିଲେ ।"

ସମ୍ମାନିତ ଶ୍ରୋତାବର୍ଗ ! ହ. ରସୁଲ୍ କରୀମ୍ ସ.ଅଙ୍କ ଏହି ବିଜୟ କେବଳ ମକ୍କା ସହର ଏବଂ ମକ୍କାବାସୀଙ୍କ ପର୍ଯ୍ୟନ୍ତ ସୀମିତ ନଥିଲା । ବରଂ ଏହା ଆପଣ ସ.ଅଙ୍କ ମହାନ୍ ଉତ୍ତମ ଚରିତ୍ର ଥିଲା । ଏହି ଚରିତ୍ରର ଶତ୍ରୁମାନେ ମଧ୍ୟ ସ୍ୱୀକାରୋକ୍ତି ପ୍ରକାଶ କରୁଥିଲେ । ସେ ଯାହା ହେଉ ସେମାନଙ୍କର ଆଶା ଠାରୁ ବଳି ରହ୍‌ମତୁଲ୍ ଲିଲ୍ ଆଲମିନ୍ ଆଁହଜରତ ସ.ଅ ସେମାନଙ୍କ ପ୍ରତି ଦୟାମୂଳକ ଆଚରଣ ପ୍ରଦର୍ଶନ କରିଥିଲେ ଏବଂ ସେମାନଙ୍କର ସମସ୍ତ ଅନ୍ୟାୟ ଓ ଅତ୍ୟାଚାରକୁ ଅଣଦେଖା କରି କହିଲ, اِذْهَبُوْا اَنْتُمُ الطُّلَقَاءُ لَا تَثْرِيْبَ عَلَيْكُمُ الْيَوْمَ يَغْفِرُ اللّٰهُ لَكُمْ ଅର୍ଥାତ୍ ଯାଅ ! ତୁମେମାନେ ସମସ୍ତେ ମୁକ୍ତ ଅଟ । ଆଜି ତୁମମାନଙ୍କୁ କେହି ଧରିବ ନାହିଁ । ମୁଁ ତୁମମାନଙ୍କୁ କେବଳ କ୍ଷମା କରୁ ନାହିଁ ବରଂ ନିଜର ପାଳନକର୍ତ୍ତାଙ୍କ ଠାରୁ ମଧ୍ୟ ତୁମମାନଙ୍କ ନିମନ୍ତେ କ୍ଷମା ମାଗିନେବି । **(ଇବ୍‌ନେ ହିଶ୍ଶାମ୍)**

ଆଁହଜରତ ସ.ଅ ଶାନ୍ତିର ପ୍ରତିଶୃତି ଦେଇ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଏହି ଘୋଷଣା କରାଇ ଦେଲେ ଯେ, "ଆଜି ମସ୍‌ଜିଦେ ହରାମ୍‌ରେ ପ୍ରବେଶ କରୁଥିବା ପ୍ରତ୍ୟେକ ବ୍ୟକ୍ତିକୁ ସୁରକ୍ଷା ପ୍ରଦାନ କରାଯାଉଛି । ସେହିପରି ଯେଉଁ ବ୍ୟକ୍ତି ଅବୁ ସୁଫିୟାନ ଘରେ ପ୍ରବେଶ କରିବ ତା'କୁ ମଧ୍ୟ ସୁରକ୍ଷା ପ୍ରଦାନ କରାଯିବ କିମ୍ବା

ଯେଉଁ ବ୍ୟକ୍ତି ନିଜର ଅସ୍ତ୍ର ପକାଇ ଆତ୍ମ ସମର୍ପଣ କରିଦେଲା ତା'କୁ ମଧ୍ୟ ସୁରକ୍ଷା ପ୍ରଦାନ କରାଯିବ, ଯେଉଁ ବ୍ୟକ୍ତି ନିଜର ଦ୍ୱାର ବନ୍ଦ୍ କରି ବସିଯିବ ତା'କୁ ମଧ୍ୟ ସୁରକ୍ଷା ଦିଆଯିବ। ହଁ ଯେଉଁ ବ୍ୟକ୍ତି ବିଲାଲ୍ ହବ୍‌ଶି (ନିଗ୍ରୋ)ଙ୍କ ଧ୍ୱଜା ତଳେ ଚାଲି ଆସିବ ତାକୁ ମଧ୍ୟ ସୁରକ୍ଷା ଦିଆଯିବ । **(ଅଲ୍ ହଲବିୟାହ୍)**

ସମ୍ମାନିତ ଶ୍ରୋତାବର୍ଗ ! ଯଦି ଯୁଦ୍ଧର ଜରୁରରୀକାଳୀନ ସ୍ଥିତି ସଂପର୍କରେ ଆପଣ ସ.ଅଙ୍କର ଉପାସନାର ଅବସ୍ଥା ନବର୍ଣ୍ଣନା କରାଯାଏ ତେବେ ଯୁଦ୍ଧମାନଙ୍କରେ ଆଁହଜରତ ସ.ଅଙ୍କ ଉତ୍ତମ ଚରିତ୍ରବତ୍ତାର ଚର୍ଚ୍ଚା ଅସଂପୂର୍ଣ୍ଣ ରହିଯିବ । ସଂକ୍ଷେପର କହିବାକୁ ଗଲେ ଯୁଦ୍ଧ ସମୟରେ ଭୟ ଏବଂ ବିପଦ ପରିସ୍ଥିତିରେ ମଧ୍ୟ ଆଁହଜରତ ସ.ଅ ବାଜମାଅତ୍ ନମାଜ୍ ପରିତ୍ୟାଗ କଲେ ନାହିଁ । ଏହି ଅବସ୍ଥାରେ ମଧ୍ୟ ସାହାବାମାନଙ୍କୁ ଏପରି ବାଜମାଅତ୍ ନମାଜ ପାଠ କରାଇଲେ ଯେ, ଦଳେ ଗୋଷ୍ଠୀ ତ' ସତ୍ରୁ ସମ୍ମୁଖରେ ଧାଡ଼ି ବାନ୍ଧି ଯେତେବେଳେ ଛିଡ଼ା ହେଲା ସେତେବେଳେ ଅନ୍ୟ ଦଳ ଆପଣ ସ.ଅଙ୍କ ପଛରେ ଛିଡ଼ା ହୋଇ ଅଧା ନମାଜ ସଂପୂର୍ଣ୍ଣ କଲା ପୁନଶ୍ଚ ପ୍ରଥମ ଦଳ ନିଜର ବଳକା ନମାଜକୁ ସଂପୂର୍ଣ୍ଣ କରିନେଲା । ଏହିପରି ଭାବରେ ଆପଣ ସ.ଅ ନିଜର ବ୍ୟବହାରିକ ଉଦାହରଣ ମାଧ୍ୟମରେ ମୁସଲମାନମାନଙ୍କୁ ବୁଝାଇଦେଲେ ଯେ, ମୃତ୍ୟୁର ବଡ଼ରୁ ବଡ଼ ବିପଦପୂର୍ଣ୍ଣ ସ୍ଥିତିରେ ମଧ୍ୟ ଫର୍ଜ ନମାଜ ଛାଡ଼ିବା କ୍ଷମ୍ୟ (କ୍ଷମା କରାଯାଇ ପାରିବ ନାହିଁ) ହୁଏ ନାହିଁ ।

ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଅହ୍‌ଜାବ୍ ଯୁଦ୍ଧରେ ଶତ୍ରୁର କଡ଼ା ନିରୀକ୍ଷଣ ଏବଂ ସେମାନଙ୍କର ଅହରହ ଆକ୍ରମଣ ଯୋଗୁଁ ଜୋହୋର ଓ ଅସର୍ ନମାଜ୍ ଯଥା ସମୟରେ ପାଠ କରାଯାଇ ପାରିଲା ନାହିଁ । ଏପର୍ଯ୍ୟନ୍ତକି ସୂର୍ଯ୍ୟାସ୍ତ ହୋଇଗଲା । ସେତେବେଳେ ଆଁହଜରତ ସ.ଅଙ୍କୁ ଯଥା ସମୟରେ ନମାଜ ପାଠ କରିବା ନିମନ୍ତେ ସୁଯୋଗ ନ ମିଳି ପାରିବାରୁ ଆଁହଜରତ୍ ସ.ଅ ବିବ୍ରତ ହୋଇ କହିଲେ, ହେ ଈଶ୍ୱର! ଏହି ଶତ୍ରୁମାନଙ୍କୁ ତୁମେ ସର୍ବନାଶ କରିଦିଅ । କାରଣ ଏମାନେ ମୋତେ ନମାଜ ପାଠ କରିବାକୁ ଅଟକାଇ ଦେଇଛନ୍ତି । ଆପଣ ସ.ଅ ପୁନଶ୍ଚ ନିଜର ସାହାବାମାନଙ୍କୁ ଏକତ୍ରିତ କଲେ ଏବଂ ଛାଡ଼ି ଯାଇଥିବା ନମାଜ ପାଠ କଲେ । **(ବୁଖାରୀ)**

ଆଜିକାଲି ଆମମାନଙ୍କର ପ୍ରିୟ ଇମାମ୍ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ ମଧ୍ୟ ବିଭିନ୍ନ ଯୁଦ୍ଧ ସଂପର୍କରେ ହ. ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅଙ୍କ ପବିତ୍ର ଜୀବନୀ ଚର୍ଚ୍ଚା ବର୍ଣ୍ଣନା କରୁଛନ୍ତି । ଆପଣ ଅ.ବ ଏକ ଯୁଦ୍ଧର ଚର୍ଚ୍ଚା କରି କହିଲେ: "ଆଁହଜରତ ସ.ଅଙ୍କ କାହା ସହିତ କୌଣସି ବ୍ୟକ୍ତିଗତ ଶତ୍ରୁତା ନଥିଲା । ଅର୍ଥାତ୍ ଆପଣ ସ.ଅଙ୍କ ମନରେ ମୁସ୍‌ରିକିନ୍‌ମାନଙ୍କ ପ୍ରତି କୌଣସି ଶତ୍ରୁତାମୂଳକ ଆବେଗ ନଥିଲା । ବରଂ ଅଲ୍ଲାଃତାଲାଙ୍କ ଧର୍ମକୁ ନିଶ୍ଚିହ୍ନକାରୀଙ୍କ ବିରୁଦ୍ଧରେ ଯୁଦ୍ଧ ଥିଲା । ପୁନଶ୍ଚ ଆପଣ ସ.ଅ ଯୁଦ୍ଧର ନୀତି ଏବଂ ନିୟମାବଳୀ ନିର୍ଦ୍ଧାରିତ କରିଥଲେ । ଉଭୟ ପକ୍ଷଙ୍କ ମଧ୍ୟରେ ହୋଇଥିବା ଚୁକ୍ତିକୁ ମଧ୍ୟ ଆପଣ ପାଳନ କଲେ ଏବଂ ତାହା ଉପରେ ଆପଣ ସ.ଅ ଶେଷ ସମୟ ପର୍ଯ୍ୟନ୍ତ କାର୍ଯ୍ୟାନୁସରଣ ମଧ୍ୟ କଲେ । ଆଜିକାଲିକା ସଂସାରବାସୀଙ୍କ ପରି ନୁହଁ ଯେ, ନୀତି ନିୟମ ଏବଂ ଆଇନ ସବୁ ଅନେକ ତିଆରି କରି ଦେଇଛନ୍ତି କିନ୍ତୁ ତାହା ଉପରେ କୌଣସି କାର୍ଯ୍ୟାନୁସରଣ ହେଉ ନାହିଁ । ବରଂ ଦୋହୋରା ନୀତି ଅବଲମ୍ବନ କରାଯାଉଛି ।" **(ଖୁତ୍‌ବା ଜୁମା, 2023 ମସିହା ଡିସେମ୍ବର ମାସ 1 ତାରିଖ, ସ୍ଥାନ- ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍, ଟେଲ୍‌ଫୋର୍ଡ଼୍, ୟୁ.କେ)**

ହ. ଖଲିଫତୁଲ୍ ମସିହ୍ ରାବେ ର.ଅ ଖିଲାଫତ୍ ଆସନରେ ଅଭିଷିକ୍ତ ହେବା ପରେ ଜଲ୍‌ସା ସାଲାନା ଅବସରରେ ଯୁଦ୍ଧରେ ଆଁହଜରତ ସ.ଅଙ୍କ ମହାନ୍ ଉତ୍ତମ ଚରିତ୍ରବତ୍ତା ବିଷୟ ବସ୍ତୁ ଉପରେ ଭାଷଣ ଦେଉଛନ୍ତି । ଓହୋଦ୍ ଯୁଦ୍ଧର ଚର୍ଚ୍ଚା କରି ଏକ ସ୍ଥଳେ ଆପଣ ଅ.ବ କହିଲେ: "ଆଁହଜରତ ସ.ଅଙ୍କ ପ୍ରତ୍ୟେକ ଯୁଦ୍ଧ ଉପରେ ଦୃଷ୍ଟିପାତ କରିବା ଦ୍ୱାରା ଆଁହଜରତ ସ.ଅଙ୍କ ସର୍ବୋତ୍ତମ ଅତୁଳନୀୟ ସାମର୍ଥ୍ୟତା ଉପରେ ମଧ୍ୟ ଆଶ୍ଚର୍ଯ୍ୟଚକିତ ଆଲୋକପାତ ହୋଇଥାଏ । ଆପଣ ସ.ଅଙ୍କ ମଧ୍ୟରେ ଏକ ସୈନ୍ୟବାହିନୀର ସେନାପତି ହେବାର ସାମର୍ଥ୍ୟତା ବିଦ୍ୟମାନ ରହିଥିଲା । ଅର୍ଥାତ୍ ଆପଣ ସ.ଅ ପୂର୍ଣ୍ଣ ରୂପେ ଜଣେ ଦକ୍ଷ ସେନାପତି ଥିଲେ । କିନ୍ତୁ ଆଁହଜରତ ସ.ଅଙ୍କ ପ୍ରଥମ ଏବଂ ଶେଷ କେବଳ ଜଣେ ଯୁଦ୍ଧଜନିତ ଅଭିଜ୍ଞତା ନୁହେଁ । ବରଂ ଆପଣ ସ.ଅ ଜଣେ ଚାରିତ୍ରିକ ଏବଂ ଆଧ୍ୟାତ୍ମିକ ଅଧିପତି ଥିଲେ । ଆପଣ ସ.ଅଙ୍କ ହସ୍ତରେ ସମସ୍ତ ଉତ୍ତମ ଚରିତ୍ରର ଧ୍ୱଜା ଝରାଇ ଦିଆଯାଇଥିଲା । ସର୍ବୋଚ୍ଚ ଚାରିତ୍ରକ ଧ୍ୱଜାକୁ ଉଚ୍ଚ ରଖିବା ଏବଂ ଉଚ୍ଚରୁ ଆହୁରି ଉଚ୍ଚତର କରି ଯେଉଁ ଜିହାଦ୍‌ରେ ଆପଣ ସ.ଅ ନିମଜ୍ଜିତ ରହୁଥିଲେ ତାହା ଏକ ଅସମାପ୍ତ ଉଦ୍ୟମ ଥିଲା ତାହା ଶାନ୍ତିପୂର୍ଣ୍ଣ ଅବସ୍ଥାରେ ମଧ୍ୟ ସେହିପରି ଅବ୍ୟାହତ ରହିଥିଲା । ଯେପରିକି ଯୁଦ୍ଧାବସ୍ଥାରେ ଜାରି ରହିଥିଲା । ଆପଣ ସ.ଅ ସେହି ଧ୍ୱଜାକୁ ଦିନବେଳା ସୁରକ୍ଷା ପ୍ରଦାନ କଲେ ଓ ରାତ୍ର ସମୟରେ ମଧ୍ୟ ଆପଣ ସ.ଅ ସେହି ଧ୍ୱଜାକୁ ରାକ୍ଷା କଲେ । ଏହି ଦିଗ୍‌ବିଜୟୀ ମହାବତାର ହ. ମୁହମ୍ମଦ ମୁସ୍ତଫା ସ.ଅଙ୍କୁ ପ୍ରତ୍ୟେକ ଥର ଚାରିତ୍ରିକ ଯୁଦ୍ଧରେ ମହା ବିଜୟ ପ୍ରାପ୍ତ ହେଇଥିଲା ।" **(ହୁଜୁର ଅନ୍‌ୱର୍ ଅ.ବଙ୍କ ଖଲିଫା ହେବା ପୂର୍ବରୁ ଜଲ୍‌ସା ସାଲାନାରେ ପ୍ରଦତ୍ତ ଭାଷଣ, ପୃ-334-335 )**

ବର୍ତ୍ତମାନ ଏହିଁ ବିନୀତ ଅଲ୍ଲାଃତାଲାଙ୍କ ନିକଟରେ ଏହି ଦୁଆ କରୁଛି ଯେ, ଆଜିକାଲିକା ମୁସଲିମ୍ ଗୋଷ୍ଠୀମାନଙ୍କୁ ଆଁହଜରତ ସ.ଅଙ୍କ ସେହି ପବିତ୍ର ଆଦର୍ଶ ତଥା ଉଦାହରଣକୁ ସର୍ବଦା ନିଜ ଦୃଷ୍ଟି ସମ୍ମୁଖରେ ରଖିବା ଉଚିତ୍ ଓ ଏଥି ନିମନ୍ତେ ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** । وآخر دعوانا ان الحمد للہ رب العالمین ।

☆--☆--☆

## ଓଡ଼ିଆ ନଜମ୍

### ସର୍ବଶକ୍ତିମାନ ଦୟାମୟ ଅଲ୍ଲାଃତାଲାଙ୍କ ଗୌରବ ଗାଥା

ରହିମ୍ ଖାଁ (ମୁନ୍ନା)

ନିରାକାର ଶକ୍ତି କର ତାକୁ ଭକ୍ତି
ଡାକ୍ ତାକୁ ପାଞ୍ଚବେଳା
କ୍ଷମାଦାତା ସେହି ଜ୍ଞାନ ଦାତା ସେହି
ସେହି ଦୟାମୟ ଅଲ୍ଲାଃ
ନମାଜ ପଢ ହେ କୋରାନ ପଢ ହେ
ନ ରଖ ମନେ ଗରବ
ସବୁର ମାଲିକ ଅଟେ ସେହି ଶକ୍ତି
ଆମେ ତ' ଛାର ମାନବ
ଆସିଛେ ରେ ଆମେ ସ୍ୱଳ୍ପ କାଳ ପାଇଁ
କି ହୋଇବ ଆମ ସାଥି
ଧର୍ମ ଏକ ସିନା ସାଥିରେ ଯିବଟି
ସବୁ ତ' ଖାଇବ ମାଟି
ଆସ ମାଆମାନେ ଆସ ଭାଇମାନେ
ଭୁଲି ମନୁ ଭେଦଭାବ
ସର୍ବେ ମିଳି ହୋଇ ଏକ ମନ ହୋଇ
ଗାଇବା ଅଲ୍ଲାଃ ଗୌରବ
ଆହେ ଦୟାମୟ ଶୁଣ ମୋର ଭବ
ଏତିକି ଗୁହାରୀ ଶୁଣ
ଦିଅ ମୋତେ ଶକ୍ତି କର ମୋତେ ମୁକ୍ତି
ମୁଁ ଅଟେ ପାପି ରହିମ୍ ।।

☆--☆--☆

## ଓଡ଼ିଆ ନଜମ୍

### (ମୁ ତୀର୍ଥ ଯିବି ଆରୋ ମୁଁ ତୀର୍ଥ ଯିବି)

ମୁଁକାଦିଆନ୍ ଯିବି ଆରେ ମୁଁ କାଦିଆନ୍ ଯିବି
କଲକୀ ଦୂତର ଜନମ ସ୍ଥାନ ବୁଲି ଦେଖୁଥିବି
ମୁଁ କାଦିଆନ୍ ଯିବି ........................।।
କଲକୀ ଦୂତ ହୋଇବେ ଜାତ
ଏ ସତ୍ୟ ବଚନ ସେ ତ' କୁରଆନ ଲିଖନ
ତାହା ଦେଖି ମୋ ନୟକୁ ପବିତ୍ର କରିବି ।।
ଦେଖିବି ସେଠି ମିନାରା ମସିହ୍
କେତେ ଉଚ୍ଚ ବାବୁ ସେ ତ' କେଡ଼େ ମନୋରମ
ସେ ବାଟେ କାହିଁ ଇସା ସ୍ୱର୍ଗରୁ ଆସୁ ନାହାନ୍ତି
ମୁଁ ତାହା ଦେଖିବି..........................।।
କେତେ ପଣ୍ଡିତ ଦିଅନ୍ତି ଶିକ୍ଷା
ବିଶ୍ୱ ଶାନ୍ତି ବାଟ ସେ ତ' ବିଶ୍ୱ ଶାନ୍ତି ବାଟ
ପ୍ରଚାର ଲାଗି ସେବକ ଗଣ ଗଢା ହୁଅନ୍ତି
ମୁଁ ତାହା ଦେଖିବି..........................।।
ବୈତୁଦ୍ ଦୁଆରେ ନଫିଲ୍ ପଢି
ମନର ବେଦନା ଯାହା ମନର ବେଦନା
ଅଲ୍ଲାଃ ପାଶରେ କହି ଦେଇ ମୁଁ ଶାନ୍ତି ପାଇବି
ମୁଁ କାଦିଆନ୍ ଯିବି ........................।।
ଧରମ ସଭା କି ମନ ଲୋଭା
କେତେ ଦେଶୁ ବାବୁ ଭକ୍ତ (ବାବୁ) କେତେ ଦେଶ ଭକ୍ତ
ଧାଇଁ ଅଛନ୍ତି ପତଙ୍ଗ ସମ ଜ୍ୱଳନ୍ତ ଦୀପ ଲଭି
ମୁଁ ତାହା ଦେଖିବି..........................।।
ଦୁଇ ମସଜିଦେ କେଡ଼ ଆନନ୍ଦେ
ପ୍ରାର୍ଥନା କରନ୍ତି ଭକ୍ତେ ପ୍ରାର୍ଥନା କରନ୍ତି
ତାଙ୍କ ସହିତ ପ୍ରାର୍ଥନା କରି ପାପ ଉଦ୍ଧରିବି
ମଁ କାଦିଆନ୍ ଯିବି ........................।।
ସବୁରି ହୃଦେ ଗୋଟିଏ ଭାବ
ଦେଖିଲେ ଜାଣିବ, ଭାଇ ଦେଖିଲେ ଜାଣିବ
ଧନ ଜୀବନ ତୁଚ୍ଛ କରି ମାଟିରେ ଗଢିବ
ମୁଁ କାଦିଆନ୍ ଯିବି ........................।।

☆--☆--☆

# "ଖତମେ ନବୁୱତ୍ ସଂପର୍କରେ ଜମାଅତ୍ ଅହମଦିୟାର ଇସଲାମୀୟ ଧର୍ମମତ"

ମନ୍ସୁର୍ ଅହମଦ୍ ମସ୍ରୁର, ସମ୍ପାଦକ ବଦର୍, କାଦିୟାନ୍

أَشْهَدُ أَنْ لَّا إِلٰهَ إِلَّا اللهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُوْلُهٗ۔
أَمَّا بَعْدُ فَأَعُوْذُ بِاللهِ مِنَ الشَّيْطٰنِ الرَّجِيْمِ۔ بِسْمِ اللهِ الرَّحْمٰنِ الرَّحِيْمِ۔
مَا كَانَ مُحَمَّدٌ اَبَآ اَحَدٍ مِّنْ رِّجَالِكُمْ وَلٰكِنْ رَّسُوْلَ اللهِ وَخَاتَمَ النَّبِيّٖنَ وَكَانَ اللهُ بِكُلِّ شَيْءٍ عَلِيْمًا ﴿٤١﴾ **(41 ଅଲ୍ ଅହଜାବ୍)**

ସମ୍ମାନିତ ସଭାପତି ମହୋଦୟ ଏବଂ ସମ୍ମାନିତ ଶ୍ରୋତାବର୍ଗ ! ଅସ୍ସଲାମୁ ଅଲୈକୁମ୍ ୱରହମତୁଲ୍ଲାଃହି ୱ ବରକାତୁହୁ । ଯେପରିକି ଆପଣମାନେ ସମସ୍ତ ଶୁଣି ସାରିଛନ୍ତି ଯେ, ବିନୀତର ଭାଷଣର ବିଷୟବସ୍ତୁ ହେଲା, "ଖତ୍ମେ ନବୁୱତ୍ ସଂପର୍କରେ ଜମାଅତ୍ ଅହମଦିୟାର ଇସଲାମୀୟ ଧର୍ମମତ" ।

ବର୍ତ୍ତମାନ ଉପରୋକ୍ତରେ ଏହି ବିନୀତ ଆପଣମାନଙ୍କ ସମ୍ମୁଖରେ ଯେଉଁ ପବିତ୍ର ଆୟତ୍ର ଆବୃତ୍ତି କରିଛି । ସେହି ଆୟତ୍ର ଅନୁବାଦ ଏହିପରି, "ମୁହମ୍ମଦ୍ ସ.ଅ ତୁମମାନଙ୍କ ମଧ୍ୟରୁ କୌଣସି ପୁରୁଷର ପିତା ନଥିଲେ କି ପିତା ନୁହନ୍ତି କି ପିତା ହେବେ ନାହିଁ । କିନ୍ତୁ ସେ ଅଲ୍ଲାଃତାଲାଙ୍କର ରସୁଲ୍ (ବାର୍ତ୍ତାବହ) ଅଟନ୍ତି । ବରଂ ଏହାଠାରୁ ବଳି ସେ ନବୀମାନଙ୍କର ମୋହର ଅଟନ୍ତି ଏବଂ ଅଲ୍ଲାଃତାଲା ସବୁ ବିଷୟ ଭଲଭାବରେ ଜାଣନ୍ତି ।"

ସମ୍ମାନିତ ଶ୍ରୋତାବର୍ଗ ! ଅଣଅହେମଦିମାନଙ୍କ ପକ୍ଷରୁ ଅହେମଦିମାନଙ୍କ ଉପରେ ଅସଂଖ୍ୟ ଦୋଷାରୋପଣ କରାଯାଇଥାଏ । ତନ୍ମଧ୍ୟରୁ ଅନେକ କଷ୍ଟଦାୟକ ଏବଂ ମୌଳିକ ଆରୋପ ଏହିକି ଯେ, ସୟେଦିନା ହ. ମସିହ୍ ମଉଦ୍ ଅ.ସ ଏବଂ ଆପଣଙ୍କ ଜମାଅତ୍ ଆଁହଜରତ ସ.ଅଙ୍କୁ ଖାତମୁନ୍ ନବୀୟିନ୍ ସ୍ୱୀକାର କରନ୍ତି ନାହିଁ । ଏହା ଏପରିକା ମିଥ୍ୟା (ମିଛ) ଏବଂ ଭିତ୍ତିହୀନ ଆରୋପ ଯାହା ଆମମାନଙ୍କୁ ବହୁତ ଦୁଃଖ ଏବଂ କଷ୍ଟ ଦେଇଥାଏ । ସର୍ବପ୍ରଥମେ ମୁଁ ଖାତମୁନ୍ ନବୀୟିନ୍ ସଂକ୍ରାନ୍ତରେ ହ. ମସିହ୍ ମଉଦ୍ ଅ.ସଙ୍କ ଶପଥମୂଳକ ବିବୃତ୍ତି (ବର୍ଣ୍ଣନା) ଉପସ୍ଥାପିତ କରିଦେଉଛି ।

ଆପଣ ଅ.ସ କୁହନ୍ତି: "ମୁଁ ଅଲ୍ଲାଃତାଲାଙ୍କ ମର୍ଯ୍ୟାଦା ଓ ତାହାଙ୍କ ପ୍ରତିଷ୍ଠାର ଶପଥ କରି କହୁଛି ଯେ, ମୁଁ ଉକ୍ତ କଥା ଉପରେ ବିଶ୍ୱାସ ରଖୁଛି ଯେ, ଆମର ପ୍ରିୟ ମୁନିବ ତଥା ମହାବତାର ହ. ମୁହମ୍ମଦ୍ ମୁସ୍ତଫା ସ.ଅ ସମସ୍ତ ଅବତାରଙ୍କ ଅପେକ୍ଷା ସର୍ବୋତ୍ତମ ଏବଂ ଖାତମୁନ୍ ନବୀୟିନ୍ (ଅବତାରମାନଙ୍କ ମୋହର) ଅଟନ୍ତି ।"

**(ହମାମତୁଲ୍ ବୁଶ୍ରା, ଉର୍ଦ୍ଦୁ ଅନୁବାଦ, ପୃ-36)**

ଆଉ ଏକ ସ୍ଥାନରେ ଆପଣ ଅ.ସ କୁହନ୍ତି: "ଏଠାରେ ମଧ ଏକଥା ମନେରଖିବା ଉଚିତ୍ ଯେ, ମୋ ଉପରେ ଏବଂ ମୋ ଜମାଅତ୍ ଉପରେ ଯେଉଁ ଦୋଷାରୋପଣ କରାଯାଏ ଯେ, ଆମେମାନେ କୁଆଡ଼େ ଆପଣ ସ.ଅଙ୍କୁ ଖାତମୁନ୍ ନବୀୟିନ୍ ବୋଲି ସ୍ୱୀକାର କରି ନାହୁଁ । ଏହା ଆମମାନଙ୍କ ଉପରେ ମହା କଳ୍ପିତ ମିଥ୍ୟା (ମିଛ) ଅଟ। ଆମେମାନେ ଯେଉଁ ଶକ୍ତି, ବିଶ୍ୱାସ, ଅଧ୍ୟାତ୍ମ ଚକ୍ଷୁର ସହିତ ଆଁହଜରତ୍ ସ.ଅଙ୍କୁ ଖାତମୁଲ୍ ଅମ୍ବିୟା ବୋଲି ବିଶ୍ୱାସ ଓ ସ୍ୱୀକାର କରିଥାଉ ଏହାର ଲକ୍ଷାଂଶ ଭାଗ ମଧ ଅନ୍ୟ ଲୋକମାନେ ସ୍ୱୀକାର କରନ୍ତି ନାହିଁ । ସେହି ମୁସଲମାନମାନଙ୍କ ମଧ୍ୟରେ ଏପରି ଉତ୍ସାହ ଓ ସାହସ ନାହିଁ । ସେମାନେ ସେହି ବାସ୍ତବତା ଏବଂ ରହସ୍ୟକୁ ଯାହା ଖାତମୁଲ୍ ଅମ୍ବିୟାର ଖତ୍ମେ ନବୁୱତରେ ରହିଛି ତାହାକୁ ବୁଝିବାକୁ ଚେଷ୍ଟା କରନ୍ତି ନାହିଁ । ସେମାନେ କେବଳ ନିଜର ପିତୃ ପିତାମହଙ୍କ ଠାରୁ ଏହା ଶୁଣି ନେଇଛନ୍ତି ଆଁହଜରତ ସ.ଅଙ୍କ ପରେ ଆଉଁ କେହି ଅବତାର ଆସିବ ନାହିଁ । କିନ୍ତୁ ସେମାନେ ସେହି ବାସ୍ତବତା ଠାରୁ ଅନବଗତ ଅଟନ୍ତି । ସେମାନେ ଜାଣନ୍ତି ନାହିଁ ଯେ, ଖତ୍ମେ ନବୁୱତ୍ କ'ଣ ଏବଂ ଖତ୍ମେ ନବୁୱତ୍ ଉପରେ ବିଶ୍ୱାସ ଆଣିବାର ଭାବାର୍ଥ କ'ଣ ? କିନ୍ତୁ ଆମେମାନେ ପୂର୍ଣ୍ଣ ଚକ୍ଷୁ ଦ୍ୱାରା (ଯାହାକୁ ଅଲ୍ଲାଃତାଲା ଭଲ ଭାବରେ ଜାଣନ୍ତି) ଆଁହଜରତ ସ.ଅଙ୍କୁ ଖାତମୁଲ୍ ଅମ୍ବିୟା ବିଶ୍ୱାସ କରିଥାଉ । ଅଲ୍ଲାଃତାଲା ଆମମାନଙ୍କ ଉପରେ ଖତ୍ମେ ନବୁୱତ୍ର ବାସ୍ତବତାକୁ ଏପରି ଭାବରେ ଉନ୍ମୁକ୍ତ କରି ଦେଇଛନ୍ତି ଯେ, ଏହାର ପରିଚୟମୂଳକ ଯେଉଁ ସରବତ୍ ରହିଛି ତାହା ଆମମାନଙ୍କୁ ପାନ କରାଯାଇଛି। ସେହି ସରବତରୁ ଆମେମାନେ ଏକ ପ୍ରକାରର ବିଶେଷ ସ୍ୱାଦକୁ ଆସ୍ୱାଦିତ କରିଥାଉ। ଯେଉଁମାନେ ଏହି ଝରଣାରୁ ସେଚିତ (ଉପକୃତ) ହେବେ ସେହି ଲୋକମାନଙ୍କ ବ୍ୟତୀତ ହିଁ ଅନ୍ୟ ଲୋକମାନେ ଏହାର ସ୍ୱାଦ ଆକଳନ କରିପାରିବେ ନାହିଁ ।"

**(ମଲ୍ଫୁଜାତ୍, ଭାଗ-1, ପୃ-227, ପ୍ରକାଶିତ ସ୍ଥାନ-କାଦିୟାନ୍, 2003 ମସିହା)**

ଅତଏବ୍ ଯେଉଁ ବିଶ୍ୱାସ ଅଧ୍ୟାତ୍ମ ଚକ୍ଷୁ ଦ୍ୱାରା ହ. ମସିହ୍ ମଉଦ୍ ଅ.ସ ଓ ଆପଣ ଅ.ସଙ୍କର ଜମାଅତ୍ ଆଁହଜରତ ସ.ଅଙ୍କୁ ଖାତମୁନ୍ ନବୀୟିନ୍ ରୂପେ ସ୍ୱୀକାର କରେ ତାହାର ଲକ୍ଷାଂଶ ଭାଗ ମଧ ନିଜକୁ ଖତ୍ମେ ନବୁୱତ୍ର ରକ୍ଷକ କହୁଥିବା ବ୍ୟକ୍ତିମାନେ ସ୍ୱୀକାର କରନ୍ତି ନାହିଁ ।

ସମ୍ମାନିତ ଶ୍ରୋତାବର୍ଗ ! ସେମାନେ ଯଦି ଆଁହଜରତ ସ.ଅଙ୍କୁ ଖାତମୁଲ୍ ଅମ୍ବିୟା ରୂପେ ସ୍ୱୀକାର କରନ୍ତି ଓ ଆମେମାନେ ମଧ ଆଁହଜରତ୍ ସ.ଅଙ୍କୁ ଖାତମୁଲ୍ ଅମ୍ବିୟା ରୂପେ ସ୍ୱୀକାର କରିଥାଉ । ତେବେ ତହିଁରେ କେଉଁ ପାର୍ଥକ୍ୟ ରହିଛି ? ମତପାର୍ଥକ୍ୟ ବାସ୍ତବରେ ଖାତମୁନ୍ ନବୀୟିନ୍ର ବ୍ୟାଖ୍ୟାରେ ହିଁ ରହିଛି । ଆମେମାନେ ଖାତମୁନ୍ ନବୀୟିନ୍ର ବ୍ୟାଖ୍ୟା ପବିତ୍ର କୁରଆନ୍ କରୀମ୍ର ଆୟତ୍ ଏବଂ ଆହଦିସ୍ ଏବଂ ଇସ୍ଲାମ୍ ଧର୍ମର ବରିଷ୍ଠ ବ୍ୟକ୍ତି ତଥା ବିଦ୍ୱାନମାନଙ୍କ କଥନ ପ୍ରକାଶରେ ବ୍ୟାଖ୍ୟା କରିଥାଉ । ଏହି ବ୍ୟାଖ୍ୟା ଦ୍ୱାରା ଆଁହଜରତ ସ.ଅଙ୍କ ମର୍ଯ୍ୟାଦା ବୃଦ୍ଧି ପାଇଥାଏ । ଅପରପକ୍ଷେ ଆମମାନଙ୍କର ଅଣଅହମଦି ଭାଇମାନଙ୍କ ନିକଟରେ ଖାତମୁନ୍ ନବୀୟିନ୍ର ଅର୍ଥ ଏହାଠୁ ବେଶୀ ଆଉ କିଛି ନୁହଁ ଯେ, ଆଁହଜରତ ସ.ଅ ହେଉଛନ୍ତି ଶେଷ ନବୀ (ଅବତାର) । ଆପଣ ସ.ଅଙ୍କ ପରେ ଆଉଁ କୌଣସି ପ୍ରକାରର ଅବତାର ଆସି ପାରିବେ ନାହିଁ ।

ସମ୍ମାନିତ ଶ୍ରୋତାବର୍ଗ ! ନବୀମାନଙ୍କୁ ତିନି ଭାଗରେ ବିଭକ୍ତ କରାଯାଇଛି । ଯଥା- **1-** ଧର୍ମବୈଧାନିକ ନବୀ । ଯିଏ ଧର୍ମ ବିଧାନ ଆଣିଥାନ୍ତି ସେ ହେଉଛନ୍ତି ଧର୍ମବୈଧାନିକ ନବୀ । ଯେପରି ହ. ମୁସା ଅ.ସ ଏବଂ ଆଁହଜରତ ସ.ଅ ହେଉଛନ୍ତି ଧର୍ମବୈଧାନିକ ନବୀ (ଅବତାର) । **2-** ଅଣଧର୍ମବୈଧାନିକ କିମ୍ବା ସ୍ଥାୟୀ ନବୀ । ଅର୍ଥାତ୍ ଏହି ଅଣଧର୍ମବୈଧାନିକ ଏବଂ ସ୍ଥାୟୀ ଅବତାରମାନେ ଧର୍ମବିଧାନ ତ' ଆଣି ନାହାନ୍ତି । କିନ୍ତୁ ପୂର୍ବ ଧର୍ମବିଧାନର ସେବା ନିମନ୍ତେ ସେହି ଅବତାରମାନେ ଆସିଥିଲେ। ଯଥା ହ. ଇସା (ଯୀଶୁ ଖ୍ରୀଷ୍ଟ) ଅ.ସ ମୁସା ଅ.ସଙ୍କ ସେବା ନିମନ୍ତେ ଆସିଥିଲେ । କିନ୍ତୁ ହ. ଇସା ଅ.ସଙ୍କ ଅବତାରତ୍ୱରେ ହ. ମୁସା ଅ.ସଙ୍କ ଲାଭ ଏବଂ କଲ୍ୟାଣ ପହଞ୍ଚିବାର କୌଣସି ହାତ ନଥିଲା । ବରଂ ସିଧା ସଳଖ ଅଲ୍ଲାଃତାଲା ତାଙ୍କୁ ଅବତାର କଲେ। **3-** ତୃତୀୟ ପ୍ରକରରା ନବୀ ହେଉଛି ଧର୍ମାବଲମ୍ବୀମୂଳକ ନବୀ । ଏହି ପ୍ରକାରର ନବୀ ଧର୍ମବୈଧାନିକ ନବୀଙ୍କ ମାଧ୍ୟମରେ ଏବଂ ତାଙ୍କର ପୂର୍ଣ୍ଣ ଆଜ୍ଞାବହତ୍ୱ ଫଳରେ ଅବତାରତ୍ୱର ପୁରସ୍କାର ପ୍ରାପ୍ତ କରିଥାଆନ୍ତି । ଅର୍ଥାତ୍ ନବୀ ହେବାର ତାଙ୍କୁ ପୁରସ୍କାର ମିଳିଥାଏ । ଯେପରିକି ହ. ମିର୍ଜା ଗୁଲାମ୍ ଅହେମଦ ସାହେବ କାଦିୟାନୀ ମସିହ୍ ମଉଦ୍ ଏବଂ ମେହଦୀ ମାହୁଦ୍ ଅ.ସ ଯାହାଙ୍କୁ ଆଁହଜରତ୍ ସ.ଅଙ୍କ ପୂର୍ଣ୍ଣ ଦାସତ୍ୱ ଏବଂ ପୂର୍ଣ୍ଣ ଆଜ୍ଞାବହତ୍ୱ ବଳରେ ଅବତାରତ୍ୱର ପୁରସ୍କାର ପ୍ରାପ୍ତ ହେଲା । ସେହି ପ୍ରକାରର ନବୀକୁ ଧର୍ମାବଲମ୍ବୀମୂଳକ ନବୀ କୁହାଯାଏ ।

ସମ୍ମାନିତ ଶ୍ରୋତାବର୍ଗ ! ଆମେମାନେ ମନ ଓ ପ୍ରାଣ ଦେଇ ଉକ୍ତ କଥା ଉପରେ ବିଶ୍ୱାସ ଆଣୁଛେ ଯେ, ଆଁହଜରତ ସ.ଅ ହେଉଛନ୍ତି ଶେଷ ଧର୍ମବୈଧାନିକ ନବୀ, ଆପଣ ସ.ଅଙ୍କ ପରେ ପ୍ରଳୟ ଦିବସ ପର୍ଯ୍ୟନ୍ତ କୌଣସି ନବୀ ଧର୍ମବୈଧାନିକ ନବୀ ଆସି ପାରିବ ନାହିଁ । ସୁତରାଂ ଏହିପରି ଭାବରେ ନା କୌଣସି ନିୟମିତ ଏବଂ ସ୍ଥାୟୀ ନବୀ ଆସି ପାରିବ ଓ ନା ହିଁ ଅସ୍ଥାୟୀ, ସାମୟିକ୍ ଏବଂ ଧର୍ମବୈଧାନିକ ନବୀ ଆସି ପାରିବ । କିନ୍ତୁ ଧର୍ମାବଲମ୍ବୀମୂଳକ ନବୀ ଆସି ପାରିବ । ଅର୍ଥାତ୍ ଆଁହଜରତ ସ.ଅଙ୍କ ପୂର୍ଣ୍ଣ ଆଜ୍ଞାବହତ୍ୱ ଫଳରେ ଜଣେ ବ୍ୟକ୍ତି ଧର୍ମାବଲମ୍ବୀମୂଳକ ଅବତାରତ୍ୱ ଆସନରେ ଆସୀନ ହୋଇ ପାରିବ । କିନ୍ତୁ ଆମର ଅଣଅହମଦି ଭାଇମାନେ ଏହି ବିଶ୍ୱାସ ରଖନ୍ତି ଯେ, ଆଁହଜରତ ସ.ଅଙ୍କ ପରେ କୌଣସି ଧର୍ମାବଲମ୍ବୀମୂଳକ ନବୀ (ଅବତାର) ମଧ ଆସି ପାରିବ ନାହିଁ ।

ସମ୍ମାନିତ ଶ୍ରୋତାବର୍ଗ ! ଆମେମାନେ ନିଜର ଅଣଅହମଦି ଭାଇମାନଙ୍କୁ ପଚାରୁ ଯେ, ଆଁହଜରତ ସ.ଅଙ୍କ ପରେ ଯଦି ଧର୍ମାବଲମ୍ବୀମୂଳକ ଅବତାର ଆସି ପାରିବ ନାହିଁ ତେବେ ହ. ଇସା ଅ.ସ ଯେତେବେଳେ ଆକାଶରୁ ଅବତୀର୍ଣ୍ଣ ହେବେ ସେତେବେଳେ ସେ ନବୀ ହେବେ ଅବା ନୁହେଁ ? ଏହି ପ୍ରଶ୍ନ ଦ୍ୱାରା ସେମାନଙ୍କ ଶରୀର ସିହରି ଉଠେ ଏବଂ ଶରୀରରେ ଭୂମିକମ୍ପ ସୃଷ୍ଟି ହୋଇଯାଇଥାଏ । କାରଣ ସେମାନେ ନିଜର ଭୁଲକୁ ଅନୁଭବ କରିବାକୁ ଲାଗନ୍ତି ଯେ, ସେମାନେ ବର୍ତ୍ତମାନ କେଉଁ ଉତ୍ତର ଦେବେ ? ଅର୍ଥାତ୍ ଅଣଅହମଦିମାନଙ୍କର ଏହି ଧର୍ମମତ ରହିଛି ଯେ, କୌଣସି ଅବତାର ଆସିବ ନାହିଁ ଓ ଅପରପକ୍ଷେ ଏହାର ବିପରୀତ ଧର୍ମମତ ଯେ, ହ. ଇସା ଅ.ସ ଆସିବେ । ସେହି ଅଣଅହମଦିମାନେ ଉତ୍ତରରେ ଏହା କୁହନ୍ତି ଯେ, ସେ ଅର୍ଥାତ୍ ହ. ଇସା ଅ.ସ ତ' ଧର୍ମାବଲମ୍ବୀମୂଳକ ନବୀ (ଅବତାର) ହେବେ । ଆମେ ସେହି ଅଣହମଦିମାନଙ୍କୁ କହିଥାଉ ଯେ, ହ. ମିର୍ଜା ଗୁଲାମ୍ ଅହମଦ୍ ସାହେବ ମଧ ଧର୍ମାବଲମ୍ବୀମୂଳକ ନବୀ ହେବାର ଦାବି କରିଛନ୍ତି । ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଏହି ମର୍ଯ୍ୟାଦା ମୋତେ କେବଳ ଆଁହଜରତ ସ.ଅଙ୍କ ଆଜ୍ଞାବହତ୍ୱ ଦ୍ୱାରା ହିଁ ପ୍ରାପ୍ତ ହୋଇଛି । ଯଦି ମୁଁ ଆଁହଜରତ ସ.ଅଙ୍କ ଧର୍ମାବଲମ୍ବୀ ନହୋଇ ଥାଆନ୍ତି ଏବଂ ଆପଣ ସ.ଅଙ୍କର ଆଜ୍ଞା ପାଳନ ନକରି ଥାଆନ୍ତି ତେବେ ସମଗ୍ର ସଂସାରରେ ଥିବା ପର୍ବତ ପରି ମୋର କର୍ମ ହୋଇଥାଆନ୍ତା ତେବେ ମଧ ମୁଁ କେବେ ବି ଏହି ବାର୍ତ୍ତାଳାପମୂଳକ ମର୍ଯ୍ୟାଦା କଦାପି ପ୍ରାପ୍ତ କରିପାରି ନଥାଆନ୍ତି । କାରଣ ବର୍ତ୍ତମାନ ଆଁହଜରତ ସ.ଅଙ୍କ ଅବତାରତ୍ୱ ବ୍ୟତୀରେକ ଅନ୍ୟ ମସସ୍ତ ପ୍ରକାରର ଅବତାରତ୍ୱ ବନ୍ଦ ଅଟେ । ଧର୍ମବୈଧାନିକ ନବୀ କେହି ଆସି ପାରିବ ନାହିଁ ଏବଂ ଧର୍ମବିଧାନ ବିହୀନ ନବୀ ହୋଇପାରିବ । କିନ୍ତୁ ସେହି ବ୍ୟକ୍ତି ନବୀ ହୋଇପାରିବ ଯିଏ ପ୍ରଥମେ ଧର୍ମାବଲମ୍ବୀ ହୋଇଥିବ । ଅତଏବ୍ ଏହି ହେତୁ ମୁଁ ଉମ୍ମତି (ଧର୍ମାବଲମ୍ବୀମୂଳକ) ନବୀ ମଧ ଅଟେ ଓ ନବୀ ମଧ ଅଟେ ।"

**(ତଜଲ୍ଲିୟାତେ ଇଲାହିୟାହ୍, ରୁହାନୀ ଖଜାଏନ୍, ଭାଗ-20, ପୃ-411)**

*اُس نُور پر فدا ہوں اُس کا ہی مَیں ہوا ہوں ... ☆ ... وہ ہے مَیں چیز کیا ہوں بس فیصلہ یہی ہے*

ସମ୍ମାନିତ ଶ୍ରୋତାବର୍ଗ ! ଆଁହଜରତ ସ.ଅ ଯେଉଁ ଦ୍ୱାରକୁ ବନ୍ଦ୍ କରିଦେଇଛନ୍ତି, କୌଣସି ଶକ୍ତି ସେହି ଦ୍ୱାରକୁ ଖୋଲି ପାରିବେ ନାହିଁ । କିନ୍ତୁ ଯେଉଁ ଦ୍ୱାରକୁ ଆଁହଜରତ ସ.ଅ ପ୍ରଳବ ଦିବସ ପର୍ଯ୍ୟନ୍ତ ଉନ୍ମୁକ୍ତ (ଖୋଲା) ରଖିଛନ୍ତି ସେହି ଦ୍ୱାରକୁ ବର୍ତ୍ତମାନ କୌଣସି ବ୍ୟକ୍ତି ଆଉ ବନ୍ଦ୍ କରିପାରିବ ନାହିଁ । ଆଁହଜରତ ସ.ଅ ଧର୍ମବୈଧାନିକ ନବୀର ଦ୍ୱାରା ବନ୍ଦ୍ କରିଛନ୍ତି । ଏହି ଦ୍ୱାର ବର୍ତ୍ତମାନ ପ୍ରଳୟ ଦିବସ ପର୍ଯ୍ୟନ୍ତ ବନ୍ଦ୍

ରହିବା ଆପଣ ଅ.ସ ସ୍ଥାୟୀ ନବୀର ଦ୍ୱାର ବନ୍ଦ୍ କରିଦେଲେ । ଏହି ଦ୍ୱାର ପ୍ରଳୟ ଦିବସ ପର୍ଯ୍ୟନ୍ତ ବନ୍ଦ୍ ରହିବ) ।

ସମ୍ମାନିତ ଶ୍ରୋତାବର୍ଗ ! ପବିତ୍ର କୁରଆନ୍ କରୀମରେ ଏପରି ଗୋଟିଏ ଆୟତ୍ ଏପରି ନାହିଁ ଯାହା ଏହା ସୂଚାଇ ଦେବ ଯେ, ଅବତାରତ୍ୱର ଦ୍ୱାର ବର୍ତ୍ତମାନ ସଂପୂର୍ଣ୍ଣ ରୂପେ ରୁଦ୍ଧ (ବନ୍ଦ୍) ହୋଇ ସାରିଛି) । ବରଂ ଏପରି ଅସଂଖ୍ୟ ଆୟତ୍ ରହିଛି ଯାହା ଏହା ଦର୍ଶାଉଛି ଯେ, ଅବତାରତ୍ୱର ଦ୍ୱାର ଉନ୍ମୁକ୍ତ (ଖୋଲା) ରହିଛି) ।

ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍ର ସୁରାଃ ଅନ୍ ନିସାରେ କୁହନ୍ତି: "وَمَنۡ يُّطِعِ اللّٰهَ وَالرَّسُوۡلَ فَاُولٰٓـئِكَ مَعَ الَّذِيۡنَ اَنۡعَمَ اللّٰهُ عَلَيۡهِمۡ مِّنَ النَّبِيّٖنَ وَالصِّدِّيۡقِيۡنَ وَالشُّهَدَآءِ وَالصّٰلِحِيۡنَ ۚ وَحَسُنَ اُولٰٓـئِكَ رَفِيۡقًا ؕ" **(ଅନ୍ ନିସା:70)** ଅନୁବାଦ: ଏବଂ ଯେ କେହି ଅଲ୍ଲାଃତାଲାଙ୍କ ଓ ତାହାଙ୍କ ରସୁଲଙ୍କର ଆଜ୍ଞା ପାଳ କରିବ ସେ ସେହି ଲୋକମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେବ ଯେଉଁମାନଙ୍କୁ ଅଲ୍ଲାଃତାଲା ପୁରସ୍କୃତ କରିଛନ୍ତି । ଅର୍ଥାତ୍ ନବୀ, ସଦ୍ଦିକ୍, ଶହୀଦ୍ ଓ ସ୍ୱାଲେହ୍ଙ୍କ ମଧ୍ୟରେ ଏବଂ ଏ ଲୋକମାନେ ହିଁ ଅତି ଉତ୍ତମ ମିତ୍ର ଅଟନ୍ତି ।

ଉକ୍ତ ଆୟତ୍ରେ ଅଲ୍ଲାଃତାଲା ନବୀ, ସିଦ୍ଦିକ୍ (ସତ୍ୟବାଦୀ), ଶହୀଦ୍ ଓ ସ୍ୱାଲେହ୍ (ପୁଣ୍ୟବାନ ତଥା ସଦାଚାରୀ) ଭଳି 4ଟି ମର୍ଯ୍ୟାଦାର ପ୍ରାପ୍ତ ହେବା ଆଁହଜରତ ସ.ଅଙ୍କ ଆଜ୍ଞାବହତ୍ୱ ସହିତ ସର୍ତ୍ତ କରିଛନ୍ତି । ଅର୍ଥାତ୍ ଜଣେ ମୁସଲମାନ ଧର୍ମାବଲମ୍ବୀ ବ୍ୟକ୍ତି ଆଁହଜରତ ସ.ଅଙ୍କ ପୂର୍ଣ୍ଣ ଆଜ୍ଞାପାଳନ ବା ଆଜ୍ଞାବହତ୍ୱ ସ୍ୱୀକାର କରିବା ଫଳରେ ଅବତାରତ୍ୱର ମର୍ଯ୍ୟାଦା ପର୍ଯ୍ୟନ୍ତ ପହଞ୍ଚି ପାରିଥାଏ ।

ଅଲ୍ଲାଃତାଲା ସୁରତୁଲ୍ ହଜ୍ରେ କୁହନ୍ତି: "اَللّٰهُ يَصۡطَفِىۡ مِنَ الۡمَلٰٓـئِكَةِ رُسُلًا وَّمِنَ النَّاسِ ؕ اِنَّ اللّٰهَ سَمِيۡعٌۢ بَصِيۡرٌ ۚ" **(ସୁରତୁଲ୍ ହଜ୍: 76)** ଅର୍ଥାତ୍ ଅଲ୍ଲାଃତାଲା ଦେବଦୂତମାନଙ୍କ ମଧ୍ୟରୁ ଓ ଲୋକମାନଙ୍କ ମଧ୍ୟରୁ ରସୁଲ ମନୋନୀତ କରନ୍ତି । ବାସ୍ତବିକ ଅଲ୍ଲାଃତାଲା ପ୍ରାର୍ଥନାର ଅତିଶୟ ଶ୍ରବଣକାରୀ ଓ ପରିସ୍ଥିତିର ପରିପୂର୍ଣ୍ଣ ଦ୍ରଷ୍ଟା ଅଟନ୍ତି ।

ଉକ୍ତ ଆୟତ୍ରେ ଅଲ୍ଲାଃତାଲା ନିଜର ସାର୍ବକାଳୀନ ପରମ୍ପରାର ଘୋଷଣା କରିଛନ୍ତି। ଅର୍ଥାତ୍ ଅଲ୍ଲାଃତାଲା ସର୍ବଦା ଦେବଦୂତମାନଙ୍କୁ କିମ୍ବା ମନୁଷ୍ୟମାନଙ୍କୁ ନିଜର ରସୁଲ୍ ବାର୍ତ୍ତାବହ କରି ପ୍ରେରଣ କରିଥାଆନ୍ତି । يَصۡطَفِىۡ ହେଉଛି ମୁଜାରିଆର ଏକ କ୍ରିୟାବାଚକ ବିଶେଷ୍ୟ ପଦ । ଏହାର ଅର୍ଥ ହେଲା, ସେ ମନୋନୀତ କରିଥାଆନ୍ତି ଏବଂ ଭବିଷ୍ୟତରେ ମଧ୍ୟ ଅଲ୍ଲାଃତାଲା ଅବତାରମାନଙ୍କୁ ଚୟନ କରିବେ ।

ପୁନଶ୍ଚ ଅଲ୍ଲାଃତାଲା ସୁରତୁଲ୍ ଆରାଫ୍ରେ କୁହନ୍ତି: "يٰبَنِىۡۤ اٰدَمَ اِمَّا يَاۡتِيَنَّكُمۡ رُسُلٌ مِّنۡكُمۡ يَقُصُّوۡنَ عَلَيۡكُمۡ اٰيٰتِىۡ ۙ فَمَنِ اتَّقٰى وَاَصۡلَحَ فَلَا خَوۡفٌ عَلَيۡهِمۡ وَلَا هُمۡ يَحۡزَنُوۡنَ" **(ସୁରତୁଲ୍ ଆରାଫ୍: 36)**"ଅର୍ଥାତ୍ ହେ ଆଦମ୍ଙ୍କ ସନ୍ତାନମାନେ ! ଯଦି କେବେ ତୁମମାନଙ୍କ ମଧ୍ୟରୁ ତୁମମାନଙ୍କ ନିକଟକୁ ରସୁଲମାନେ ଆସନ୍ତି ଓ ସେମାନେ ତୁମମାନଙ୍କ ନିକଟରେ ଆମ୍ଭର ନିଦର୍ଶନଗୁଡ଼ିକୁ ବର୍ଣ୍ଣନା କରନ୍ତି ତେବେ ସେପରିପ୍ରେକ୍ଷୀରେ ଯେଉଁମାନେ ଧର୍ମପରାୟଣ ହେବେ ଓ ଯେଉଁମାନେ ନିଜକୁ ସଂଶୋଧନ କରିବେ ସେମାନଙ୍କର ଭବିଷ୍ୟତ ପାଇଁ କୌଣସି ଭୟ ନାହିଁ କି ଅତୀତ ପାଇଁ ସେମାନେ ଦୁଃଖିତ ହେବେ ନାହିଁ ।

ଉପରୋକ୍ତ ଆୟତ୍ ଏହା ସୂଚାଉଛି ଯେ, ଆଦମ୍ଙ୍କ ସନ୍ତାନମାନେ ତୁମ ନିକଟକୁ ଯେତେବେଳେ ବି କେହି ଅବତାର ଆସନ୍ତି ସେତେବେଳେ ତୁମେମାନେ ତାହାଙ୍କୁ ପ୍ରତ୍ୟାଖ୍ୟାନ କରିବ ନାହିଁ । ତାହାଙ୍କ ଉପରେ ତୁମେ ବିଶ୍ୱାସ ଆଣିବ । ସୁତରାଂ ସେହି ଅବତାର ଯଦି ଆସିବାର ନଥିଲା ତେବେ ପବିତ୍ର କୁରଆନ୍ କରୀମ୍ ଏହା କହି ଥାଆନ୍ତା କି ହେ ଆଦମ୍ଙ୍କ ସନ୍ତାମାନେ ! ବର୍ତ୍ତମାନ ତୁମ ନିକଟକୁ ଆଉ କୌଣସି ଅବତାର ଆସିବ ନାହିଁ । ଅତଏବ୍ ଏହି ବିନୀତ ଉପରୋକ୍ତରେ କେବଳ କେତୋଟି ଆୟତ୍ ଉଦାହରଣ ସ୍ୱରୂପ ଉପସ୍ଥାପିତ କରିଛି । ଆମମାନଙ୍କର ବିରୋଧୀମାନଙ୍କ ନିକଟରେ ନେଇ ଦେଇ ଗୋଟିଏ ଆୟତ୍ ଖାତମୁନ୍ ନବୀୟିନ୍ ରହିଛି । ଏହି ଆୟତ୍ଟି ବିତର୍କ ପୂର୍ଣ୍ଣ ଓ କଳହଯୁକ୍ତ ଅଟେ । ଉକ୍ତ ଆୟତ୍ର ସମର୍ଥନରେ ସେମାନଙ୍କର ନିକଟରେ ଗୋଟିଏ ହେଲେ ବି ଆୟତ୍ ନାହିଁ । ଖାତମୁନ୍ ନବୀୟିନ୍ର ଆୟତ୍ ବାସ୍ତବରେ ଅବତାରତ୍ୱର ଦ୍ୱାରା ଉନ୍ମୁକ୍ତେ ରହିଛି ନା କି ଅବତାରତ୍ୱର ଦ୍ୱାର ବନ୍ଦ୍ କରିଥାଏ ।

ବର୍ତ୍ତମାନ ବିନୀତ ଆହାଦିସ୍ ଆଡ଼କୁ ଆସୁଛି । ଆହାଦିସ୍ରୁ ମଧ୍ୟ ଆମମାନଙ୍କୁ ଏହା ଜ୍ଞାତ ହୁଏ ଯେ, ଅବତାରତ୍ୱର ଦ୍ୱାରା ଖୋଲା ରହିଛି । ଏହି ଦ୍ୱାରା କଦାପି ବନ୍ଦ୍ ହୋଇ ନାହିଁ । ଆଁହଜରତ ସ.ଅଙ୍କ ସୁପୁତ୍ର ହ. ଇବ୍ରାହିମ୍ ଯେତେବେଳେ ମୃତ୍ୟୁବରଣ କଲେ ସେତେବେଳେ ଆପଣ ସ.ଅ ତାଙ୍କର ନମାଜ୍ ଯନାଜାଃ ପାଠ କରାଇଲେ ଏବଂ କହିଲେ, لَوۡ عَاشَ لَكَانَ صِدِّيۡقًا نَبِيًّا ଅର୍ଥାତ୍ ଇବ୍ରାହିମ୍ ଯଦି ଜୀବିତ ଥାଆନ୍ତା ତେବେ ସେ ଅବଶ୍ୟ ସତ୍ୟବାଦୀ ଅବତାର ହୋଇଥାଆନ୍ତା ।

**(ଇବ୍ନେ ମାଜା,କିତାବୁଲ୍ ଯନାଏଜା, مَا جَاءَ فِى الصَّلٰوةِ عَلٰى ابۡنِ رَسُوۡلِ اللّٰهِ)**

ଖାତମୁନ୍ ନବୀୟିନ୍ର ଆୟତ୍ ଅବତୀର୍ଣ୍ଣ ହେବାର 4 ବର୍ଷ ପରେ ହ. ଇବ୍ରାହିମ୍ ଅ.ସଙ୍କର ବିୟୋଗ ହୋଇଥିଲା । ଯଦି ଆଁହଜରତ ସ.ଅ ଖାତମୁନ୍ ନବୀୟିନ୍ର ଅର୍ଥ ଏହା ମନେକରୁଥିଲେ ଯେ, ଆପଣ ସ.ଅଙ୍କ ପରେ ଆଉ କୌଣସି ନବୀ (ଅବତାର ଆସିବ ନାହିଁ) ତେବେ ଆପଣ ସ.ଅଙ୍କୁ ଏହା କହିବା ଉଚିତ୍ ଥିଲା କି ଯଦି ଇବ୍ରାହିମ୍ ଜୀବିତ ରହିଥାଆନ୍ତା ତେବେ ମଧ୍ୟ ନବୀ ହୋଇ ନଥାଆନ୍ତା । କାରଣ ମୁଁ ଖାତମୁନ୍ ନବୀୟିନ୍ ଅଟେ । ମୋ ପରେ ଆଉ କୌଣସି ନବୀ (ଅବତାର) ହେବ ନାହିଁ କି କୌଣସି ଅବତାର ଆଉ ଆସିବ ନାହିଁ ।

(2) ମୁସ୍ଲିମ୍ର ହଦିସ୍ରେ ଆଁହଜରତ ସ.ଅ ଆଗମନକାରୀ ମସିହ୍କୁ 4ଥର ନବୀଉଲ୍ଲାଃ ବୋଲି କହି ଅଭିହିତ କରିଛନ୍ତି । **(ମୁସ୍ଲିମ୍, ବାବ-ସିଫତୁଦ୍ ଦଜ୍ଜାଲ୍)**

(3) ଆଁହଜରତ ସ.ଅ କହିଲେ: اَبُوۡبَكۡرٍ اَفۡضَلُ هٰذِهِ الۡاُمَّةِ اِلَّا اَنۡ يَّكُوۡنَ نَبِىٌّ ـ ଅର୍ଥାତ୍ ଅବୁ ବକ୍କର ର.ଅ ଏହି ଜାତି (ଅର୍ଥାତ୍ ଇସ୍ଲାମ୍ ଧର୍ମରେ)ରେ ସର୍ବୋତ୍ତମ ବ୍ୟକ୍ତି ଅଟନ୍ତି । **(କୁନୁଜୁଲ୍ ହକାଏକ୍, ଫି ହଦିସ୍ ଖୈରିଲ୍ ଖଲାଏକ୍)**

(4) ଆଁହଜରତ ସ.ଅ କହିଲେ : ثُمَّ تَكُوۡنُ خِلَافَةٌ عَلٰى مِنۡهَاجِ النُّبُوَّةِ -

**(ମୁସ୍ନଦ୍ ଅହମଦ୍, ମିଶ୍କାତ୍, ବାବ୍- ଅଲ୍ ଇନ୍ଜାରୁତ୍ ତହ୍ଜିରି)**

ଏହି ହିଦସ୍ରେ ଆଁହଜରତ ସ.ଅ ଇସ୍ଲାମ୍ ଧର୍ମ ଉପରେ ଆସିବାକୁ ଥିବା ଯୁଗ ସଂପର୍କରେ ଚର୍ଚ୍ଚା କିରଛନ୍ତି । ଆପଣ ସ.ଅ ପୁନଶ୍ଚ କହିଲେ, ସେହି ସମସ୍ତ ଯୁଗ ଅତିବାହିତ ହେବା ପରେ ଖିଲାଫତ୍ ଅଲା ମିନହାଜି ନବୁୱତ୍ ସ୍ଥାପିତ ହେବ ।

ମିଶ୍କାତ୍ର ଲେଖକ ଉକ୍ତ ହଦିସ୍ ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, الظَّاهِرُ اَنَّ الۡمُرَادَ بِهٖ زَمَنُ عِيۡسٰى وَالۡمَهۡدِىِّ ଅର୍ଥାତ୍ ଏହା ପ୍ରକାଶ୍ୟ ଯେ, ମିନ୍ହାଜି ନବୱ୍ୱତ୍ ଅର୍ଥାତ୍ ନବୁୱତ୍ ପଥରେ ଖିଲାଫତ୍ ବ୍ୟବସ୍ଥା ପୁନଃ ସ୍ଥାପିତ ହେବାର ଯୁଗ ମସିହ୍ ମଉଦ୍ ଓ ମେହ୍ଦୀ ମାହୁଦଙ୍କ ଯୁଗ ହେବ ।

ଅଲ୍ଲାଃତାଲାଙ୍କ କୃପାରୁ ସତ୍ୟ ସୂଚନାପ୍ରଦାନକାରୀ ଆଁହଜରତ୍ ସ.ଅଙ୍କର ଏହି ଭବିଷ୍ୟବାଣୀ ପୂର୍ଣ୍ଣ ହୋଇ ସାରିଛି ଏବଂ ଜମାଅତ୍ ଅହେମଦିୟାରେ ହ. ମିର୍ଜା ଗୁଲାମ୍ ଅହମଦ୍ କାଦିୟାନୀ ଅ.ସ ପ୍ରତିଶୃତ ମସିହ୍ ଓ ଅଙ୍ଗୀକୃତ ମେହଦୀଙ୍କ ବିୟୋଗ ପରେ ଖିଲାଫତ୍ ଅଲା ମିନ୍ହାଜେ ନବୁୱତ୍ (ନବୀଙ୍କ ପରେ ଖିଲାଫତ୍ ବ୍ୟବସ୍ଥା ପ୍ରଚଳନ ହେବା)ର ପରମ୍ପରା ସ୍ଥାପିତ ହୋଇଛି । ଆଜି ସେହି ପ୍ରତିଶୃତ ମସିହ୍ ଏବଂ ମେହ୍ଦୀଙ୍କ ପଞ୍ଚମ ଖଲିଫା ହ. ମିର୍ଜା ମସ୍ରୁର୍ ଅହମଦ୍ ଅହମଦିୟତ୍ ଅର୍ଥାତ୍ ପ୍ରକୃତ ଇସ୍ଲାମ୍ର ସମଗ୍ର ବିଶ୍ୱରେ ଅତ୍ୟନ୍ତ ଭବ୍ୟତାର ସହିତ ନେତୃତ୍ୱ ନେଇଛନ୍ତି । **ଅଲ୍ହମ୍ଦୁଲିଲ୍ଲାଃହି ଅଲା ଜାଲିକ୍ ।**

ସମ୍ମାନିତ ଶ୍ରୋତାବର୍ଗ ! ପବିତ୍ର କୁରଆନ୍ କରୀମ୍ ଏବଂ ହଦିସ୍ର ପ୍ରକାଶରେ ଇସ୍ଲାମ୍ ଧର୍ମର ବରିଷ୍ଠ ପୁରୋହିତ ତଥା ବିଦ୍ୱାନ୍ମାନେ ମଧ୍ୟ ଉକ୍ତ କଥା ଉପରେ ଏକମତ ଅଟନ୍ତି ଯେ, କେବଳ ଅବୈଧାନିକ ଅବତାରତ୍ୱର ଦ୍ୱାର ଉନ୍ମୁକ୍ତ (ଖୋଲା) ରହିଛି । ଅବୈଧାନିକ ଅବତାରତ୍ୱର ଦ୍ୱାର ବନ୍ଦ୍ ହୋଇ ନାହିଁ । ଗୋଟିଏ ନୁହଁ କି ଦୁଇଟି ନୁହଁ ବରଂ ଇସ୍ଲାମ୍ ଧର୍ମର ବିଂଶାଧିକ ବିଦ୍ୱାନ୍ମାନଙ୍କର ଏହି ଧର୍ମମତ ରହିଛି। ସମୟକୁ ଧ୍ୟାନରେ ରଖି କେବଳ ଦୁଇଟି ପ୍ରାମାଣ୍ୟ ମୁଁ ଉପସ୍ଥାପିତ କରି ଦେଉଛି ।

(1) ଉମ୍ମୁଲ୍ ମୁମିନିନ୍ ହ. ଆଏଶା ର.ଅ କୁହନ୍ତି: قُوۡلُوۡا اِنَّهٗ خَاتَمُ الۡاَنۡبِيَاءِ وَلَا تَقُوۡلُوۡا لَا نَبِىَّ بَعۡدَهٗ ଅର୍ଥାତ୍ ହେ ଲୋକମାନେ ତୁମେମାନେ ଆଁହଜରତ ସ.ଅଙ୍କୁ ଖାତମୁଲ୍ ଅମ୍ବିୟା ତ' କୁହ । କିନ୍ତୁ ଏହା କୁହ ନାହିଁ ଯେ, ଆପଣ ସ.ଅଙ୍କ ପେର କୌଣସି ନବୀ (ଅବତାର) ନାହାନ୍ତି ।

**(ତକ୍ମିଲା ମଜ୍ମଅଲ୍ ବିହାର୍, ପୃ-85, ଦୁର୍ରେ ମନ୍ସୁର୍, ଭାଗ-5)**

ଦେଓବନ୍ଦ୍ର ସଂସ୍ଥାପକ ହ. ମୌଲାନା ମୁହମ୍ମଦ୍ କାସିମ୍ ସାହେବ ନାନୋତୱୀ ର.ଅ କୁହନ୍ତି: "ଯଦି ମନେକରି ନିଆଯାଉ ନବୀ କରୀମ୍ ସ.ଅଙ୍କ ଯୁଗ ପରେ ମଧ୍ୟ କୌଣସି ଅବତାର ଜନ୍ମଗ୍ରହଣ କରିବେ ନାହିଁ ତେବେ ଆଁହଜରତ୍ ସ.ଅଙ୍କ ମୋହରରେ (ଶ୍ରେଷ୍ଠ ନବୀ ହେବାରେ) କୌଣସି ଅସୁବିଧା କି ପାର୍ଥକ୍ୟ ସୃଷ୍ଟି ହେବ ନାହିଁ ।" **(ତହ୍ଜିରୁନ୍ ନାସା, ପ୍ରକାଶନ ସ୍ଥାନ-ସାହାରନ୍ପୁର, ପୃ-3, ପ୍ରାମାଣ୍ୟ-ଖତ୍ମେ ନବୁୱତ କି ହକିକତ୍-159)**

ସମ୍ମାନିତ ଶ୍ରୋତାବର୍ଗ ! ଖାତମୁନ୍ ନବୀୟିନ୍ର ଅର୍ଥ ଏହିକି ଯେ, ଆଁହଜରତ ସ.ଅଙ୍କ ଆଜ୍ଞାବହତ୍ୱ ଫଳରେ ଆଧ୍ୟାତ୍ମିକତାରେ ଉନ୍ନତି କରୁ କରୁ ଏକ ଧର୍ମାବଲମ୍ବୀମୂଳକ ଅବତାରତ୍ୱର ମର୍ଯ୍ୟାଦା ଏବଂ ପ୍ରତିଷ୍ଠା ଦ୍ୱାରା ସମ୍ମାନିତ ହୋଇପାରିବ । ତହିଁରେ ହିଁ ଆଁହଜରତ ସ.ଅଙ୍କର ମର୍ଯ୍ୟାଦା ଏବଂ ତହିଁରେ ହିଁ ଆପଣ ସ.ଅଙ୍କ ଶ୍ରେଷ୍ଠତା ନିହିତ ରହିଛି । ଏହି କାରଣରୁ ଏହି ଧର୍ମ ଅର୍ଥାତ୍ ଇସ୍ଲାମ୍ ଧର୍ମ ଖୈରି ଉମ୍ମତ୍ (ଶ୍ରେଷ୍ଠ ଧର୍ମ) ବୋଲି ଅଭିହିତ ହୁଏ ।

ପୁଣ୍ୟଶ୍ଳୋକ ସୟେଦିୟାନ ହ.ମସିହ୍ ମଉଦ୍ ଅ.ସ କୁହନ୍ତି: "ହ. ମୁସା ଅ.ସଙ୍କ ଧର୍ମରେ..........ଯେଉଭଳି ଅବାତରମାନେ ଅତିକ୍ରାନ୍ତ ହୋଇଛନ୍ତି ସେହି ସମସ୍ତ ଅବତାରମାନଙ୍କୁ ଈଶ୍ୱର ସିଧା ସଳଖ ମନୋନୀତ କରି ନେଇଥିଲେ । ହ. ମୁସା ଅ.ସଙ୍କ ତହିଁରେ କୌଣସି ହସ୍ତକ୍ଷେପ (ହାତ) ନଥିଲା । କିନ୍ତୁ ଏହି ଜାତି ଅର୍ଥାତ ଇସ୍ଲାମ୍ ଧର୍ମରେ ଆଁହଜରତ ସ.ଅଙ୍କ ଆଜ୍ଞାବହତ୍ୱ ତଥା ଆଜ୍ଞାପାଳନର କଲ୍ୟାଣ ଦ୍ୱାରା ସହସ୍ରାଧିକ (ହଜାରରୁ ଉର୍ଦ୍ଧ୍ୱ) ସାଧୁ ସନ୍ଥ ହୋଇଛନ୍ତି । ସେହିପରି ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଏପିର ମଧ୍ୟ ହେଲା ନାହିଁ ଯିଏ ଏହି ଧର୍ମର ଧର୍ମାବଲମ୍ବୀ ହୋଇଥିବ ଏବଂ ନବୀ ମଧ୍ୟ ହୋଇଥିବ ।"

**(ହକିକତୁଲ୍ ୱହି, ରୁହାନୀ ଖଜାଏନ୍, ଭାଗ-22, ପୃ-30, ବି.ଦ୍ର)**

ସୟେଦିନା ହ. ମସିହ୍ ମଉଦ୍ ଅ.ସ କୁହନ୍ତି : "ଆମେମାନେ ଆଁହଜରତ ସ.ଅଙ୍କୁ ଚରିପୋକାରୀ ଝରଣା ବୋଲି ସ୍ୱୀକାର କରୁ । ଯଦି ଏକ ଦୀପ ଦ୍ୱାରା ଅନ୍ୟ ଦୀପ ଶିଖା ପ୍ରଜ୍ୱଳିତ ନହୁଏ ତେବେ ସେହି ଦୀପ ଶିଖା ପ୍ରଶଂସନୀୟ ହୋଇପାରିବ ନାହିଁ । କିନ୍ତୁ ଆମେମାନେ ଆଁହଜରତ ସ.ଅଙ୍କୁ ଏପରି ଆଲୋକ ବୋଲି ମନେକରୁ କି ଆପଣ ସ.ଅଙ୍କ ଦ୍ୱାରା ଅନ୍ୟ ଲୋକମାନେ ଆଲୋକିତ ହୋଇଥାଆନ୍ତି ।"

**(ମଲ୍ଫୁଜାତ୍, ବାଗ-2, ପୃ-317, ପ୍ରକାଶନ ସ୍ଥାନ-କାଦିୟାନ୍, 2003 ମସିହା)**

ସୟେଦିନା ହ. ମୁସ୍ଲେହ୍ ମଉଦ୍ ର.ଅ କୁହନ୍ତି; "ମୁଁ କେବେ ବି ମୁହୂର୍ତ୍ତକ ପାଇଁ ଉକ୍ତ କଥାକୁ ଉଚିତ୍ ବୋଲି ମନେକରୁ ନାହିଁ ଯେ, ରସୁଲ୍ କରୀମ୍ ସ.ଅଙ୍କ ପରେ ଏପରି

କୌଣସି ବ୍ୟକ୍ତି ଆସିବ ଯିଏ ଆପଣ ସ.ଅଙ୍କ ଅବତାରତ୍ୱ ବା ବାର୍ତ୍ତାବହତ୍ୱକୁ ସମାପ୍ତ କରିଦେବ ଏବଂ ନୂତନ ବାଣୀ ଓ ନୂତନ କିବ୍‌ଲା ତିଆରି କରୁ, ନୂତନ ଧର୍ମବିଧାନ ନିଜ ସାହିତ ଆଣୁ ଅବା ନିଜ ସହିତ ଧର୍ମବିଧାନର କୌଣସି ଆଦେଶକୁ ପରିବର୍ତ୍ତନ କରିଦେଉ କିମ୍ବା ଲୋକମାନଙ୍କୁ ଆଁହଜରତ ସ.ଅଙ୍କ ଆଜ୍ଞାବହତ୍ୱରୁ କାଢି ନିଜ ଆଜ୍ଞାବହତ୍ୱକୁ ନେଇ ଆସୁ ।...........କିନ୍ତୁ ମୁଁ ଉକ୍ତ ପ୍ରସଙ୍ଗକୁ ମଧ ପସନ୍ଦ କରୁ ନାହିଁ ଯେ, ରସୁଲ୍ କରୀମ୍ ସ.ଅଙ୍କ ଅସ୍ତିତ୍ୱକୁ ଏପରି ମନେକରାଯାଉ ଯେପରିକି ଆପଣ ସ.ଅ ସକଳ କରୁଣା ଏବଂ କଲ୍ୟାଣକୁ ଅଟକାଇ ଦିଆଯାଉ..... । ରସୁଲୁଲ୍ଲାଃ ସ.ଅ କୁହନ୍ତି ଯେ, ହ. ମୁସା ଅ.ସଙ୍କ ଜାତିରେ ମଧ ଅନେକ ମୁହଦ୍ଦିସ୍ (ହଦିସର ବିଦ୍ୱାନ୍) ମାନେ ଅତିକ୍ରାନ୍ତ ହୋଇଛନ୍ତି । ଅତଏବ୍ ଯଦି ଆଁହଜରତ ସ.ଅଙ୍କୁ ଯେଉଁ ଐଶୀ ଶକ୍ତି ପ୍ରାପ୍ତ ହୋଇଥିଲା ତାହା ଯଦି ମନୁଷ୍ୟକୁ ମୁହଦ୍ଦିସ୍ ମର୍ଯ୍ୟାଦା ପର୍ଯ୍ୟନ୍ତ ପହଞ୍ଚାଇ ପାରୁଛି ତେବେ ଆପଣ ସ.ଅଙ୍କୁ ଅନ୍ୟ ଅମ୍ବିୟା (ନବୀର ବହୁ ବଚନ ଅର୍ଥାତ୍ ଅବତାରମାନେ) ମାନଙ୍କ ଉପରେ କେଉଁ ଶ୍ରେଷ୍ଠତା ପ୍ରାପ୍ତ ହୋଇଛି ? ସେହିପରି ଆପଣ ସ.ଅ ସୟେଦ୍ ୱୁଲଦେ ଆଦମ୍ ଏବଂ ଅବତାରମାନଙ୍କ ଅଧିପତି କିପରି ବିବେଚିତ ହେଲେ ? ନବୀଶ୍ରଷ୍ଠ ହେବା ନିମନ୍ତେ ଏହା ଆବଶ୍ୟକ ଯେ, ଆପଣ ସ.ଅଙ୍କ ମଧ୍ୟରେ ଏପରି ବୈଶିଷ୍ଟ୍ୟତା (ଗୁଣ ବା ସାମର୍ଥ୍ୟତା) ଦେଖିବାକୁ ମିଳୁ ଯାହାକି ପୂର୍ବ ଅବତାରମାନଙ୍କ ମଧ୍ୟରେ ଦେଖିବାକୁ ମିଳୁ ନଥିଲା । ଆମ ନିକଟରେ ଏହି ବୈଶିଷ୍ଟ୍ୟତା ଆପଣ ସ.ଅଙ୍କ ମଧ୍ୟରେ ହିଁ ରହିଛି। କାରଣ ପୂର୍ବ ଅବତାରମାନଙ୍କ ଧର୍ମାବଲମ୍ବୀ ସେହି ଅବତାରମାନଙ୍କର ଆକର୍ଷଣ ଶକ୍ତି ଦ୍ୱାରା କେବଳ ମୁହଦ୍ଦିସ୍ ମର୍ଯ୍ୟାଦା ପହଞ୍ଚାଇ ପାରୁଥିଲା । କିନ୍ତୁ ରସୁଲ୍ କରୀମ୍ ସ.ଅଙ୍କ ଧର୍ମାବଲମ୍ବୀମାନେ ଅବତାରତ୍ୱର ମର୍ଯ୍ୟାଦା ପର୍ଯ୍ୟନ୍ତ ପହଞ୍ଚି ପାରିବେ। ଅତଏବ୍ ଏହା ହିଁ ଆପଣ ସ.ଅଙ୍କ ଐଶୀ ଶକ୍ତିର ବୈଶିଷ୍ଟ୍ୟତା ଏବଂ ସାମର୍ଥ୍ୟତା ଯାହା ଏକ ବିଶ୍ୱାସକାରୀ ବ୍ୟକ୍ତିର ହୃଦୟକୁ ଆପଣ ସ.ଅଙ୍କ ପ୍ରେମ ଏବଂ ଆପଣ ସ.ଅଙ୍କ ଆନ୍ତରୀକତାର ଉତ୍ସାହ ଦ୍ୱାରା ପରିପୂର୍ଣ୍ଣ କରିଦେଇଥାଏ ।"

ଯଦି ଆପଣ ସ.ଅଙ୍କ ଆଗମନ ଦ୍ୱାରା ଏହି ପ୍ରକାରର ଅବତାରତ୍ୱର ପରିସମାପ୍ତି ଘଟିଲା ତେବେ ଆପଣ ସ.ଅଙ୍କ ଆଗମନ ସଂସାର ନିମନ୍ତେ ଏକ ଶାସ୍ତି ସାବ୍ୟସ୍ତ ହୋଇଯାଇଥାଏ ଏବଂ ପବିତ୍ର କୁରଆନ୍ କରୀମ୍‌ର ଅସ୍ତିତ୍ୱ ନିରର୍ଥକ ହୋଇଯାଇଥାଏ। କାରଣ ଏହି ପରିସ୍ଥିତିରେ ଏହା ସ୍ୱୀକାର କରିବାକୁ ପଡ଼ିବ ଯେ, ଆପଣ ସ.ଅଙ୍କ ଅବତୀର୍ଣ୍ଣ ହେବା ପୂର୍ବରୁ ତ' ମନୁଷ୍ୟ ବଡ଼ ବଡ଼ ସ୍ତର ପର୍ଯ୍ୟନ୍ତ ପହଞ୍ଚି ଯାଉଥିଲା । କିନ୍ତୁ ଆପଣ ସ.ଅଙ୍କ ଅବତୀର୍ଣ୍ଣ ହେବା ପରେ ମନୁଷ୍ୟକୁ ସେହି ସ୍ତରକୁ ପ୍ରାପ୍ତ କରିବାରୁ ଅଟକାଇ ଦିଆଗଲା ଏବଂ ଏହା ସ୍ୱୀକାର କରିବାକୁ ପଡ଼ିବ ଯେ, ପବିତ୍ର କୁରଆନ୍ କରୀମ୍ ପୂର୍ବରୁ ଥିବା ଧର୍ମଗ୍ରନ୍ଥ ତ' ଅବତାରତ୍ୱର ସ୍ତର ପ୍ରାପ୍ତ କରିବାରେ ସହାୟକ ହେଉଥିଲେ । ଅର୍ଥାତ୍ ସେହି ପୂର୍ବ ଧର୍ମଗ୍ରନ୍ଥମାନଙ୍କ ମାଧ୍ୟମରେ ମନୁଷ୍ୟ ସେହି ସ୍ତର ପର୍ଯ୍ୟନ୍ତ ପହଞ୍ଚି ଯାଉଥିବ ଯେଉଁ ଠାରୁ ଅଲ୍ଲାଃତାଲା ତା'କୁ (ବ୍ୟକ୍ତିକୁ) ଅବତାରତ୍ୱର ମର୍ଯ୍ୟାଦା ପର୍ଯ୍ୟନ୍ତ ପହଞ୍ଚାଇ ଦିଆଯାଉଥିଲା । ଯେଉଁ ମର୍ଯ୍ୟାଦା ଠାରୁ ଅଲ୍ଲାଃତାଲା ସେହି ବ୍ୟକ୍ତିକୁ ଅବତାରତ୍ୱର ମର୍ଯ୍ୟାଦାର ସଂସ୍କାର ନିମନ୍ତେ ମନୋନୀତ କରି ନେଉଥିଲା । କିନ୍ତୁ ପବିତ୍ର କୁରଆନ୍ କରୀମ୍ ଉପରେ କାର୍ଯ୍ୟାନୁସରଣ କରି ମନୁଷ୍ୟ ସେହି ସ୍ତର ପର୍ଯ୍ୟନ୍ତ ପହଞ୍ଚି ପାରିବ ନାହିଁ । ଯଦି ବାସ୍ତବରେ ଏପରି କଥା ସତ ହୁଏ ତେବେ ଅଲ୍ଲାଃତାଲାଙ୍କ ସତ୍ୟ ଉପାସକମାନଙ୍କର ହୃଦୟ ରକ୍ତାକ୍ତ ହୋଇଯିବ ଏବଂ ସେମାନଙ୍କର ମେରୁଦଣ୍ଡ (ଅଣ୍ଟା) ଭାଙ୍ଗିଯିବ । କାରଣ ସେମାନେ ତ' ରହମତୁଲ୍ ଲିଲଆଲମିନ୍ (ସମଗ୍ର ସଂସାର ନିମନ୍ତେ ଦୟା ଓ କରୁଣା) ସୟେଦୁଲ୍ ଅମ୍ବିୟା (ଅବତାରମାନଙ୍କର ଅଧିପତି)ଙ୍କ ଆଗମନକୁ ଏହା ଭାବି ବସିଥିଲେ ଯେ, ବର୍ତ୍ତମାନ ଆମମାନଙ୍କର ଆଧାତ୍ମିକ ଉନ୍ନତି ନିମନ୍ତେ ନୂତନ ଦ୍ୱାର ଉନ୍ମୁକ୍ତ (ଖୋଲି) ହୋଇଯିବ ଏବଂ ନିଜର ପ୍ରିୟ ରବ୍‌ବୁଲ୍ ଆଲମିନ୍ (ସକଳ ବ୍ରହ୍ମାଣ୍ଡର ପାଳନକର୍ତ୍ତା)ଙ୍କ ଆହୁରି ନିକଟବର୍ତ୍ତୀ ହୋଇଯିବେ । କିନ୍ତୁ ପରିଣାମ ନାଉଜୁ ବିଲ୍ଲାଃହି ମିନ୍ ଜାଲିକ୍ (ତହିଁରୁ ଆମେ ପ୍ରଭୁଙ୍କ ଶରଣ ଭିକ୍ଷା କରୁଛୁ) ଏହା ବାହାରିଲା ଯେ, ଯେଉଁ ଦ୍ୱାରା ପୂର୍ବେ ଉନ୍ମୁକ୍ତ (ଖୋଲା) ରହିଥିଲା ଆପଣ ସ.ଅ ଆସି ସେହି ଦ୍ୱାରକୁ ବନ୍ଦ କରିଦେଲେ । କ'ଣ କୌଣସି ବିଶ୍ୱାସକାରୀ ରସୁଲ୍ କରୀମ୍ ସ.ଅଙ୍କ ସଂପର୍କରେ ଏପରି କଥା ମୁହୂର୍ତ୍ତକ ପାଇଁ ବି ନିଜ ମନରେ ଭାବି ପାରିବ କି ? ଆପଣ ସ.ଅଙ୍କ ପ୍ରକୃତ ପ୍ରେମୀ ମୁହୂର୍ତ୍ତକ ପାଇଁ ବି ଏହି ଆସ୍ଥା ଏବଂ ଏହି ଧର୍ମମତ ଉପରେ ତିଷ୍ଠି ରହି ପାରିବେ କି ?

ସମ୍ମାନିତ ଶ୍ରୋତାବର୍ଗ ! ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ଆପଣ ସ.ଅ କଲ୍ୟାଣର ଅସୀମ ସାଗର ଥିଲେ ଏବଂ ଆଧାତ୍ମିକ ଉନ୍ନତିର ଏକ ଆକାଶ ଥିଲେ । ଏହି ଆକଶର ସୀମା ଅନନ୍ତ ଅଟେ । ଏହାର ବ୍ୟାପକାତକୁ କେହି ଆକଳନ କରି ପାରିବ ନାହିଁ । ଆପଣ ସ.ଅ ଦୟାର ଦ୍ୱାରକୁ ବନ୍ଦ କରି ନାହାନ୍ତି ବରଂ ଆପଣ ସ.ଅ ଦୟାର ଦ୍ୱାରକୁ ଉନ୍ମୁକ୍ତ (ଖୋଲି) କରି ଦେଇଛନ୍ତି ।"

ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ରସୁଲ୍ କରୀମ୍ ସ.ଅଙ୍କ ଏହି ମର୍ଯ୍ୟାଦା ଯାହା ଉପରୋକ୍ତରେ ବର୍ଣ୍ଣନା କରାଯାଇଛି ତାହା ଆମମାନଙ୍କୁ ବାଧ୍ୟ କରେ କି ଏହି ପ୍ରକାରର ଅବତାରତ୍ୱର ପରମ୍ପରା ଆପଣ ସ.ଅଙ୍କ ପରେ ମଧ ଜାରି ରହିଛି ବୋଲି ମନେକରିବା ଉଚିତ୍ । କାରଣ ତହିଁରେ ଆପଣ ସ.ଅଙ୍କର ମର୍ଯ୍ୟାଦା ଓ ସମ୍ମାନ ନିହିତ ରହିଛି । ସେହି ଦ୍ୱାରକୁ ବନ୍ଦ କରିବା ଫଳରେ ଆପଣ ସ.ଅଙ୍କ ମର୍ଯ୍ୟାଦାହାନୀ ହୋଇଥାଏ । କେଉଁ ବ୍ୟକ୍ତି ଏକଥା ବୁଝି ପାରିବ ନାହିଁ ଯେ, ଜଣେ ଯୋଗ୍ୟ ଏବଂ ସକ୍ଷମ ଶିକ୍ଷକର ଏହି ଲକ୍ଷଣ ରହିଛି ଯେ, ତା'ର ଯୋଗ୍ୟ ଛାତ୍ରମାନେ ହୁଅନ୍ତୁ । ସେହିପରି ଜଣେ ବଡ଼ ସମ୍ରାଟର ଏହି ଲକ୍ଷଣ ରହିଛି ଯେ, ତା' ଅଧୀନସ୍ଥ ବଡ଼ ବଡ଼ ଶାସକମାନେ ହୁଅନ୍ତୁ । ଯଦି ଶିକ୍ଷକର ଛାତ୍ରମାନେ ନିକୃଷ୍ଟ ସ୍ତର ଓ ନିମ୍ନ ଶ୍ରେଣୀର ହୁଅନ୍ତି ତେବେ ଶିକ୍ଷକକୁ କେହି ବି ଯୋଗ୍ୟ ଏବଂ ସଫଳ ଶିକ୍ଷକ ବୋଲି କହିପାରିବ ନାହିଁ । ଠିକ୍ ସେହିପରି ଯଦି ସମ୍ରାଟ୍ ଅଧୀନ ନାନା ସ୍ତରର ଲୋକମାନେ ହୁଅନ୍ତି ତେବେ ସେହି ସମ୍ରାଟକୁ କେହି ବି ବଡ଼ ବୋଲି କହି ପାରିବ ନାହିଁ । ସଂସାରରେ ସମ୍ରାଟ୍ ହେଉଛି ଏକ ସମ୍ମାନମୂଳକ ଗୋତ୍ର (ସାଂଜ୍ଞା) । ଏହା କୌଣସି ତିରସ୍କାର ଏବଂ ହୀନ ସାଂଜ୍ଞା ବା ଗୋତ୍ର ନୁହେଁ । ଠିକ୍ ସେହିପରି ଯେଉଁ ନବୀ (ଅବତାରଙ୍କ) ଧର୍ମାବଲମ୍ବୀମାନେ ଅବତାରତ୍ୱ ମର୍ଯ୍ୟାଦା ପ୍ରାପ୍ତ କରନ୍ତି ଏବଂ ସେମାନେ ସେହି ଅବତାରଙ୍କର ଧର୍ମାବଲମ୍ବୀ ହୋଇ ରହନ୍ତି ତେବେ ସେହି ଅବତାର ଅନ୍ୟ ଅବତାରମାନଙ୍କ ଠାରୁ ବୃହତ୍ ଅବତାର ଅଟେ ।"

**(ଦାୱତୁଲ୍ ଅମୀର, ପୃ-44-48, ପ୍ରକାଶନ ସ୍ଥାନ, କାଦିୟାନ୍-2017)**

ସମ୍ମାନିତ ଶ୍ରୋତାବର୍ଗ ! ଆୟତ୍ ଖାତମୁନ୍ ନବୀୟିନ୍‌ର ଅବତୀର୍ଣ୍ଣ ହେବାର କାରଣ ଏହିକି ଯେ, ମକ୍କାର ଅବିଶ୍ୱସାକାରୀମାନେ ଆଁହଜରତ ସ.ଅଙ୍କୁ ଏହି କଟାକ୍ଷ କରୁଥିଲେ ଯେ, ଆପଣ ସ.ଅଙ୍କ କୌଣସି ପୁତ୍ର ସନ୍ତାନ ନାହିଁ ଏବଂ **ନାଉଜୁ ବିଲ୍ଲାଃ ମିନ୍ ଜାଲିକ୍** ଆପଣ ସ.ଅ ନିଃସନ୍ତାନ ଅଟନ୍ତି । ପ୍ରତ୍ୟୁତ୍ତରରେ ଅଲ୍ଲାଃତାଲା ଏହି ଆୟତ୍ ଅବୀତର୍ଣ୍ଣ କଲେ ଯେ, إِنَّ شَانِئَكَ هُوَ الْأَبْتَرُ ନିଃସନ୍ଦେହ ତୁମ୍ଭ ଶତ୍ରୁ ହିଁ ନିଃସନ୍ତାନ ଅଟେ । ପ୍ରତ୍ୟୁତ୍ତରରେ ଖାତମୁନ୍ ନବୀୟିନ୍‌ର ଆୟତ୍ ଅବତୀର୍ଣ୍ଣ ହେଲା ଯେ, ହେ ଲୋକମାନେ ମୁହମ୍ମଦ୍ ସ.ଅ ତୁମମାନଙ୍କ ପରି ଶାରୀରୀକ ପିତା ତ' ନୁହନ୍ତି । ହେଲେ ଆପଣ ସ.ଅ ଖାତମୁନ୍ ନବୀୟନ୍ ହେବା ଦୃଷ୍ଟିରୁ ବିଶ୍ୱାସକାରୀଙ୍କର ଏବଂ ଅବତାରମାନଙ୍କର ଆଧାତ୍ମିକ ପିତା ଅଟନ୍ତି ।

ଖାତମୁନ୍ ନବୀୟିନ୍‌ର ଆୟତ୍‌ରେ لٰكِنْ ର ଯେଉଁ ଶବ୍ଦ ରହିଛି ଏହା ଇସ୍ତିଦରାକ୍ (ବୁଝାଇବା ବା ଗୋଚରାର୍ଥେ) ପାଇଁ ଆସିଥାଏ (ବ୍ୟବହୃତତ ହୋଇଥାଏ) । ଅର୍ଥାତ୍ ପ୍ରଥମ ବାକ୍ୟରେ ଯଦି କୌଣସି ସଂଶୟ ବା ସନ୍ଦେହ ସୃଷ୍ଟି ହୁଏ ତେବେ ସେପରିପ୍ରେକ୍ଷୀରେ ଲାକିନ୍ ଶବ୍ଦ ପରେ ଦ୍ୱିତୀୟ ବାକ୍ୟରେ ସେହି ସନ୍ଦେହକୁ ଦୂର କରି ଦିଆଯାଇଥାଏ । ପ୍ରଥମ ପଂକ୍ତିରେ ଏହା କୁହାଗଲା ଯେ, ମୁହମ୍ମଦ ସ.ଅ ତୁମ ପୁରୁଷମାନଙ୍କ ପରି ଜଣେ ଶାରୀରୀକ ପିତା ନୁହନ୍ତି । ପୁନଶ୍ଚ ପରବର୍ତ୍ତୀ ପଂକ୍ତିରେ ଲାକିନ୍ ମାଧ୍ୟମରେ ଏହି ସନ୍ଦେହକୁ ଦୂର କରାଯାଇଛି ଯେ, ମୁହମ୍ମଦ ସ.ଅ ଶାରୀରୀକ ପିତା ତ' ନୁହନ୍ତି କିନ୍ତୁ ଆପଣ ସ.ଅ ଖାତମୁନ୍ ନବୀୟିନ୍ ଅଟନ୍ତି । ଅର୍ଥାତ୍ ଅବତାର ଏବଂ ସନ୍ଥମାନଙ୍କର ଆଧାତ୍ମିକ ପିତା ଅଟନ୍ତି ।

ସମ୍ମାନିତ ଶ୍ରୋତାବର୍ଗ ! ଏହା କିଭଳି ଉଚ୍ଚ ଲାଳିତ୍ୟ ସମ୍ପନ୍ନ ବାଣୀ ଏବଂ ସର୍ବୋତ୍କୃଷ୍ଟ ଆଳଂକାରିକ ବିଷୟବସ୍ତୁ ରହିଛି ଯେ, ଏକ ପକ୍ଷରେ ଶାରୀରୀକ ପିତା ହେବାର ଅସ୍ୱୀକାର କରାଗଲା କିନ୍ତୁ ଅପରପକ୍ଷେ ଅବତାର ଏବଂ ସନ୍ଥମାନଙ୍କର ଆଧାତ୍ମିକ ପିତା ହେବାର ସ୍ୱୀକାରୋକ୍ତି ମଧ ପ୍ରକାଶ କରାଗଲା । ବର୍ତ୍ତମାନ ଅଣଅହମଦିମାନଙ୍କର ଅନୁବାଦ୍ ଟିକେ ଶୁଣି ନିଅନ୍ତୁ, ସେମାନଙ୍କର ଅନୁବାଦ ଏହିପରି ଯେ, ମୁହମ୍ମଦ ସ.ଅ ତୁମମାନଙ୍କ ପରି ଲୋକମାନଙ୍କର ଶାରୀରୀକ ପିତା ନୁହନ୍ତି । କିନ୍ତୁ ଆପଣ ଶେଷ ନବୀ ଅଟନ୍ତି । ଏହା ଏକ ଅସମ୍ବନ୍ଧୀୟ ଏବଂ ନିରର୍ଥକ ବାଣୀ ହୋଇଯିବ । ତେଣୁ ଏହାକୁ ସର୍ବଜ୍ଞ ଏବଂ ତତ୍ତ୍ୱଜ୍ଞ ଅସ୍ତିତ୍ୱ ଅର୍ଥାତ୍ ଅଲ୍ଲାଃତାଲାଙ୍କ ଆଡ଼କୁ ଇଙ୍ଗିତ କରାଯାଇ ପାରିବ ନାହିଁ । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଅଲ୍ଲାଃତାଲା ଆପଣ ସ.ଅଙ୍କ ଶାରୀରୀକ ପିତୃତ୍ୱକୁ ସମାପ୍ତ କରିଦେଲେ । କିନ୍ତୁ ଆପଣ ସ.ଅଙ୍କ ଆଧାତ୍ମିକ ପିତୃତ୍ୱକୁ ବାଦ୍ ଦେଇଛନ୍ତି । ଯଦି ଏହା ସ୍ୱୀକାର କରିନିଆଯାଏ, ଯେପରି ଆମର ବିରୋଧୀମାନେ କୁହନ୍ତି ଯେ, ଆପଣ ସ.ଅଙ୍କର କେହି ଶାରୀରୀକ ପୁତ୍ର ନାହିଁ ଓ ନା ହିଁ ଆଧାତ୍ମିକ ପୁତ୍ର ରହିଛି । ତେବେ ଏହିପରି ଭାବରେ ପ୍ରଭୁଙ୍କ ଶରଣଭିକ୍ଷା କରୁଛୁ ଯେ, ଏହି ଲୋକମାନେ ଆପଣ ସ.ଅଙ୍କୁ ନିଃସନ୍ତାନ ବୋଲି ବିବେଚିତ କରନ୍ତି । କିନ୍ତୁ ଏପରି ନୁହେଁ । ଆପଣ ସ.ଅଙ୍କ ମର୍ଯ୍ୟାଦା ତ' ଏହିପରି ଯେ, إِنَّا أَعْطَيْنَاكَ الْكَوْثَرَ ۝٢ فَصَلِّ لِرَبِّكَ وَانْحَرْ ۝٣ إِنَّ شَانِئَكَ هُوَ الْأَبْتَرُ ۝٤"

**(ମଲ୍‌ଫୁଜାତ୍, ଭାଗ-2, ପୃ-317)**

ସମ୍ମାନିତ ଶ୍ରୋତବର୍ଗ ! ଖାତ୍‌ମ୍‌ର ଆଉ ଏକ ଅର୍ଥ ରହିଛି ଏବଂ ତାହା ମୋହର (ଷ୍ଟାମ୍ପ) ଅଟେ । ଏହି ମୋହର ପୁଷ୍ଟି ନିମନ୍ତେ ପତ୍ର କିମ୍ବା ପ୍ରମାଣପତ୍ର ଆଦିରେ ମରା ଯାଇଥାଏ । ସେହି ଦୃଷ୍ଟିରୁ ଖାତମୁନ୍ ନବୀୟିନ୍‌ର ଅର୍ଥ ହେଲା ଆପଣ ସ.ଅ କେବଳ ନବୀ (ଅବତାର) ନୁହନ୍ତି ବରଂ ଆପଣ ସ.ଅ ଅବତାରମାନଙ୍କର ମୋହର ଅଟନ୍ତି। ଅର୍ଥାତ୍ ଭବିଷ୍ୟତରେ କୌଣସି ନବୀ ଆପଣ ସ.ଅଙ୍କ ମୋହର ବିନା ଅବତାର ସତ୍ୟବାଦୀ ବିବେଚିତ ହୋଇପାରିବ ନାହିଁ । ଅର୍ଥାତ୍ ଆପଣ ସ.ଅ କେବଳ ନବୀ ନୁହନ୍ତି ବରଂ ନବୀମାନଙ୍କ ଗଢଣକାରୀ ମଧ ଅଟନ୍ତି । ଏହି ଶ୍ରେଷ୍ଠତା ଏବଂ ମର୍ଯ୍ୟାଦା ଅନ୍ୟ କୌଣସି ଅବତାରକୁ ପ୍ରାପ୍ତ ହୋଇ ନାହିଁ ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଅଲ୍ଲାଃତାଲା ଆଁହଜରତ୍ ସ.ଅଙ୍କୁ ଖାତମ୍ କଲେ। ଅର୍ଥାତ୍ ଆପଣ ସ.ଅଙ୍କୁ ପୂର୍ଣ୍ଣ ସମସ୍ତ ବୈଶିଷ୍ଟ୍ୟ ଏବଂ ସମସ୍ତ ସାମର୍ଥ୍ୟତା ପ୍ରଦାନ କରି ଆପଣ ସ.ଅଙ୍କୁ ମୋହର ପ୍ରଦାନ କଲେ । ଏହି ମୋହର ଅଲ୍ଲାଃତାଲା କାହାରିକୁ କଦାପି ପ୍ରାପ୍ତ ହୋଇ ନାହିଁ । ସେହି କାରଣରୁ ଆପଣ ସ.ଅଙ୍କ ନାମ ଖାତମୁନ୍ ନବୀୟିନ୍ ବୋଲି ବିବେଚିତ ହେଲା । ଅର୍ଥାତ୍ ଆପଣ ସ.ଅଙ୍କ ଆଜ୍ଞାବହତ୍ୱ, ଅବତାରତ୍ୱମୂଳକ ବୈଶିଷ୍ଟ୍ୟତା ତଥା ସାମର୍ଥ୍ୟତା ପ୍ରାପ୍ତ ହୋଇଛି । ଆପଣ ସ.ଅଙ୍କ ଧ୍ୟାନ ଆଧାତ୍ମିକ ଅବତାର ଗଢିବାରେ ଥିଲା । ଏହି ଐଶୀ ଶକ୍ତି ଅନ୍ୟ କୌଣସି ଅବତାରକୁ ପ୍ରାପ୍ତ ହୋଇ ନାହିଁ ।" **(ହକିକତୁଲ୍ ୱହି, ରୁହାନୀ ଖଜାଏନ୍, ଭାଗ-22, ପୃ-100, ବି.ଦ୍ର)**

ସମ୍ମାନିତ ଶ୍ରୋତାବର୍ଗ ! ଖାତମୁନ୍ ନବୀୟିନ୍‌ର ଯେଉଁ ଅର୍ଥ ଯୁଗାବତାର ହ. ମସିହ୍

ମଉଦ୍ ଅ.ସ ତଥା ମେହଦୀ ଅ.ସ ଆମମାନଙ୍କୁ କହିଛନ୍ତି ଏବଂ ବୁଝାଇଛନ୍ତି ତହିଁରୁ ଆଁହଜରତ ସ.ଅଙ୍କ ମର୍ଯ୍ୟାଦା ଅସୀମ ରୂପେ ଅଭିବୃଦ୍ଧି ହୋଇଥାଏ । କିନ୍ତୁ ଏପରି ନୁହେଁ ଯେ, ଆପଣ ଅ.ସ ଯେଉଁ ଅର୍ଥ କରିଛନ୍ତି ତହିଁରେ ଆପଣ ଅ.ସ ଏକୁଟିଆ ଅଛନ୍ତି। ହ. ମସିହ୍ ମଉଦ୍ ଅ.ସ ଖାତମୁନ୍ ନବୀୟିନ୍‌ର ଯେଉଁ ଅର୍ଥା କରିଛନ୍ତି ଇସଲାମ୍ ଧର୍ମରେ ଯେଉଁ ବରିଷ୍ଠ ପ୍ରଖ୍ୟାତ ବିଦ୍ୱାନ୍‌ମାନେ ରହିଛନ୍ତି ସେମାନେ ମଧ୍ୟ ସେହି ଅର୍ଥ କରିଛନ୍ତି । ତେଣୁ ସେହି ଅର୍ଥକୁ ଆପଣ ଅ.ସ ପ୍ରାଧାନ୍ୟ ଦେଇଛନ୍ତି ।

(1) ସୟେଦିନା ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ନିଃସନ୍ଦେହ ଉକ୍ତ କଥାଟି ନିରାଟ ସତ୍ୟ ଯେ, କୌଣସି ଅବତାର ବାସ୍ତବିକ୍ ରୂପେ ଆଁହଜରତ ସ.ଅଙ୍କ ଐଶୀ ଅବତାରତ୍ୱର ବୈଶିଷ୍ଟ୍ୟ ତଥା ସାମର୍ଥ୍ୟତା ସହିତ ସମକକ୍ଷ ନୁହନ୍ତି କି ସମକକ୍ଷ ହୋଇ ପାରିବେ ନାହିଁ । ବରଂ ଏଠାରେ ସମସ୍ତ ଦେବଦୂତମାନଙ୍କୁ ମଧ୍ୟ ସମକକ୍ଷତା ପ୍ରଦାନ କରାଯାଇ ନାହିଁ । ଅତଏବ୍ କେଉଁ କାରଣ ରହିଛି ଯେ, କୌଣସି ବ୍ୟକ୍ତି କିମ୍ବା ଅବତାରକୁ ଆଁହଜରତ ସ.ଅଙ୍କ ବୈଶିଷ୍ଟ୍ୟମୂଳକ ଗୁଣାବଳୀ ତଥା ସାମର୍ଥ୍ୟତା ସହିତ ସାମଞ୍ଜସ୍ୟତା ହେବ ?"**(ବରାହିନେ ଅହମଦିୟା, ରୁହାନୀ ଖଜାଏନ୍, ଭାଗ-1)**

(2) ଆମମାନଙ୍କର ପ୍ରିୟାବତାର ଆଁହଜରତ ସ.ଅଙ୍କ ମଧ୍ୟରେ ବୁଦ୍ଧି, ବିବେକ ଏବଂ ପ୍ରସଙ୍ଗକୁ ବୁଝିବାର ଯାଉଁ ସାମର୍ଥ୍ୟତା ରହିଥିଲା ତାହା ସାମୂହିକ ବୁଦ୍ଧି, ବିବେକ ଓ ପ୍ରସଙ୍ଗବୋଧ ଅପେକ୍ଷା ସର୍ବାଧିକ ଥିଲା । କେବଳ ସେତିକି ନୁହେଁ ବରଂ ଆମମାନଙ୍କର ଭାଇମାନେ ଶୀଘ୍ର ଶୀଘ୍ର ଉତ୍‌କ୍ଷିପ୍ତ ନହୋଇଯାଆନ୍ତୁ । ତେଣୁ ମୋରେ ଏହି ଧର୍ମମତ ରହିଛି ଯେ, ସମସ୍ତ ଅବତାରମାନଙ୍କର ବୁଦ୍ଧି, ବିବେକ ଏବଂ ପ୍ରସଙ୍ଗବୋଧ କରିବାର କ୍ଷମତା ଆପଣ ସ.ଅଙ୍କ ବୁଦ୍ଧି, ବିବେକ ଏବଂ ପ୍ରସଙ୍ଗବୋଧ ସହିତ ସମକକ୍ଷ ନୁହେଁ । ଉକ୍ତ କଥାକୁ ମୁଁ ସପ୍ରମାଣେ ଉପସ୍ଥାପିତ କରି ପାରିବି ।

**(ଇଜାଲା ଔହାମ୍, ଭାଗ-1, ରୁହାନୀ ଖଜାଏନ୍, ଭାଗ-3, ପୃ-307)**

(3) ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ସମସ୍ତ ଅବତାର ଏବଂ ସମସ୍ତ ଧର୍ମଗ୍ରନ୍ଥ ଯାହା ପୂର୍ବେ ଅତିକ୍ରାନ୍ତ ହୋଇ ସାରିଛନ୍ତି ସେମାନଙ୍କୁ ଆଉ ପୃଥକ୍ ପୃଥକ୍ ଭାବରେ ଅନୁକରଣ କରିବାର ଆବଶ୍ୟକତା ନାହିଁ । କାରଣ ଆଁହଜରତ ସ.ଅଙ୍କ ଅବତାରତ୍ୱ ସେହି ସମସ୍ତ ଧର୍ମଗ୍ରନ୍ଥ ଏବଂ ଅବତାରତ୍ୱ ଉପରେ ପରିବ୍ୟାପ୍ତ ଅଟେ । ଅତଏବ୍ ଆଁହଜରତ ସ.ଅଙ୍କ ଆବତାରତ୍ୱ ବ୍ୟତୀତ ଅନ୍ୟ ସମସ୍ତ ମାର୍ଗ ବନ୍ଦ୍ ଅଟନ୍ତି । ସମସ୍ତ ସତ୍ୟ ଯାହା ଈଶ୍ୱରଙ୍କ ପର୍ଯ୍ୟନ୍ତ ପହଞ୍ଚାଇଥାଏ ତାହା ଏହି ଗ୍ରନ୍ଥ (ପବିତ୍ର କୁରଆନ୍ କରୀମ୍)ରେ ବିଦ୍ୟମାନ ରହିଛି । ଏହାପରେ ନା କୌଣସି ସତ୍ୟତା ଆସିବ ଓ ନା ହିଁ କୌଣସି ପୂର୍ବ ଧର୍ମଗ୍ରନ୍ଥମାନଙ୍କରେ ଏପରି କୌଣସି ସତ୍ୟତା ରହିଥିଲା ଯାହା ପବିତ୍ର କୁରଆନ୍ କରୀମରେ ବିଦ୍ୟମାନ (ମହଜୁଦ୍) ନାହିଁ । ତେଣୁ ସମସ୍ତ ଅବତାରତ୍ୱର ଅବସାନ ଘଟିଛି ଏବଂ ଅବସାନ ହେବା ମଧ୍ୟ ଉଚିତ୍ ଥିଲା ।"

**(ଅଲ୍ ୱସିୟତ୍, ରୁହାନୀ ଖଜାଏନ୍, ଭାଗ-20, ପୃ-311)**

ସମ୍ମାନିତ ଶ୍ରୋତାବର୍ଗ ! ଏ ହେଉଛି ଖତ୍‌ମେ ନବୁୱତ୍‌ର ପରିଚୟ । ଅତଏବ୍ ଆପଣ ସ.ଅଙ୍କର ଆଧ୍ୟାତ୍ମିକ ମର୍ଯ୍ୟାଦା ଏତେ ଉଚ୍ଚ ଯେ, କୌଣସି ନବୀ ଆପଣ ସ.ଅଙ୍କ ଆଧ୍ୟତ୍ମିକ ସ୍ତର ଏବଂ ଆପଣ ସ.ଅଙ୍କ ଆଧ୍ୟାତ୍ମିକ ମର୍ଯ୍ୟାଦା ପର୍ଯ୍ୟନ୍ତ ପହଞ୍ଚି ପାରିବ ନାହିଁ । ଦେବଦୂତମାନେ ମଧ୍ୟ ଏହି ମର୍ଯ୍ୟାଦା ତଥା ଏହି ସ୍ତର ପର୍ଯ୍ୟନ୍ତ ପହଞ୍ଚିବାକୁ ସକ୍ଷମ ନୁହନ୍ତି । ଖାତମୁନ୍ ନବୀୟିନ୍‌ର ଯେଉଁ ଅର୍ଥ ହ. ମସିହ୍ ମଉଦ୍ ଅ.ସ ବର୍ଣ୍ଣନା କରିଛନ୍ତି ସେହି ଅର୍ଥ ଇସ୍‌ଲାମ୍ ଧର୍ମର ସନ୍ଧି ସ୍ଥାପନକାରୀ, ପୁଣ୍ୟବାନ୍ ବିଦ୍ୱାନ୍‌ମାନେ ମଧ୍ୟ ବର୍ଣ୍ଣନା କରିଛନ୍ତି । ସେହି ଅର୍ଥଗୁଡ଼ିକ ନିମ୍ନମତେ ବର୍ଣ୍ଣନା କରାଗଲା:-

(1) ହ. ଶେଖ୍ ଅବ୍‌ଦୁଲ୍ଲାଃ ମୁହମ୍ମଦ ଅଲ୍‌ହସନ୍ ଅଲ ହକିମ୍ ଅତ୍‌ତିର୍ମିଜି ମୁତୱଫ୍ଫି ୩୦୪ ହିଜ୍ରୀ କୁହନ୍ତି: "ମୋ ନିକଟରେ ଖାତମୁନ୍ ନବୀୟିନ୍‌ର ଏହି ଅର୍ଥ ରହିଛି ଯେ, ଅବତାରତ୍ୱ ନିଜର ସକଳ ବୈଶିଷ୍ଟ୍ୟତା ଏବଂ ସାମର୍ଥ୍ୟତା ସହିତ ଓ ପୂର୍ଣ୍ଣ ମର୍ଯ୍ୟାଦାର ସହିତ ମୁହମ୍ମଦ ସ.ଅଙ୍କ ଠାରେ ଏକତ୍ରିତ (ଠୁଳ) ହୋଇ ଯାଇଛି । ଏହି ବୈଶିଷ୍ଟ୍ୟତା, ସାମର୍ଥ୍ୟତାକୁ ଏକତ୍ରିତ କରିବା ନିମନ୍ତେ ଅଲ୍ଲାଃତାଲା ଆପଣ ସ.ଅଙ୍କ ହୃଦୟକୁ ପାତ୍ର ବୋଲି ବିବେଚିତ କରିଛନ୍ତି ।" **(କିତାବ୍ ଖତ୍‌ମୁଲ୍ ଔଲିୟା, ପୃ-341, ବୈରୁତ୍, ଅଲ୍‌ମତ୍‌ବାଅଲ୍ କାସୁଲିକିୟାହ୍, ପ୍ରାମାଣ୍ୟ-କିତାବ୍ ଇର୍ଫାନେ ଖ୍‌ତମେ ନବୁୱତ୍, ପୃ-329, ଉଦ୍‌ଯାପନୀ ଉଦ୍‌ବୋଧନ ଜଲ୍‌ସା ସାଲାନା, 7 ଅପ୍ରେଲ୍ 1985 ମସିହା, ଇସ୍‌ଲାମାବାଦ୍, ୟୁ.କେ)**

(2) ହ. ଇମାମ୍ ଫଖ୍ରୁଦ୍ଦୀନ୍ ରାଜି ମୁତୱଫ୍ଫି 544 ହିଜ୍ରୀରେ କୁହନ୍ତି: "ବୁଦ୍ଧିର ଏହି ମର୍ଯ୍ୟାଦା ଏବଂ ସ୍ତର ରହିଛି କି ବୁଦ୍ଧି ପ୍ରତ୍ୟେକ ବସ୍ତୁର ଖାତମ୍ (ଅନ୍ତ ବା ମୋହର) ଅଟେ । ଅତଏବ୍ ତେଣୁ ଖାତମ୍ ନିମନ୍ତେ ଏହା ଅନିର୍ବାର୍ଯ୍ୟ ଯେ, ତାହା ଶ୍ରେଷ୍ଠ ହେବା ଉଚିତ୍ । ଦେଖ ! ଆମର ପ୍ରିୟ ମୁନିବ ରସୁଲୁଲ୍ଲାଃ ସ.ଅ ଖାତମୁନ୍ ନବୀୟିନ୍ ସମସ୍ତ ଅବତାରମାନଙ୍କ ଅପେକ୍ଷା ଶ୍ରେଷ୍ଠାବତାର ରୂପେ ବିବେଚିତ ହେଲେ ।"

**(ତଫ୍‌ସିର୍ କବିର୍, ରାଜି, ଭାଗ-6, ପୃ-31, ପ୍ରାମାଣ୍ୟ-329)**

(3) ହ. ଅବୁ ସଇଦ୍ ମୁବାରକ୍ ଇବ୍‌ନେ ଅଲୀ ମଖ୍‌ଜୁମୀ ମୁତୱଫି 513 ହିଜ୍ରୀ କୁହନ୍ତି: "ବିଶ୍ୱ ବ୍ରହ୍ମାଣ୍ଡରେ ଶେଷ ସ୍ତର ହେଉଛି ମନୁଷ୍ୟର ସ୍ତର । ଯେତେବେଳେ ସେହି ସ୍ତରକୁ ମନୁଷ୍ୟ ଉନ୍ନୀତ ହୁଏ ସେତେବେଳେ ତହିଁରେ ଅର୍ଥାତ୍ ଏହି ଶେଷ ସ୍ତରରେ ସମସ୍ତ ସାମର୍ଥ୍ୟତା ଏବଂ ବ୍ୟାପକତାର ସହିତ ପ୍ରକାଶିତ ହୋଇ ଯାଇଥାଏ । ମନୁଷ୍ୟକୁ ସେତେବେଳେ ପୂର୍ଣ୍ଣାଙ୍ଗ ମନୁଷ୍ୟ ବୋଲି କୁହାଯାଇଥାଏ ଏବଂ ବୈଶିଷ୍ଟ୍ୟମୂଳକ ଉନ୍ନତି ତଥା ସାମର୍ଥ୍ୟତାମୂଳକ ଉନ୍ନତି ସମସ୍ତେ ସ୍ତରର ପୂର୍ଣ୍ଣ ବ୍ୟାପକତା ପୂର୍ଣ୍ଣ ରୂପେ ଆମର ପ୍ରିୟ ମହାବତାର ହ. ମୁହମ୍ମଦ୍ ସ.ଅଙ୍କ ମଧ୍ୟରେ ରହିଛି । ସେଇଥି ପାଇଁ ଆଁହଜରତ ସ.ଅ ଖାତମୁନ୍ ନବୀୟିନ୍ ଅଟନ୍ତି ।" **(ତୋହଫା ମୁର୍‌ସିଲା ଶରୀଫ୍, ଅନୁବାଦକ, ପୃ-51, ପ୍ରାମାଣ୍ୟ ସହିତ, ପୃ-331)**

ସମ୍ମାନିତ ଶ୍ରୋତାବର୍ଗ ! ଶେଷରେ ଏହି ବିନୀତ ସୟେଦିନା ହ. ମସିହ୍ ମଉଦ୍ ଅ.ସଙ୍କ କେତେକ ଉପଦେଶାବଳୀ ଉପସ୍ଥାପିତ କରି ନିଜର ଭାଷଣକୁ ସମାପ୍ତ କରୁଛି । ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଅଲ୍ଲାଃତାଲା ଆମମାନଙ୍କୁ ସେହି ମହାବତାର ପ୍ରଦାନ କଲେ ଯିଏ ଖାତମୁଲ୍ ମୁମିନିନ୍ (ବିଶ୍ୱାସକାରୀଙ୍କ ମୋହର), ଖାତମୁଲ୍ ଆରିଫିନ୍ (ଭକ୍ତ ବା ସନ୍ଥମାନଙ୍କର ମୋହର), ଖାତମୁନ୍ ନବୀୟିନ୍ (ଅବତାରମାନଙ୍କର ମୋହର) ଅଟନ୍ତି । ସେହିପରି ଆପଣ ସ.ଅଙ୍କ ଉପରେ ସେହି ଧର୍ମଗ୍ରନ୍ଥ ଅବତୀର୍ଣ୍ଣ କଲେ ଯାହା ସମସ୍ତ ଧର୍ମଗ୍ରନ୍ଥମାନଙ୍କର ସାରାଂଶ ଓ ଖାତମୁଲ୍ ଖୁତୁବ୍ (ସମସ୍ତ ଧର୍ମଗ୍ରନ୍ଥମାନଙ୍କର ମୋହର) ହୋଇଗଲା । ରସୁଲୁଲୁଲ୍ଲାଃ ସ.ଅ ଯେକି ଖାତମୁନ୍ ନବୀୟିନ୍ (ଅବତାରମାନଙ୍କର ମୋହର) ଅଟନ୍ତି ଏବଂ ଆପଣ ସ.ଅଙ୍କ ଉପରେ ନବୁୱତ୍ (ଅବତାରତ୍ୱ) ସମାପ୍ତ ହୋଇହଲା । ଅତଏବ୍ ଏହି ଅବତାର ଏହିପରି ସମାପ୍ତ ହୋଇ ନାହିଁ ଯେପରି କେହି ବା କୌଣସି ବ୍ୟକ୍ତି ତଣ୍ଟି ଚିପି ଏହି ଅବତାରତ୍ୱକୁ ସମାପ୍ତ କରିଦେବ । ଅବତାରତ୍ୱର ଏପରି ସମାପ୍ତ ହେବା କୌଣସି ଗର୍ବ ଓ ଗୌରବ ଯୋଗ୍ୟ କଥା ହୁଏ ନାହିଁ । ବରଂ ରସୁଲ୍ କରୀମ୍ ସ.ଅଙ୍କ ଉପରେ ଅବତାରତ୍ୱ ସମାପ୍ତ ହେବାର ଅର୍ଥ ଏହିକି ଯେ, ସ୍ୱାଭାବିକ ରୂପେ ଆପଣ ସ.ଅଙ୍କ ଉପରେ ଅବତାରତ୍ୱର ବୈଶିଷ୍ଟ୍ୟ ତଥା ସାମର୍ଥ୍ୟତା ସମାପ୍ତ ହୋଇଗଲା । ଅର୍ଥାତ୍ ସେହି ସମସ୍ତ ବିଭିନ୍ନ ବୈଶିଷ୍ଟ୍ୟତା ଯାହା ହ. ଆଦମ୍ ଅ.ସଙ୍କ ଠାରୁ ଆରମ୍ଭ କରି ମସିହ୍ ଇବ୍‌ନେ ମରିୟମ୍ (ଯୀଶୁ ଖ୍ରୀଷ୍ଟ ବା ହ. ଇସା ଅ.ସ) ଅ.ସଙ୍କ ପର୍ଯ୍ୟନ୍ତ ନବୀ (ଅବତାରମାନଙ୍କୁ) ଦିଆଯାଇଥିଲା । ଅର୍ଥାତ୍ କୌଣସି ଅବତାରକୁ ଏକ ବୈଶିଷ୍ଟ୍ୟତା ଏବଂ ସାମର୍ଥ୍ୟତା ଓ ଅନ୍ୟ ଅବତାରକୁ ଅନ୍ୟ ପ୍ରକାରର ବୈଶିଷ୍ଟ୍ୟତା ଏବଂ ସାମର୍ଥ୍ୟତା ପ୍ରଦାନ କରାଯାଇଥିଲା । ସେହି ସମସ୍ତ ବୈଶିଷ୍ଟ୍ୟତା ଏବଂ ସାମର୍ଥ୍ୟତା ଆଁହଜରତ ସ.ଅଙ୍କ ମଧ୍ୟରେ ଏକତ୍ରିତ କରିଦିଆଗଲା ଏବଂ ଏହିପରି ଭାବରେ ସ୍ୱଭାବତଃ ଆପଣ ସ.ଅ ଖାତମୁନ୍ ନବୀୟିନ୍ ରୂପେ ବିବେଚିତ ହେଲେ ।"

**(ମଲ୍‌ଫୁଜାତ୍, ଭାଗ-1, ପୃ-227, ପ୍ରକାଶନ ସ୍ଥାନ-2003 ମସିହା)**

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ସଂସାରର ଉଦାହରଣ ମଧ୍ୟରୁ ଆମେମାନେ ଖତ୍‌ମେ ନବୁୱତ୍‌ର ଉଦାହରଣ ଏହିପରି ଦେଇପାରିବୁ ଯେପରି ଚନ୍ଦ୍ର (ଚାନ୍ଦ) ନବଚନ୍ଦ୍ରରୁ ଆମ୍ଭ ହୋଇଥାଏ ଏବଂ 14ତମ ତାରିଖରେ ଆସି ତାହା ସଂପୂର୍ଣ୍ଣ ହୋଇ ଯାଇଥାଏ । ଅପପକ୍ଷେ ବଦର୍ (ପୂର୍ଣ୍ଣ ଚନ୍ଦ୍ର) ସେହି ଚନ୍ଦ୍ରକୁ କୁହାଯାଏ ଯାହା ପୂର୍ଣ୍ଣ ରୂପେ ଧାରଣ କରି ପୂର୍ଣ୍ଣିମା ରୂପେ ବିବେଚିତ ହୋଇଥାଏ । ସେହିପରି ଆଁହଜରତ ସ.ଅଙ୍କ ପାଖରେ ଆସି ସମସ୍ତ ଅବତାରତ୍ୱ ସମାପ୍ତ ହୋଇଗଲା । ଯେଉଁ ଲୋକମାନେ ଏହି ଧର୍ମମତ ପୋଷଣ କରନ୍ତି ଯେ, ଅବତାରତ୍ୱ ବଳପୂର୍ବକ ସମାପ୍ତ ହୋଇଯାଇଛି ଏବଂ ଆଁହଜରତ ସ.ଅଙ୍କୁ ୟୁନୁସ୍ ଅ.ସ ବିନ୍ ମତାଙ୍କ ଉପରେ ଅଗ୍ରାଧିକାର ଦେବା ଉଚିତ୍ ନୁହଁ ଏବଂ ସେମାନଙ୍କୁ ଆଁହଜରତ ସ.ଅଙ୍କ ଶ୍ରେଷ୍ଠତା ଏବଂ ବୈଶିଷ୍ଟ୍ୟତା ସଂପର୍କରେ କୌଣସି ଜ୍ଞାନ ହିଁ ନାହିଁ । ଏହି ଦୁର୍ବଳ ଅବବୋଧ ଏବଂ ସ୍ୱଳ୍ପ ଜ୍ଞାନ ହେବା ହେତୁ ସେମାନେ ଆମମାନଙ୍କୁ କୁହନ୍ତି ଯେ, ଆମେମାନେ କୁଆଡ଼େ ଖତ୍‌ମେ ନବୁୱତର ଅସ୍ୱୀକାରକାରୀ ଅଟୁ । ମୁଁ ଏପରି ରୋଗୀମାନଙ୍କୁ କ'ଣ ବା ଆଉ କହିବି ? ସେମାନଙ୍କ ପାଇଁ ମୁଁ କେଉଁ ଦୁଃଖ ଓ ପ୍ରକାଶ କରିବି । ଯଦି ସେମାନଙ୍କର ଏହି ଅବସ୍ଥା ନହୋଇ ଥାଆନ୍ତା ଏବଂ ସେମାନେ ଇସ୍‌ଲାମ୍ ଧର୍ମର ବାସ୍ତବତା ଠାରୁ ସଂପୂର୍ଣ୍ଣ ରୂପେ ଦୂରେଇ ଯାଇଛନ୍ତି ତେବେ ମୋର ଆସିବାର କ'ଣ ବା ଆବଶ୍ୟକତା ଥିଲା ? ସେହି ଲୋମାନଙ୍କର ବିଶ୍ୱାସିକ ଅବସ୍ଥା ଅତ୍ୟନ୍ତ ଦୁର୍ବଳ ହୋଇଯାଇଛି ଏବଂ ସେମାନେ ଇସ୍‌ଲାମ୍ ଧର୍ମର ଭାବାର୍ଥ ଏବଂ ଉଦ୍ଦେଶ୍ୟ ଠାରୁ କେବଳ ଅପରିଚିତ ଅଟନ୍ତି । ଅନ୍ୟଥା ଅନ୍ୟ କୌଣସି କାରଣ ହୋଇ ପାରି ନଥାଆନ୍ତା ଯେ, ସେମାନେ ଯଦି ସତ୍ୟବାଦୀଙ୍କ ସହିତ ଶତ୍ରୁତା ଆଚରଣ ପ୍ରଦର୍ଶନ କରନ୍ତି ତେବେ ପରିଣାମ ସ୍ୱରୂପ ଏହି ଶତ୍ରୁତା ସେମାନଙ୍କୁ ଅବିଶ୍ୱାସକାରୀ ହିଁ କରି ଦେଇଥାଏ ।"

**(ମଲ୍‌ଫୁଜାତ୍, ଭାଗ-1, ପୃ-228, ପ୍ରକାଶନ ସ୍ଥାନ-କାଦିୟାନ୍, 2003 ମସିହା)**

ଅତଏବ୍ ଏହା ହେଉଛି ଖତ୍‌ମେ ନବୁୱତ୍ ସଂପର୍କରେ ଜମାଅତ୍ ଅହମଦିୟାର ଧର୍ମମତ । ଅଲ୍ଲାତାଲା ଆମର ଅଣଅହମଦି ଭାଇମାନଙ୍କୁ ମଧ୍ୟ ଏହାକୁ ବୁଝିବା ଓ ଏହାକୁ ସ୍ୱୀକାର କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍ ।**

☆--☆--☆

☆--☆--☆

## କବ୍ରସ୍ଥାନ

କବ୍ରସ୍ଥାନ ସର୍ବଦା ମଣିଷର ମନ ଓ ହୃଦୟରେ ଜାଗରଣ ସୃଷ୍ଟି କରିଥାଏ । ପରୋକ୍ଷରେ ଏହା ଏହା ମଣିଷର ବାସ୍ତବ ଜୀବନର ଶେଷ ପରିଣତି ତଥା ଅବସ୍ଥାନ ସଂପର୍କରେ ସୂଚନା ଦେଇଥାଏ । ମୃତ୍ୟୁବରଣ କରିଥିବା ନିଜର ଆତ୍ମୀୟ ସ୍ୱଜନ ତଥା ଅନ୍ୟ କୌଣସି ବ୍ୟକ୍ତି ବିଶେଷଙ୍କ କବର୍ ନିକଟକୁ ଯାଇ ଅଲ୍ଲାଃତାଲାଙ୍କୁ ଦୁଆ ମାଗିବା ମହତ୍ କାର୍ଯ୍ୟ ଅଟେ । ମୃତ୍ୟୁବରଣ କରିଥିବା ସେହି ଲୋକଙ୍କ ପାଇଁ ଆପଣମାନେ ଦୁଆ ମାଗି ପାରିବେ ମାତ୍ର ସେମାନଙ୍କୁ ନୁହଁ କିମ୍ବା ସେମାନଙ୍କ ଜରିଆରେ ନୁହଁ । କବର ହେଉଛି ଶେଷ ସ୍ଥାନ ଓ ଶେଷ ଲକ୍ଷ୍ୟ ସ୍ଥଳ ଯେଉଁଠି ମନୁଷ୍ୟ ଚିର ନିଦ୍ରାରେ ଶୋଇଥାଏ ।

☆--☆--☆

## ବିଗତ ସଂଖ୍ୟା 25-26, ପୃ-11 ଓ 12ରେ ବର୍ଣ୍ଣିତ ଖୁତ୍‌ବା ଜୁମା 2-5-2025ର ଅବଶିଷ୍ଟାଂଶ....

ଅଲ୍ଲାଃତାଲା ତୁମମାନଙ୍କ ସହିତ ହୁଅନ୍ତୁ ଏବଂ ଅଲ୍ଲାଃତାଲା ସେହି ଶାସ୍ତିକୁ ତୁମମାନଙ୍କ ଠାରୁ ଦୂରୀଭୂତ କରି ଦିଅନ୍ତୁ ଅର୍ଥାତ୍ ପାପକୁ ତୁମ ଠାରୁ ଦୂର କରି ଦିଅନ୍ତୁ। ତୁମେମାନେ ଆମମାନଙ୍କ ପକ୍ଷରୁ ସଦାଚାରୀ ହେବା ଅବସ୍ଥାରେ ଆମ ପାଖକୁ ଆସ।

**(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-6, ପୃ-145, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ବିଦାୟ ଜଣାଉଥିବା ସମସ୍ତ ଲୋକମାନେ ଆଶୀର୍ବାଦ କଲେ । ସେମାନଙ୍କ ମନରେ ଏହି ଭୟ ରହିଥିଲା । ଅନ୍ୟଥା ବିଶ୍ୱାସକାରୀଙ୍କ ନିମନ୍ତେ ତ' ଅଲ୍ଲାଃତାଲା କୁହନ୍ତି ଯେ, ବିଶ୍ୱାସକାରୀମାନେ ନର୍କଗାମୀ ହେବେ ନାହିଁ । ତହିଁରୁ ଏହା ଯଥାର୍ଥ କି ବିଶ୍ୱାସକାରୀମାନେ ଏହି ସଂସାରରେ ହିଁ ନର୍କର ଯେଉଁ ଭାଗ (ଯନ୍ତ୍ରଣା) ରହିଛି ତାହା ଅବିଶ୍ୱାସକାରୀମାନଙ୍କ ଠାରୁ ନିର୍ଯାତାନା ଏବଂ ପୀଡ଼ା ଆକାରରେ ପ୍ରାପ୍ତ କରିନେଇ ଥାଆନ୍ତି । ମୃତ୍ୟୁ ପରେ ନର୍କ ସେମାନଙ୍କ ଠାରୁ ଦୂରେଇ ଦିଆଯାଇଥାଏ। ସାହାବାମାନେ ଉକ୍ତ କଥାକୁ ମର୍ମେ ମର୍ମେ ହୃଦୟଙ୍ଗମ କରି କହିଥିଲେ ଯେ, ଏହି ସଂସାରିକ ନିର୍ଯାତନା ମଧ୍ୟ ଅଲ୍ଲାଃତାଲା ତୁମମାନଙ୍କ ଠାରୁ ଦୂର କରି ଦିଅନ୍ତୁ ଏବଂ ତୁମେମାନେ ଆମ ପାଖକୁ ସକୁଶଳେ ଫେରି ଆସ । ଅଲ୍ଲାଃତାଲା ତୁମ ଉପରେ କୃପାବତୀର୍ଣ୍ଣ କରନ୍ତୁ ।

ହଦିସ୍‌ରେ ଏହା ଉଲ୍ଲିଖିତ ରହିଛି ଯେ, ହ. ଅବ୍‌ଦୁଲ୍ଲାଃ ବିନ୍ ରୱାହା ର.ଅ ଜୁମା ନମାଜ୍ ପରେ ମଦିନା ଯାଇଥିଲେ । ହ. ଇବ୍‌ନେ ଅବ୍‌ବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅଙ୍କ ଏକ ଅଭିଯାନରେ ମୁଉତା ଅଭିମୁଖେ ସାହାବାମାନଙ୍କୁ ପ୍ରେରଣ କଲେ । ଏହି ଅଭିଯାନରେ ହ. ଅବ୍‌ଦୁଲ୍ଲାଃ ବିନ୍ ରୱାହା ର.ଅ ମଧ୍ୟ ସାମିଲ୍ ଥିଲେ । ସେହି ଦିନ ଶୁକ୍ରବାର ଦିନ ଥିଲା । ଅଭିଯାନରେ ସାମିଲ୍ ଥିବା ଅନ୍ୟ ସାହାବାମାନେ ପ୍ରସ୍ଥାନ କଲେ । ଅବ୍‌ଦୁଲ୍ଲାଃ ବିନ୍ ରୱାହା ର.ଅ କହିଲେ, ପଛରେ ରହି ଜୁମା ନମାଜ ରସୁଲୁଲ୍ଲାଃ ସ.ଅଙ୍କ ସହିତ ପାଠ କରି ମୁଁ ସୈନ୍ୟଦଳ ସହିତ ଯାଇ ମିଶିଯିବି । ପୁନଶ୍ଚ ହ. ଅବ୍‌ଦୁଲ୍ଲାଃ ବିନ୍ ରୱାହା ର.ଅ ଯେତେବେଳେ ଆଁହଜରତ ସ.ଅଙ୍କ ସହିତ ନମାଜ ପାଠ କରୁଥିଲେ ସେତେବେଳେ ଆପଣ ସ.ଅ ତାଙ୍କୁ ଦେଖି କହିଲେ, ହେ ଅବ୍‌ଦୁଲ୍ଲାଃ ବିନ୍ ରୱାହା ! ତୁମେ କେଉଁ ଅସୁବିଧା ଯୋଗୁଁ ନିଜର ସାଥିମାନଙ୍କ ସହିତ ବାହାରିଲ ନାହିଁ ? ହ. ଅବ୍‌ଦୁଲ୍ଲାଃ ବିନ୍ ରୱାହା ର.ଅ ଉତ୍ତର ଦେଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ମୋର ଏହି ଇଚ୍ଛା ଥିଲା କି ମୁଁ ଆପଣ ସ.ଅଙ୍କ ସହିତ ନମାଜ ଜୁମା ପାଠ କରିବି ଏବଂ ନମାଜ ଜୁମା ପାଠ କରି ସାରିବା ପରେ ମୁଁ ସୈନ୍ୟବାହିନୀ ସହିତ ଯାଇ ମିଶିଯିବି । ହୁଜୁର ସ.ଅ କହିଲେ, "ହେ ଅବ୍‌ଦୁଲ୍ଲାଃ ଭୂପୃଷ୍ଠରେ ଯାହାକିଛି ବି ରହିଛି ଯଦି ତୁମେ ସମସ୍ତ ବସ୍ତୁକୁ ବ୍ୟୟ କରିଦିଅ ତେବେ ଯେଉଁ ଲୋକମାନେ ଅଭିଯାନରେ ଯାଇଛନ୍ତି ସେହି ଅଭିଯାନର କୃପାକୁ ତୁମେ କଦାପି ପ୍ରାପ୍ତ କରି ପାରିବ ନାହିଁ ।" **(ସୁନନୁତ୍ ତର୍ମିଜି, ଅବ୍‌ୱାବୁଲ୍ ଜୁମୁଅତା, ବାବ୍- ମା ଯାଆ ଫିସ୍ ସଫରି ୟୌମୁଲ୍ ଜୁମୁଅତି, ହଦିସ୍ ନଂ-527)**

ଆଁହଜରତ ସ.ଅଙ୍କ କହିବାର ତାତ୍ପର୍ଯ୍ୟ ଏହିକି ଯେ, "ମୁଁ ଯେତେବେଳେ ଅଭିଯାନରେ ସାହାବାମାନଙ୍କୁ ପ୍ରେରଣ କରିଦେଇଛି ସେତେବେଳେ ତୁମର (ଅର୍ଥାତ୍ ହ. ଅବ୍‌ଦୁଲ୍ଲାଃ ବିନ୍ ରୱାହା ର.ଅଙ୍କ) ଏହି କର୍ତ୍ତବ୍ୟ ରହିଥିଲା କି ତୁମେ ମଧ୍ୟ ସେମାନଙ୍କ ସହିତ ଅଭିଯାନରେ ବାହାରି ଯାଇଥାଆନ୍ତ ନା କି ତୁମେ ଏହା କୁହନ୍ତ କି ମୁଁ ଜୁମା ନମାଜ ପାଠ କରି ତା'ପରେ ଯେଇ ସୈନ୍ୟବାହିନୀ ସହିତ ଯାଇ ମିଶିଯିବି। ଅର୍ଥାତ୍ ତୁରନ୍ତ ତୁମେ ବାହାରି ଯାଇ ଥାଆନ୍ତ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କ ପ୍ରଥମ ଥର କରି ମୁସଲମାନମାନଙ୍କ ସହିତ ମିଶି ଯୁଦ୍ଧ କରିବାର ଚର୍ଚ୍ଚା ମିଳେ । ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ଜଣେ ବିଖ୍ୟାତ ଅଶ୍ୱାରୋହୀ ଥିଲେ । ସ ମଧ୍ୟ ସେହି ସୈନ୍ୟବାହିନୀର ଜଣେ ସାଧାରଣ ସିପାହୀ ଥିଲେ । ରସୁଲ୍ କରୀମ୍ ସ.ଅ ଯେତେବେଳେ ସେହି ସୈନ୍ୟବାହିନୀକୁ ଏକତ୍ରିତ କଲେ ସେତେବେଳେ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ଇସ୍‌ଲାମ୍ ଧର୍ମରେ ପ୍ରବିଷ୍ଟ ହୋଇଥିଲେ । ଅର୍ଥାତ୍ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କୁ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବାକୁ 3 ମାସ ହୋଇଥିଲା ।

**(ଗଜ୍‌ୱା ମୁଉତା, ଲେଖକ-ବାଶ୍‌ମିଲ୍, ପୃ-273, ନଫିସ୍ ଏକାଡ଼େମୀ, କରାଚୀ)**

ମୁସଲମାନମାନେ ମଦିନା ଠାରୁ କିଛି ଦୂରରେ ଯେତେବେଳେ ପହଞ୍ଚିଲେ ସେତେବେଳେ ଶତ୍ରୁମାନଙ୍କୁ ମୁସଲମାନମାନଙ୍କ ଆଗମନର ସୂଚନା ମିଳିଗଲା ଏବଂ ସେମାନେ ମୁକାବିଲା କରିବା ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିଦେଲେ । ତହିଁରୁ ଏହା ଜ୍ଞାତ ହୁଏ ଯେ, କପଟବିଶ୍ୱାସୀମାନେ ଏବଂ ମଦିନାର ଇହୁଦୀମାନେ ମୁସଲମାନମାନଙ୍କର ଏକତ୍ରିତ ହେବା ଏବଂ ସେମାନଙ୍କର ଅର୍ଥାତ୍ ମୁସଲମାନମାନଙ୍କର ସିରୀୟା ଅଭିମୁଖେ ଅଗ୍ରସର ହେବାର ଖବର ପ୍ରଚାର କରି ଦେଇଥିଲେ । କାରଣ ଯେଉଁ ଖ୍ରୀଷ୍ଟିଆନ୍‌ମାନଙ୍କ ସହିତ ମୁସଲମାନମାନଙ୍କର ମୁକାବିଲା ହୋଇଥାଆନ୍ତା ସେମାନେ ନିଜକୁ ସୁରକ୍ଷିତ କରି ନିଅନ୍ତୁ ଓ ଆଗୁଆ ପ୍ରସ୍ତୁତ ହୋଇ ଯାଆନ୍ତୁ ।

ଶୁରାହବିଲ୍ ବିନ୍ ଉମ୍ରୋ ଆରବ ଦେଶ ସହିତ ସଂଲଗ୍ନ ସିରୀୟା ଦେଶର ଉତ୍ତରାଞ୍ଚଳରେ ରୋମୀୟମାନଙ୍କର ଗଭର୍ଣ୍ଣର ଥିଲା । ତା'କୁ ମଦିନାର ଗୁଇନ୍ଦା ଗୁପ୍ତଚରମାନଙ୍କର ଠାରୁ  ଏହି ସୈନ୍ୟବାହିନୀ ଆଗମନର ସୂଚନା ମିଳିଥିଲା । ଶୁରାହବିଇଲ୍ ରୋମୀୟମାନଙ୍କୁ ଅବଗତର କରାଇବା ନିମନ୍ତେ ଲୋକ ପଠାଇଲା। କାରଣ ମୁସଲମାନମାନେ ସିରୀୟା ଅଭିମୁଖେ ଅଗ୍ରସର ହେଉଛନ୍ତି । ପୁନଶ୍ଚ ସେ ରୋମୀୟମାନଙ୍କର ମିତ୍ର ସଂପ୍ରକଦାୟ ସହିତ ସିରୀୟାର ଦକ୍ଷିଣ ଦିଗରେ ସୈନ୍ୟ ଏକତ୍ରିତ କରିବାକୁ ଲାଗିଲା । ପୁନଶ୍ଚ ସେ ସ୍ୱୟଂ ସେହି ମୁହୂର୍ତ୍ତରେ ହିଁ ନିଜର ଭାଇକୁ ନିଜର କେତେକ ସୈନ୍ୟବାହିନୀ ଆଗୁଆ ରୂପେ ପ୍ରେରଣ କଲା । କାରଣ ତା' ଭାଇ ତା'(ଶୁରାହବିଇଲ୍) ପାଇଁ ଇସ୍‌ଲାମୀୟ ସୈନ୍ୟବିହିନୀର ସୂଚନା ଆଣି ଦେଉ । **(ଗଜ୍‌ୱା ମୁଉତା, ଲେଖକ-ବାଶ୍‌ମିଲ୍, ପୃ-277-278, ନଫିସ୍ ଏକାଡ଼େମୀ, କରାଚୀ)**

ଏହା ମଧ୍ୟ ଉଲ୍ଲିଖତ ହୋଇଛି ଯେ, ଅନ୍ୟ ପଟେ ଶୁରାହବିଇଲ୍ ବିନ୍ ଉମ୍ରୋ ଏକ ଲକ୍ଷରୁ ଉର୍ଦ୍ଧ୍ୱ ସୈନ୍ୟବାହିନୀ ସଦସ୍ୟଙ୍କୁ ପ୍ରସ୍ତୁତ କରିଥିଲା । ମୁସଲମାନମାନେ ଯେତେବେଳେ ୱାଦିଉଲ୍ କୁରା ଠାରେ ପହଞ୍ଚିଲେ ସେତେବେଳେ ଶୁରାହବିଇଲ୍ ନିଜର ଭାଇ ସୁଦୁସ୍‌କୁ 50 ଜଣ ମୁସ୍‌ରିକିନ୍‌ମାନଙ୍କ ସହିତ ପ୍ରେରଣ କଲେ । ସେମାନେ ମୁସଲମାନମାନଙ୍କ ସହିତ ଯୁଦ୍ଧ କଲେ । ସୁଦୁସ୍‌ର ସାଥିମାନେ ପରାସ୍ତ ହେଲେ ଏବଂ ସେ (ଶୁରାହବିଇଲ୍) ନିଜେ ମଧ୍ୟ ନିହତ ହେଲା । ମୁସଲମାନମାନେ ଆଗକୁ ଅଗ୍ରସର ହେଲେ ଏବଂ ସିରୀୟାର ମୁଆନ୍ ଠାରେ ପହଞ୍ଚିଲେ । ଏହି ସ୍ଥାନ ମୁଉତା ଠାରୁ ପୂର୍ବେ ଅବସ୍ଥିତ ଅଟେ । ଏଠାରେ ସାହାବାମାନଙ୍କୁ ଶତ୍ରୁର ବିପୁଳ ସଂଖ୍ୟା ଏବଂ ଶତ୍ରୁ ପକ୍ଷର ଏକତ୍ରିତ ହେବା ସୂଚନା ମିଳିଲା । ହିର୍କଲ୍ ଏକ ଲକ୍ଷ ରୋମୀୟ ସୈନ୍ୟବାହିନୀ ସହିତ ବଲ୍‌କାଆର ଅଞ୍ଚଳ ମାଆବ୍ ଠାରେ ଆସିଅଛି ଏବଂ ତା' ସହିତ ବିଭିନ୍ନ ସଂପ୍ରଦାୟମାନଙ୍କ ମଧ୍ୟରୁ ଏକ ଲକ୍ଷ ଆରବୀୟମାନେ ମିଶି ଯାଇଛନ୍ତି ।

ଅଲ୍ଲାମା ଜର୍କାନୀ କୁହନ୍ତି ଯେ, ସମ୍ଭବତଃ ଏହି ଏକ ଲକ୍ଷ ସୈନ୍ୟବାହିନୀ ହେଉଛି ସେହି ସୈନ୍ୟବାହିନୀ ଯାହାକୁ ଶୁରାହବିଇଲ୍ ଏକତ୍ରିତ କିରଥିଲା । ମୁସଲମାନମାନେ ଦୁଇ ରାତ୍ର ମୁଆନ୍ ଠାରେ ଅବସ୍ଥାନ କଲେ ଏବଂ ସେମାନେ ଏହି ପ୍ରସଙ୍ଗ ଉପରେ ବିଚାର ବିମର୍ଷ କରୁଥିଲେ । କେତେକ ମୁସଲମାନମାନେ କହିଲେ, ଆମେମାନେ ରସୁଲୁଲ୍ଲାଃ ସ.ଅଙ୍କୁ ପତ୍ର ଲେଖି ସମସ୍ତ ଘଟଣା ବୃତ୍ତାନ୍ତ ସଂପର୍କରେ ସୂଚନା ଦେଇ ଦେଉଛୁ । ଆପଣ ସ.ଅ ଅତିରିକ୍ତ ସୈନ୍ୟବାହିନୀ ପ୍ରେରଣ କରି ଆମମାନଙ୍କୁ ସାହାଯ୍ୟ କରନ୍ତୁ କିମ୍ବା ଅନ୍ୟ କିଛି ଆଦେଶ ଦିଅନ୍ତୁ । ସେହି ଆଦେଶକୁ ଆମେମାନେ ଅବଶ୍ୟ ପାଳନ କରିବୁ । ହ. ଅବ୍‌ଦୁଲ୍ଲାଃ ବିନ୍ ରୱାହା ର.ଅ ମୁସଲମାନ ସୈନ୍ୟବାହିନୀକୁ ଆଗକୁ ଅଗ୍ରସର ହେବା ନିମନ୍ତେ ସାହସ ପ୍ରଦାନ କଲେ ଏବଂ କହିଲେ, ହେ ମୋର ଜାତି (ଧର୍ମାବଲମ୍ବୀମାନେ) ! ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ତୁମେମାନେ ବର୍ତ୍ତମାନ ଯେଉଁ କଥାକୁ ଅପ୍ରିୟ ବୋଲି ମନେକରୁଛ ସେହି ପ୍ରସଙ୍ଗକୁ ପ୍ରାପ୍ତ କରିବା ନିମନ୍ତେ ତୁମେମାନେ ବାହାରି ଥିଲ ? ତୁମେମାନେ ଶାହଦତ୍‌ର ଅଭିଳାଷୀ ହୋଇ ବାହାରିଥିଲ । ଆମେମାନେ ଲୋକମାନଙ୍କ ସହିତ ସଂଖ୍ୟାଗରିଷ୍ଠତା ଏବଂ ସୈନ୍ୟଶକ୍ତି ମାଧ୍ୟମରେ ଜିହାଦ୍ କରୁ ନାହୁଁ । ସେମାନେ କହିଲେ, ଆମର ଯେଉଁ ଜିହାଦ୍ ରହିଛି ତାହା ସଂଖ୍ୟା ଯୋଗୁଁ ନୁହେଁ କିମ୍ବା ଶକ୍ତି ଯୋଗୁଁ ନୁହଁ । ବରଂ ଆମେମାନେ ସେହି ସତ୍ୟଧର୍ମ ସହିତ ସେମାନଙ୍କ ସହିତ ଜିହାଦ୍ କରୁଛେ ଯେଉଁ ଧର୍ମ ସହିତ ଅଶେଷ ଦୟାବାନ୍ ଓ ସଦା କରୁଣାମୟ ପ୍ରଭୁ ଆମମାନଙ୍କୁ ସମ୍ମାନ ପ୍ରଦାନ କରିଛନ୍ତି । ଆଗକୁ ଅଗ୍ରସର ହୁଅ । ତୁମମାନଙ୍କୁ ଦୁଇଟି ପୁଣ୍ୟ ମଧ୍ୟରୁ ଗୋଟିଏ ପୁଣ୍ୟ ପ୍ରାପ୍ତ ହେବ । ଅର୍ଥାତ୍ ତୁମେ ବିଜୟୀ ହେବ ଅବା ତୁମକୁ ଶାହାଦତ୍ ପ୍ରାପ୍ତ ହେବ । ଏହି ଦୁଇଟି ମର୍ଯ୍ୟାଦା ଖରାପ ମର୍ଯ୍ୟଦାନ ନୁହେଁ। ସାହାବାମାନେ କହିଲେ, ଆମେମାନେ ଈଶ୍ୱରଙ୍କ ଶପଥ କରି କହୁଛୁ ! ଇବ୍‌ନେ ରୱାହା ଯାହା କହିଛନ୍ତି ତାହା ସତ୍ୟ ଅଟେ । ସାହାବାମାନେ ଆଗକୁ ଅଗ୍ରସର ହେଲେ । ଯେତେବେଳେ ସାହାବାମାନେ ତୁଖୁମୁଲ୍ ବଲ୍‌କା ଠାରେ ପହଞ୍ଚିଲେ ସେତେବେଳେ ସେମାନଙ୍କୁ ହିର୍କଲ୍ ସମ୍ରାଟର ସୈନ୍ୟବିହିନୀ ମିଳିଲା । ଏହି ସୈନ୍ୟବାହିନୀ ମୁଖ୍ୟତଃ ଆରବୀୟବାସୀ ଏବଂ ରୋମବାସୀଙ୍କୁ ନେଇ ଗଠିତ ହୋଇଥିଲା । ନୁଖୁମୁଲ୍ ବଲ୍‌କା ହେଉଛି ବଲ୍‌କାର ବସ୍ତିମାନଙ୍କ ମଧ୍ୟରୁ ଏକ ବସ୍ତି । ଏହି ବସ୍ତିକୁ ମୁଶାରିଫ୍ କୁହାଯାଉଥିଲା । ଶତ୍ରୁ ପକ୍ଷ ଯେତେବେଳେ ଏହି ବସ୍ତି ନିକଟବର୍ତ୍ତୀ ହେଲା ସେତେବେଳେ ମୁସଲମାନମାନେ ଏହି ବସ୍ତି ଆଡୁ ହଟିଗଲେ ଯାହାକୁ ମୁଉତା କୁହାଯାଉଥିଲା । ସେଠାରେ ଏହି ଯୁଦ୍ଧ ଅର୍ଥାତ୍ ମୁଉତା ଯୁଦ୍ଧ ସତ୍ୟ ଏବଂ ଅସତ୍ୟ ସଂଘଟିତ ହୋଇଥିଲା । ମୁସଲମାନମାନେ ମୁସ୍‌ରିକିନ୍‌ମାନଙ୍କ ନିମନ୍ତେ ପ୍ରସ୍ତୁତି କଲେ। ହ. ଅବୁ ହୁରୈରାହ୍ ର.ଅ ଉକ୍ତ ଯୁଦ୍ଧରେ ସାମିଲ୍ ହୋଇଥିଲେ । ସେ ବର୍ଣ୍ଣନା କରନ୍ତି ଯେ, ଶତ୍ରୁପକ୍ଷ ଯେତେବେଳେ ଆମ ନିକଟବର୍ତ୍ତୀ ହେଲା ସେତେବେଳେ ଆମେମାନେ ଏତେ ବିଶାଳ ସଂଖ୍ୟକ ଏବଂ ଏତେ ଉତ୍ତମ ପ୍ରସ୍ତୁତି ଓ ଅସ୍ତ୍ରଶସ୍ତ୍ର ଦ୍ୱାରା ସୁସଜ୍ଜିତ ଥିବା ଅଶ୍ୱ, ରେଶମ, ଦିବାଜ୍ (ବସ୍ତ୍ର) ଓ ସ୍ୱର୍ଣ୍ଣ କେବେ ଦେଖି ନଥିଲୁ । ଏପର୍ଯ୍ୟନ୍ତକି ମୋର ଚକ୍ଷୁ ଟେରା ହୋଇଗଲା । ମୋତେ ହ. ସାବିତ୍ ବିନ୍ ଅକ୍ରମ୍ କହିଲେ, ହେ ଅବୁ ହୁରୈରାହ୍  ର.ଅ ! ତୁମେ ବିଶାଳ ସୈନ୍ୟବାହିନୀ ଦେଖୁଛ ? ପ୍ରଶ୍ନ କଲେ । ମୁଁ କହିଲି ହଁ । ସେ କହିଲେ, ହେ ଅବୁ ହୁରୈରାହ୍ ! ତୁମେ ଆମ ସହିତ ବଦର୍ ଯୁଦ୍ଧରେ ସାମିଲ୍ ହୋଇ ନଥିଲ କି ? ଆମେମାନେ ସଂଖ୍ୟାଗରିଷ୍ଠତା ଯୋଗୁଁ ବିଜୟୀ ହୋଇ ନଥିଲୁ ବରଂ ସଂଖ୍ୟାଲଘୁ ହେବା ଯୋଗୁଁ ବିଜୟୀ ହୋଇଥିଲୁ ।

ଇବ୍‌ନେ ଇସ୍‌ହାକ୍ ଉଲ୍ଲେଖ କରନ୍ତି ଯେ, ମୁସଲମାନମାନେ ମୁସ୍‌ରିକିନ୍‌ମାନଙ୍କ ନିମନ୍ତେ ପ୍ରସ୍ତୁତି ଆରମ୍ଭ କଲେ ଏବଂ ସୈନ୍ୟବାହିନୀର ବାମ ଏବଂ ଦକ୍ଷିଣ ପାର୍ଶ୍ୱ ହ. ଅବ୍‌ଦୁଲ୍ଲାଃ ବିନ୍ ରୱାହା ର.ଅଙ୍କୁ ନିରୀକ୍ଷକ ରୂପେ ନିଯୁକ୍ତ କରାଗଲା । ହ. ଜୈଦ୍ ର.ଅଙ୍କ ଶାହାଦତ୍ ସଂପର୍କରେ ଉଲ୍ଲେଖ ରହିଛି ଯେ, ପୁନଶ୍ଚ ଲୋକମାନେ ପରସ୍ପର ମଧ୍ୟରେ ମୁକାବିଲା କଲେ ଏବଂ ଘମାଘୋଡ଼ ଯୁଦ୍ଧ ହେଲା । ହ. ଜୈଦ୍ ବିନ୍ ହାରସା ର.ଅ ଆଁହଜରତ ସ.ଅଙ୍କ ଧ୍ୱଜା ସହିତ ଯୁଦ୍ଧ କଲେ । ଏପର୍ଯ୍ୟନ୍ତକି ଶତ୍ରୁର ବର୍ଚ୍ଛା ଯୋଗୁଁ ଆପଣ ଶହାଦତ୍‌ର ଅମୃତ ପାନ କଲେ । ଅର୍ଥାତ୍ ଶାହାଦତ୍ ପ୍ରାପ୍ତ କଲେ । ପୁନଶ୍ଚ

ଏତଦ୍‌ପରେ ହ. ଜାଫର୍ ର.ଅ ଇସ୍‌ଲାମ୍ ଧର୍ମର ଧ୍ୱଜା ଧରିଲେ ଏବଂ ଜିହାଦ୍ କଲେ । ଯେତେବେଳେ ଯୁଦ୍ଧ ତାଙ୍କ ପାଇଁ ବାଧା ସାଜିଲା ସେତେବେଳେ ଆପଣ ନିଜର ଅଶ୍ୱ ଶକ୍ରା ଠାରୁ ତଳକୁ ଓହ୍ଲାଇଲେ । ଅଶ୍ୱର ଗୋଛି କାଟି ଦେଲେ । ପୁଣି ଜିହାଦ୍ କଲେ। ଏପର୍ଯ୍ୟନ୍ତକି ସେ ଶହୀଦ୍ ହୋଇଗଲେ । ହ. ଜାଫର୍ ର.ଅ ପ୍ରଥମେ ମୁସଲମାନ ଥିଲେ ଯିଏ ଈଶ୍ୱରଙ୍କ ମାରଗରେ ନିଜ ଅଶ୍ୱର ଗୋଛି କାଟିଥିଲେ ।

ସେହିପରି ବନୁ ମୁର୍‌ରାହ୍ ସଂପ୍ରଦାୟ ପକ୍ଷରୁ ଜଣେ ବ୍ୟକ୍ତି ମୁଉତା ଯୁଦ୍ଧରେ ଅଂଶ ଗ୍ରହଣ କରିଥିଲା । ସେହି ବ୍ୟକ୍ତି ଜଣକ କହିଲା କି ମୁଁ ଏବେ ବି ଜାଫର୍ ର.ଅଙ୍କୁ ଦେଖୁଛି ଯେ, ହ. ଜାଫର୍ ର.ଅ ନିଜର ଶୁକ୍ରା ନାମକ ଅଶ୍ୱ ଉପରେ ତଳକୁ ଓହ୍ଲାଇଲେ ଏବଂ ନିଜ ଅଶ୍ୱର ଗୋଛି କାଟିଲେ । ପୁନଶ୍ଚ ଆପଣ ଜିହାଦ୍ କଲେ । ଏପର୍ଯ୍ୟନ୍ତକି ଆପଣ ର.ଅ ବୀରଗତି ପ୍ରାପ୍ତ କଲେ । ହ. ଜାଫର୍ ର.ଅ ସେତେବେଳେ ଏହି କବିତା ପାଠ କରୁଥିଲେ ଯେ,

يَا حَبَّذَا الْجَنَّةُ وَاقْتِرَابُهَا طَيِّبَةً وَبَارِدًا شَرَابُهَا
وَالرُّوْمُ رُوْمٌ قَدْ دَنَا عَذَابُهَا كَافِرَةٌ بَعِيْدَةٌ أَنْسَابُهَا
عَلَيَّ إِذْ لَاقَيْتُهَا ضِرَابُهَا

ଅର୍ଥାତ୍ ସ୍ୱର୍ଗ ଓ ତା'ର ସାମୀପ୍ୟତା ସଂପର୍କରେ କ'ଣ ବା କହିବି ଆଉ । ସ୍ୱର୍ଗର ଜଳ କେତେ ଯେ, ପିବିତ୍ର ଏବଂ ଶୀତଳ ଅଟେ । ରୋମୀ ରୋମୀ ଅଟନ୍ତି । ସେମାନଙ୍କର ଶାସ୍ତି ଆସିଯାଇଅଛି । ସେମାନେ ଅବିଶ୍ୱାସକାରୀ ଅଟନ୍ତି । ସେମାନଙ୍କର ବଂଶ, ଗୋତ୍ର ବହୁତ ଦୂରବର୍ତ୍ତୀ ଅଟେ । ମୋ ପକ୍ଷେ ଏହା ଅନିର୍ବାର୍ଯ୍ୟ ଯେ, ମୁଁ ଯେତେବେଳେ ସେମାନଙ୍କ ସହିତ ଯୁଦ୍ଧ କରିବି ସେତେବେଳ ସେମାନଙ୍କ ଉପରେ ମୁଁ ପ୍ରହାର କରିବି ।

ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଅବୁ ଆମିର୍ ର.ଅ ବର୍ଣ୍ଣନା କରନ୍ତି ଯେ, ହ. ଜାଫର୍ ର.ଅଙ୍କ ନିଜ ଶରୀରରେ ଅସ୍ତ୍ରଶସ୍ତ୍ର ସଜ୍ଜିତ ହୋଇ ମୁସରିକିନ୍‌ମାନଙ୍କ ଉପରେ ଆକ୍ରମଣ କରିଦେଲେ । ଯେତେବେଳେ ତାଙ୍କ ମନରେ ଏହି ସନ୍ଦେହ ସୃଷ୍ଟି ହେଲା କି ସେ ଶତ୍ରୁ ସହିତ ଯାଇ ମିଶିଯିବେ ସେତେବେଳେ ସେ ନିଜର ଅସ୍ତ୍ର ଫିଙ୍ଗି ଦେଲେ । ସେ ଶତ୍ରୁ ଉପରେ ଆକ୍ରମଣ କଲେ ଏବଂ ଶତ୍ରୁକୁ ବର୍ଚ୍ଛା ମାରିଲେ । ଏପର୍ଯ୍ୟନ୍ତକି ଆପଣ ର.ଅ ଶହୀଦ୍ ହୋଇଗଲେ ।

ଇବ୍‌ନେ ହିଶ୍ଶାମ୍ ବର୍ଣ୍ଣନା କରିଛନ୍ତି ଯେ, ହ. ଜାଫର୍ ବିନ୍ ଅବୁ ତାଲିବ୍ ର.ଅ ନିଜର ଡାହାଣ ହାତରେ ଧ୍ୱଜା ଧରିଥିଲେ । ସେହି ହାତ କଟିଗଲା । ପୁନଶ୍ଚ ଆପଣ ର.ଅ ବାମ ହାତରେ ଧ୍ୱଜା ଧରିନେଲେ । ତାହା ମଧ୍ୟ କଟିଗଲା । ପୁନଶ୍ଚ ଆପଣ ନିଜର କହୁଣୀ ସାହାଯ୍ୟରେ ଧ୍ୱଜାକୁ ଛାତି ସହିତ ଜାବୁଡ଼ି ଧରିଲେ । ଏପର୍ଯ୍ୟନ୍ତକି ଆପଣ ଶହୀଦ୍ ହୋଇଗଲେ । ହ. ଜାଫର୍ ବିନ୍ ଅବୁ ତାଲିବ୍ ର.ଅଙ୍କୁ ସେତେବେଳେ 33 ବର୍ଷ ବୟସ ହୋଇଥିଲା । ତାଙ୍କ ବାହୁ ବଦଳରେ ଅଲ୍ଲାଃତାଲା ତାଙ୍କୁ ଦୁଇଟି ପର ପ୍ରଦାନ କରିଦେଲେ । ସେ ସେହି ପର ସାହାଯ୍ୟରେ ବୈକୁଣ୍ଠ ପୁରରେ ଯେଉଁଠି ବି ଚାହୁଁଥିଲେ ସେଠାରେ ବିଚରଣ କରୁଥିଲେ ଅର୍ଥାତ୍ ଉଡ଼ି ବୁଲୁଥିଲେ । ଏହା ମଧ୍ୟ କୁହାଯାଏ ଯେ, ଜଣେ ରୋମୀୟ ବ୍ୟକ୍ତି ତାଙ୍କ ଉପରେ ଆକ୍ରମଣ ଏବଂ ପ୍ରହାର କରି ତାଙ୍କୁ ଦୁଇ ଖଣ୍ଡ କରିଦେଲା ।

ଇମାମ୍ ବୁଖାରୀ ଏବଂ ଇମାମ୍ ବହିକି ହ. ଅବ୍‌ଦୁଲ୍ଲାଃ ବିନ୍ ଉମର୍ ର.ଅଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ହ. ଅବ୍‌ଦୁଲ୍ଲାଃ ବିନ୍ ଉମର୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ସେହି ଯୁଦ୍ଧ (ମୁଉତା ଯୁଦ୍ଧ)ରେ ସାମିଲ୍ ହୋଇଥିଲି । ଆମେମାନେ ହ. ଜାଫର୍ ର.ଅଙ୍କୁ ଖୋଜିଲୁ । ଆମେମାନେ ତାଙ୍କୁ ଶୋହଦାଙ୍କ ମଧ୍ୟରେ ପାଇଲୁ । ଆମେମାନେ ଦେଖିଲୁ ଯେ, ତାଙ୍କ ଶରୀରରେ 60ରୁ ଉର୍ଦ୍ଧ୍ୱ ବର୍ଚ୍ଛା ଏବଂ ତୀରର କ୍ଷତ ଚିହ୍ନ ଥିଲା । ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ମୁଁ ତାଙ୍କ ଶରୀର ଉପରେ ବର୍ଚ୍ଛା ଏବଂ ଖଡ଼୍‌ଗର 50ଟି କ୍ଷତ ଚିହ୍ନ ଗଣିଲି । ସେହି କ୍ଷତ ଚିହ୍ନ ମଧ୍ୟରେ କୌଣସି କ୍ଷତ ତାଙ୍କ ପିଠି ଉପରେ ନଥିଲା । ସବୁ ସମ୍ମୁଖରେ ଥିଲା । ଯେତେବେଳେ ହ. ଜାଫର୍ ର.ଅ ଶହୀଦ୍ ହୋଇଗଲେ ସେତେବେଳେ ଇସ୍‌ଲାମ୍ ଧର୍ମର ଧ୍ୱଜା ହ. ଅବ୍‌ଦୁଲ୍ଲାଃ ବିନ୍ ରୱାହା ର.ଅ ଧରି ନେଇଥିଲେ ।

ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହ. ଅବ୍‌ଦୁଲ୍ଲାଃ ବିନ୍ ରୱାହା ର.ଅ ନିଜ ଅଶ୍ୱ ଉପରେ ଚଢି ଆଗକୁ ଅଗ୍ରସର ହେଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଘଟଣାଟି ପୂର୍ବେ ମଧ୍ୟ ବର୍ଣ୍ଣିତ ହୋଇ ସାରିଛି ଯେ, ହ. ଅବ୍‌ଦୁଲ୍ଲାଃ ବିନ୍ ରୱାହା ର.ଅ ହ. ଜାଫର୍ ର.ଅଙ୍କ ପରେ ସେନାପତି ହୋଇଥିଲେ । ହ. ଅବ୍‌ଦୁଲ୍ଲାଃ ବିନ୍ ରୱାହା ନିଜ ମନରେ ଶଙ୍କୋଚ ବୋଧ କଲେ । ମନରେ ଟିକିଏ ସନ୍ଦେହ ସୃଷ୍ଟି ହେଲା, ଭୟ ଯେତେବେଳେ ସୃଷ୍ଟି ହେଲା ସେତେବେଳେ ସେ ନିମ୍ନ ଲିଖିତ କବିତା ପାଠ କଲେ ଯାହାର ଅନୁବାଦ ଏହିପରି ଯେ, ହେ ଆତ୍ମା ! ମୁଁ ଶପଥ ନେଇଛି ଯେ, ତୁ ଅବଶ୍ୟ ରଣଭୂମିରେ ଅବତୀର୍ଣ୍ଣ ହେବୁ । ଆନନ୍ଦ ସହକାରେ ଓହ୍ଲାଇବୁ କିମ୍ବା ତୋତେ ବାଧ୍ୟ କରାଯିବ । ଯଦି ଲୋକମାନେ ଏକତ୍ରିତ ହୋଇ ଯାଆନ୍ତି ଏବଂ କମାଣ ଭିଡ଼ି ନିଅନ୍ତି ତାହାହେଲେ କି ଅସୁବିଧା କି ? ମୁଁ ତୋତେ ଦେଖୁଛି ତୁ ସ୍ୱର୍ଗକୁ ପସନ୍ଦ କରୁ ନାହୁଁ । ତୋ ମନରେ ଭାରି ସନ୍ଦେହ ସୃଷ୍ଟି ହେଉଛି । ପୁନଶ୍ଚ କବିତାରେ ହିଁ ସେ କହିଲେ, କି ଦୀର୍ଘ କାଳ ଧରି ତୁ ଏହାରି ଉପରେ ସନ୍ତୁଷ୍ଟ ଥିଲୁ । ତୁ ପୁରୁଣା ଜଳଥଳୀରୁ ଟପ୍ ଟପ୍ ହୋଇ ପଡୁଥିବା ଏକ ଜଳବିନ୍ଦୁ ଅଟୁ । ସେ ଯାହା ହେଉ ଏହି କବିତା ପାଠ କରିବା ପରେ ସେ ନିଜର ଅଶ୍ୱ ଉପରୁ ତଳକୁ ଯେତେବେଳେ ଓହ୍ଲାଇଲେ ସେତେବେଳେ ହ. ଇବ୍‌ନେ ଉମର୍ ର.ଅ ଏକ ମାଂସଳ ଯୁକ୍ତ ହାଡ଼ ଧରି ଆସିଲେ ଏବଂ ସେମାନେ କହିଲେ, ଏହି ମାଂସଳ ହାଡ଼ ସାହାଯ୍ୟରେ ନିଜର ଅଣ୍ଟାକୁ ସଶକ୍ତ କରିନିଅନ୍ତୁ । ପୋଡ଼ା ମାଂସ ଖାଇବା ଦ୍ୱାରା ଟିକିଏ ଶକ୍ତି ସୃଷ୍ଟି ହୋଇଯିବ । ସେହି ଦିନମାନଙ୍କରେ ଆପଣଙ୍କୁ ନାନା କଠିନ ପରିସ୍ଥିତି ଓ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି । ସେ ସେହି ହାଡ଼ଯୁକ୍ତ ମାଂସ ନେଲେ, ତହିଁରୁ କିଛି ଭାଗ ଭାଙ୍ଗିଲେ ପୁନଶ୍ଚ ଲୋକମାନଙ୍କ ମଧ୍ୟରେ ଗୋଟିଏ ପାର୍ଶ୍ୱରୁ ଘର୍ଷଣର ଶବ୍ଦ ଶୁଣିଲେ । ଆପଣ ଏହି ଶବ୍ଦ ଶୁଣିଲେ ଯେ, ଯୁଦ୍ଧ ଆରମ୍ଭ ହୋଇଯାଇଛି ଏବଂ ଖଡ଼୍‌ଗ ପ୍ରହାର ଚାଲିଛି । ତେଣୁ ସେ ନିଜ ଆତ୍ମାକୁ କହିଲେ, ହେ ଆତ୍ମା ! ତୁ ଏବେ ବି ସଂସାରରେ ଅଛୁ । ମାଂସ ଖାଇବେରେ ମାତିଛୁ । ଲୋକମାନେ ଖଡ଼୍‌ଗ ଦ୍ୱାରା ଲଢୁଛନ୍ତି ତୁ ଏପଟେ ମାଂସ ଖାଇବେରେ ମାତିଛୁ । ତେବେ ସେ ତୁରନ୍ତ ସେହି ହାଡ଼କୁ ନିଜର ହାତରୁ ଫିଙ୍ଗିଦେଲେ ଏବଂ ନିଜର ଖଡ଼୍‌ଗ ଧରିନେଲେ। ଆଗକୁ ଅଗ୍ରସର ହେଲେ ଏବଂ ଯୁଦ୍ଧ ଆରମ୍ଭ କରିଦେଲେ । ଏପର୍ଯ୍ୟନ୍ତକି ଆପଣ ଶହୀଦ୍ ହୋଇଗଲେ। ତାଙ୍କ ହାତରୁ ଧ୍ୱଜା ଖସି ପଡ଼ିଲା । ମୁସଲମାନମାନେ ଏବଂ ମୁସ୍‌ରିକିନ୍‌ମାନେ ପରସ୍ପର ମଧ୍ୟରେ ମିଶିଗଲେ । ଅର୍ଥାତ୍ ଯୁଦ୍ଧ କଲେ । କେତେକ ଲୋକ ତିରସ୍କୃତ ହୋଇଗଲେ। ଏହା ଦେଖି ହ. କତ୍‌ବା ବିନ୍ ଆମିର୍ ଡାକମାରି କହିବାକୁ ଲାଗିଲେ, ହେ ଜାତି ! ତୁମେମାନେ ପିଠି ଦେଖାଇ ଯୁଦ୍ଧ କରିବା ପରିବର୍ତ୍ତେ ଆଗକୁ ଅଗ୍ରସର ହୋଇ ଯୁଦ୍ଧ କରିବାଟା ଅଧିକ ଶ୍ରେୟସ୍କର ଅଟେ । ସେ ସୈନ୍ୟବାହିନୀକୁ ଉତ୍ସାହିତ କଲେ । ଏକ ବର୍ଣ୍ଣନାନୁଯାୟୀ ହ. ଜୈଦ୍, ଜାଫର୍ ଏବଂ ଅବ୍‌ଦୁଲ୍ଲାଃ ର.ଅଙ୍କୁ ଗୋଟିଏ କବରରେ କବର ଦିଆଯାଇଥିଲା ।

ହ. ଅବୁ ଆମିର୍ ର.ଅ ବର୍ଣ୍ଣନା କରନ୍ତି ଯେ, ହ. ଅବ୍‌ଦୁଲ୍ଲାଃ ବିନ୍ ରୱାହା ର.ଅ ଯେତେବେଳେ ଶହୀଦ୍ ହୋଇଗଲେ ସେତେବେଳେ ମୁସଲମାନମାନଙ୍କୁ ଅତ୍ୟନ୍ତ ଦୟନୀୟ ଭାବରେ ପରାଜୟ ବରଣ କରିବାକୁ ପଡ଼ିଥିଲା । ମୁଁ (ଅର୍ଥାତ୍ ହ. ଅବୁ ଆମିର୍ ର.ଅ କୁହନ୍ତି) ଦୁଇ ଜଣ ସଦସ୍ୟଙ୍କୁ ବି ଏକତ୍ରିତ ଦେଖିଲି ନାହିଁ । ସଂପୂର୍ଣ୍ଣ ରୂପେ ବିକ୍ଷିପ୍ତ ହୋଇ ଯାଇଥିଲେ । ଜଣେ ଅନ୍‌ସାରୀ ବ୍ୟକ୍ତି ଧ୍ୱଜା ଧରି ନେଇଥିଲା। ସେ ଦଉଡ଼ି ଆସିଲା ଏବଂ ଲୋକମାନଙ୍କ ସମ୍ମୁଖରେ ଧ୍ୱଜା ରୋପଣ କରିଦେଲା। ପୁନଶ୍ଚ କହିଲା, ହେ ଲୋକମାନେ ! ମୋ ଆଡ଼କୁ ଧାଇଁ ଆସ । ଲୋକମାନେ ତା' ନିକଟରେ ଏକତ୍ରିତ ହୋଇଗଲେ । ଯେତେବେଳେ ଧ୍ୱଜା ଆସିଗଲା ସେତେବେଳେ ମୁସଲମାନମାନେ ଏକତ୍ରିତ ହେବାକୁ ଲାଗିଲେ । ଯେତେବେଳେ ସେମାନଙ୍କର ସଂଖ୍ୟା ଅଧିକ ହୋଇଗଲା ସେତେବେଳେ ସେମାନେ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କ ନିକଟକୁ ଗଲେ । ହ. ଖାଲିଦ୍ ର.ଅ ସେହି ଅନ୍‌ସାରୀ ବ୍ୟକ୍ତିକୁ କହିଲେ, ହେ ବ୍ୟକ୍ତି ! ମୁଁ ଏହି ଧ୍ୱଜାକୁ ତୁମ ଠାରୁ ନେବି ନାହିଁ । ତୁମେ ଏହି ଧ୍ୱଜାର ସବୁଠୁ ବେଶୀ ଯୋଗ୍ୟ ବ୍ୟକ୍ତି ଓ ଅଧିକାରୀ ଅଟ । ସେହି ଅନସାରୀ ବ୍ୟକ୍ତି ଜଣକ କହିଲା, ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି । ମୁଁ ସେହି ଧ୍ୱଜାକୁ ତୁମ ସକାଶେ ଧରିଛି । ମୁଁ ଆପଣଙ୍କ ପାଇଁ ଧରିଛି । ସେ ଯାହା ହେଉ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କ ସେନାପତିତ୍ୱରେ ମୁସ୍‌ରିକିନ୍‌ମାନଙ୍କୁ ପରଜୟ ସ୍ୱୀକାର କରିବାକୁ ପଡ଼ିଥିଲା ଓ ଅଲ୍ଲାଃତାଲା ଏବଂ ତାହାଙ୍କ ବାର୍ତ୍ତାବହଙ୍କୁ ବିଜୟ ବାନା (ଧ୍ୱଜା) ଦେବା ଆଦି ପ୍ରସଙ୍ଗରେ ବିସ୍ତୃତ ବିବରଣୀ ମଧ୍ୟ ବର୍ଣ୍ଣିତ ହୋଇଛି।

ଏହା ଉଲ୍ଲେଖ ରହିଛି ଯେ, ହ. ଅବୁ ୟୁସର୍ ଅନ୍‌ସାରୀ ର.ଅ ବର୍ଣ୍ଣନା କରନ୍ତି ଯେ, ହ. ଅବ୍‌ଦୁଲ୍ଲାଃ ବିନ୍ ରୱାହା ଯେତେବେଳେ ଶହୀଦ୍ ହୋଇଗଲେ ସେତେବେଳେ ମୁଁ ଇସ୍‌ଲାମ୍ ଧର୍ମର ଧ୍ୱଜା ହ. ସାବିତ୍ ବିନ୍ ଅକ୍ରମ୍‌ଙ୍କୁ ଦେଇଦେଲି । ହ. ସାବିତ୍ ର.ଅ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କୁ କହିଲେ: "ଆପଣ ଯୁଦ୍ଧ କୌଶଳ ସଂପର୍କରେ ମୋ ଅପେକ୍ଷା ସର୍ବାଧିକ ଅବଗତ ଅଟନ୍ତି । ତେଣୁ ସେହି ଧ୍ୱଜା ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କୁ ଦେଇ ଦିଆଗଲା ।"

ଇବ୍‌ନେ ଇସ୍‌ହାକ୍ କୁହନ୍ତି ଯେ, ଯେତେବେଳେ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ଧ୍ୱଜା ଧରିଲେ ସେତେବେଳେ ସେ ଲୋକମାନଙ୍କ ପ୍ରାଣ ରକ୍ଷା କଲେ, ସେମାନଙ୍କୁ ସାଉଁଟି ଆଣି ଏକତ୍ରିତ କଲେ । ପୁନଶ୍ଚ ନିଜର ସୈନ୍ୟବାହିନୀକୁ ଏକ ପାର୍ଶ୍ୱ ଆଡ଼କୁ ହଟାଇନେଲେ ଓ ଶତ୍ରୁ ମଧ୍ୟ ତାଙ୍କ ଠାରୁ ପଛକୁ ଘୁଞ୍ଚିଗଲା । ହ. ଖାଲିଦ୍ ବିନ୍ ୱଲିଦ୍ ଲୋକମାନଙ୍କୁ ସକୁଶଳେ ନେଇ ଚାଲି ଆସିଲେ ।

ଇବ୍‌ନେ ଇସ୍‌ହାକଙ୍କ ଅନୁଯାୟୀ ଏହି ଦୂରକୁ ଘୁଞ୍ଚିବା ହିଁ ବାସ୍ତବରେ ରୋମୀୟ ସୈନ୍ୟବାହିନୀ ଠାରୁ ବର୍ତ୍ତିବା ଥିଲା । କାରଣ ମୁସଲମାନମାନେ ସେତେବେଳେ 2 ଲକ୍ଷରୁ ଉର୍ଦ୍ଧ୍ୱ ରୋମୀୟ ସୈନ୍ୟବାହିନୀ ମଧ୍ୟରେ ମିଶି ଯାଇଥିଲେ । ଅର୍ଥାତ୍ ସଂପୂର୍ଣ୍ଣ ରପେ ପରସ୍ପର ମଧ୍ୟରେ ଗୁନ୍ଥି ହୋଇଯାଇଥିଲେ । ଅପରପକ୍ଷେ ମୁସଲମାନମାନଙ୍କର ମୋଟ୍ ସୈନ୍ୟ ସଂଖ୍ୟା 3000 ଥିଲା । ଏହି ଦୃଷ୍ଟିରୁ ସେହି ସରୀୟାକୁ ବିଜୟ ଏବଂ ସାହାଯ୍ୟ ମଧ୍ୟ କୁହାଯାଇଛି । କାରଣ ଶତ୍ରୁ ମୁସଲମାନମାନଙ୍କୁ ଘେରି ନେଇଥିଲା । ଏପରି ପରିସ୍ଥିତିରେ ପ୍ରାୟତଃ ସମସ୍ତ ମୁସଲମାନମାନେ ଶହୀଦ୍ ହୋଇଯାଇ ଥାଆନ୍ତେ ବୋଲି ଆଶଙ୍କା ଯଥେଷ୍ଟ ରହିଥିଲା । କିନ୍ତୁ ଏପରି କହିବା ଆଁହଜରତ ସ.ଅଙ୍କ ସେହି ଆଦେଶ ବିରୁଦ୍ଧୀୟ ଥିଲା "ଏପର୍ଯ୍ୟନ୍ତକି ଅଲ୍ଲାଃତାଲା ତୁମମାନଙ୍କୁ ବିଜୟ ପ୍ରଦାନ କରି ଦିଅନ୍ତୁ" । କହିବାର ତାତ୍ପର୍ଯ୍ୟ ଏହା ଥିଲା ଯେ, ତୁମେମାନେ ବଞ୍ଚିଯିବ । ବିଜୟର ମଧ୍ୟ ଅନେକ ଦିଗ ଏବଂ ପକ୍ଷ ହୋଇଥାଏ । ଅନେକ ଜୀବନୀ ଲେଖାଳୀମାନେ ଉଲ୍ଲେଖ କରନ୍ତି ଯେ, ହ. ଖାଲିଦ୍ ଏବଂ ତାଙ୍କର ସାଥିମାନେ ଶତ୍ରୁ ସହିତ ଯୁଦ୍ଧ କଲେ। ଏପର୍ଯ୍ୟନ୍ତକି ସେମାନେ ପରାଜିତ ହେଲେ ।

ହ. ଅବୁ ଆମିର୍ ର.ଅ ବର୍ଣ୍ଣନା କଲେ ଯେ, ଯେତେବେଳେ ହ. ଖାଲିଦ୍ ର.ଅ ଧ୍ୱଜା ଧରିନେଲେ ସେତେବେଳେ ସେ ଶତ୍ରୁ ଉପରେ ଆକ୍ରମଣ କରିଦେଲେ । ଅଲ୍ଲାଃତାଲା ଶତ୍ରୁକୁ ଅତ୍ୟନ୍ତ ଶୋଚନୀୟ ପରାଜାୟ ପ୍ରଦାନ କଲେ । ଏପରି ପରାଜୟ ମୁଁ କେବି ବି ଦେଖି ନଥିଲି । ଏପର୍ଯ୍ୟନ୍ତକି ମୁସଲମାନମାନେ ସେମାନଙ୍କୁ ଏପରି ସଂହାର କଲେ

ଯେପରି ସେମାନେ ଚାହୁଁଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହା ମଧ୍ୟ ଏକ ବର୍ଣ୍ଣନା ଅଟେ ଏବଂ ହ. ଖାଲିଦ୍ ର.ଅଙ୍କ ବ୍ୟାବାହାରିକ ବୁଦ୍ଧିମତା ସଂପର୍କରେ, ଯୁଦ୍ଧ କୌଶଳ ସଂପର୍କରେ ଏହି ବର୍ଣ୍ଣନା ମଧ୍ୟ ଉଲ୍ଲେଖ ରିହଛି ଯେ, ହ. ଖାଲିଦ୍ ର.ଅ ମୁଉତା ଠାରେ ସୈନ୍ୟବାହିନୀକୁ ପୁନଃ ବ୍ୟବସ୍ଥିତ କଲେ ଏବଂ ଅଶ୍ୱାରୋହୀମାନଙ୍କର ଏକ ସୈନ୍ୟବାହିନୀ ଚୟନ କଲେ । ଆପଣ ର.ଅ ସୈନ୍ୟବାହିନୀକୁ ଆଦେଶ ଦେଲେ ଯେ, ସେମାନେ ରହସ୍ୟଜନକ ଭାବରେ ରାତା ରାତି ଦକ୍ଷିଣରେ ଆରବ ଦେଶ ଆଡ଼କୁ ଇସଲାମୀୟ ସୈନ୍ୟବାହିନୀର ପଛରେ ଏପରି ସ୍ଥାନରେ ଶିବିର ସ୍ଥାପନ କରନ୍ତୁ ଯେଉଁଠି ରୋମୀୟ ସୈନ୍ୟବାହିନୀ ସେମାନଙ୍କୁ ଦେଖି ପାରିବ ନାହିଁ । ହ. ଖାଲିଦ୍ ର.ଅ ସୈନ୍ୟବାହିନୀକୁ ଆଦେଶ ଦେଲେ ଯେ, ସେମାନେ ଅସଂଖ୍ୟ ସୈନ୍ୟ ଟୁକୁଡ଼ିରେ ବିଭକ୍ତ ହୋଇ ଇସ୍‌ଲାମୀୟ ସୈନ୍ୟବାହିନୀ ପଛରୁ ମୁଉତା ଅଭିମୁଖେ ଆସନ୍ତୁ ଏବଂ ଅତ୍ୟନ୍ତ ଉଚ୍ଚ ସ୍ୱରରେ ତକବିର୍ (ସ୍ଲୋଗାନ) ଦେଲେ ଏବଂ ନିଜର ଅଶ୍ୱମାନଙ୍କୁ ମାଟି ଥିବା ସ୍ଥାନ ଉପରେ ଦଉଡ଼ାଇଲେ, କାରଣ ଅଧିକ ଧୂଳି ଉଠୁ । ସେହି କଥା ମଧ୍ୟରୁ ହ. ଖାଲିଦ୍‌ଙ୍କ ଅଭିପ୍ରାୟ ଏହା ଥିଲା କି ଶତ୍ରୁ ଏହା ମନେକରୁ କି ମୁସଲମାନମାନଙ୍କର ସାହାଯ୍ୟ ନିମନ୍ତେ ଅତିରିକ୍ତ ସୈନ୍ୟଟୁକୁଡ଼ି ଆସିଯାଇଛି ।

ହ. ଇବନେ ଉମର୍ ର.ଅ ବର୍ଣ୍ଣନା କରନ୍ତି ଯେ, ହ. ଖାଲିଦ୍ ର.ଅ ସୈନ୍ୟବାହିନୀକୁ ନୂତନ ରୂପେ ବ୍ୟବସ୍ଥିତ ଓ ଶୃଙ୍ଖଳିତ କରି ସୈନ୍ୟବାହିନୀର ପୂର୍ବଭାଗକୁ ପଶ୍ଚିମ ଭାଗ ଏବଂ ପଶ୍ଚିମ ଭାଗକୁ ପୂର୍ବ ଭାଗ ଆଡ଼କୁ କରିଦେଲେ । ଅର୍ଥାତ୍ ସମ୍ମୁଖ ଭାଗକୁ ପଶ୍ଚାତ ଭାଗ ଆଡ଼କୁ ଓ ପଶ୍ଚାତ ଭାଗକୁ ସମ୍ମୁଖ ଭାଗ ଆଡ଼କୁ କରିଦେଲେ । ଏହା ଦେଖି ଶତ୍ରୁ ଆଶ୍ଚର୍ଯ୍ୟଚକିତ ହୋଇଗଲା । ସେମାନେ ଏହା ମନେକରିନେଲା ଯେ, ସମ୍ଭବତଃ ମୁସଲମାନମାନଙ୍କୁ ସାହାଯ୍ୟ ମିଳିଯାଇଛି । ବିଭିନ୍ନ ଲୋକମାନେ ସମ୍ମୁଖକୁ ଆସିଯାଇଛନ୍ତି । ତେଣୁ ସେମାନେ ଅର୍ଥାତ୍ ଶତ୍ରୁ ଭୟଭୀତ ହୋଇଗଲା ଏବଂ ଶତ୍ରୁ ପରାଜୟ ବରଣ କଲା ।

ହ. ଅନସ୍ ହ.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ ସ.ଅ ହ. ଜୈଦ୍ ର.ଅ ଏବଂ ହ. ଜାଫର୍ ର.ଅ, ହ. ଇବ୍‌ନେ ରୱାହା ର.ଅଙ୍କ ଶହୀଦ୍ ହେବାର ସୂଚନା ଲୋକମାନଙ୍କୁ ପ୍ରଦାନ କଲେ । ଏହା ପୂର୍ବରୁ ଲୋକମାନଙ୍କ ନିକଟରେ ତାଙ୍କର କୌଣସି ଖୋଜ ଖବର ଆସି ଥାଆନ୍ତା ଆଁହଜରତ ସ.ଅ କହିଲେ, ଜୈଦ୍ ର.ଅ ଧ୍ୱଜା ଧରିଲେ ଏବଂ ସେ ମଧ୍ୟ ଶହୀଦ୍ ହୋଇଗଲେ । ପୁନଶ୍ଚ ହ. ଜାଫର୍ ର.ଅ ଧ୍ୱଜା ଧରିଲେ, ସେ ମଧ୍ୟ ଶହୀଦ୍ ହୋଇଗଲେ । ପୁନଶ୍ଚ ଏହାପରେ ଇବ୍‌ନେ ରୱାହା ର.ଅ ଧ୍ୱଜା ଧରିଲେ, ସେ ମଧ୍ୟ ଶହୀଦ୍ ହୋଇଗଲେ । ଆପଣ ସ.ଅଙ୍କ ଚକ୍ଷୁରୁ ଲୁହ ବହୁଥିଲା । ଆପଣ ସ.ଅ କହିଲେ, ଏପର୍ଯ୍ୟନ୍ତକି ଧ୍ୱଜା ଅଲ୍ଲାଃତାଲାଙ୍କ ଖଡ଼୍‌ଗ ମଧ୍ୟରୁ ଏକ ଖଡ଼ଗ ଧରି ପକାଇଲା ଓ ଅଲ୍ଲାଃତାଲା ସେମାନଙ୍କୁ (ମୁସଲମାନ ସୈନ୍ୟବାହିନୀକୁ) ବିଜୟ ପ୍ରଦାନ କଲେ । ଏହି ବର୍ଣ୍ଣନାଟି ବୁଖାରୀର ବର୍ଣ୍ଣନା ଅଟେ । ହ. ଅବୁ କତାଦା ର.ଅ ବର୍ଣ୍ଣନା କରନ୍ତି ଯେ, ଏହାପରେ ଆଁହଜରତ ସ.ଅ ନିଜର ପବିତ୍ର ଆଙ୍ଗୁଠି ଉପରକୁ କଲେ ଏବଂ କହିଲେ, ହେ ଅଲ୍ଲାଃ ! ଏହି ଖଡ଼୍‌ଗ ତୁମ୍ଭ ଖଡ଼୍‌ଗ ମଧ୍ୟରୁ ଅନ୍ୟତମ ଖଡ଼୍‌ଗ ଅଟେ। ତୁମ୍ଭେ ହିଁ ଏହାକୁ ସାହାଯ୍ୟ ପ୍ରଦାନ କର ହେ ପ୍ରଭୁ ! ସେହି ଦିନ ଠାରୁ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କୁ ସୈଫୁଲ୍ଲାଃ କୁହାଯିବାକୁ ଲାଗିଲା । ଅର୍ଥାତ୍ ଅଲ୍ଲାଃତାଲାଙ୍କ ଖଡ଼୍‌ଗ । ଏକ ବର୍ଣ୍ଣନାନୁଯାୟୀ ଏହି ଯୁଦ୍ଧ 7 ଦିନ ପର୍ଯ୍ୟନ୍ତ ଜାରି ରହିଥିଲା । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-6, ପୃ-147-151, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)(ଜୀବନୀ ଶବ୍ଦକୋଷ, ଲେଖକ-ସୟେଦ୍ ଫଜ୍‌ଲୁର୍ ରହ୍‌ମାନ ସାହେବ ପୃ-279) (ସହି ବୁଖାରୀ, କିତାବୁଲ୍ ମୁଗାଜି, ବାବ୍-ଗଜ୍‌ୱା ମୁଉତା ମିନ୍ ଅର୍ଜିଶ୍ ଶାମ୍ ପୃ-4260-4262) (ଫତ୍‌ହୁଲ୍ ବାରି, ଲେଖକ-ଇବ୍‌ନେ ହଜର୍, ଭାଗ-9, ପୃ-654, କିତାବୁଲ୍ ମୁଗାଜି, ବାବ୍-ଗଜ୍‌ୱା ମୁଉତା, ହିଦିସ୍ ନଂ-4262) (ଗଜ୍‌ୱା ମୁଉତା, ଲେଖକ-ବାଶ୍‌ମିଲ୍, ପୃ-328, ନଫିସ୍ ଏକାଡ଼େମୀ, କରାଚୀରୁ ଉଦ୍ଧୃତ) (ଶରହୁଜ୍ ଜର୍କାନୀ, ଭାଗ-3, ପୃ-343, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହ. ମୁସ୍‌ଲେହ୍ ମଉଦ୍ ର.ଅ ମଧ୍ୟ ଏଥି ସଂକ୍ରାନ୍ତରେ ବର୍ଣ୍ଣନା କରିଛନ୍ତି । ଆପଣ ର.ଅ କହିଲେ, "ଏହା ଥିଲା ପ୍ରଥମ ସୈନ୍ୟବାହିନୀ ଯାହା ଇସ୍‌ଲାମ୍ ଧର୍ମ ପକ୍ଷରୁ ଖ୍ରୀଷ୍ଟ ଧର୍ମ ବିପକ୍ଷରେ ବାହାରି ଥିଲା । ଯେତେବେଳେ ଏହି ସୈନ୍ୟବାହିନୀ ସିରୀୟାର ସୀମା ଠାରେ ପହଞ୍ଚିଲା ସେତେବେଳେ ଏହି ସୈନ୍ୟବାହିନୀକୁ ଏହା ଜ୍ଞାତ ହେଲା ଯେ, କୈସର୍ ମଧ୍ୟ ଏହି ଆଡ଼କୁ ଆସିଅଛି ଏବଂ ଏକ ଲକ୍ଷ ରୋମୀୟ ସିପାହୀମାନେ ତା' ସହିତ ଅଛନ୍ତି ଓ ଏକ ଲକ୍ଷ ପାଖାପାଖି ଆରବୀୟଙ୍କ ଖ୍ରୀଷ୍ଟ ସଂପ୍ରଦାୟର ସିପାହୀମାନେ ମଧ୍ୟ କୈସର୍ ସହିତ ଅଛନ୍ତି । ପ୍ରତ୍ୟୁତ୍ତରରେ ମୁସଲମାନମାନେ ଚାହିଁଲେ କି ସେମାନେ ମାର୍ଗରେ ଶିବିର ପକାଇଦେବେ ଏବଂ ରସୁଲୁଲ୍ଲାଃ ସ.ଅଙ୍କୁ ସୂଚିତ କଲେ । କାରଣ ଯଦି ଆପଣ ସ.ଅ ମୁସଲମାନ ସୈନ୍ୟବାହିନୀ ନିମନ୍ତେ କୌଣସି ସାହାଯ୍ୟ ପ୍ରେରଣ କରିବେ ତେବେ ଆପଣ ସ.ଅ ପ୍ରେରଣ କରି ଦିଅନ୍ତୁ। ଆଉ ଯଦି କୌଣସି ସନ୍ଦେଶ ଆଦେଶ ଦେବାର ଅଛି ତେବେ ଆପଣ ସ.ଅ ସୂଚନା ଦେଇ ଦିଅନ୍ତୁ । ଯେତେବେଳେ ଏହି ପରାମର୍ଶ ନିଆଯାଉଥିଲା ସେତେବେଳେ ଅବ୍‌ଦୁଲ୍ଲାଃ ବିନ୍ ରୱାହା ର.ଅ ଉତ୍ସାହପୂର୍ବକ ଛିଡ଼ା ହୋଇଗଲେ ଏବଂ କହିଲେ, ହେ ଜାତି ! ତୁମେମାନେ ନିଜ ଘରୁ ଈଶ୍ୱରଙ୍କ ମାର୍ଗରେ ଶହୀଦ୍ ହେବା ନିମନ୍ତେ ବାହାରିଥିଲେ ଏବଂ ଯେଉଁ ବସ୍ତୁ ନିମନ୍ତେ ତୁମେ ନିଜ ଘରୁ ବାହାରି ଥିଲ ବର୍ତ୍ତମାନ ତୁମେମାନେ ତା' ଠାରୁ ବିଚଳିତ ହେଉଛ ? ସେମାନେ ପୁନଶ୍ଚ କହିଲେ, ଆମେମାନେ ଲୋକମାନଙ୍କୁ ନିଜର ସଂଖ୍ୟା, ନିଜର ଶକ୍ତି ଓ ନିଜର ସଂଖ୍ୟା ଗରିଷ୍ଠତା ଯୋଗୁଁ ତ' ଯୁଦ୍ଧ କରି ଆସୁ ନଥିଲୁ । କିନ୍ତୁ ଆମେମାନେ ତ' ସେହି ଧର୍ମର ସେବା କରିବା ନିମନ୍ତେ ଶତ୍ରୁ ସହିତ ଲଢି ଆସିଛୁ । ସେହି ଧର୍ମ ସେବା ଈଶ୍ୱର ନିଜ କୃପା ଆମ ସକାଶେ ଅବତୀର୍ଣ୍ଣ କରିଛନ୍ତି । ଶତ୍ରୁର ସଂଖ୍ୟା ଯଦି ଅଧିକ ରହିଛି ତେବେ ହଉ କିଛି ଅସୁବିଧା ନାହିଁ । ପରିଶେଷରେ ଦୁଇଟି ପୁଣ୍ୟାବଳୀ ମଧ୍ୟରୁ ଆମମାନଙ୍କୁ ଗୋଟିଏ ପୁଣ୍ୟ ତ' ଅବଶ୍ୟ ମିଳିବ । ଅର୍ଥାତ୍ ଆମେମାନେ ପରାଜିତ ହୋଇଯିବୁ ଅବା ଆମେମାନେ ଈଶ୍ୱରଙ୍କ ମାର୍ଗରେ ଶହୀଦ୍ ହୋଇଯିବୁ। ଲୋକମାନେ ରୱାହା ର.ଅଙ୍କ ଏହି କଥା ଶୁଣି କହିଲେ, ଇବ୍‌ନେ ରୱାହା ର.ଅ ସଂପୂର୍ଣ୍ଣ ରୂପେ ସତ୍ୟ କହୁଛନ୍ତି ଏବଂ ସୈନ୍ୟବାହିନୀକୁ ତୁରନ୍ତ ପ୍ରସ୍ଥାନ କରିବା ନିମନ୍ତେ ଆଦେଶ ଦେଇ ଦିଆଗଲା । ଯେତେବେଳେ ସେମାନେ ଆଗକୁ ଅଗ୍ରସର ହେଲେ ସେତେବେଳେ ରୋମୀୟ ସୈନ୍ୟବାହିନୀ ତାଙ୍କୁ ନିଜ ଆଡ଼କୁ ଅଗ୍ରସର ହେଉଥିବାର ଦୃଶ୍ୟମାନେ ହେଲା । ଅତଏବ୍ ମୁସଲମାନମାନେ ମୁଉତା ନାମକ ସ୍ଥାନରେ ନିଜର ସୈନ୍ୟବାହିନୀର ଧାଡ଼ି କରିନେଲେ ଏବଂ ଯୁଦ୍ଧ ଆରମ୍ଭ ହୋଇଗଲା । କିଛି ସମୟ ମଧ୍ୟରେ ହିଁ ଜୈଦ୍ ବିନ୍ ହର୍‌ସା ର.ଅ ଯେକି ମୁସଲମାନମାନଙ୍କର ସେନାପିତ ଥିଲେ ସେ ଶହୀଦ୍ ହୋଇଗଲେ । ସେତେବେଳେ ଇସ୍‌ଲାମୀୟ ସୈନ୍ୟବାହିନୀର ଧ୍ୱଜା ହ. ଜାଫର୍ ବିନ୍ ଅବି ତାଲିବ୍ ଯେକି ର.ଅ ରସୁଲ୍ କରୀମ୍ ସ.ଅଙ୍କ ଚଚାଙ୍କ ସୁପୁତ୍ର ଭାଇ ଥିଲେ ସେ ନିଜର ହାତରେ ନେଇ ନେଲେ ଏବଂ ସୈନ୍ୟବାହିନୀର ନେତୃତ୍ୱ ନେଲେ। ହ. ଜାଫର୍ ର.ଅ ଯେତେବେଳେ ଏହା ଦେଖିଲେ ଯେ, ଶତ୍ରୁ ପକ୍ଷର ସୈନ୍ୟବାହିନୀ ମାଡ଼ି ଆସୁଛି ଏବଂ ମୁସଲମାନମାନେ ନିଜର ସଂଖ୍ୟା ଲଘୁ ଯୋଗୁଁ ସେମାନଙ୍କରର (ଶତ୍ରୁ ପକ୍ଷର) ଚାପକୁ ବର୍ଦାସ୍ତ କରି ପାରି ନଥାଆନ୍ତେ । ତେଣୁ ଆପଣ ର.ଅ ଅଶ୍ୱ (ଘୋଡ଼ା) ଉପରେ ତଳକୁ ଡେଇଁ ପଡ଼ିଲେ ଏବଂ ଘୋଡ଼ାର ଗୋଡ଼ କାଟି ପକାଇଲେ। ତହିଁରୁ ଏହା ଯଥାର୍ଥ ଥିଲା କି ଆପଣ ର.ଅ ଯୁଦ୍ଧ ଭୂମିରୁ ପଳାୟନ କରିବା ନିମନ୍ତେ ପ୍ରସ୍ତୁତ ନଥିଲେ । ହ. ଜାଫର୍ ର.ଅ କହିଲେ, ମୁଁ ପଳାୟନ କରିବା ପରିବର୍ତ୍ତେ ଯୁଦ୍ଧ କରିବା ଅଧିକ ଶ୍ରେୟସ୍କର ବୋଲି ମନେକରିବି । ଏହା ଏକ ଆରବ୍ୟ ପ୍ରଥା ଥିଲା ଯେ, ଅଶ୍ୱର ଗୋଡ଼ କାଟି ଦିଆଯାଉ । ଆରବ୍ୟ ଲୋକମାନେ ଘୋଡ଼ାର ଗୋଡ଼ ଏଇଥି ପାଇଁ କାଟି ଦେଉଥିଲେ ଯେ, ଘୋଡ଼ା ଏଣେତେଣେ ପଳାଇ ସୈନ୍ୟବାହିନୀରେ ଧ୍ୱଂସ ସାଧନ ନକରୁ । ସେଇଥି ସେମାନେ ଘୋଡ଼ା ଉପରେ ତଳକୁ ଓହ୍ଲାଉ ନଥିଲେ ବରଂ ଘୋଡ଼ାର ଗୋଡ଼ ମଧ୍ୟ କାଟି ଦେଉଥିଲେ । କିଛି ସମୟ ଯୁଦ୍ଧ କରିବା ପରେ ଶତ୍ରୁ ଆପଣ ର.ଅଙ୍କ ଡାହାଣ ବାହୁ କାଟିଦେଲା । ତେବେ ଆପଣ ର.ଅ ନିଜର ବାମ ବାହୁ ବା ବାମ ହାତରେ ଧ୍ୱଜା ଧରିନେଲେ । ପୁନଶ୍ଚ ଯେତେବେଳେ ଆପଣ ର.ଅଙ୍କ ବାମ ବାହୁକୁ ବି କାଟି ଦିଆଗଲା ସେତେବେଳେ ଆପଣ ଦୁଇ ହାତରେ କହୁଣୀ ସାହାଯ୍ୟରେ ଧ୍ୱଜାକୁ ନିଜ ଛାତି ସହିତ ସଂଲଗ୍ନ କରିନେଲେ ଏବଂ ଯୁଦ୍ଧ ଭୂମିରେ ଛିଡ଼ା ହୋଇ ରହିଲେ । ଏପର୍ଯ୍ୟନ୍ତକି ଆପଣ ଶହୀଦ୍ ହୋଇଗଲେ । ସେତେବେଳେ ଅବ୍‌ଦୁଲ୍ଲାଃ ବିନ୍ ରୱାହା ର.ଅ ରସୁଲ୍ କରୀମ୍ ସ.ଅଙ୍କ ଆଦେଶାନୁଯାୟୀ ଧ୍ୱଜା ଧରିନେଲେ ଏବଂ ସେ ମଧ୍ୟ ଶତ୍ରୁ ସହିତ ଲଢୁ ଲଢୁ ଶହୀଦ୍ ହୋଇଗଲେ । ସେତେବେଳେ ମୁସଲମାନମାନଙ୍କ ନିମନ୍ତେ କୌଣସି ସୁଯୋଗ ନଥିଲା କି ସେମାନେ ପରାରମର୍ଶ କରି କାହାକୁ ନିଜର ଅଧିପତି ନିଯୁକ୍ତ କରି ଥାଆନ୍ତେ । ଏହା ନିକଟବର୍ତ୍ତୀ ଥିଲା କି ଶତ୍ରୁପକ୍ଷର ସୈନ୍ୟମାନଙ୍କର ସଂଖ୍ୟାଗରିଷ୍ଠ ଯୋଗୁଁ ମୁସଲମାନମାନେ ଯୁଦ୍ଧଭୂମି ଛାଡ଼ି ଚାଲି ଯାଇଥାଆନ୍ତେ ଠିକ୍ ସେତିକିବେଳେ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ଜଣେ ବନ୍ଧୁଙ୍କ ଅହ୍ୱାନ କ୍ରମେ ଧ୍ୱଜା ଧରି ପକାଇଲେ ଓ ସନ୍ଧ୍ୟା ପର୍ଯ୍ୟନ୍ତ ଶତ୍ରୁ ସହିତ ମୁକାବିଲା କରିଥିଲେ ।

ଦ୍ୱିତୀୟ ଦିନ ପୁଣି ହ. ଖାଲିଦ୍ ର.ଅ ନିଜର କ୍ଲାନ୍ତ ଏବଂ ଆହତ ଓ କ୍ଷତାକ୍ତ ସୈନ୍ୟବାହିନୀକୁ ଧରି ଶତ୍ରୁର ମୁକାବିଲା କରିବା ନିମନ୍ତେ ବାହାରିଲେ ଏବଂ ସେ ଏହି ଚତୁରତା ପ୍ରଦର୍ଶନ କଲେ କି ଆପଣ ଶତ୍ରୁର ସମ୍ମୁଖ ଭାଗକୁ ପଶ୍ଚାତ୍ ଭାଗ କରିଦେଲେ ଓ ପଶ୍ଚାତ୍ ଭାଗକୁ ସମ୍ମୁଖ ଆଡ଼କୁ କରିଦେଲେ । ସେହିପରି ଆପଣ ଡାହାଣ ପାର୍ଶ୍ୱରେ ଥିବା ସୈନ୍ୟକୁ ବାମ ପର୍ଶ୍ୱ ଏବଂ ବାମ ପାର୍ଶ୍ୱରେ ଥିବା ସୈନ୍ୟବାହିନୀକୁ ଡାହାଣ ପାର୍ଶ୍ୱ ଆଡ଼କୁ କରିଦେଲେ । ଆପଣ ର.ଅ ଏପରି ନାରା (ସ୍ଲୋଗାନ୍) ଦେଲେ ଯେ, ଶତ୍ରୁ ଏହା ଭାବିଲା ଯେ, ମୁସଲମାନମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ଅତିରିକ୍ତ ସୈନ୍ୟବାହିନୀ ଆସି ପହଞ୍ଚି ଯାଇଛନ୍ତି । ଏହା ଦେଖି ଶତ୍ରୁ ପଛକୁ ହଟିଗଲା ଏବଂ ହ. ଖାଲିଦ୍ ର.ଅ ଇସ୍‌ଲାମୀୟ ସୈନ୍ୟବାହିନୀକୁ ବଞ୍ଚାଇ ସକୁଶଳେ ନେଇ ଆସିଲେ । ଶତ୍ରୁ ସ୍ୱୟଂ ପଛକୁ ହଟିଗଲ । ମୁସଲମାନମାନେ ଶତ୍ରୁ ପକ୍ଷର ପିଛା କଲେ ନାହିଁ । ସେ ଯାହା ହେଉ ଶତ୍ରୁପକ୍ଷ ସ୍ୱୟଂ ଭୟଭୀତ ହୋଇ ପଛ ଘୁଞ୍ଚା ଦେଲା । ମୁସଲମାନମାନେ ଭୟ ଯୋଗୁଁ ପଛ ଘୁଞ୍ଚା ଦେଇ ନଥିଲେ । ବରଂ ଶତ୍ରୁ ପକ୍ଷ ସ୍ୱୟଂ ପଛ ଘୁଞ୍ଚା ଦେଇଥିଲା ଏବଂ ପଛକୁ ଚାଲି ଯାଇଥିଲା ।

ଅଲ୍ଲାଃତାଲା ରସୁଲ୍ କରୀମ୍ ସ.ଅଙ୍କୁ ଉକ୍ତ ଘଟଣାର ସୂଚନା ସେହି ଦିନ ୱହି ମାଧ୍ୟମରେ ପ୍ରଦାନ କଲେ । ଆପଣ ସ.ଅ ଘୋଷଣା କଲେ ଯେ, ସମସ୍ତ ମୁସଲମାନମାନେ ମସ୍‌ଜିଦ୍‌ରେ ଏକତ୍ର ହୁଅନ୍ତୁ । ସମସ୍ତେ ମସ୍‌ଜିଦ୍‌ରେ ଏକତ୍ରିତ ହେଲେ। ଆପଣ ସ.ଅ ଯେତେବେଳେ ମଞ୍ଚ ଉପରେ ଚଢିଲେ ସେତେବେଳେ ଆପଣ ସ.ଅଙ୍କ ଚକ୍ଷୁରୁ ଲୁହ ଧାର ଧାର ହୋଇ ବହୁଥିଲା । ଆପଣ ସ.ଅ କହିଲେ, ହେ ଲୋକମାନେ ! ମୁଁ ତୁମମାନଙ୍କୁ ଏହି ଯୁଦ୍ଧରେ ଯାଇଥିବା ଲୋକମାନଙ୍କ ସଂପର୍କରେ ସୂଚନା ପ୍ରଦାନ କରୁଛି । ଆମମାନଙ୍କର ସୈନ୍ୟବାହିନୀ ଏଠାରୁ ବାହାରି ସିଧା ସଳଖ ଶତ୍ରୁ ସହିତ ମୁକାବିଲା କରିବା ନିମନ୍ତେ ଛିଡ଼ା ହେଲା ଓ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ହିଁ ହ. ଜୈଦ୍ ର.ଅ ମୃତ୍ୟୁବରଣ କଲେ । ତେଣୁ ତୁମେମାନେ ଜୈଦ୍ ର.ଅଙ୍କ ପାଇଁ

ଦୁଆ କର । ଆପଣ ସ.ଅ କହିଲେ,"ପୁନଶ୍ଚ ଧ୍ୱଜା ଜାଫର୍ ର.ଅ ଧରି ପକାଇଲେ ଓ ଶତ୍ରୁ ଉପରେ ସେ ଆକ୍ରମଣ କଲେ । ଏପର୍ଯ୍ୟନ୍ତକି ସେ ମଧ୍ୟ ବୀରଗତି ପ୍ରାପ୍ତ କଲେ। ତେଣୁ ତୁମେମାନେ ହ. ଜାଫର୍ ର.ଅଙ୍କ ପାଇଁ ମଧ୍ୟ ଦୁଆ କର । ଏତଦ୍‌ପରେ ଇସଲାମୀୟ ଧ୍ୱଜା ଅବ୍‌ଦୁଲ୍ଲାଃ ବିନ୍ ରୱାହା ର.ଅ ଧରି ପକାଇଲେ । ସେ ମଧ୍ୟ ଅତ୍ୟନ୍ତ ସାହିସିକତା ପ୍ରଦର୍ଶନ କରି ନିଜର ସୈନ୍ୟବାହିନୀକୁ ଶତ୍ରୁ ସହିତ ଯୁଦ୍ଧ କରାଇଲେ । କିନ୍ତୁ ପରିଶେଷରେ ହ. ଅବ୍‌ଦୁଲ୍ଲାଃ ବିନ୍ ରୱାହା ର.ଅ ମଧ୍ୟ ଶହୀଦ୍ ହୋଇଗଲେ । ଅତଏବ୍ ତୁମେମାନେ ଅବ୍‌ଦୁଲ୍ଲାଃ ବିନ୍ ରୱାହା ର.ଅଙ୍କ ପାଇଁ ମଧ୍ୟ ଦୁଆ କର । ପୁନଶ୍ଚ ଧ୍ୱଜା ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ଧରିନେଲେ । ମୁଁ ତାଙ୍କୁ ସେନାପତି ରୂପେ ନିଯୁକ୍ତ କରି ନଥିଲି । କିନ୍ତୁ ସେ ସ୍ୱୟଂ ହିଁ ନିଜକୁ ସେନାପତି ଘୋଷଣା କରି ନିଜକୁ ସେନାପତି ରୂପେ ନିଯୁକ୍ତ କରିନେଲେ । କିନ୍ତୁ ସେ ଅଲ୍ଲାଃତାଲାଙ୍କ ଖଡ଼୍‌ଗ ମଧ୍ୟରୁ ଏକ ଖଡ଼୍‌ଗ ଅଟନ୍ତି ।"

ଉକ୍ତ ଘଟଣାର ସବିଶେଷ ବିବରଣୀ ଏହିପରି ଉଲ୍ଲିଖିତ ହୋଇଛି ଯେ, ବନ୍ଧୁଙ୍କ ଆହ୍ୱାନ ଯୋଗୁଁ ଏହା କିପରି ସମ୍ଭବପର ହେଲା ? "ଅତଏବ୍ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ଈଶ୍ୱରଙ୍କ ସାହାଯ୍ୟ ଦ୍ୱାରା ଇସ୍‌ଲାମୀୟ ସୈନ୍ୟବାହିନୀକୁ ସକୁଶଳେ ଫେରାଇ ଆଣିଲେ । ଆପଣ ସ.ଅଙ୍କ ଏହି ଭାଣଷ ଯୋଗୁଁ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କ ନାମ ମୁସଲମାନମାନଙ୍କ ମଧ୍ୟରେ ସୈଫୁଲ୍ଲାଃ ବୋଲି ଖ୍ୟାତ ହୋଇଗଲା । ଅର୍ଥାତ୍ ଅଲ୍ଲାଃତାଲାଙ୍କ ଖଡ଼୍‌ଗ ।" ଯଦିଚ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ଶେଷରେ ବିଶ୍ୱାସ ଆଣିଥିଲେ ସେଇଥି ପାଇଁ କେତେକ ସାହାବାମାନେ ତାଙ୍କୁ ଉପହାସପୂର୍ବକ କୌଣସି କଳହ ଅବସରରେ ଏହାର କଟାକ୍ଷ ଏବଂ ବ୍ୟଙ୍ଗ କରୁଥିଲେ ଯେ, ଶେଷରେ ବିଶ୍ୱାସ ଆଣିଥିବା ବ୍ୟକ୍ତି । ଏକଦା ହ. ଅବ୍‌ଦୁର୍ ରହମାନ୍ ବିନ୍ ଔଫ୍ ର.ଅଙ୍କ ସହିତ କୌଣସି କଥାକୁ କେନ୍ଦ୍ର କରି ବଚ୍‌ସା ହୋଇଗଲା । ସେ ଆଁହଜରତ ସ.ଅଙ୍କ ନିକଟରେ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କ ଅଭିଯୋଗ କଲେ । ରସୁଲୁଲ୍ଲାଃ ସ.ଅ କହିଲେ, ହେ ଖାଲିଦ୍ ! ଯେଉଁ ବ୍ୟକ୍ତି ବଦର୍ ଯୁଦ୍ଧ ସମୟରୁ ଇସ୍‌ଲାମ୍ ଧର୍ମର ସେବା କରି ଆସୁଛି ସେହି ବ୍ୟକ୍ତିକୁ ତୁମ କାହିଁକି ଦୁଃଖ ଏବଂ କଷ୍ଟ ଦେଉଛ ? ତୁମେ ଯଦି ପର୍ବତ ତୁଲ୍ୟ ସ୍ୱର୍ଣ୍ଣ ଈଶ୍ୱରଙ୍କ ମାର୍ଗରେ ବ୍ୟୟ କର ତେବେ ମଧ୍ୟ ତୁମେ ଅଲ୍ଲାଃତାଲାଙ୍କ ଠାରୁ ପୁରସ୍କାର ପ୍ରାପ୍ତ କରିପାରିବ ନାହିଁ । ପ୍ରତ୍ୟୁତ୍ତରରେ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଅବ୍‌ଦୁରୁ ରହମାନ ବିନ୍ ଔଫ୍ ର.ଅ ମୋତେ କଟାକ୍ଷ ଏବଂ ବ୍ୟଙ୍ଗ ବିଦ୍ରୂପ କରୁଛନ୍ତି । ସେଇଥି ପାଇଁ ମୁଁ ଏହି କଟାକ୍ଷ ଓ ବ୍ୟଙ୍ଗ ବିଦ୍ରୂପର ଉତ୍ତର ଦେଇ ଦେଉଛି । ରସୁଲ୍ କରୀମ୍ ସ.ଅ କହିଲେ, ହେ ସାହାବାମାନେ ! ତୁମେମାନେ ଖାଲିଦ୍ ର.ଅଙ୍କୁ କଷ୍ଟ ଦିଅ ନାହିଁ । ଆଁହଜରତ ସ.ଅ ହ. ଖାଲିଦ୍ ର.ଅଙ୍କର ମଧ୍ୟ ମନ ରଖିନେଲେ । ଅର୍ଥାତ୍ ତାଙ୍କର କଥା ମଧ୍ୟ ଶୁଣିଲେ । ଆଁହଜରତ ସ.ଅ କହିଲେ, ହେ ସାହାବାମାନେ ! "ଖାଲିଦ୍ ର.ଅ ଅଲ୍ଲାଃତାଲାଙ୍କ ଖଡ଼୍‌ଗ ମଧ୍ୟରୁ ଏକ ଖଡ଼୍‌ଗ ଅଟନ୍ତି ଯେଉଁ ଖଡ଼୍‌ଗକୁ ଅଲ୍ଲାଃତାଲା କୁଫ୍ଫାର (ଅବିଶ୍ୱାସକାରୀ)ମାନଙ୍କ ବିନାଶ ନିମନ୍ତେ ଟାଣିଛନ୍ତି । ଅର୍ଥାତ୍ ଖଡ଼୍‌ଗ ବାହାର କରିଛନ୍ତି ।" ଆଁହଜରତ ସ.ଅଙ୍କ ଦ୍ୱାରା କରାଯାଇଥିବା ଉକ୍ତ ଭବିଷ୍ୟବାଣୀ କିଛି ବର୍ଷ ମଧ୍ୟରେ ଅକ୍ଷରେ ଅକ୍ଷରେ ପୂର୍ଣ୍ଣ ହେଲା । ଯେତେବେଳେ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ଇସ୍‌ଲାମୀୟ ସୈନ୍ୟବାହାନୀକୁ ମଦିନା ଫେରାଇ ଆଣିଲେ ସେତେବେଳେ ଯେଉଁ ଲୋକମାନେ ଯୁଦ୍ଧରେ ସାଙ୍ଗରେ ଯାଇ ନଥିଲେ ସେମାନେ ଉକ୍ତ ସୈନ୍ୟବାହିନୀକୁ ପଳାତକ କହିବା ଆରମ୍ଭ କରିଦେଲେ । କହିବାର ତାତ୍ପର୍ଯ୍ୟ ଏହା ଥିଲା କି ହେ ସୈନ୍ୟବାହିନୀମାନେ ! ତୁମେମାନେ ସେହିଠାରେ ହିଁ ଲଢି ମୃତ୍ୟୁବରଣ କରିଥାଆନ୍ତ । ମଦିନାକୁ ଫେରି ନଥାଆନ୍ତ । କିନ୍ତୁ ରସୁଲ୍ କରୀମ୍ ସ.ଅ କହିଲେ, ହେ ଲୋକମାନେ ଏମାନେ ଅର୍ଥାତ୍ ଏହି ସୈନ୍ୟବାହିନୀମାନେ ପଳାତକ ନୁହନ୍ତି ବରଂ ଏମାନେ ବାରମ୍ବାର ଫେରି ଶତ୍ରୁ ଉପରେ ଆକ୍ରମଣ କରିଥିବା ସିପାହୀ ଅଟନ୍ତି । ଏହିପରି ଭାବରେ ଆପଣ ସ.ଅ ଭବିଷ୍ୟରେ ହେବାକୁ ଥିବା ଯୁଦ୍ଧ ସଂପର୍କରେ ଭବିଷ୍ୟବାଣୀ କଲେ । ସେହି ଯୁଦ୍ଧ ହେଲା ମୁସଲମାନମାନେ ସିରୀୟା ଦେଶ ସହିତ ଯୁଦ୍ଧ କରିବେ । ଏତଦ୍‌ପରେ ହ. ଖାଲିଦ୍ ର.ଅ ନିଜର କଳା କୌଶଳ ମଧ୍ୟ ପ୍ରଦର୍ଶନ କଲେ ।

**(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଭାଗ-20, ପୃ-334-336)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଏହା ପରେ ଧ୍ୱଜାର ସମ୍ମାନ ସଂପର୍କରେ ମଧ୍ୟ ଚର୍ଚ୍ଚା ରହିଛି । ଏହାର ଚର୍ଚ୍ଚା କରି ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି, "ଦେଶ ତଥା ଜାତିମାନଙ୍କରେ ରାଷ୍ଟ୍ରୀୟ ଧ୍ୱଜାକୁ ବେଶ୍ ସମ୍ମାନ ପ୍ରଦର୍ଶନ କରାଯାଇଥାଏ । ବେଳେବେଳେ ଶତ୍ରୁ ଠାରୁ ତା'ର ଧ୍ୱଜାକୁ ଛଡ଼ାଇବା ନିମନ୍ତେ ବଡ଼ ବଡ଼ ବଳିଦାନ ଦେବାକୁ ପଡ଼ିଥାଏ ଏବଂ ବେଳେବେଳେ ନିଜର ଧ୍ୱଜାର ଗାରିମାକୁ ବଞ୍ଚାଇବାକୁ ଯାଇ ମହା ବଳିଦାନ ମଧ୍ୟ ଦେବାକୁ ପଡ଼ିଥାଏ । ଏହା ସିର୍କ ନୁହେଁ । ବରଂ ଯେପରି ପିତା ସମ୍ମୁଖରେ ପୁତ୍ରର ଚୌକି ଉପରେ ବସିବାକୁ ଲୋକମାନେ ଅନୁଚିତ୍ ବୋଲି ମନେକରନ୍ତି ସେଇଥିପାଇଁ ଉପମାସୂଚକ ଭାଷାରେ ଏହାକୁ ପିତାର ସମ୍ମାନୀ ହାନୀ ବୋଲି କୁହାଯାଏ । ଠିକ୍ ସେହିପରି ଉପମାସୂଚକ ଭାଷାରେ ଜାତୀୟ ଧ୍ୱଜାକୁ ଛଡ଼ାଇବାର ଅର୍ଥ ହେଲା ସମ୍ମାନକୁ ମାଟିରେ ମିଶାଇ ଦେବା ଅଟେ । ସେଇଥି ପାଇଁ ଜାତି ତଥା ଜାତିର ଲୋକମାନେ ନିଜର ଆତ୍ମ ବଳିଦାନ ଦେଇ ଥାଆନ୍ତି । କିନ୍ତୁ ଏହା ବର୍ଦାସ୍ତ କରନ୍ତି ନାହିଁ ଯେ, ସେମାନଙ୍କର ଧ୍ୱଜା ଶତ୍ରୁ କବ୍‌ଜାକୁ ଚାଲିଯାଉ । ସେଇଥି ପାଇଁ ଅହେମଦିୟତ୍, ଖୁଦ୍ଦାମୁଲ୍ ଅହମଦିୟା ଇତ୍ୟାଦି ଅହେମଦିୟା ଅଧିନସ୍ଥ ଗୋଷ୍ଠୀମାନେ ମଧ୍ୟ ନିଜର ଧ୍ୱଜାର ଗାରିମା ତଥା ଟେକ ରଖିବା ପାଇଁ ନିଜ ପ୍ରାଣକୁ ଉତ୍ସର୍ଗ କରି ଦେଇଥାଆନ୍ତି । କିନ୍ତୁ ଏହା ବର୍ଦାସ୍ତ କରି ପାରିବେ ନାହିଁ ଯେ, ସେମାନଙ୍କର ଧ୍ୱଜା ଶତ୍ରୁର ହାତ ମୁଠାକୁ ଚାଲି ଆସୁ । ସେଇଥି ପାଇଁ ଖୁଦ୍ଦାମୁଲ୍ ଅହମଦିୟାର ଇତ୍ୟାଦି ଗୋଷ୍ଠୀମାନେ ନିଜ ଧ୍ୱଜାର ସୁରକ୍ଷା ନିମନ୍ତେ ନିୟମାବଳୀ ପ୍ରସ୍ତୁତ କରିଛନ୍ତି ଯେ, ଧ୍ୱଜାର ସୁରକ୍ଷା ନିମନ୍ତେ ଖୁଦ୍ଦାମ୍‌ମାନେ ନିୟୋଜିତ ହୁଅନ୍ତୁ ଓ ଡ଼ିଉଟି । ସେ ଯାହା ହେଉ ଆପଣ ର.ଅ ଉଲ୍ଲେଖ କରନ୍ତି ଯେ, ଯେତେବେଳେ କୌଣସି ଜାତିର ସଦସ୍ୟମାନଙ୍କ ମନରେ ନିଜ ଧ୍ୱଜା ପ୍ରତି ସମ୍ମାନ ସ୍ଥାପିତ (ଆସନ୍ନ) କରିଦିଆଯାଏ ସେତେବେଳେ ସେମାନଙ୍କ ମନରେ ଛୋଟିଆ ବାଡ଼ି ଏବଂ କପଡ଼ାର ପ୍ରଶ୍ନ ନଥାଏ ବରଂ ଜାତିର ଆତ୍ମସମ୍ମାନର ପ୍ରଶ୍ନ ରହିଥାଏ ଯାହାକୁ ଉପମାସୂଚକ ଭାଷାରେ ଏକ ଧ୍ୱଜା ଆକାରରେ ସେମାନଙ୍କ ସମ୍ମୁଖରେ ଉପସ୍ଥିତ ହୋଇଥାଏ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆପଣ ର.ଅ ଉଲ୍ଲେଖ କରନ୍ତି ଯେ, "ମୁଁ ଅନେକ ଥର ପୂର୍ବେ ମଧ୍ୟ ବର୍ଣ୍ଣନା କରିଛି ଯେ,ସାହାବାମାନଙ୍କ ମଧ୍ୟରେ ଏହି ପ୍ରକାରର ଦୃଷ୍ଟାନ୍ତ ଏବଂ ଉଦାହରଣ ପରିଲକ୍ଷିତ ହୋଇଥିଲା । ଏକ ଯୁଦ୍ଧରେ ଜଣେ ମୁସଲମାନ ଅଫିସର ପାଖରେ ଇସ୍‌ଲାମୀୟ ଧ୍ୱଜା ଥିଲା । ସେହି ଲୋକମାନେ ସେତେବେଳେ ଭବ୍ୟ ଧ୍ୱଜା ତିଆରି କରୁ ନଥିଲେ । ବରଂ ଏକ ସାଧାରଣ କାଠ ବାଡ଼ି ଉପରେ କପଡ଼ା ବାନ୍ଧି ନେଉଥିଲେ । ସେହି ଧ୍ୱଜା କଳା ରଙ୍ଗର ହେଉ କି ଯେକୌଣସି ରଙ୍ଗର ହେଉ କିନ୍ତୁ ସେହି ଧ୍ୱଜାର ବାଡ଼ି ସାଧାରଣ କାଠର ହେଉଥିଲା । ସେହି ସମୟରେ ଧ୍ୱଜା ହିଁ ଜାତିର ମର୍ଯ୍ୟାଦା ଓ ଟେକର ପ୍ରଶ୍ନ ଥିଲା । ଏହା ଦେଖାଯାଉ ନଥିଲା ଯେ, ଧ୍ୱଜା ମୂଲ୍ୟବାନ୍ ଅବା ସାଧାରଣ ଅଟେ । ସେଠାରେ କେବଳ ଏହି ପ୍ରସଙ୍ଗକୁ ଧ୍ୟାନ ଦିଆଯାଉଥିଲା ଯେ, ଜାତୀୟ ସମ୍ମାନ ଉକ୍ତ କଥାରେ ରହିଛି ଯେ, ଉକ୍ତ ଧ୍ୱଜାର ସୁରକ୍ଷା କରାଯାଉ । ସେ ଯାହା ହେଉ ଉକ୍ତ ଯୁଦ୍ଧରେ ଖ୍ରୀଷ୍ଟିଆନ୍‌ମାନେ ଯେଉଁମାନଙ୍କ ବିରୁଦ୍ଧରେ ଯୁଦ୍ଧ ହେଉଥିଲା ବିଶେଷ ରୂପେ ସେହି ସ୍ଥାନରେ ଆକ୍ରମଣ କଲେ ଯେଉଁଠି ମୁସଲମାନମାନଙ୍କର ଧ୍ୱଜା ଥିଲା । ହ. ଜାଫର୍ ର.ଅଙ୍କ ନିକଟରେ ଏହି ଇସ୍‌ଲାମୀୟ ଧ୍ୱଜା ରହିଥିଲା । ଏହି ଯୁଦ୍ଧ ମୁତା ଯୁଦ୍ଧ ଥିଲା । ଶତ୍ରୁ ଯେତେବେଳେ ଆକ୍ରମଣ କଲା ସେତେବେଳେ ହ. ଜାଫର୍ ର.ଅଙ୍କ ହାତ କଟିଗଲା, ସେ ତୁରନ୍ତ ଉକ୍ତ ଧ୍ୱଜାକୁ ଅନ୍ୟ ହାତରେ ଧରି ପକାଇଲେ । ଶତ୍ରୁ ଯେତେବେଳେ ଦେଖିଲା କି ଧ୍ୱଜା ତଥାପି ତଳ ମୁହାଁ ହେଲା ନାହିଁ ସେତେବେଳେ ସେ ପୁନଃ (ହ. ଜାଫର୍ ର.ଅଙ୍କ) ଅନ୍ୟ ହାତ ଉପରେ ଆକ୍ରମଣ କରି ତାଙ୍କର ହାତ କାଟିଦେଲା । ପରିଣାମ ଏହା ହେଲା ଯେ, ତାଙ୍କର ଉଭୟ କଟିଗଲା । ସେ ନିଜର ଉଭୟ ହାତ ହରାଇଲେ । ହ. ଜାଫର୍ ର.ଅ ତୁରନ୍ତ ଧ୍ୱଜାକୁ ଦୁଇ ଗୋଡ଼ ସାହାଯ୍ୟରେ ଧରିନେଲେ । ବର୍ଣ୍ଣନାରେ ଏହା ମଧ୍ୟ ବର୍ଣ୍ଣିତ ହୋଇଛି ଯେ, ଗୋଡ଼ ଦ୍ୱାରା ଅଧିକ ସମୟ ପର୍ଯ୍ୟନ୍ତ ଧ୍ୱଜାକୁ ଧରି ରଖାଯାଇ ପାରିବ ନାହିଁ । ତେଣୁ ହ. ଜାଫର୍ ର.ଅ ଜୋରରେ ଡାକ ମାରିଲେ ଯେ, ହେ ମୁସଲମାନମାନେ ! କେହି ଆଗକୁ ଆସି ଏହି ଧ୍ୱଜାକୁ ଧରିନିଅ । ହ. ଜାଫର୍ ର.ଅ କହିଲେ, ହେ ମୁସଲମାନମାନେ ! ଇସଲାମ୍ ଧର୍ମର ଧ୍ୱଜାକୁ ଧରିଥାଅ । କାରଣ ଧ୍ୱଜା ଯେପରି ତଳକୁ ନହେଉ । ବର୍ତ୍ତମାନ ସେହି ଧ୍ୱଜା ଏବଂ ସେହି କାଠ ଅତି ସାଧାରଣ ଥିଲା । କିନ୍ତୁ ତା'ର ନାମ ସେ ଇସ୍‌ଲାମ୍ ଧର୍ମର ଧ୍ୱଜା ରଖିଲେ । କାରଣ ସେହି ଧ୍ୱଜାର ବାଡ଼ି କାଠ ନିର୍ମିତ ଥିଲା ଏବଂ ଏକ ସାଧାରଣ କପଡ଼ ଦ୍ୱାରା ତିଆରି ହୋଇଥିଲା । କିନ୍ତୁ ସେ ଯାହା ହେଉ ତାହା ଇସ୍‌ଲାମ୍ ଧର୍ମର ଧ୍ୱଜା ଥିଲା, ତେଣୁ ତା'ର ସୁରକ୍ଷା ନିହାତି ଆବଶ୍ୟକ ଥିଲା । ସୁତରାଂ ଆଉ ଜଣେ ସେନାପତି ଆଗକୁ ଅଗ୍ରସର ହେଲେ ଏବଂ ସେ ଉକ୍ତ ଧ୍ୱଜାକୁ ଧରି ପକାଇଲେ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମୋର ବ୍ୟକ୍ତିଗତ ଧାରଣା ରହିଛି ଯେ, ସମ୍ଭବତଃ ସେହି ଧ୍ୱଜାକୁ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ଧରିଥିଲେ ଅବା ନୁହେଁ କିମ୍ବା ଅନ୍ୟ ଜଣେ ସାହାବି ଧରିଥିଲେ । ଯେପରିକି ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ସେହି ଧ୍ୱଜା ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କୁ ଦିଆଯାଇଥିଲା । "ଅତଏବ୍ ଦେଖନ୍ତୁ ଏକ କପଡ଼ାର ବସ୍ତୁ ରହିଛି, ସାଧାରଣ କାଠ ବସ୍ତୁ ରହିଛି ଏବଂ ଇସ୍‌ଲାମ୍ ଧର୍ମ ନିକଟରେ ସେହି କପଡ଼ା କିମ୍ବା ସେହି କାଠର କୌଣସି ବିଶେଷ ମହତ୍ତ୍ୱ ନାହିଁ । କିନ୍ତୁ ଯେତେବେଳେ ଜାତୀୟ ସମ୍ମାନ ଏବଂ ପ୍ରତିଷ୍ଠାର ପ୍ରଶ୍ନ ଉଠେ ସେତେବେଳେ ଇସଲାମ୍ ଧର୍ମ ତହିଁରୁ ବାରଣ କରି ନଥାଏ । ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ଯେକି ସେ ଧ୍ୱଜାକୁ ଧରିଥିଲେ ସେ କହିଲେ, ଏହି ଧ୍ୱଜା ଇସ୍‌ଲାମ୍ ଧର୍ମର ଧ୍ୱଜା ଅଟେ । ଏହି ଧ୍ୱଜା ଯେପରି ତଳେ ନପଡୁ ଓ ରସୁଲ୍ କରୀମ୍ ସ.ଅ ମଧ୍ୟ ତାଙ୍କର ଉକ୍ତ କଥାକୁ ପସନ୍ଦ୍ କଲେ ନାହିଁ । ବରଂ ବେଳେବେଳେ ଆଁହଜରତ ସ.ଅ ସ୍ୱୟଂ ରସୁଲ୍ କରୀମ୍ ସ.ଅଙ୍କ ଏପରି ବସ୍ତୁର ମର୍ଯ୍ୟାଦା ତଥା ମାହାତ୍ମ୍ୟକୁ ସ୍ଥାପନ କରିବା ନିମନ୍ତେ କହି ଦେଉଥିଲେ ଯେ, ଏହି ଧ୍ୱଜାକୁ କିଏ ନେବ ? ସୁତରାଂ କେତେକ ଯୁଦ୍ଧରେ ଆପଣ ସ.ଅ କହିଲେ, ମୁଁ ଧ୍ୱଜା ସେହି ବ୍ୟକ୍ତି ହାତରେ ଦେବି ଯିଏ ଏହି ଧ୍ୱଜାର ସମ୍ମାନ ଏବଂ ମର୍ଯ୍ୟାଦାକୁ ସ୍ଥାପନ କରିବ ଏବଂ ସାହାବାମାନେ ପରସ୍ପର ମଧ୍ୟରେ ପ୍ରତିସ୍ପର୍ଦ୍ଧିତ ହୋଇ ଏହି ଧ୍ୱଜାକୁ ପ୍ରାପ୍ତ କରିବା ନିମନ୍ତେ ଉଦ୍ୟମ କରୁଥିଲେ ।" **(ଖୁତ୍‌ବାତେ ଜୁମା, ପ୍ରଦତ୍ତ-ଅକ୍ଟୋବର ମାସ 23 ତାରିଖ, 1942 ମସିହା) (ଖୁତ୍‌ବାତେ ମେହମୁଦ୍, ଭାଗ-23,ପୃ-471-473)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହି ବର୍ଣ୍ଣନାଟି ଜାରି ରହିଛି । ମୁଁ ପ୍ରତ୍ୟେକ ଖୁତ୍‌ବାରେ କହୁଛି ଯେ, ଆପଣମାନେ ସଂସାରର ସାମୂହିକ ପରିସ୍ଥିତି ନିମନ୍ତେ ଦୁଆ କରିବା ଜାରି ରଖନ୍ତୁ । ବିଶେଷ କରି ଭାରତ ଓ ପାକିସ୍ତାନର ଯେଉଁ ପରିସ୍ଥିତି ରହିଛି। ସେଥିପାଇଁ ମଧ୍ୟ ଦୁଆ କରନ୍ତୁ । ଅଲ୍ଲାଃତାଲା ଅତ୍ୟାଚାରକୁ ସମାପ୍ତ କରି ଦିଅନ୍ତୁ ଓ ନିଷ୍ପେଷିତମାନଙ୍କୁ ସୁରକ୍ଷିତ ରଖନ୍ତୁ । ରାଷ୍ଟ୍ରମାନଙ୍କୁ ସଦବୁଦ୍ଧି ପ୍ରଦାନ କରନ୍ତୁ । **ଆମିନ୍।**

**(ଅବଶିଷ୍ଟାଂଶ................ପରବର୍ତ୍ତୀ ସଂଖ୍ୟାରେ)**

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 10 Thursday- 26 June 03 July 2025 Issue No. 26-27

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

## ଓଡ଼ିଆ ନଜମ୍

### ଜୀବନ ଓ ମୃତ୍ୟୁ

ରହିମ୍ ଖାଁ (ମୁନ୍ନା)

ଜୀବନ ଦେଇଥିଲୁ ତୁ
ଜୀବନ ନେଉ ଆଜି ତୁଉ
କିଛି ଶୁଣୁ ନାହିଁ ଆଜି ତୁ
ବାନ୍ଧି ନେଉଛୁ ସାଥେ ମୋତେ ତୁ
ହେ ଅଲ୍ଲାଃ ମୋର ......
ହେ ମଉଲା ମୋର
ଏତେ ଦୁଃଖ ଦେଉଛୁ କାହିଁ ତୁ
ସଂସାର ଯୋଡ଼ି ଦେଲୁ ତୁଉ
ମୋହରୋ ବାନ୍ଧି ଦେଲୁ ତୁଉ
ଧନ ସଂପତ୍ତି ଦେଲୁ ତୁଉ
ଲୋଭ ଲଗାଇ ଦେଲୁ ତୁଉ
ଛାଡ଼ି ଯାଉଛି ସବୁ ଆଜି ମୁଁ
ସାଥେ ନେଇ ଯାଉଛୁ ମୋତେ ତୁଉ
ହେ ଅଲ୍ଲାଃ ମୋର...ହେ ମଉଲା ମୋର
ଏତେ ଦୁଃଖ ଦେଉଛୁ କାହିଁ ତୁଉ (1)
ଦେଖିପାରୁ ନାହିଁ ଆଜି ମୁଁ
ଶୁଣିପାରୁ ନାହିଁ ଆଜି ମୁଁ
କହିପାରୁ ନାହିଁ ଆଜି ମୁଁ
କରିପାରୁ ନାହିଁ କିଛି ମୁଁ
କାଢି ନେଇଛୁ ଜୀବନ କୁ ତୁ .....
ଜଡ଼ ହୋଇ ଯାଇଛି ଆଜି ମୁଁ
ହେ ଅଲ୍ଲାଃ ମୋର .... ହେ ମଉଲା ମୋର
ଏତେ ଦୁଃଖ ଦେଇଛୁ କାହିଁ ତୁ (2)
ଜୀବନ ଦେଇଥିଲୁ ତୁଉ
ଜୀବନନ ନେଉ ଆଜି ତୁଉ
କିଛି ଶୁଣି ନାହୁଁ ଆଜି ତୁ
ବାନ୍ଧି ନେଉଛୁ ଆଜି ମୋତେ ତୁ
ହେ ଅଲ୍ଲାଃ ମୋର.........ହେ ମଉଲା ମୋର
ଏତେ ଦୁଃଖ ଦେଉଛୁ କାହିଁ ତୁ (3)

☆--☆--☆

## ଉର୍ଦ୍ଦୁ ନଜମ୍

(ହ. ମସିହ୍ ମଉଦ୍ ଅ.ସ)

اُنکو سودا ہوا ہے۔ ویدوں کا
اُنکا دِل مبتلاء ہے ویدوں کا
اس آریوں! اس قدر کرو کیوں جوش
کیا نظر آگیا ہے ویدوں کا ؟
نہ کیا ہے نہ کر سکے پیدا
سوچ لو یہ خد ہے ویودوں کا
عقل رکھتے ہو آپ بھی سوچو
کیوں بھروسہ کیا ہے ویدوں کا
بے خدا کوئی چیز کیونکر ہو
یہ سراسر خطاء ہے ویودوں کا
ناستک مَت کے ویود ہیں حامی
بس یہی مُدّعا ہے ویدوں کا
کال سر پر کھڑا ہے ویدوں کا

☆--☆--☆

## ଓଡ଼ିଆ ନଜମ୍

ହେ ଅଲ୍ଲାଃ ମୋର ହେ ଏ ମୌଲା ମୋର
ତୋ ଦୟାରେ ଚାଲିଛି ଏ ସାରା ସଂସାର
ହେ ଏ ଅଲ୍ଲାଃ ମୋର.......... ହେ ଏ ମୌଲା ମୋର
ତୋ ଗୁଣ ଗାଇବାକୁ ଭାଷା ନାହିଁ ମୋର
ହେ ଏ ଅଲ୍ଲାଃ ମୋର.... ହେ ଏ ମୌଲା ମୋର
ଜନମ ପାଇଛି ଜୀବନ ପାଇଛି
ତୋ ଆଶୀର୍ବାଦରୁ ବଞ୍ଚି ମୁଁ ରହିଛି
ତୁ ଅଟୁ ମୋର........ଜୀବନ ଆଧାର
ହେ ଏ ଅଲ୍ଲାଃ ମୋର.......... ହେ ଏ ମୌଲା ମୋର
କୋରାନ୍ ପାଇଛି ରସୁଲ୍ ପାଇଛି
ତୋ ନାମ ନେବାକୁ ମୁଁ ନମାଜ୍ ପାଇଛି
ଦୁଃଖ ବେଳେ ଶୁଣିଥାଉ..........ଦୁଆକୁ ଯେ ମୋର
ହେ ଏ ଅଲ୍ଲାଃ ମୋର.......... ହେ ଏ ମୌଲା ମୋର
ରମଜାନ ପାଇଛି ରୋଜା ମୁଁ ପାଇଛି
ଇଦ୍ ପାଇଚଛି ମୁଁ ଖୁସି ବାଣ୍ଟୁଛି
ତୁ ଆଣି ଦେଇଛୁ.........ଖୁସିର ମାହୁଲ
ହେ ଏ ଅଲ୍ଲାଃ ମୋର...........ହେ ଏ ମୌଲା ମୋର
ମୋ ଜୀବନ ନୌକା ତୋ ଆଶ୍ରେ ଚାଲିଛି
ଜୁଆର ଭଟ୍ଟାକୁ ସଦା ସାମ୍ନା କରୁଛି
ତୋ ହାତେ ରହିଅଛି..........ମୋ ଭାଗ୍ୟ ଡୋର
ହେ ଏ ଅଲ୍ଲାଃ ମୋର.......... ହେ ଏ ମୌଲା ମୋର
ତୋ ଗୁଣ ଗାଇବାକୁ ଭାଷା ନାହିଁ ମୋର
ହେ ଏ ଅଲ୍ଲାଃ ମୋର.......... ହେ ଏ ମୌଲା ମୋର
ତୋ ଦୟାରେ ଚାଲିଛି ଏ ସାରା ସଂସାର
ହେ ଏ ଅଲ୍ଲାଃ ମୋର.......... ହେ ଏ ମୌଲା ମୋର
ତୋ ଗୁଣ ଗାଇବାକୁ ଭାଷା ନାହିଁ ମୋର
ହେ ଏ ଅଲ୍ଲାଃ ମୋର.......... ହେ ଏ ମୌଲା ମୋର

## ଉର୍ଦ୍ଦୁ ନଜମ୍

اپنے کرم سے بخش دے میرے خد مُجھے
بیمار عشق ہوں دے تو شِفا مجھے
جب تک دم میں دم ہے اسی دین پر ہُوں
اِسلام پر ہی آئے جب آئے قضا مُجھے
بے کَس نواز ذات ہے تیری ہی اے خُدا
آتا نظر نہیں کوئی تیرے سِوا مُجھے
مِنجُملہ تیرے فَضُل وکَرَم کے ہے
یہ بھی ایک عیسیٰ مسیح سا ہے دیار ہنما مُجھے
تیری رَضا کا ہُوں میں طلَبْ گار ہر گھڑی
گر یہ ملے تو جانوں کہ سب کُچھ مِلا مُجھے
ہاں ہاں نگاہِ رحم ذرا اِس طرف بھی ہو
بحرِ گُنہ میں ڈوب رہا ہوں بچا مُجھے
مُوسیٰ کیساتھ سے رہی تیر لَنْ تَرانیاں
زِنہار میں نہ مانوں گا چہرہ دِکھا تو مُجھے
اِحساں نہ تیرا بھُولوں گا تازِیست اے مسیح
پہنچادے گر تُو یار کے در پر ذرا مُجھے
ڈوب رہا ہوں بحرِ عشق الٰہی میں شاد میں
کیا دیگا خاک فائدہ بقا مُجھے

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan